NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-


www.nitidin.com
twitter.com/nitidintoday
facebook.com/nitidintoday

WEDNESDAY 8 JULY 2026
ବୁଧବାର ୮ ଜୁଲାଇ ୨୦୨୬

NEW AGE MEDIA & PUBLICATIONS PVT. LTD. | PRINTED AT BHUBANESWAR | VOLUME 12 • ISSUE 38 | BHUBANESWAR I BERHAMPUR I SAMBALPUR I BALASORE I JAJPUR | ବର୍ଷ ୧୨ • ସଂଖ୍ୟା ୩୮ | ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

### ଇସ୍କନର ଅଦିନ ରଥଯାତ୍ରା ଓ ସ୍ନାନଯାତ୍ରା ପ୍ରସଙ୍ଗ

## ରାଷ୍ଟ୍ରପତି-ପ୍ରଧାନମନ୍ତ୍ରୀଙ୍କୁ ଗଜପତିଙ୍କ ଚିଠି



**ଭୁବନେଶ୍ୱର,୭।୭/ଏନ୍ଏନ୍ଏସ୍:**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପୁଣି ଚିଠି ଲେଖିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ବିଦେଶରେ ଇସ୍କନ ପକ୍ଷରୁ ଆୟୋଜିତ ଅଦିନ ରଥଯାତ୍ରା ଓ ସ୍ନାନଯାତ୍ରାକୁ ନେଇ ଏହି ଚିଠି ଲେଖିଛନ୍ତି। ଏ ପ୍ରସଙ୍ଗରେ ରାଷ୍ଟ୍ରପତିଙ୍କୁ ଭେଟିବା ପାଇଁ ଗଜପତି ମହାରାଜା ସମୟ ଲୋଡ଼ିଛନ୍ତି। ଏହାଛଡ଼ା ପ୍ରଧାନମନ୍ତ୍ରୀ ମୋଦୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ପରମ୍ପରାକୁ ଭାଙ୍ଗି ସ୍ନାନଯାତ୍ରା ଓ ରଥଯାତ୍ରା ଆୟୋଜନ କରାଯାଉଛି। ଏହା ଜଗନ୍ନାଥପ୍ରେମୀଙ୍କ ଧର୍ମୀୟ ଭାବାବେଗକୁ ଆଘାତ ଦେଉଛି ବୋଲି ଗଜପତି ମହାରାଜା କହିଛନ୍ତି।

ପ୍ରକାଶ ଯେ ରଥଯାତ୍ରାକୁ ଆଉ ମାତ୍ର କେଇଟା ଦିନ। ହେଲେ ତା ପୂର୍ବରୁ ତେଜିଛି ଇସ୍କନର ଅଦିନିଆ ରଥଯାତ୍ରା ବିବାଦ। ବିଦେଶରେ ଇସ୍କନ ପକ୍ଷରୁ ଶାସ୍ତ୍ର ନିର୍ଦ୍ଧାରିତ ତିଥି ବାହାରେ ସ୍ନାନଯାତ୍ରା ଓ ରଥଯାତ୍ରା ପାଳନକୁ ନେଇ ପୁଣି ଥରେ ସ୍ୱର ଉଠାଇଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ଆଉ

**ରାଷ୍ଟ୍ରପତିଙ୍କୁ ଭେଟିବା ପାଇଁ ସମୟ ଲୋଡ଼ିଲେ**

**ପ୍ରଧାନମନ୍ତ୍ରୀ ମୋଦୀଙ୍କ ହସ୍ତକ୍ଷେପ ଲୋଡ଼ିଲେ**

ଇସ୍କନକୁ ନୁହେଁ, ଏଥର ସିଧା ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ହସ୍ତକ୍ଷେପ ଲୋଡ଼ିଛନ୍ତି। ଇସ୍କନ ବିରୋଧରେ କ୍ଷୋଭ ପ୍ରକାଶ କରି ▶▶ ୫

### ଇଣ୍ଡୋନେସିଆ ସଂସଦରେ ଉଦ୍‌ବୋଧନ

# ମୋଦୀଙ୍କ ମୁହଁରେ ବିଜୁଙ୍କ ପ୍ରଶଂସା



**ବିଜୁ ବାବୁ ଭାରତ-ଇଣ୍ଡୋନେସିଆ ସୁସମ୍ପର୍କର ପ୍ରମୁଖ ବିଦ୍ଧାଣୀ: ପିଏମ୍**

**ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ ଗ୍ରହଣ କରିଥିଲେ ପ୍ରମୁଖ ଭୂମିକା**

**ବୀରତ୍ୱର ଗାଥା ବହନ କରୁଛି ବିଜୁ ପଟ୍ଟନାୟକଙ୍କ ଭୂମିକା**



**ଜାକର୍ତ୍ତା,୭।୭/ଏଜେନ୍ସି:**

ଇଣ୍ଡୋନେସିଆ ସଂସଦରେ ଓଡ଼ିଶାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରଶଂସା। ଆଉ ଏହି ପ୍ରଶଂସା କରିଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ମଙ୍ଗଳବାର ଜାକାର୍ତ୍ତାରେ ଥିବା ଇଣ୍ଡୋନେସିଆ ସଂସଦଙ୍କୁ ସମ୍ବୋଧନ କରିବା ବେଳେ ବିଜୁ ବାବୁଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି ମୋଦୀ। ଇଣ୍ଡୋନେସିଆ ସଂସଦରେ ଉଦ୍‌ବୋଧନ ଦେଇ ସ୍ୱାଧୀନତା ସଂଗ୍ରାମ ସମୟରେ ଡଚ୍-ନିୟନ୍ତ୍ରିତ ଜାଭାଠାରୁ ଇଣ୍ଡୋନେସିଆର ନେତୃତ୍ୱକୁ ଉଦ୍ଧାର କରିବାରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଭୂମିକା ପାଇଁ ମୋଦୀ ତାଙ୍କୁ ବହୁତ ପ୍ରଶଂସା କରିଛନ୍ତି। ଭାରତ-ଇଣ୍ଡୋନେସିଆ ସୁସମ୍ପର୍କର ପ୍ରମୁଖ ବିଦ୍ଧାଣୀ ବିଜୁ ପଟ୍ଟନାୟକ ବୋଲି ମୋଦୀ କହିବାକୁ ପଛାଇ ନାହାନ୍ତି। ସେହିପରି ବିଜୁ ପଟ୍ଟନାୟକ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ମଧ୍ୟ ମୋଦୀ କହିଛନ୍ତି। ତାଙ୍କ କହିବା କଥା ଯେ ଭାରତ ଓ ଇଣ୍ଡୋନେସିଆ ବର୍ତ୍ତମାନ 'ସୁବର୍ଣ୍ଣ ଯୁଗ'ରେ ପ୍ରବେଶ କରୁଛନ୍ତି। କିନ୍ତୁ ଏହି ଘନିଷ୍ଠ ଭାରତ–ଇଣ୍ଡୋନେସିଆ ସମ୍ପର୍କର ପ୍ରକୃତ ବିଦ୍ଧାଣୀ ହେଉଛନ୍ତି ବିଜୁ ପଟ୍ଟନାୟକ।

ଇଣ୍ଡୋନେସିଆ ସଂସଦକୁ ସମ୍ବୋଧିତ କରି ମୋଦୀ କହିଛନ୍ତି ଯେ ଓଡ଼ିଶାର ବିଜୁ ପଟ୍ଟନାୟକ ଜଣେ ଭଲ ପାଇଲଟ୍ ଥିଲେ। ସେ ଇଣ୍ଡୋନେସିଆର ତତ୍କାଳୀନ ପ୍ରଧାନମନ୍ତ୍ରୀ ସୁତାନ ସଜାହରିର ଏବଂ ଉପରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ସୁରକ୍ଷିତ ଭାବରେ ଭାରତ ଆଣିଥିଲେ। ଏହା ନୂଆଦିଲ୍ଲୀ ଏବଂ ଇଣ୍ଡୋନେସିଆକୁ ଅଧିକ ନିକଟତର କରିଥିଲା। ମୋଦୀ କହିଛନ୍ତି, 'ଆମ ଉଭୟ ରାଷ୍ଟ୍ର ପ୍ରାୟ ସମାନ ସମୟରେ ▶▶ ୫

### ମୋଦୀଙ୍କୁ ସର୍ବୋଚ୍ଚ ନାଗରିକ ସମ୍ମାନ

ଭାରତ ଏବଂ ଇଣ୍ଡୋନେସିଆ ମଧ୍ୟରେ ଥିବା ସୁଦୃଢ଼ ଐତିହାସିକ ଓ ରଣନୀତିକ ସମ୍ପର୍କକୁ ଏକ ନୂଆ ଦିଗ ଦେଇ, ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋବୋ ସୁବିଆନ୍ତୋ ପ୍ରଧାନମନ୍ତ୍ରୀ ନରେନ୍ଦ୍ର



ମୋଦୀଙ୍କୁ ସେହି ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ 'ଇଣ୍ଡୋନେସିଆ ଗଣରାଜ୍ୟର ବିଣ୍ଟାଙ୍ଗ ଆଦିପୂର୍ଣ୍ଣ' ପଦକରେ ସମ୍ମାନିତ କରିଛନ୍ତି। ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ସମ୍ପର୍କକୁ ମଜଭୁତ କରିବାରେ ତାଙ୍କ ନେତୃତ୍ୱ ଏବଂ ▶▶ ୫

### ଡାକ୍ତର ଆନ୍ଦୋଳନ ପ୍ରସଙ୍ଗ

## କମିଟି ଗଠନ କଲେ ସରକାର

**ଭୁବନେଶ୍ୱର,୭।୭/ଏନ୍ଏନ୍ଏସ୍:**

ଡାକ୍ତର ଆନ୍ଦୋଳନ ପ୍ରସଙ୍ଗରେ ରାଜ୍ୟ ସରକାର ୫ ଜଣିଆ କମିଟି ଗଠନ କରିଛନ୍ତି। ବିଭିନ୍ନ ଦାବି ନେଇ ଡାକ୍ତରଙ୍କ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ୍ (ଓସମା) ପକ୍ଷରୁ ଉଠାଯାଇଥିବା ବିଭିନ୍ନ ଦାବିର ତର୍ଜମା ପାଇଁ ସରକାର ଏକ କମିଟି ଗଠନ କରିଛନ୍ତି। ଅର୍ଥ ବିଭାଗର ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଆନ୍ତଃବିଭାଗୀୟ କମିଟି ଗଠନ କରାଯାଇଛି। କମିଟିରେ ଅର୍ଥ ବିଭାଗର ପ୍ରମୁଖ ସଚିବ ଅଧ୍ୟକ୍ଷ ଥିବା ବେଳେ ସଦସ୍ୟ ଭାବେ ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗର ପ୍ରମୁଖ ସଚିବ, ଆଇନ ବିଭାଗର ପ୍ରମୁଖ ସଚିବ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର-କମ୍-ସଚିବ ରହିଛନ୍ତି । ସେହିପରି ଓଡ଼ିଶା ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ସଦସ୍ୟ ସହ ଆବାହକ ରହିଛନ୍ତି। ଏହି କମିଟି ଦାବିର ବ୍ୟବହାରିକତା ଯାଞ୍ଚ କରି ସରକାରଙ୍କୁ ସୁପାରିଶ କରିବ। ସୂଚନାଯୋଗ୍ୟ ଯେ ବିଭିନ୍ନ ଦାବି ନେଇ ଓମସା ପକ୍ଷରୁ ଡାକ୍ତରମାନେ ଆନ୍ଦୋଳନ କରିଥିଲେ। ଗତ ଜୁଲାଇ ୪ ତାରିଖରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସହ ▶▶ ୫

### ଭୁବନେଶ୍ୱରରେ ହେବ

## ନୂଆ ରାଜସ୍ୱ ଭବନ

**ଭୁବନେଶ୍ୱର,୭।୭/ଏନ୍ଏନ୍ଏସ୍:**

ରାଜ୍ୟର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ଓ ଆଧୁନିକ କରିବା ଲକ୍ଷ୍ୟରେ ଭୁବନେଶ୍ୱରରେ ଏକ ନୂଆ ରାଜସ୍ୱ ଭବନ ନିର୍ମାଣ କରାଯିବ। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ କହିବା ଅନୁଯାୟୀ, ପ୍ରାୟ ୬୦୦ କୋଟି ଟଙ୍କା ବ୍ୟୟରେ ୧୦ ମହଲା ବିଶିଷ୍ଟ ଏହି ଅତ୍ୟାଧୁନିକ କୋଠା ନିର୍ମାଣ କରାଯିବ। ଏହି ଭବନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଭିନ୍ନ କାର୍ଯ୍ୟାଳୟକୁ ଏକାଠି କରାଯିବା ସହ ପ୍ରଶାସନିକ କାର୍ଯ୍ୟକୁ ଅଧିକ ଦକ୍ଷ ଓ ସମନ୍ୱିତ କରିବାକୁ ଗୁରୁତ୍ୱ ଦିଆଯିବ। ନୂତନ ରାଜସ୍ୱ ▶▶ ୫

## ରାଜ୍ୟରେ ନାହିଁ ବନ୍ୟା ସ୍ଥିତି

**ଭୁବନେଶ୍ୱର,୭।୭/ଏନ୍ଏନ୍ଏସ୍:**

ରାଜ୍ୟରେ ବନ୍ୟା ସ୍ଥିତି ନାହିଁ। ରାଜ୍ୟରେ ଲଗାଣ ବର୍ଷା ପରେ ବୈତରଣୀ ନଦୀରେ ଛୋଟ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିଲେ ମଧ୍ୟ ଏବେ ପରିସ୍ଥିତି ଧୀରେ ଧୀରେ ସୁଧୁରୁଛି। ବୈତରଣୀର ଜଳସ୍ତର କମିବା ସହ ଆଖୁଆପଦାରେ ଜଳସ୍ତର ସତର୍କ ସଂକେତ ତଳକୁ ଖସିଆସିଛି। ତେଣୁ ବର୍ତ୍ତମାନ ବୈତରଣୀରେ ବନ୍ୟା ପରିସ୍ଥିତି ନଥିବା ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ ସ୍ପଷ୍ଟ କରିଛନ୍ତି। ଆଖୁଆପଦାରେ ମଙ୍ଗଳବାର ଜଳସ୍ତର ୧୭.୭ ମିଟର ରହିଥିଲା। ଯାହା ବିପଦ ସଂକେତ ଠାରୁ ତଳେ ରହିଛି। ଯାଜପୁର ଜିଲ୍ଲାର ୪ରୁ ୫ଟି ପଞ୍ଚାୟତର କିଛି ଚାଷଜମିରେ ବନ୍ୟାଜଳ ପ୍ରବେଶ କରିଥିବା ସୂଚନା ମିଳିଛି। ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିଛି। ଅନ୍ୟପଟେ ଉପରମୁଣ୍ଡରେ ବର୍ଷା ଯୋଗୁଁ ହୀରାକୁଦ ଡ୍ୟାମ୍‌ରେ ▶▶ ୫



**ବର୍ଷା ଜଳ ନରାଜ ଦେଇ ଗଲା ପରେ ହୀରାକୁଦ ଜଳ ଛଡ଼ାଯିବ**

**ତଳମୁଣ୍ଡର ଜିଲ୍ଲାରେ ବଡ଼ ଧରଣର ବନ୍ୟା ପରିସ୍ଥିତି ସୃଷ୍ଟି ଆଶଙ୍କା ନାହିଁ**

## ଗଛରେ ବାଘର ମୃତଦେହ

### ବାର୍‌ହା ଶିକାର୍ ଫାଶରେ ପଡ଼ି ମୃତ୍ୟୁ ଆଶଙ୍କା, ବନ ବିଭାଗର ତଦନ୍ତ

**ବ୍ରହ୍ମପୁର,କବିସୂର୍ଯ୍ୟନଗର,୭।୭/ଏନ୍ଏନ୍ଏସ୍:**

ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ବନ ବିଭାଗ ରେଞ୍ଜ ଅଧିନ କବିସୂର୍ଯ୍ୟନଗର ବ୍ଲକ ଜରଡ଼ ଛକ କ୍ରସର ନିକଟ ଗୋଟିଏ ନିମ୍ବ ଗଛରେ ଆଜି ଏକ ବାଘର ମୃତଦେହ ଝୁଲି ରହିଥିବା ଦେଖିବାକୁ ମିଳିଥିଲା। କ୍ରସର ନିକଟରେ ରହିଥିବା କୁକୁର ଭୁକିବା ପରେ ସ୍ଥାନୀୟ ଲୋକେ ବାଘ ଗଛରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ତେବେ କିଭଳି ଗଛ ଉପରେ ବାଘର ମୃତ୍ୟୁ ହେଲା ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସବୁଠୁ ବଡ଼ କଥା ହେଉଛି ବାଘର ମୃତଦେହ ପାଖରେ ଏକ ପଥର ଝୁଲନ୍ତା ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ବାଘର ମୃତ୍ୟୁ କ'ଣ ଗଛ ଉପରେ ଯାଇ ହୋଇଛି ନା ତାକୁ କେହି ହତ୍ୟା ପରେ ସେଠି ନେଇ ଝୁଲାଇ ଦେଇଛି ସେ ନେଇ କୌଣସି ସୂଚନା ମିଳିପାରିନି। ତାସହ ଗଛରେ ଝୁଲୁଥିବା ଏକ ବଡ଼ ପଥରକୁ ନେଇ ବି ଅନେକ ସନ୍ଦେହ ସୃଷ୍ଟି ହୋଇଛି। ତେବେ ବାର୍‌ହା ଶିକାର ଉଦ୍ଦେଶ୍ୟରେ ଶିକାରୀ ପକାଇଥିବା ଫାଶରେ ପଡି ବାଘ ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି। ଖବର ପାଇ ଖଲ୍ଲିକୋଟ ବନବିଭାଗର କର୍ମଚାରୀ ଓ ଅଧିକାରୀମାନେ ପହଞ୍ଚିବା ପରେ ବାଘର ▶▶ ୫



## ଦୁଇ ଦୁର୍ଘଟଣାରେ ୪ ମୃତ

**କେନ୍ଦୁଝର,ସୁନ୍ଦରଗଡ଼, ୭।୭/ଏନ୍ଏନ୍ଏସ୍:**

ରାଜ୍ୟର ଦୁଇଟି ପୃଥକ ସ୍ଥାନରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ମୋଟ୍ ୪ ଜଣଙ୍କ ମୃତ୍ୟୁ ହୋଇଛି। କେନ୍ଦୁଝର ଜିଲ୍ଲା ୨୦ ନଂ ଜାତୀୟ ରାଜପଥ ଘଟଗାଁ ଥାନା ଢେଙ୍କିକୋଟ ପୁଲିସ ବିଟ୍ ଅଞ୍ଚଳ ଖଜୁରିଜୁଆଣି ନିକଟରେ ଏକ ଥାର୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେହିପରି ସୁନ୍ଦରଗଡ଼ ସଦରଥାନା ପାତକିଯୋର ନିକଟରେ ବଲେରୋ ଓ ଯାତ୍ରୀବାହୀ କମାଣ୍ଡର ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କ ମୃତ୍ୟୁ ହୋଇଛି। ମଙ୍ଗଳବାର ଅପରାହ୍ଣ ୨ ଟା ୧୫ ମିନିଟ ପାଖାପାଖି ଘଟଗାଁ ଥାନା ଢେଙ୍କିକୋଟ ପୁଲିସ ବିଟ୍ ଅଞ୍ଚଳ ଖଜୁରିଜୁଆଣି ନିକଟରେ କେନ୍ଦୁଝର ଆଡ଼କୁ ଯାଉଥିବା ଏକ ବାଇକ୍‌କୁ ପଛପଟୁ ଏକ ଥାର୍ ଗାଡ଼ି ଧକ୍କା ଦେଇ ଶହେ ମିଟର ଯାଏ ଘୋଷାଡ଼ି ନେଇଥିଲା। ଫଳରେ ୨ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଢେଙ୍କିକୋଟ ପୁଲିସ ବିଟ୍ ଅଧିକାରୀ ତ୍ରିନାଥ ନାଏକ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଥାର୍ ଏବଂ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ବିଟ୍ ପରିସରକୁ ଜବତ କରି ଆଣିଥିବା ବେଳେ ▶▶ ୫

## ୱାୟନାଡ଼ରେ ଭୂସ୍ଖଳନ, ୩ ମୃତ

### ୨୦୦ ଫୁଟ୍ ଦୂରରୁ ଭାସି ଆସିଲା ଟ୍ୟାଙ୍କର

**ୱାୟନାଡ୍, ୭।୭/ଏଜେନ୍ସି:**

କେରଳମ୍‌ର ୱାୟାନାଡ୍ ଜିଲ୍ଲାରେ ମଙ୍ଗଳବାର ଭୂସ୍ଖଳନ ଯୋଗୁଁ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୭ଜଣ ନିଖୋଜ ରହିଛନ୍ତି। ସେହିପରି ୯/୧୦ ଆହତଙ୍କୁ ମେପ୍ପାଡିର ୱିମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କଲ୍ଲାଡି ସ୍ଥିତ ମୀନାକ୍ଷୀ ବ୍ରିଜ୍ ନିକଟରେ ଥିବା ମଲପ୍ପୁରମ୍-ୱାୟାନାଡ୍ ଟନେଲ୍ (ସୁଡ଼ଙ୍ଗ) ସମ୍ମୁଖରେ ଏହି ଘଟଣା ଘଟିଛି। ଏହି ଦୁର୍ଘଟଣାର ଏକ ଲୋମହର୍ଷଣକାରୀ ସିସିଟିଭି ଭିଡିଓ ଫୁଟେଜ୍ ଏବେ ସାମ୍ନାକୁ ଆସିଛି। ଫୁଟେଜ୍‌ରେ ପ୍ରବଳ ▶▶ ୫



### ୭୭ତମ ରାଜ୍ୟସ୍ତରୀୟ ବନ ମହୋତ୍ସବ

# ସବୁଜବଳୟ ସୃଷ୍ଟିରେ ଓଡ଼ିଶା ଦେଶରେ ତୃତୀୟ

**ଭୁବନେଶ୍ୱର,୭।୭/ଏନ୍ଏନ୍ଏସ୍:**



ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନ ଓ ବିକଟ ଗ୍ରୀଷ୍ମ ଲହରର ମୁକାବିଲା ପାଇଁ ବ୍ୟାପକ ବୃକ୍ଷରୋପଣ ହିଁ ଏକମାତ୍ର ଦୀର୍ଘକାଳୀନ ସମାଧାନ। ବିକାଶ ଓ ପରିବେଶ ପରସ୍ପରର ବିରୋଧୀ ନୁହଁନ୍ତି, ବରଂ ପରିପୂରକ। ଏହି ଦୂରଦର୍ଶୀ ଆଭିମୁଖ୍ୟ ସହ ବନ ସୁରକ୍ଷା ଓ ସବୁଜବଳୟ ସୃଷ୍ଟିରେ ଓଡ଼ିଶା ଆଜି ସାରା ଦେଶରେ ଏକ ଅଗ୍ରଣୀ ରାଜ୍ୟ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ବିଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ୫୫୮ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣ ବୃଦ୍ଧି ପାଇଛି, ଯାହା ଫଳରେ ସମଗ୍ର ଭାରତବର୍ଷରେ ଓଡ଼ିଶା ଆଜି ଗୌରବଜନକ ତୃତୀୟ ସ୍ଥାନ ଅଧିକାର କରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କପିଳେଶ୍ୱର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ୭୭ ତମ ବନ ମହୋତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ପ୍ରବାହିତ ନଦୀଗୁଡ଼ିକୁ ଚିରସ୍ରୋତା କରିବା ପାଇଁ 'ସବୁଜ ମହାନଦୀ ମିଶନ' ଅଧୀନରେ ମହାନଦୀ, ତେଲ୍, ଇବ୍, ବ୍ରାହ୍ମଣୀ, ଋଷିକୁଲ୍ୟା, ବୈତରଣୀ ଓ ବଂଶଧରା ନଦୀ ପାର୍ଶ୍ୱରେ ୧.୫ କିଲୋମିଟର ପ୍ରଶସ୍ତ ସବୁଜ ବଳୟ ସୃଷ୍ଟି କରାଯାଉଛି। ୨୦୨୫-୨୬ ଆର୍ଥିକ ବର୍ଷରେ ୭୭୪ ହେକ୍ଟର ଅଞ୍ଚଳରେ ୫.୬୫ ଲକ୍ଷ ଚାରାରୋପଣ କରାଯାଇଥିବା ବେଳେ ୨୦୨୬-୨୭ ବର୍ଷରେ ୨,୭୦୨ ହେକ୍ଟର ଅଞ୍ଚଳରେ ପ୍ରାୟ ୯ ଲକ୍ଷ ଚାରାରୋପଣର ଲକ୍ଷ୍ୟ ରଖାଯାଇଛି। ସେହିପରି 'ବର୍ଦ୍ଧିତ ସବୁଜ ବଳୟ ଯୋଜନା' ମାଧ୍ୟମରେ ଚଳିତ ବର୍ଷ ୩,୫୮ ହେକ୍ଟର ଜମିରେ ୧୫ ଲକ୍ଷ ୯୩ ହଜାର ଚାରାରୋପଣ କରାଯିବ। ସହରାଞ୍ଚଳରେ ପ୍ରଦୂଷଣ କମାଇବା ପାଇଁ ଚଳିତ ବର୍ଷ ପ୍ରାୟ ୬ ଲକ୍ଷ ୯୫ ହଜାର ଚାରାରୋପଣର ଲକ୍ଷ୍ୟ ରହିଛି। 'ଆମ ଜଙ୍ଗଲ ଯୋଜନା' ଅଧୀନରେ ୧୯,୯୭୫ ହେକ୍ଟର ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର କରାଯାଇ ୪୩.୧୮ ଲକ୍ଷ ସ୍ଥାନୀୟ ହିତାଧିକାରୀଙ୍କୁ ୧,୪୮୮.୫୨

**ଦୁଇ ବର୍ଷରେ ୫୫୮ ବର୍ଗ କିଲୋମିଟର ବନ ଆବରଣ ବୃଦ୍ଧି**

**ବିକାଶ ଓ ପରିବେଶ ପରସ୍ପରର ପରିପୂରକ: ମୁଖ୍ୟମନ୍ତ୍ରୀ**

**ଜଙ୍ଗଲ ସୁରକ୍ଷା ପାଇଁ ଆଗେଇ ଆସିବାକୁ ଦେଲେ ଆହ୍ୱାନ**

କୋଟି ଟଙ୍କାର ଜୀବିକା ଭିତ୍ତିକ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି।

ରାଜ୍ୟର ଅନ୍ୟାନ୍ୟ ପ୍ରମୁଖ ପଦକ୍ଷେପ ବାବଦରେ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କାମ୍ପା ଯୋଜନାରେ ଆସନ୍ତା ବର୍ଷ ପାଇଁ ୨୦,୫୬୨ ହେକ୍ଟରରୁ ଅଧିକ ଜଙ୍ଗଲ ଜମିରେ ବୃକ୍ଷରୋପଣର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଜାପାନ ଅନ୍ତର୍ଜାତୀୟ ସଂସ୍ଥାର ସହାୟତାରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ମାଧ୍ୟମରେ ୧,୨୧୦ଟି ବନସୁରକ୍ଷା ସମିତିକୁ ସାମିଲ କରାଯାଉଛି। ଉପକୂଳ ଅଞ୍ଚଳର ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ 'ମିଷ୍ଟି' ଯୋଜନାରେ ୮୯ ହେକ୍ଟର ଅଞ୍ଚଳରେ ହେନ୍ତାଳ ବନ ସୃଷ୍ଟି ଏବଂ 'ଇସିଆରଆଇସିସି' ଯୋଜନାରେ ୨,୪୦୫ ହେକ୍ଟରର ଲୁଣା ଜଙ୍ଗଲର ପୁନରୁଦ୍ଧାର କରାଯାଉଛି। ଏହା ସହିତ ବଜ୍ରପାତରୁ ରକ୍ଷା ପାଇବା ପାଇଁ ଗତ ଆର୍ଥିକ ବର୍ଷରେ ୧୭.୯୦ ଲକ୍ଷ ତାଳ ଚାରାରୋପଣ କରାଯାଇଛି। ଚଳିତ ଜୁଲାଇ ୧ ତାରିଖରୁ କେନ୍ଦ୍ର ଓ ରାଜ୍ୟର ମିଳିତ ସହଯୋଗରେ ଏକ ନୂତନ ଯୋଜନା 'ବିକଶିତ ଭାରତ - ରୋଜଗାର ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ (ଗ୍ରାମୀଣ)' କାର୍ଯ୍ୟକାରୀ ହୋଇଛି, ଯାହା ବୃକ୍ଷରୋପଣ ସହ ଲୋକଙ୍କୁ ରୋଜଗାରକ୍ଷମ କରିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଏକ ପେଡ୍ ମା କେ ନାମ' ଅଭିଯାନକୁ ଓଡ଼ିଶାବାସୀ ଏକ ଜନ ▶▶ ୫

### ଅହମଦାବାଦ ବିସ୍ଫୋରଣ: ନିମ୍ନ ଅଦାଲତଙ୍କ ନିଷ୍ପତ୍ତି ହାଇକୋର୍ଟରେ କାଏମ୍

## ୩୮ ଦୋଷୀଙ୍କୁ ଫାଶୀ, ୧୧ଙ୍କୁ ଆଜୀବନ

**ଗାନ୍ଧୀନଗର,୭।୭/ଏଜେନ୍ସି:**

୨୦୦୮ ଅହମଦାବାଦ ସିରିଜ୍ ବୋମା ବିସ୍ଫୋରଣ ମାମଲାରେ ଗୁଜରାଟ ହାଇକୋର୍ଟ ମଙ୍ଗଳବାର ନିଜ ରାୟ ଶୁଣାଇଛନ୍ତି। ହାଇକୋର୍ଟ ନିଜ ରାୟରେ ୪୯ ଅଭିଯୁକ୍ତଙ୍କୁ ନିମ୍ନ ଅଦାଲତ ଦୋଷୀ ସାବ୍ୟସ୍ତ କରିଥିବା ନିଷ୍ପତ୍ତିକୁ କାଏମ ରଖିଛନ୍ତି। ହାଇକୋର୍ଟ ୩୮ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଏବଂ ୧୧ ଜଣଙ୍କୁ ଆଜୀବନ କାରାଦଣ୍ଡ ନିଶ୍ଚିତ କରିଛନ୍ତି। ଏଥିସହ ହାଇକୋର୍ଟ ଦୋଷୀଙ୍କ ଦ୍ୱାରା ଦାୟର ସମସ୍ତ ଆବେଦନକୁ ମଧ୍ୟ ଖାରଜ କରିବା ସହ ବିସ୍ଫୋରଣରେ ପ୍ରାଣ ହରାଇଥିବା ପ୍ରତ୍ୟେକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଏ.ୱାଇ. କୋଗ୍‌ଜେ ଏବଂ ଜଷ୍ଟିସ୍ ସମୀର ଜେ. ଦାଭେଙ୍କୁ ନେଇ ଗଠିତ ଗୁଜୁରାଟ ହାଇକୋର୍ଟର ଏକ ସ୍ୱତନ୍ତ୍ର ଖଣ୍ଡପୀଠ ଆଜି ଏହି ରାୟ ଦେଇଛନ୍ତି।

୨୬ ଜୁଲାଇ ୨୦୦୮ରେ ଅହମଦାବାଦରେ ପ୍ରାୟ ୨୨ଟି ବୋମା ପଛକୁ ପଛ ବିସ୍ଫୋରଣ (ସିରିଜ୍ ବିସ୍ଫୋରଣ) ହୋଇଥିଲା, ଯେଉଁଥିରେ ୫୬ ଜଣ ପ୍ରାଣ ହରାଇଥିବା ବେଳେ ଶହ ଶହ ଲୋକ ଆହତ ହୋଇଥିଲେ। ବିସ୍ଫୋରଣ ଘଟିଥିବା ସ୍ଥାନଗୁଡ଼ିକ ମଧ୍ୟରେ ସିଭିଲ୍ ହସ୍ପିଟାଲ୍ ଏବଂ ଏଲ୍.ଜି. ହସ୍ପିଟାଲ୍ ସାମିଲ ଥିଲା। ଇଣ୍ଡିଆନ୍ ମୁଜାହିଦ୍ଦିନ ଆତଙ୍କୀ ସଂଗଠନ ଏହି ବିସ୍ଫୋରଣ ପାଇଁ ନିଜକୁ ଦାୟୀ କରିଥିଲା। ୨୦୨୨ ମସିହାରେ ଅହମଦାବାଦର ଏକ ସ୍ୱତନ୍ତ୍ର ଅଦାଲତ ଏହି ମାମଲାରେ ୭୭ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୪୯ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ସେମାନଙ୍କ ମଧ୍ୟରୁ ୩୮ ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିବା ବେଳେ ୧୧ ଜଣ ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଯାଇଥିଲା। ବାକି ୨୮ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିଲା ବେଳେ ଜଣେ ଅଭିଯୁକ୍ତ ସରକାରୀ ସାକ୍ଷୀ ସାଜିଥିଲା। ଅନ୍ୟପକ୍ଷେ ଘଟଣାକ୍ରମେ ଏହି ମାମଲା ହାଇକୋର୍ଟକୁ ଆସିଥିଲା। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି, ହାଇକୋର୍ଟ ମାମଲାର ▶▶ ୫

# ରୋଟାରୀ କ୍ଲବ୍ ଅଫ୍ କଟକ ମିଡଟାଉନ୍‌ର ଅଧିଷ୍ଠାନ ଉତ୍ସବ




**କଟକ,୭।୭/ଏନ୍‌ଏନ୍‌ଏସ୍:** କଟକ ଟ୍ୟାକ୍ସ ବାର୍ ଆସୋସିଏସନ ପରିସରରେ ରୋଟାରୀ କ୍ଲବ୍ ଅଫ୍ କଟକ ମିଡ୍‌ଟାଉନର ଅଧିଷ୍ଠାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମଣିପୁର ହାଇକୋର୍ଟର ପ୍ରାକ୍ତନ ମୁଖ୍ୟ ବିଚାରପତି ଲକ୍ଷ୍ମୀକାନ୍ତ ମହାପାତ୍ର ଯୋଗ ଦେଇଥିଲେ। ଦିଲ୍ଲୀପ କୁମାର ସାହୁ ସଭାପତି ଓ ଅରୁଣ କୁମାର ଦାସ ସମ୍ପାଦକ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। କ୍ଲବର ସଭାପତି ଡା. ବିଶ୍ୱରୂପ ଆଚାର୍ଯ୍ୟ ଓ ସମ୍ପାଦକ କୈଳାସ ଚନ୍ଦ୍ର ପାଢ଼ୀ ନୂତନ କର୍ତ୍ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏଥିସହ ୭ ସଦସ୍ୟଙ୍କୁ ମନୋନୀତ କରାଯାଇଥିଲା। ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଦିଲ୍ଲୀପ କୁମାର ପଟ୍ଟନାୟକ ଓ ଅଶୋକ ବିହାରୀ ମହାପାତ୍ର ସଦସ୍ୟମାନଙ୍କୁ ସ୍ୱାଗତ ଜଣାଇଥିଲେ। ପ୍ରୀତି ପ୍ରିୟଦର୍ଶନୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବିଭୂତି ଭୂଷଣ ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ରେଲ୍‌ୱେ ସେଟଲ୍‌ମେଣ୍ଟ୍ ବିଦ୍ୟାଳୟରେ ବୃକ୍ଷରୋପଣ

**କଟକ,୭।୭/ଏନ୍‌ଏନ୍‌ଏସ୍:** ପରିବେଶ ସୁରକ୍ଷା ଏବଂ ସବୁଜିମା ବୃଦ୍ଧିର ଉଦ୍ଦେଶ୍ୟ ନେଇ ରେଲୱେ ସେଟଲମେଣ୍ଟ ବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ରଞ୍ଜିତା କୁମାରୀ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୩୮ ନମ୍ବର ୱାର୍ଡ କର୍ପୋରେଟର୍ ସୁଭାଶିଷ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରିବା ସହ ପରିବେଶ ସୁରକ୍ଷାରେ ପ୍ରତ୍ୟେକ ନାଗରିକଙ୍କ ସକ୍ରିୟ ଭୂମିକାର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତା ପ୍ରିୟରଞ୍ଜନ ମହାପାତ୍ର, ସରୋଜ କୁମାର ରାଉତ, ସତ୍ୟବ୍ରତ ପଟ୍ଟନାୟକ, ଭୀମସେନ ସାବତ ଓ ସଞ୍ଜୀବ କୁମାର ମହାରଣା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରଜାତିର ଚାରାରୋପଣ କରିଥିଲେ। ଏହି ଅବସରରେ ସମସ୍ତ ଛାତ୍ରଛାତ୍ରୀ ପରିବେଶର ସନ୍ତୁଳନ ରକ୍ଷା, ବୃକ୍ଷ ସଂରକ୍ଷଣ ଏବଂ



ଅଧିକରୁ ଅଧିକ ବୃକ୍ଷରୋପଣ କରିବା ସହ ଜନସାଧାରଣଙ୍କ ମଧ୍ୟରେ ପରିବେଶ ସଚେତନତା ସୃଷ୍ଟି ପାଇଁ ଶପଥ ଗ୍ରହଣ କରିଥିଲେ। ଏହି ବୃକ୍ଷରୋପଣ ଅଭିଯାନରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ବହୁସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସମସ୍ତ କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିଲେ।

# ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନରେ 'ମେଘ ମହ୍ଲାର'

**କଟକ,୭।୭/ଏନ୍‌ଏନ୍‌ଏସ୍:** ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥା ଓ ଅସୀମ ଅଖଣ୍ଡ କ୍ରିଏଟିଭ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ 'ମେଘ ମହ୍ଲାର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ସତ୍ୟ ନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଓ ଫାଉଣ୍ଡେସନ୍‌ର ସଭାପତି ତଥା ଭାସ୍କର୍ଯ୍ୟ ଶିଳ୍ପୀ ରବି ନାରାୟଣ ରଥଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ନ୍ୟାୟମୂର୍ତ୍ତି ଅରୁଣ ପରିଛା ଉଦ୍‌ଘାଟନ କରିଥିଲେ। ଚିତ୍ରଶିଳ୍ପୀମାନେ ଛତା ଉପରେ ବିଭିନ୍ନ ଚିତ୍ର କରି ପ୍ରଦର୍ଶନ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ବିକାଶ ଦାସ, ଶରତ ନାୟକ ଏବଂ ଓମ୍ ପ୍ରକାଶ ମହାନ୍ତି, ପ୍ରଫେସର୍ ଅକ୍ଷୟ ଦାସ, ଆଇନଜୀବୀ ଗୌତମ ସିଦ୍ଦିକ, କୈଳାସ ଶତପଥୀ, ସିନେ ନିର୍ଦ୍ଦେଶକ ବସନ୍ତ ସାହୁ, ବିଜୟ ମଲ୍ଲ, ଅରୁଣ ମନ୍ତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏସିପି କୃଷ୍ଣଚନ୍ଦ୍ର ସେଠୀ ବର୍ଷା ଉପରେ ଆଧାରିତ ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତ ଓ ବହୁ କଣ୍ଠଶିଳ୍ପୀ ମେଘ ମହ୍ଲାର ରାଗ ଆଧାରିତ ସଙ୍ଗୀତ ଗାନ କରିଥିଲେ। ପ୍ରିୟଙ୍କା ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ପ୍ରଜ୍ଞା ପ୍ରତିଭା ନାଥ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନିମ୍ନମାନର ରାସ୍ତା କାମ ବିରୋଧରେ ଜିଲ୍ଲାପାଳଙ୍କୁ ଦାବିପତ୍ର

**କଟକ,୭।୭/ଏନ୍‌ଏନ୍‌ଏସ୍:** ମଧୁସୂଦନ ସେତୁଠାରୁ ଚହଟା ପର୍ଯ୍ୟନ୍ତ ସଂଯୋଗ କରୁଥିବା ନବ ନିର୍ମିତ ଛଅ ଲେନ୍ ବିଶିଷ୍ଟ ରାସ୍ତା କାମ ନିମ୍ନମାନର ହୋଇଥିବା ଅଭିଯୋଗକରି ବିଡ଼ାନାସି ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତିନିଦିନ ତଳେ ଉକ୍ତ ରାସ୍ତାର ନିର୍ମାଣାଧୀନ ସାଇଡ୍ ୱାଲ୍ ଭୁଶୁଡ଼ି ପଡ଼ିବା ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଘଟଣା ପରେ ମେୟର୍, ସ୍ଥାନୀୟ ବିଧାୟିକା ଓ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ବିଭାଗୀୟ କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠାଇଥିଲେ। ନିର୍ମାଣ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ସହ ଗୁଣାତ୍ମକ ମାନଦଣ୍ଡ ଅନୁଯାୟୀ ପୁନଃ ନିର୍ମାଣ କରାଯିବାକୁ ଗ୍ରାମବାସୀ ଦାବି ଦାବି କରିଛନ୍ତି।

# ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ଦାବି ନେଇ ଆଲୋଚନା

## ରାଜ୍ୟ ସରକାରଙ୍କ ପଦକ୍ଷେପକୁ ସ୍ୱାଗତ କଲା ସଂଘ

**କଟକ,୭।୭/ଏନ୍‌ଏନ୍‌ଏସ୍:** ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ବିଭିନ୍ନ ଦାବି ପ୍ରତି ରାଜ୍ୟ ସରକାରଙ୍କ ସକାରାତ୍ମକ ପଦକ୍ଷେପକୁ ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ ସ୍ୱାଗତ କରାଯିବା ସହ ମୁଖ୍ୟମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଏବଂ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ କୃତଜ୍ଞତା ଜଣାଇଛନ୍ତି। ଗତ ଜୁଲାଇ ୨ତାରିଖରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପରେ ସରକାର ପକ୍ଷରୁ ପ୍ରକାଶିତ କାର୍ଯ୍ୟ ବିବରଣୀକୁ ନେଇ ସଂଘର ରାଜ୍ୟ କାର୍ଯ୍ୟକାରିଣୀର ଏକ ସ୍ୱତନ୍ତ୍ର ଭର୍ଚୁଆଲ୍ ବୈଠକ ବସିଥିଲା। ବୈଠକରେ ସରକାରଙ୍କ ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା କରାଯିବା ସହ ଦୀର୍ଘଦିନର ବିଭିନ୍ନ ଦାବି ସମ୍ପର୍କରେ ସକାରାତ୍ମକ ଅଗ୍ରଗତି ହୋଇଥିବାରୁ ସଂଘ ପକ୍ଷରୁ ସନ୍ତୋଷ ପ୍ରକାଶ କରାଯାଇଥିଲା। ସୂଚନାନୁସାରେ, ଖାଲି ପଦବୀ ପୂରଣ, ଗ୍ରୁପ୍-ଡି କର୍ମଚାରୀଙ୍କୁ ଆଉଟସୋର୍ସିଂ ମାଧ୍ୟମରେ ନିଯୁକ୍ତି, 'ଏକ ଗ୍ରାମପଞ୍ଚାୟତ-ଏକ ରାଜସ୍ୱ ନିରୀକ୍ଷକ ସର୍କଲ' ଯୋଜନାକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବା, କ୍ୟାଡର ପୁନର୍ଗଠନ ପ୍ରସ୍ତାବକୁ ସଭାରେ ଉପସ୍ଥାପନ, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଗୁଡ଼ିକୁ ବାର୍ଷିକ ୨୫ ହଜାର ଟଙ୍କା କଣ୍ଟିଜେନ୍ସି ଗ୍ରାଣ୍ଟ୍ ଓ ସ୍ଥାୟୀ ଭ୍ରମଣ ଭତ୍ତା ପ୍ରଦାନ ଭଳି ପ୍ରସଙ୍ଗରେ ସରକାର ସକାରାତ୍ମକ ମନୋଭାବ ପ୍ରକାଶ କରିଛନ୍ତି। ଏହା ସହ ମୃତ ବ୍ୟକ୍ତି ପଟ୍ଟା ସମ୍ପର୍କିତ ଜଟିଳତାର ସମାଧାନ ଏବଂ କ୍ଷେତ୍ର ସ୍ତରରେ ଇଣ୍ଟର୍‌ନେଟ୍, ବିଦ୍ୟୁତ୍ ଓ କାର୍ଯ୍ୟାଳୟ ଭିତ୍ତିଭୂମିର ସମୀକ୍ଷା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକ ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବା ସହ ଅବଶିଷ୍ଟ ଦାବି, ଯଥା ସମ୍ପୂର୍ଣ୍ଣ କ୍ୟାଡର ପୁନର୍ଗଠନ, ୧୯୮୩ ମସିହା ପରଠାରୁ କ୍ୟାଡର ପୁନର୍ଗଠନରେ ସଂଶୋଧନ ସହ ରୁଲ୍-୧୧ରେ ଥିବା ଅସଙ୍ଗତି ଦୂରୀକରଣ ଏବଂ ରାଜସ୍ୱ ପରିଦର୍ଶକ ପଦନାମକୁ 'ଡେପୁଟି ତହସିଲଦାର'ରେ ପରିବର୍ତ୍ତନ କରି ଆବଶ୍ୟକ ନିଷ୍ପତ୍ତି କ୍ଷମତା ପ୍ରଦାନ ଭଳି ଦାବି ଉପରେ ମଧ୍ୟ ସରକାର ସକାରାତ୍ମକ ବିଚାର କରିବେ ବୋଲି ସଂଘ ଆଶା ପ୍ରକାଶ କରିଛି। ଏଥିସହ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି ବୋଲି କଟକ ଜିଲ୍ଲା ସଂଘର ସଭାପତି ସଞ୍ଜୟ କୁମାର ବେହେରା ଏବଂ ସାଧାରଣ ସମ୍ପାଦକ ଅରୁଣ କୁମାର ବିଶ୍ୱାଳ କହିଛନ୍ତି।

## ବିଉଟି ମହାନ୍ତିଙ୍କ ମୃତ୍ୟୁ ମାମଲା

# ଆସିଲା ବ୍ୟବଚ୍ଛେଦ ରିପୋର୍ଟ

**କଟକ,୭।୭/ଏନ୍‌ଏନ୍‌ଏସ୍:** ଚାଉଳିଆଗଞ୍ଜ ଥାନାର ପୂର୍ବତନ ଆଇଆଇସି ବିଉଟି ମହାନ୍ତିଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ମଙ୍ଗଳବାର ପୁଲିସର ହସ୍ତଗତ ହୋଇଛି। ଶ୍ୱାସରୁଦ୍ଧ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଥିବା କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି। ଏହି ମାମଲାରେ ପାରିପାର୍ଶ୍ୱିକ ସ୍ଥିତି, ଡିଜିଟାଲ ତଥ୍ୟ, ମୋବାଇଲ କଲ ରେକର୍ଡ ଆଦିରୁ ମୃତ୍ୟୁର ରହସ୍ୟ ଉନ୍ମୋଚନ କରିବା ପାଇଁ କମିଶନରେଟ ପୁଲିସର ତଦନ୍ତକାରୀ ଦଳ ପ୍ରୟାସ କରୁଛନ୍ତି। ମାମଲାର ତଦନ୍ତ ପାଇଁ ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଦଳର ଜଣେ ଏଡିସିପି, ଜଣେ ଏସିପି ଓ ୨ ଜଣ ଇନିସପେକ୍ଟର ସାମିଲ ହୋଇ ବିଭିନ୍ନ ଦିଗରୁ ମୃତ୍ୟୁର କାରଣକୁ ଅନୁଧ୍ୟାନ କରୁଛନ୍ତି। ସୂଚନାନୁସାରେ, ବିଉଟିଙ୍କ ସ୍ୱାମୀ ସମୀର ସ୍ୱାଇଁଙ୍କ ସମେତ ଭାଇ, ଭଉଣୀଙ୍କ ବୟାନ ରେକର୍ଡ କରାଯାଇଛି। ଜବତ ମୋବାଇଲକୁ



ଶ୍ୱାସରୁଦ୍ଧ ହୋଇ ଯାଇଛି ଜୀବନ

ଫୋରେନ୍‌ସିକ ଲାବୋରାଟୋରୀକୁ ପରୀକ୍ଷଣ ପାଇଁ ପଠାଯାଇଛି। ଏଥିସହ ମୋବାଇଲ କଲ ରେକର୍ଡ ତଥ୍ୟ ମଗାଯାଇଥିବା ବେଳେ ତାହାକୁ ମଧ୍ୟ ଅପେକ୍ଷା କରାଯାଇଛି। ତଦନ୍ତର ଆଉ ଏକ ଦିଗ ଭାବେ ବିଉଟିଙ୍କ ବ୍ୟାଙ୍କ ଆକାଉଣ୍ଟ୍ କାରବାର ତଥ୍ୟକୁ ତର୍ଜମା କରାଯାଉଛି।

# ଲାବଣ୍ୟବତୀ ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ଚିକିତ୍ସକ ଦିବସ

**କଟକ,୭।୭/ଏନ୍‌ଏନ୍‌ଏସ୍:** ଲାବଣ୍ୟବତୀ ଚାରିଟେବଲ୍ ଟ୍ରଷ୍ଟ ତରଫରୁ ଚିକିତ୍ସକ ଦିବସ ଡା.ରମେଶ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଶତାବ୍ଦୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏସସିବି ଭେଷଜ ବିଭାଗର ବିଭାଗୀୟ ମୁଖ୍ୟ ଡା. ଜୟନ୍ତ କୁମାର ପଣ୍ଡା ଉଦ୍‌ଘାଟକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସହ ନିର୍ଦ୍ଦେଶକ ଡା. ସତ୍ୟବ୍ରତ ମହାପାତ୍ର, ନେଫ୍ରୋଲୋଜି ବିଭାଗର ପ୍ରଫେସର ଡା. ଅରୁଣା ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ଶଲ୍ୟ ଚିକିତ୍ସକ ଡା. ହଳଧର ନାୟକ ସମ୍ମାନିତ ବକ୍ତା, ନ୍ୟୁରୋଲୋଜି ବିଭାଗର ସହକାରୀ ପ୍ରଫେସର ଡ.ଶୁଭଙ୍କର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚିକିତ୍ସକ ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଟ୍ରଷ୍ଟର ଉପଦେଷ୍ଟା ପୁଷ୍ପିତା ମହାପାତ୍ର ସ୍ୱାଗତ ଭାଷଣ ଓ ଉପଦେଷ୍ଟା ବ୍ରହ୍ମା କୁମାରୀ ମମତା ମଞ୍ଜରୀ ଦାସ ଅତିଥି ପରିଚୟ ଦେଇଥିଲେ। କୋଷାଧ୍ୟକ୍ଷା ପଙ୍କଜିନୀ ପରିଡ଼ା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୪୦ ଜଣ ଡାକ୍ତରଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ଟ୍ରଷ୍ଟର ସଭାପତି ଦେବେନ୍ଦ୍ର କୁମାର ପରିଡ଼ା, ସମ୍ପାଦକ ଚିତ ରଞ୍ଜନ ପରିଡ଼ା, ଶୁଭଶ୍ରୀ ଅଗସ୍ତି, ସ୍ୱାଗତିକା ସେନାପତି ପ୍ରମୁଖ ସହଯୋଗ କରିଥିଲେ।



ମହାନଦୀରେ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ

# ଏବେ ବୋର୍ଡ ୱେବ୍‌ସାଇଟ୍‌ରେ ଡିଜିଟାଲ ସାର୍ଟିଫିକେଟ୍

**କଟକ,୭।୭/ଏନ୍‌ଏନ୍‌ଏସ୍:** ଚଳିତ ବର୍ଷ କୃତକାର୍ଯ୍ୟ ହୋଇଥିବା ମାଟ୍ରିକ ପରୀକ୍ଷାର୍ଥୀଙ୍କ ଉଚ୍ଚଶିକ୍ଷାରେ ନାମଲେଖା ପାଇଁ ଆବଶ୍ୟକ ହେଉଥିବା ଅରିଜିନାଲ ସାର୍ଟିଫିକେଟ୍ ପ୍ରସ୍ତୁତି ସରିନାହିଁ। ଏବର୍ଷ ପ୍ରଥମ ଥର ପାଇଁ ଦିଆଯିବାକୁ ଥିବା ଦ୍ୱିଭାଷୀ ମାଟ୍ରିକ ସାର୍ଟିଫିକେଟ ପ୍ରସ୍ତୁତିରେ ବିଳମ୍ବ ହେତୁ ଏପରି ସ୍ଥିତି ଦେଖାଦେଇଛି। ତେବେ ଏହି ସମସ୍ୟାକୁ ଦୂର କରିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ୱେବସାଇଟ୍ www.bseodisha.ac.in ରେ ଡିଜିଟାଲ ସାର୍ଟିଫିକେଟ ଉପଲବ୍ଧ କରାଯାଇଛି। ଛାତ୍ରୀଛାତ୍ରମାନେ ସେମାନଙ୍କ ରୋଲ ନମ୍ବର ବ୍ୟବହାର କରି ତାହାକୁ ଡାଉନଲୋଡ୍ କରିପାରିବେ। ନାମଲେଖା କାର୍ଯ୍ୟରେ ସେହି ଡିଜିଟାଲ ସାର୍ଟିଫିକେଟକୁ ବ୍ୟବହାର କରାଯିବ। ବୋର୍ଡର ପରୀକ୍ଷା ନିୟନ୍ତ୍ରକ ଏନେଇ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ କରି ସୂଚନା ଦେଇଛନ୍ତି। ଅପରପକ୍ଷରେ ଖୁବଶୀଘ୍ର ମୁଦ୍ରିତ ଦ୍ୱିଭାଷୀ ସାର୍ଟିଫିକେଟ ଛାତ୍ରୀଛାତ୍ର ମାନଙ୍କୁ ଯୋଗାଇ ଦିଆଯିବ ବୋଲି ସ୍ପଷ୍ଟ କରାଯାଇଛି। ସେହିପରି ରିଚେକିଂ ଆବେଦନ କରିଥିବା ଛାତ୍ରୀଛାତ୍ରମାନଙ୍କ ଅପଡେଟେଡ୍ ମାର୍କ ସାମସ୍ ପୋର୍ଟାଲରେ ବୋର୍ଡ ପକ୍ଷରୁ ଅପଲୋଡ୍ କରିଦିଆଯାଇଛି। ଏହାବାଦ ହାଇସ୍କୁଲରୁ ସ୍କୁଲ ଲିଭିଂ ସାର୍ଟିଫିକେଟ, କଣ୍ଡକ୍ଟ ସାର୍ଟିଫିକେଟ, ମାଇଗ୍ରେସନ୍ ସାର୍ଟିଫିକେଟ ପ୍ରଧାନଶିକ୍ଷୟିତ୍ରୀ/ପ୍ରଧାନଶିକ୍ଷକମାନେ ପ୍ରଦାନ କରିବେ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।

## ପୂର୍ବାଞ୍ଚଳ ପରିଷଦ ସ୍ଥାୟୀ କମିଟି ବୈଠକ

# ସମନ୍ୱିତ ପ୍ରୟାସରେ ବିକାଶକୁ ଆଗେଇ ନେବା ପାଇଁ ପ୍ରତିବଦ୍ଧତା ପ୍ରକାଶ

**ଭୁବନେଶ୍ୱର,୭।୭/ଏନ୍‌ଏନ୍‌ଏସ୍:** ପୂର୍ବାଞ୍ଚଳ ପରିଷଦ ସ୍ଥାୟୀ କମିଟିର ପଞ୍ଚଦଶ ବୈଠକ ଆଜି ଭୁବନେଶ୍ୱର ଲୋକସେବା ଭବନସ୍ଥିତ ରାଜ୍ୟ କନଭେନସନ ସେଣ୍ଟର୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ କେନ୍ଦ୍ର ଗୃହ ମନ୍ତ୍ରାଳୟ ଅଧୀନସ୍ଥ ଆନ୍ତଃ-ରାଜ୍ୟ ପରିଷଦ ସଚିବାଳୟ ଦ୍ୱାରା ଓଡ଼ିଶା ସରକାରଙ୍କ ସହଯୋଗରେ ଆୟୋଜିତ ହୋଇଥିଲା। ଆୟୋଜକ ରାଜ୍ୟ ଭାବେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବିହାର, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗରୁ ବରିଷ୍ଠ ଅଧିକାରୀ ଓ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ର ଗୃହ ମନ୍ତ୍ରାଳୟ ଅଧୀନସ୍ଥ ଆନ୍ତଃରାଜ୍ୟ ପରିଷଦ ସଚିବାଳୟର ସଚିବ ଆଶିଷ ଶ୍ରୀବାସ୍ତବ, ବିହାରର ମୁଖ୍ୟ ଶାସନ ସଚିବ ପ୍ରତ୍ୟୟ ଅମୃତ, ଝାଡ଼ଖଣ୍ଡର ଉନ୍ନୟନ ଆୟୁକ୍ତ ଅଜୟ କୁମାର ସିଂହ, ପଶ୍ଚିମବଙ୍ଗ ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିନୋଦ କୁମାରଙ୍କ ସମେତ ଅଂଶଗ୍ରହଣକାରୀ ରାଜ୍ୟଗୁଡ଼ିକ ଏବଂ ଆନ୍ତଃରାଜ୍ୟ ପରିଷଦ ସଚିବାଳୟର ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ। ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଆନ୍ତଃ-ରାଜ୍ୟ ସମନ୍ୱୟକୁ ସୁଦୃଢ଼ କରିବା, ବିଭିନ୍ନ ପ୍ରସଙ୍ଗଗୁଡ଼ିକର ସମାଧାନକୁ ତ୍ୱରାନ୍ୱିତ କରିବା ଏବଂ ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ସାମୂହିକ ସଂକଳ୍ପ ସହିତ ବୈଠକ ସଫଳତାର ସହ ସମାପ୍ତ ହୋଇଥିଲା। ଓଡ଼ିଶା ସରକାରଙ୍କ ଗୃହ, ଶିଳ୍ପ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବୈଠକରେ ମୋଟ ୭୪ଟି କାର୍ଯ୍ୟସୂଚୀ(ଏଜେଣ୍ଡା) ଆଲୋଚନା ପାଇଁ ଉପସ୍ଥାପିତ ହୋଇଥିଲା। ଏଥିମଧ୍ୟରେ ପୂର୍ବ ବୈଠକରୁ ରହିଥିବା ୧୨ଟି ପ୍ରସଙ୍ଗ, ୬୧ଟି ନୂତନ ପ୍ରସଙ୍ଗ ଏବଂ ଗୋଟିଏ ପ୍ରସ୍ତାବ ଅଂଶଗ୍ରହଣକାରୀ ରାଜ୍ୟଗୁଡ଼ିକର ଶ୍ରେଷ୍ଠ ପଦ୍ଧତି ଅବଲମ୍ବନ କରାଯାଉଥିବା ସମ୍ପର୍କିତ ସାମିଲ ଥିଲା। ବୈଠକରେ ଆଲୋଚିତ ବିଭିନ୍ନ ପ୍ରସଙ୍ଗ ମଧ୍ୟରେ ଆନ୍ତଃ-ରାଜ୍ୟ, ଉନ୍ନୟନମୂଳକ କାର୍ଯ୍ୟ ଏବଂ ସୁଶାସନ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରମୁଖ



ପ୍ରସଙ୍ଗଗୁଡ଼ିକ ମଧ୍ୟରେ ଆନ୍ତଃ-ରାଜ୍ୟ ଜଳ ସମସ୍ୟା, ବନ୍ୟା ପରିଚାଳନା, ଭିତ୍ତିଭୂମି ବିକାଶ, ରେଳ ପ୍ରକଳ୍ପ, ଥଇଥାନ ଓ ପୁନର୍ବାସ, କ୍ଷତିପୂରଣ, ପରିବେଶକୁ ଦୃଷ୍ଟିରେ ରଖି ସମ୍ବେଦନଶୀଳ ଅଞ୍ଚଳରେ ଖଣି କାର୍ଯ୍ୟକଳାପ ଓ ତଦ୍‌ଜନିତ ସମସ୍ୟାର ସମାଧାନ, ମଣିଷ-ହାତୀ ସଂଘର୍ଷ ପରିଚାଳନା, ସାଇବର ସୁରକ୍ଷା, ଡିଜିଟାଲ ଭିତ୍ତିଭୂମି, ଦୂରସଞ୍ଚାର ସଂଯୋଗୀକରଣ, ବ୍ୟାଙ୍କିଂ ସେବା ବିହୀନ ଗ୍ରାମାଞ୍ଚଳରେ ବ୍ୟାଙ୍କିଂ ସୁବିଧା ଏବଂ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ସଂପର୍କିତ ଅନ୍ତର୍ଭୁକ୍ତ ଥିଲା। ସୁବର୍ଣ୍ଣରେଖା ବହୁମୁଖୀ ପ୍ରକଳ୍ପ ଏବଂ ଓଡ଼ିଶା ଓ ଝାଡ଼ଖଣ୍ଡକୁ ପ୍ରଭାବିତ କରୁଥିବା ବନ୍ୟାଜନିତ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଓଡ଼ିଶା ଓ ଝାଡ଼ଖଣ୍ଡର ଜଳସମ୍ପଦ ବିଭାଗର ସଚିବମାନଙ୍କୁ ନିଜ ନିଜ ଟିମ୍ ସହିତ ମିଳିତ ଆଲୋଚନା କରି ପରବର୍ତ୍ତୀ ପୂର୍ବାଞ୍ଚଳ ପରିଷଦ ବୈଠକ ପୂର୍ବରୁ ଏକ ସର୍ବୋତ୍ତମ ସମାଧାନ ବାହାର କରିବାକୁ ପରାମର୍ଶ ଦିଆଯାଇଛି। ପୂର୍ବାଞ୍ଚଳ ପରିଷଦ ଅନ୍ତର୍ଗତ ଅନ୍ୟ ରାଜ୍ୟଗୁଡ଼ିକ ସମ୍ପର୍କିତ ଆନ୍ତଃ-ରାଜ୍ୟ ନଦୀ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ଓଡ଼ିଶାର ଟେଲିକମ୍ ସଂଯୋଗୀକରଣ ସମ୍ପର୍କିତ ରହୁଥିବା ସମସ୍ୟା ଉପରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଅର୍ଥ ବିଭାଗର ପ୍ରମୁଖ ସଚିବ ଗୁରୁତ୍ୱାରୋପ କରି ବୈଠକରେ ଆଲୋଚନା କରିଥିଲେ। ବ୍ୟାଙ୍କିଂ ସେବା ବିହୀନ ଗ୍ରାମାଞ୍ଚଳରେ ବ୍ୟାଙ୍କିଂ ସେବାର କାର୍ଯ୍ୟକାରିତା, ନେଟୱର୍କ ସଂଯୋଗୀକରଣ, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଅଧୀନରେ ଥିବା ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟକାରିତା ଏବଂ ସାଇବର ଅପରାଧ ତଦନ୍ତ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଝାଡ଼ଖଣ୍ଡରେ ବିଭିନ୍ନ ନଦୀବନ୍ଧ (ଡ୍ୟାମ) ନିର୍ମାଣ ସମ୍ବନ୍ଧୀୟ ପ୍ରସଙ୍ଗ ସହିତ ଥଇଥାନ, ପୁନର୍ବାସ ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ବିଷୟ ଉପରେ ଆଲୋଚନା କରାଯାଇଥିଲା। ରେଳବାଇ ସମ୍ବନ୍ଧୀୟ ପ୍ରସଙ୍ଗ, କ୍ଷତିପୂରଣ ସହିତ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ଅଗ୍ରଗତି ମଧ୍ୟ ସମୀକ୍ଷା କରାଯାଇଥିଲା। ଅନ୍ୟାନ୍ୟ ଏଜେଣ୍ଡା ମଧ୍ୟରେ ପୂର୍ବାଞ୍ଚଳ ପରିଷଦ ଅନ୍ତର୍ଗତ ରାଜ୍ୟଗୁଡ଼ିକରେ ପ୍ରମୁଖ ଖଣିଜ ବ୍ଲକଗୁଡ଼ିକର ନିଲାମ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମଜିଏସୱାଇ) ଅଧୀନରେ ସଡ଼କ ସଂଯୋଗୀକରଣ ଓ ସଫଳତା, ଜଳ ଜୀବନ ମିଶନ ୨.୦ର କାର୍ଯ୍ୟାନ୍ୱୟନ ସ୍ଥିତି, ସହରାଞ୍ଚଳ ମାଷ୍ଟର ପ୍ଲାନଗୁଡ଼ିକର ଅଦ୍ୟତନ କରାଯିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦ (ପିଏମଏୱାଇ ୨.୦) ଅଧୀନରେ ଅନୁମୋଦନ ଓ ଅଗ୍ରଗତି, ବିଦ୍ୟାଳୟରୁ ଅଧାରୁ ପାଠପଢା ଛାଡ଼ିବା ହାର ହ୍ରାସ ପାଇଁ ପଦକ୍ଷେପ ଏବଂ "ସହକାର ସେ ସମୃଦ୍ଧି" ଅଧୀନରେ ସମବାୟ କ୍ଷେତ୍ର ସମ୍ବନ୍ଧୀୟ ପଦକ୍ଷେପ ଅନ୍ତର୍ଭୁକ୍ତ ଥିଲା। ଓଡ଼ିଶା ପକ୍ଷରୁ ନାଗରିକ-କୈନ୍ଦ୍ରିକ ଡିଜିଟାଲ ସୁଶାସନ ପଦକ୍ଷେପ ଭାବେ 'ଆମ ସାଥୀ' ହ୍ୱାଟସ୍ ?ଆପ୍ ଚାଟବଟ୍ ବ୍ୟବହାର ସଂପର୍କିତ ଉପସ୍ଥାପନ କରାଯାଇଥିଲା। ରାଜ୍ୟ ସରକାର ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନଙ୍କର ସାମାଜିକ-ଆର୍ଥିକ ସଶକ୍ତିକରଣ, ଯୋଜନାର କାର୍ଯ୍ୟକାରିତା ମୂଲ୍ୟାଙ୍କନ ଅଧ୍ୟୟନ ଏବଂ ସୁଭଦ୍ରାରୁ ମୁଦ୍ରା ଉଦ୍ୟୋଗୀ ହେବା ପଦକ୍ଷେପ ସମ୍ପର୍କରେ ମଧ୍ୟ ଆଲୋକପାତ କରାଯାଇଥିଲା। ବିହାର ସରକାରଙ୍କ ପକ୍ଷରୁ ରାଜ୍ୟରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ 'ଭବ୍ୟ' (ବିହାର ହେଲଥ ଆପ୍ଲିକେସନ୍ ଫର୍ ଭିଜନାରୀ ଯୋଜନା ଆଣ୍ଡ ଆକ୍ସନ୍) ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ସଂପର୍କରେ ଉପସ୍ଥାପନ କରାଯାଇଥିଲା। ଝାଡ଼ଖଣ୍ଡ ପକ୍ଷରୁ ମତ୍ସ୍ୟ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ଶ୍ରେଷ୍ଠ ପଦ୍ଧତି, ବିଶେଷକରି ପରିତ୍ୟକ୍ତ କୋଇଲା ଓ ପଥର ଖଣିରୁ ସୃଷ୍ଟ ଜଳାଶୟ ମାନଙ୍କରେ କେଜ୍ କଲଚର( ଆଧୁନିକ ମାଛ ଚାଷ) ପ୍ରଣାଳୀ ସମ୍ପର୍କରେ ଉପସ୍ଥାପନ କରାଯାଇଥିଲା। ସେହିପରି ଏହି ରାଜ୍ୟ ପକ୍ଷରୁ ସେବିକା ବା ଅଙ୍ଗନୱାଡି କର୍ମୀ ଏବଂ ସହିୟା ବା ଆଶା କର୍ମୀଙ୍କ ମିଳିତ ଘର ପରିଦର୍ଶନ ଦ୍ୱାରା ପରିବାର ସ୍ତରରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆସିଥିବା ବିଷୟ ମଧ୍ୟ ଉଲ୍ଲେଖ କରାଯାଇଥିଲା। ପଶ୍ଚିମବଙ୍ଗ ପକ୍ଷରୁ ଶ୍ରେଣୀଗୃହରେ ସୃଜନଶୀଳତା ଓ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ପିଏମ୍ ଇ-ବିଦ୍ୟା ଅଧୀନରେ ଗ୍ରହଣ କରାଯାଇଥିବା ଅଭିନବ ପଦ୍ଧତି ସହ ଗବେଷଣାକକ୍ଷ-ଭିତ୍ତିକ ନବସୃଜନ ଉପରେ ଉପସ୍ଥାପନ କରାଯାଇଥିଲା। ଏହାସହ ଡ୍ରେଜିଂ ପଦ୍ଧତିରେ ବନ୍ୟା ପରିଚାଳନା, ରାଜସ୍ୱ ସୃଷ୍ଟି ଏବଂ ଇ-ନିଲାମ ମଡେଲ ସମ୍ପର୍କିତ ଉପସ୍ଥାପିତ ହୋଇଥିଲା। ଆନ୍ତଃରାଜ୍ୟ ପରିଷଦ ସଚିବାଳୟର ସଚିବ ଶ୍ରୀ ଶ୍ରୀବାସ୍ତବ ବୈଠକରେ ସଫଳତାର ସହ ବିଭିନ୍ନ ପ୍ରସଙ୍ଗ ଆଲୋଚନା ହୋଇ ବହୁ ପ୍ରସଙ୍ଗ ସମାଧାନ ହୋଇପାରିଛି ବୋଲି ପ୍ରକାଶ କରିଥିଲେ।

# ଖଟବିନ୍ ସାହି ପୂଜା କମିଟିର କର୍ମକର୍ତ୍ତା ମନୋନୟନ

**କଟକ,୭।୭/ଏନ୍‌ଏନ୍‌ଏସ୍:** ଖଟବିନ୍ ସାହି ପୂଜା କମିଟିର ନୂତନ କର୍ମକର୍ତ୍ତା ମନୋନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବରେ ତରୁନ୍ କୁମାର ଦେ, ଉପସଭାପତି ସର୍ବେଶ୍ୱର ବେହେରା, ସାଧାରଣ ସମ୍ପାଦକ ଶୁଭାନ୍ୱେଷ ମିଶ୍ର, ସହକାରୀ ସମ୍ପାଦକ ସୁରେଶ ଚନ୍ଦ୍ର ଦାନ୍, କୋଷାଧ୍ୟକ୍ଷ ପୀତବାସ ଦଳାଇ, ସହକୋଷାଧ୍ୟକ୍ଷ ଦେବାଶିଷ ହାଲଦାର ମନୋନୀତ ହୋଇଛନ୍ତି। ସେହିପରି ବଜାର କମିଟିର ସଦସ୍ୟ ଭାବେ ଅଜିତ୍ କୁମାର ସିଂହ, ଗୋପୀନାଥ ସିଲ୍, ଗିରିଧାରୀ ସିଲ୍ ଓ ଗୁନେଶ ତରାଇଙ୍କ ସମେତ ସଂଗଠନ ସମ୍ପାଦକ ଭାବେ ଦେବାଶିଷ ଦାନ୍ ଓ ଦୀପକ ତରାଇ ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରୀ କମିଟିର ୩୬ ଜଣ ମନୋନୀତ ହୋଇଛନ୍ତି।


# ରଥଯାତ୍ରା ସୁରକ୍ଷାକୁ ନେଇ ଡିଜିପିଙ୍କ ସମନ୍ୱୟ ବୈଠକ

**କଟକ,୭।୭/ଏନ୍‌ଏନ୍‌ଏସ୍:** ଆସନ୍ତା ଜୁଲାଇ ୧୬ରେ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା-୨୦୨୬ ଅନୁଷ୍ଠିତ ହେବାକୁ ଯାଉଛି। ଏହାକୁ ସୁରକ୍ଷିତ, ଶୃଙ୍ଖଳିତ, ତ୍ରୁଟିଶୂନ୍ୟ ଏବଂ ବିଭିନ୍ନ ସୁରକ୍ଷା ସଂସ୍ଥା ମଧ୍ୟରେ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ଆଜି ଅପରାହ୍ଣରେ ରାଜ୍ୟ ପୁଲିସ ମୁଖ୍ୟ କାର୍ଯ୍ୟାଳୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ପୁଲିସର ବରିଷ୍ଠ ଅଧିକାରୀମାନଙ୍କ ସହିତ କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ, ସୀମା ସୁରକ୍ଷା ବଳ, ରେଳ ସୁରକ୍ଷା ବଳ, ଭାରତୀୟ ତଟରକ୍ଷୀ ବାହିନୀ ଭଳି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ରଥଯାତ୍ରାର ସମସ୍ତ ସୁରକ୍ଷା ପ୍ରସଙ୍ଗ ଉପରେ ବିସ୍ତୃତ ସମୀକ୍ଷା କରିଥିଲେ। ରଥଯାତ୍ରା ସମୟରେ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ, ଏନ୍‌ଏସ୍‌ଜି ଟିମ୍ ଏବଂ ଏନଏସଜି କ୍ୱିକ୍ ରେସପନ୍ସ ଟିମ୍‌ଗୁଡ଼ିକର ମୁତୟନ ଓ ରଣନୀତି ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ଚଳିତ ବର୍ଷ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଓଡ଼ିଶା ପୁଲିସ, ରେଳ ସୁରକ୍ଷା ବଳ ଏବଂ ଭାରତୀୟ ତଟରକ୍ଷୀ ବାହିନୀ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ମିଳିତ ଭାବେ କାର୍ଯ୍ୟ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ଜଳ, ସ୍ଥଳ ଏବଂ ଆକାଶମାର୍ଗରୁ ନଜର ରଖିବା, ଜନଗହଳି ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ନେଇ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ପୁରୀ ସହରରେ ଅପରାଧ ନିୟନ୍ତ୍ରଣ ପାଇଁ ସମସ୍ତ ଥାନା ଅଞ୍ଚଳରେ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ହୋଟେଲ, ଲଜ, ମଠ, ମନ୍ଦିର, ବସ ଷ୍ଟାଣ୍ଡ, ରେଳ ଷ୍ଟେସନ, ଶ୍ରମିକଙ୍କ ରହଣି ସ୍ଥଳ, ଧର୍ମଶାଳା ଆଦି ସ୍ଥାନ ଗୁଡିକରେ ତନ୍ନ ତନ୍ନ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଡିଜିପି ଶ୍ରୀ ଖୁରାନିଆ ରଥଯାତ୍ରା ସମୟରେ ସମସ୍ତ ସୁରକ୍ଷା ଓ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ତୃଣମୂଳ ସ୍ତରରୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ବରିଷ୍ଠ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର, ଗୁଇନ୍ଦା ନିର୍ଦ୍ଦେଶକ ଆର. ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଅତିରିକ୍ତ ନିର୍ଦ୍ଦେଶକ ରାଜେଶ ସୁବର୍ଣ୍ଣ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଜେଶ କୁମାର, ଆଇଜିପି ଅମିତେନ୍ଦ୍ର ନାଥ ସିହ୍ନା, ଆଇଜିପି ଡଃ ଦୀପକ କୁମାର, ଆଇଜିପି ଆଲୋକ ଭୋରା ଉପସ୍ଥିତ ଥିଲେ। ଆଇଜି ସତ୍ୟଜିତ ନାୟକ, ପୁରୀ ଏସପି ପ୍ରତୀକ ସିଂ ଆଭାସି ମାଧ୍ୟମରେ ଏହି ବୈଠକରେ ଯୋଗ ଦେଇଥିଲେ।




ରାଜ୍ୟସ୍ତରୀୟ ୭୭ ତମ ବନ ମହୋତ୍ସବ ଅବସରରେ କପିଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ

# ଶିଶୁ କନ୍ୟାକୁ ଝୁଣିଲେ ୨ ବୁଲା କୁକୁର



**ବ୍ରହ୍ମପୁର,୭।୭/ଏନ୍‌ଏନ୍‌ଏସ୍:** ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ମହାନାଳା ଗ୍ରାମର ସରସ୍ୱତୀ ଶିଶୁ ମନ୍ଦିରରେ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ପାଟପୁର ଗ୍ରାମର ପ୍ରମୋଦ ସାହୁଙ୍କ ଝିଅ ଖନ୍ସିରାଣୀ ସାହୁ(୬)ଙ୍କୁ ୨ ବୁଲା କୁକୁର ଝୁଣି ଖଣ୍ଡିଆ ଖାବରା କରି ପକାଇଥିବା ଜଣାପଡ଼ିଛି। ଖନ୍ସିରାଣୀଙ୍କୁ ଗୁରୁତର ଅବସ୍ଥାରେ ନିକଟସ୍ଥ ଆଡ଼ପଡ଼ା ଗ୍ରାମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ପରିବାର ଲୋକେ ତାଙ୍କୁ ଘରକୁ ନେଇଯାଇଥିବା ଜଣାପଡ଼ିଛି। ଅପରାହ୍ନ ପ୍ରାୟ ୧ଟାରେ ଘଣ୍ଟାଏ ଛୁଟିରେ ଖନ୍ସିରାଣୀ ପରିସ୍ରା ପାଇଁ ଶିଶୁ ମନ୍ଦିର ବାରି ପଟକୁ ଯାଇଥିଲେ। ସେଠାରେ ପ୍ରାୟ ୫/୬ଟି ବୁଲା କୁକୁର ଥିଲେ। ସେଥିରୁ ୨ଟି କୁକୁର ଆସି ତାଙ୍କୁ କାମୁଡି ଦେଇଥିଲେ। ଖନ୍ସିରାଣୀ ଚିତ୍କାର କରିବାରୁ କିଛି ଅଚାର୍ଯ୍ୟା ଦୌଡ଼ି ଯାଇ ତାଙ୍କୁ କୁକୁରଙ୍କ କବଳରୁ ଉଦ୍ଧାର କରିଥିଲେ। ଗତ ମେ ୨୫ ତାରିଖରେ ସେହି ମହାନଳା ଗ୍ରାମ ସାରଙ୍ଗ ବିହାର ଛକ ନିକଟରେ ଏକ ଭଡା ଘରେ ରହୁଥିବା ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡା ଗ୍ରାମର ବିଶିକେଶନ ଗୌଡ଼ଙ୍କ ଏକମାତ୍ର ପୁଅ ଆରୁଷ କୁମାର ଗୌଡ଼(୬)ଙ୍କୁ ୬ ବୁଲା କୁକୁର ଝୁଣି ଖଣ୍ଡିଆ ଖାବରା କରି ପକାଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ନିଆଯାଇଥିଲା ।

### କଲବଲ କରୁଛି କାଣୀ ନଦୀ

# କଣ୍ଟାପଡ଼ା ନିକଟରେ ୭୦ଫୁଟ ଲମ୍ବର ୨ ଘାଇ

**ଯାଜପୁର,୭।୭/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକରେ ପ୍ରବାହିତ ବୈତରଣୀ ଏବଂ ଶାଖା କାଣୀ ନଦୀରେ ବନ୍ୟା ସ୍ଥିତି ଅପରିବର୍ତ୍ତିତ ରହିଛି। ବୈତରଣୀ ନଦୀର ଉପର ମୁଣ୍ଡରେ ବନ୍ୟା ପାଣି ହ୍ରାସ ପାଇଥିଲେ ମଧ୍ୟ ତଳ ମୁଣ୍ଡରେ ବନ୍ୟା ପାଣି ମାଡ଼ିବାରେ ଲାଗିଛି। ମୁଖ୍ୟତଃ କାଣୀ ନଦୀ ଅବବାହିକାରେ ଥିବା କଣ୍ଟପଡା ନିକଟରେ ସୃଷ୍ଟି ୭୦ଫୁଟରୁ ଅଧିକ ଆକାରର ୨ଟି ଘାଇ ଯୋଗୁ ବ୍ଲକର ମଲ୍ଲୀକାପୁର, ଦୁଦୁରାଅନ୍ତା, ଶୁଶୁଆ, ମଙ୍ଗଳପୁର, କନିକାପଡା, ନିଜାମପୁର, ଦଉପୁର, ଖାନନଗର, କମାରଡିହି, କୟାଁ ପଂଚାୟତବାସୀଙ୍କ ଅବସ୍ଥା ଦୁର୍ବିସହ ହୋଇପଡ଼ିଛି। ସେହିପରି ବ୍ଲକର ଜୟନ୍ତରା, କଟିକଟା (ଆଂଶିକ) ପଞ୍ଚାୟତ ସମେତ ମୋଟ ୧୨ଟି ପଞ୍ଚାୟତରେ ଥିବା ପ୍ରାୟ ୨ହଜାର ହେକ୍ଟର ଚାଷଜମି ଜଳମଗ୍ନ ହୋଇପଡ଼ିଛି। ଏହି ସବୁ ଅଞ୍ଚଳର ଖରିଫ ଧାନ ଚାଷୀ ନିଜସ୍ୱ ଉଦ୍ୟମରେ ବିହନ କ୍ରୟ କରି ଧାନ ଚାଷ ପାଇଁ ତଳି ପକାଇଥିଲେ। ଏବେ ବନ୍ୟା ପାଣିରେ ବୁଡ଼ି ନଷ୍ଟ ହୋଇଯାଇଛି। ପୁନର୍ବାର ବିହନ କ୍ରୟ କରି ଧାନ ଚାଷ କରିବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡ଼ି ଥିବାରୁ



ସରକାରଙ୍କ ତରଫରୁ ଅଞ୍ଚଳର ଚାଷୀଙ୍କୁ ବିହନ ଯୋଗାଇ ଦେବାକୁ ଅନେକ ଚାଷୀ ଦାବି କରିଛନ୍ତି। କହିବାକୁ ଗଲେ ଚଳିତ ବର୍ଷ ବାରମ୍ବାର ବନ୍ୟା ଦଶରଥପୁର ବ୍ଲକର ନଦୀକୂଳିଆ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ତେବେ ଆଜି ସକାଳୁ ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳେଇ, ଏସଡିଓ ଅନ୍ତର୍ଯ୍ୟାମୀ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀ କଣ୍ଟାପଡା ଘାଇ ସମେତ ବୈତରଣୀ ଓ କାଣୀ ନଦୀର ସମ୍ଭାବିତ ଦୁର୍ବଳ ସ୍ଥାନ ନିରୀକ୍ଷଣ କରିଥିଲେ। ନଦୀବନ୍ଧର ଏକାଧିକ ଦୁର୍ବଳ ସ୍ଥାନରେ ଜଳସମ୍ପଦ ବିଭାଗ ପକ୍ଷରୁ ଯୁଦ୍ଧ କାଳୀନ ଭିତ୍ତିରେ ବାଲି ବସ୍ତା ମାଧ୍ୟମରେ ମରାମତି କରାଯାଉ ଥିବା ଦେଖିବାକୁ ମିଳିଥିଲା। କଣ୍ଟପଡ଼ା ଘାଇ ସମସ୍ୟା ଡ୍ରେନେଜ ବିଭାଗର ଅବହେଳା ବୋଲି ଜଳସମ୍ପଦ ବିଭାଗ ଅଧିକାରୀ ମାନେ ମତବ୍ୟକ୍ତ କରିଥିବା ବେଳେ ପୂର୍ବାହ୍ନରେ ଡ୍ରେନେଜ ବିଭାଗ

### ୨ହଜାର ହେକ୍ଟର ଚାଷଜମି ଜଳମଗ୍ନ

ଏସଡିଓ ଜୟ ପ୍ରକାଶ ସାହୁ କଣ୍ଟାପଡା ଘାଇ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ପରେ ବନ୍ୟା ପାଣି କମିବା ପରେ ସମ୍ପୃକ୍ତ ସ୍ଥାନରେ ଯୁଦ୍ଧକାଳୀନ ଭିତ୍ତିରେ ଘାଇ ମରାମତି କରାଯିବ ଏବଂ ଏହାର ସ୍ଥାୟୀ ସମାଧାନ ନିମନ୍ତେ ୨୪କୋଟି ଅର୍ଥ ମଞ୍ଜୁର ହୋଇସାରିଛି। ଟେଣ୍ଡର ମଧ୍ୟ ଫାଇନାଲ ହୋଇସାରିଛି। ଖୁବ ଶୀଘ୍ର ଏହି ନାଳକୁ ଖୋଲା ଯିବା ସହିତ ବନ୍ଧ ସୁଦୃଢ଼ୀକରଣ କରାଯିବ ବୋଲି ସ୍ଥାନୀୟ ବାସିନ୍ଦାଙ୍କୁ ସୂଚନା ଦେଇଥିଲେ।

### ତ୍ରୁଟିପୂର୍ଣ୍ଣ ବହି ପ୍ରସଙ୍ଗରେ ବିଜେଡିର ନିଷ୍ପତ୍ତି

# ୯ରୁ ୧୫ ରାଜ୍ୟବ୍ୟାପୀ ଶିକ୍ଷା ବଞ୍ଚାଓ ଅଭିଯାନ

**ଭୁବନେଶ୍ୱର,୭।୭/ଏନ୍‌ଏନ୍‌ଏସ୍:** ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ମାଳ ମାଳ ତ୍ରୁଟି ରହିଛି। ଏହା ବିରୁଦ୍ଧରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ରାଜରାସ୍ତାକୁ ଓହ୍ଲାଇ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ସ୍ଥିର କରାଯାଇଛି। ଜୁଲାଇ ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ଶିକ୍ଷା ବଞ୍ଚାଓ ଅଭିଯାନକୁ ନେଇ ରାଜ୍ୟବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସ୍ଥିର ହୋଇଛି।

ବିଜେଡି ପକ୍ଷରୁ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ସରକାର ବିରୁଦ୍ଧରେ ବର୍ଷିଛନ୍ତି। ଚାନ୍ଦବାଲି ବିଧାୟକ ତଥା ବରିଷ୍ଠ ସାଧାରଣ ସମ୍ପାଦକ ବ୍ୟୋମକେଶ ରାୟ, ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାନେତ୍ରୀ ଇପ୍ସିତା ସାହୁ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି ।

ବିଧାୟକ ଶ୍ରୀ ରାୟ କହିଛନ୍ତି ଯେ, ପାଠ୍ୟ ପୁସ୍ତକରେ ୨୦୦୦ରୁ ଅଧିକ ତ୍ରୁଟି ରହିଛି। ତ୍ରୁଟିପୂର୍ଣ୍ଣ ପୁସ୍ତକଗୁଡ଼ିକ ପ୍ରତ୍ୟାହାର କରିବା ନେଇ ସରକାରୀସ୍ତରରେ ଘୋଷଣା କରାଯାଇଥିଲା। କିନ୍ତୁ ତାହା ହେଲା ନାହିଁ। ଏହିଭଳି ପରିସ୍ଥିତିରେ ଛାତ୍ରଛାତ୍ରୀମାନଙ୍କ ଅଭିଭାବକ ମାନେ ପିଲାଙ୍କ ଭବିଷ୍ୟତ ନେଇ ଚିନ୍ତିତ ରହିଛନ୍ତି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପ୍ରାକ ଶିକ୍ଷାର ସମୟ ଥିବା ବେଳେ ତାହା ଭୁଶୁଡ଼ି ପଡ଼ିଲାଣି। ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରତ୍ୟାହାର କରି ନୂତନ ପୁସ୍ତକ ପ୍ରଦାନ କରିବା ନେଇ ବିଜୁ ଯୁବ ଓ ଛାତ୍ର ଜନତା ଦଳର ବାରମ୍ବାର ଆନ୍ଦୋଳନ ପରେ ବି ପଦକ୍ଷେପ ଶୂନ୍ୟ ରହିଛି। ସେହିପରି ଚିନ୍ମୟ ସାହୁ କହିଛନ୍ତି ଯେ, ତ୍ରୁଟିକୁ ଲୁଚାଇବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଲୋକଙ୍କୁ ଠକିବାରେ ଲାଗିଛନ୍ତି। ତ୍ରୁଟିକୁ ଶିକ୍ଷା ମନ୍ତ୍ରୀ ଖଣ୍ଡନ କରିବା ବେଳେ ସଚିବ ଅନ୍ୟ ପ୍ରତିକ୍ରିୟା ଦେଉଛନ୍ତି। କାହାରି କଥାରେ ସାମଞ୍ଜସ୍ୟ ରହୁନାହିଁ। ଏନେଇ ପଦକ୍ଷେପ ଗ୍ରହଣ ନକରିବା ପର୍ଯ୍ୟନ୍ତ ବିଜେଡି ଆନ୍ଦୋଳନ ଜାରି ରଖିବ ବୋଲି କହିଛନ୍ତି। ଯାହାକୁ ନେଇ ରାଜ୍ୟବ୍ୟାପୀ ବିରାଟ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଇପ୍ସିତା ସାହୁ କହିଛନ୍ତି ଯେ, ପିଲାଙ୍କ ଭବିଷ୍ୟତ ନେଇ ବିଜେପି ସରକାରଙ୍କ ଚକ୍ରାନ୍ତ ବିରୁଦ୍ଧରେ ବିଜେଡି ଲଢ଼େଇ ଜାରି ରଖିବ।

### ସଡ଼କ ଦୁର୍ଘଟଣା ହ୍ରାସ ପାଇଁ କଠୋର ଆଭିମୁଖ୍ୟ

# ଫିଟ୍‌ନେସ୍ ନିୟମ ଉଲ୍ଲଙ୍ଘନ କଲେ ଜବତ ହେବ ଗାଡ଼ି

**ଭୁବନେଶ୍ୱର,୭।୭/ଏନ୍‌ଏନ୍‌ଏସ୍:** ସଡ଼କ ଦୁର୍ଘଟଣା ହ୍ରାସ ତଥା ସମସ୍ତ ସଡ଼କ ବ୍ୟବହାରକାରୀଙ୍କୁ ସୁରକ୍ଷାକୁ ଦୃଷ୍ଟିରେ ରଖି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ ଜାରି ରହିଛି। ତେବେ ଅଭ୍ୟାସଗତ ନିୟମ ଉଲ୍ଲଙ୍ଘନକାରୀ ଓ ସଡ଼କ ସୁରକ୍ଷା ନିୟମ ପାଳନକୁ ନେଇ ଗୁରୁତର ତ୍ରୁଟି କରୁଥିବା ଗାଡ଼ି ଗୁଡ଼ିକୁ ଅଙ୍କୁଶ ଲଗାଇବାକୁ ଆଭିମୁଖ୍ୟକୁ ଆହୁରି କଠୋର କରିବାକୁ ନିଷ୍ପତ୍ତି ହୋଇଛି। ଏଭଳି ଗାଡ଼ିକୁ କେବଳ ଜରିମାନା ଲାଗୁ କରି ଛାଡ଼ିଦେବା ବଦଳରେ ମୋଟର ଯାନ ନିୟମ ଅନୁଯାୟୀ ଜବତ କରିବା ଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି। ଏହି ସନ୍ଦର୍ଭରେ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଓ ଏନ୍‌ଫୋର୍ସମେଣ୍ଟ ଅଧିକାରୀଙ୍କୁ ସର୍କୁଲାର ଜାରି କରି ଅବଗତ କରାଇଛି ରାଜ୍ୟ ପରିବହନ ପ୍ରାଧିକରଣ। ଏଥିରେ ଦର୍ଶାଯାଇଛି ଯେ, ଗତ ଏପ୍ରିଲ ପହିଲାରୁ ୩୦ ଜୁନ୍ ୨୦୨୬ ମଧ୍ୟରେ ହୋଇଥିବା ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟର ସମୀକ୍ଷାରୁ ଜଣାପଡ଼ିଛି ଯେ, ନିୟମ ଉଲ୍ଲଙ୍ଘନ କରି ଚଳାଚଳ କରୁଥିବା ମୋଟର ଯାନଗୁଡ଼ିକ ବିରୋଧରେ ମୋଟର ଯାନ ଆଇନର ଧାରା ୧୯୨ ଅଧୀନରେ ଅନେକ ଚାଲାଣ ଜାରି ହୋଇଥିଲେ ସୁଦ୍ଧା ଧାରା



୨୦୭ ଅନୁଯାୟୀ ଗାଡ଼ି ଜବତ ସଂଖ୍ୟା କମ୍ ରହିଛି। ଏହି ସମୟରେ ସାରା ରାଜ୍ୟରେ ୧,୬୪,୮୮୨ ଚାଲାଣ ଜାରି ହୋଇଥିବା ବେଳେ ମାତ୍ର ୪୨୮ ଟି ଗାଡ଼ି ଜବତ ହୋଇଛି। କେବଳ ଚାଲାଣ ଜାରି କରି ଅଯୋଗ୍ୟ ଏବଂ ଅନୁପଯୁକ୍ତ ଗାଡ଼ିକୁ ଛାଡ଼ିଦେବା ଦ୍ୱାରା ସଡ଼କ ସୁରକ୍ଷା ଉଦ୍ଦେଶ୍ୟ ସାଧିତ ହେଉନାହିଁ। ଏଭଳି ଅନୁପଯୁକ୍ତ ଗାଡ଼ି ଗୁଡ଼ିକ ବିନା ଉଚିତ୍ ସୁଧାରରେ ପୁଣି ଥରେ ରାସ୍ତାକୁ ଆସୁଛନ୍ତି। ଏହି ବେଆଇନ ଗାଡ଼ି ଚଳାଚଳ ଯୋଗୁଁ ଅନେକ ସମୟରେ ମର୍ମନ୍ତୁଦ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ତେଣୁ ଏଣିକି ଯଦି କୌଣସି ଗାଡ଼ି ଫିଟନେସ୍ ବିନା ଗାଡ଼ି ଚଳାଉଛନ୍ତି, ତେବେ ସେମାନଙ୍କ ବିରୋଧରେ କଠୋର ଆଭିମୁଖ୍ୟ ସ୍ୱରୂପ ଗାଡ଼ି ଜବତ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ସେହିଭଳି ପଞ୍ଜିକରଣ, ପରମିଟ୍ କିମ୍ବା ବୀମା ନିୟମ ଉଲ୍ଲଙ୍ଘନ କ୍ଷେତ୍ରରେ ମଧ୍ୟ କଡ଼ା ଆଭିମୁଖ୍ୟ ପୋଷଣ କରିବା ପାଇଁ କୁହାଯାଇଛି। ତେବେ ଏହି ପଦକ୍ଷେପରେ ପାରଦର୍ଶିତା ଲାଗି କୁହାଯାଇଛି ଯେ, ଯଦି ଏଭଳି କୌଣସି ଗାଡ଼ିକୁ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଜବତ କରନ୍ତି କିମ୍ବା ନ କରନ୍ତି, ଉଭୟ କ୍ଷେତ୍ରରେ ସେମାନେ କାର୍ଯ୍ୟାନୁଷ୍ଠାନର ଉଚିତ୍ କାରଣ ଦର୍ଶାଇବେ। ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ କୌଣସି ବି ଅଧିକାରୀ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ନରମ ଆଭିମୁଖ୍ୟ ପୋଷଣ ନ କରିବାକୁ କୁହାଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ କୁହାଯାଇଛି ଯେ, ସଡ଼କ ଦୁର୍ଘଟଣା ହ୍ରାସକୁ ମିଶନ ଭାବରେ ଗ୍ରହଣ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ନିୟମ ଉଲ୍ଲଙ୍ଘନକାରୀଙ୍କ ଯୋଗୁଁ ନିରୀହ ଜୀବନ ଅକାଳରେ ଚାଲିଯାଉଛି। ବିନା ଫିଟ୍‌ନେସ୍ ଗାଡ଼ି ଯୋଗୁଁ ଦୁର୍ଘଟଣା ବଢୁଛି। ତେବେ ଏହି ବିନା ଫିଟ୍‌ନେସ୍ ଗାଡ଼ି ଚଳାଚଳ ଚିତ୍ରରେ ସୁଧାର ପାଇଁ ଆହୁରି କଡ଼ା ଆଭିମୁଖ୍ୟ ଗ୍ରହଣର ଆବଶ୍ୟକତା ରହିଛି।

### ସଂସ୍କୃତ ବିଦ୍ୱାନମାନଙ୍କୁ ରାଜ୍ୟପାଳଙ୍କ ଆହ୍ୱାନ

# ଏଆଇ-ଚାଳିତ ନବସୃଜନରେ ଅଗ୍ରଣୀ ଭୂମିକା ଗ୍ରହଣ କରନ୍ତୁ

### ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ୪୬ତମ ପ୍ରତିଷ୍ଠା ଦିବସ

**ପୁରୀ, ଭୁବନେଶ୍ୱର,୭।୭/ଏନ୍‌ଏନ୍‌ଏସ୍:** ସଂସ୍କୃତ ବିଦ୍ୱାନମାନେ ଏଆଇ-ଚାଳିତ ନବସୃଜନରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ମଙ୍ଗଳବାର ପୁରୀସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ୪୬ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ ଛାତ୍ରଛାତ୍ରୀମାନଙ୍କୁ ଭାରତର ସମୃଦ୍ଧ ଜ୍ଞାନ ଐତିହ୍ୟକୁ ସଂରକ୍ଷଣ କରିବା ସହିତ କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ଡିଜିଟାଲ୍ ପ୍ରଯୁକ୍ତି ଏବଂ ବୈଜ୍ଞାନିକ ଗବେଷଣାରେ ନବସୃଜନ ଆଣିବା ପାଇଁ ସଂସ୍କୃତର ସମ୍ଭାବନାକୁ ଉପଯୋଗ କରିବାକୁ ପ୍ରୋତ୍ସାହିତ କରିଥିଲେ। ଏଥି ସହିତ ଛାତ୍ରଛାତ୍ରୀ ପ୍ରାଚୀନ ପାଣ୍ଡୁଲିପି ଗବେଷକ, ଡିଜିଟାଲ୍ ଅଭିଲେଖର ଉଦ୍ଭାବକ , ଏଆଇ ବିଶେଷଜ୍ଞ, ପାରମ୍ପରିକ ବିଜ୍ଞାନରେ ବିଦ୍ୱାନ ଏବଂ ସାଂସ୍କୃତିକ ଦୂତ ଭାବରେ ନିଜକୁ ଗଢ଼ି ତୋଳିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ।

ରାଜ୍ୟପାଳ କହିଥିଲେ ଯେ, ହଜାର ହଜାର ଅମୂଲ୍ୟ ସଂସ୍କୃତ ପାଣ୍ଡୁଲିପି ଏପର୍ଯ୍ୟନ୍ତ ଅଧ୍ୟୟନ, ସଂରକ୍ଷଣ, ଡିଜିଟାଇଜେସନ୍ ଏବଂ ଅନୁବାଦ ହୋଇନାହିଁ। ଏଗୁଡ଼ିକ ବିଶ୍ୱର ଉପକାର ପାଇଁ ବିଶାଳ ଜ୍ଞାନ ଭଣ୍ଡାର ଅଟେ। ସଂସ୍କୃତକୁ କେବଳ ପ୍ରାଚୀନ ନୁହେଁ ବରଂ ଏକ "ଶାଶ୍ୱତ ଭାଷା" ବୋଲି ବର୍ଣ୍ଣନା କରିଥିଲେ। ଗତ ୪୬ ବର୍ଷ ଧରି ଏହି ବିଶ୍ୱବିଦ୍ୟାଳୟ ବିଶ୍ୱର ସର୍ବପ୍ରାଚୀନ ଜ୍ଞାନ ପରମ୍ପରାକୁ




ସଂରକ୍ଷଣ ଓ ପ୍ରଚାର-ପ୍ରସାର କରିବାରେ ପ୍ରଶଂସନୀୟ ଅବଦାନ ରଖିଛି। ଓଡ଼ିଶାର ସଭ୍ୟତାଗତ ଐତିହ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥ କୈନ୍ଦ୍ରିକ ଏବଂ ଏହା ସମାନତା, ଅନ୍ତର୍ଭୁକ୍ତି ଏବଂ ବିଶ୍ୱ ଭ୍ରାତୃତ୍ୱର ଆଦର୍ଶକୁ ପ୍ରତିଫଳିତ କରେ ଯାହା ବିଶ୍ୱବିଦ୍ୟାଳୟକୁ ଏହି ଐତିହ୍ୟର ଉପଯୁକ୍ତ ସଂରକ୍ଷକ ଭାବେ ଗଢ଼ିଛି ବୋଲି ରାଜ୍ୟପାଳ କହିଥିଲେ। ଏହି ଅବସରରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରେଜିଷ୍ଟ୍ରାର ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା ୨୦୨୫-୨୬ ବର୍ଷର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ପିଜି କାଉନ୍ସିଲ ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ମଧ୍ୟ ଏହି ସମାରୋହରେ ଉପସ୍ଥିତ ଥିଲେ।

ମଞ୍ଚରେ ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ପୂର୍ବତନ କାର୍ଯ୍ୟବାହୀ କୁଳପତି ପ୍ରଫେସର ଦତ୍ତାତ୍ରେୟ ମୂର୍ତ୍ତି ଏବଂ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଉପସ୍ଥିତ ରହି ନିଜ ମତାମତ ପ୍ରକାଶ କରିଥିଲେ। ଏହି ଅବସରରେ ସର୍ବଦର୍ଶନ ବିଭାଗର ଅବସରପ୍ରାପ୍ତ ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅବସରପ୍ରାପ୍ତ ଅଣଶିକ୍ଷକ କର୍ମଚାରୀ ହରିହର ପ୍ରଧାନ, ଶୋଭାବତୀ ମାନସିଂହ, ସୁବର୍ଣ୍ଣ ମାରାଣ୍ଡି, ସୁରେନ୍ଦ୍ର ବିଶୋଇ ଏବଂ ଜଗନ୍ନାଥ ପାତ୍ରଙ୍କୁ କୁଳାଧିପତି ସମ୍ମାନିତ କରିଥିଲେ। କୁଳାଧିପତିଙ୍କ କରକମଳରେ ବିଶ୍ୱବିଦ୍ୟାଳୟର ମୁଖପତ୍ର 'ଶ୍ରୀବିହାରଭାରତୀ' ଏବଂ ଗବେଷଣା ପତ୍ରିକା 'ଜଗନ୍ନାଥଜ୍ୟୋତିଃ' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ବିଭାଗର ମେଧାବୀ ଛାତ୍ରଛାତ୍ରୀଙ୍କୁ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମେଧାବୀ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଜ୍ୟୋତିର୍ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀଙ୍କୁ ପ୍ରଦୀପ କୁମାର ଦାସ ଓ ପ୍ରେମାମଞ୍ଜରୀ ଦେବୀ ଛାତ୍ରବୃତ୍ତି ଏବଂ ନୀଳକଣ୍ଠ ଉଦଗାତା ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରିଚାଳିତ ଶାସ୍ତ୍ରୀ (+୩) ପରୀକ୍ଷାରେ ସର୍ବାଧିକ ନମ୍ବର ହାସଲ କରିଥିବା ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟର ବ୍ୟାକରଣ ବିଭାଗର ଛାତ୍ରୀ ସୁଶ୍ରୀ ମୋନାଲି ଆଚାର୍ଯ୍ୟଙ୍କୁ 'ବଂଶୀଧର ଓ ବସନ୍ତମଞ୍ଜରୀ ସମ୍ମାନ' ପ୍ରଦାନ କରାଯାଇଥିଲା। ତତ୍ସହିତ ଶିକ୍ଷାଶାସ୍ତ୍ର ବିଭାଗର ମେଧାବୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଜାତୀୟ ସେବା ଯୋଜନା (ଏନ୍.ଏସ୍.ଏସ୍.) ପକ୍ଷରୁ ଅନିଲ କୁମାର ମହାନ୍ତିଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବକ ଏବଂ ସୁଜାତା ଦାସଙ୍କୁ ଶ୍ରେଷ୍ଠ ଜାତୀୟ ସେବା ଯୋଜନା ଅଧିକାରୀ ଭାବେ ସମ୍ମାନିତ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ଡ. ରାଧାକାନ୍ତ ପଣ୍ଡା ଏବଂ ଡ. ନିବେଦିତା କର ସଂଯୋଜନା କରିଥିବା ବେଳେ ବିଶ୍ୱବିଦ୍ୟାଳୟର ମିଡିଆ ସେଲ୍‌ର ଡ. ସସ୍ମିତା ବନ୍ଦର ନାୟକ, ଡ. ସୁଶାନ୍ତ ଶତପଥୀଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

# ରମାଦେବୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଉତ୍ତେଜନା




**ଭୁବନେଶ୍ୱର,୭।୭/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱର ସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ମଙ୍ଗଳବାର ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। କ୍ୟାମ୍ପସ ଭିତରକୁ ଅଣଛାତ୍ରଛାତ୍ରୀ ପ୍ରବେଶକୁ ବିରୋଧ କରି ବିଶ୍ୱବିଦ୍ୟାଳୟର ଛାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏପରିକି ଛାତ୍ରୀମାନେ ବିଶ୍ୱବିଦ୍ୟାଳୟର ସମସ୍ତ ଗେଟ୍‌ରେ ତାଲା ପକାଇ ପ୍ରତିବାଦ କରିଛନ୍ତି। ସ୍ଥିତି ନିୟନ୍ତ୍ରଣ ପାଇଁ ଘଟଣାସ୍ଥଳରେ ୩ ପ୍ଲାଟୁନ ପୋଲିସ ଫୋର୍ସ ମୃତୟନ କରାଯାଇଛି। ତେବେ ବ୍ୟାନର କାଢ଼ିବାକୁ ନେଇ ବିଶ୍ୱବିଦ୍ୟାଳୟରେ ଗଣ୍ଡଗୋଳ ହୋଇଥିଲା। ଏହାକୁ କେନ୍ଦ୍ର କରି କିଛି ଅଣଛାତ୍ର କ୍ୟାମ୍ପସ ମଧ୍ୟକୁ ପ୍ରବେଶ କରି କୁଳପତିଙ୍କ ଅଫିସ ଆଗରେ ଗଣ୍ଡଗୋଳ କରିଥିଲେ। ଏହି ଘଟଣାରେ ୧୨ ଅଣଛାତ୍ରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁଳପତି ଜ୍ୟୋସ୍ନା କେ. ବି. ରାଉତ କହିଛନ୍ତି। କୁଳପତିଙ୍କ କହିବା ଅନୁଯାୟୀ ଆଜି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ହୋଇଥିଲା। ଆମେ ସମାଧାନ କରିଥିଲୁ । ଏହା ପରେ କୁଳପତି ଭାବେ ଜଣେ ମୋତେ ଦେଖା କରିବାକୁ ଅନୁମତି ମାଗିଥିଲେ, ହେଲେ ଏକକାଳୀନ ଭାବେ ୧୨ ଜଣ କ୍ୟାମ୍ପସ ମଧ୍ୟକୁ ପ୍ରବେଶ କରିଥିଲେ। ଏହାସହ କୁଳପତିଙ୍କ ଅଫିସ ଆଗରେ ଗଣ୍ଡଗୋଳ କରିବା ସହ ଅସଭ୍ୟ ଭାଷାର ବ୍ୟବହାର କରିଥିଲେ। ଏହାକୁ କୁଳପତି ଭାବେ ବାରଣ କରିବା ପରେ ମଧ୍ୟ ସେମାନେ ଏହାକୁ ମାନିନଥିଲେ। କିଛି ସମୟ ପାଇଁ ବିଶ୍ୱବିଦ୍ୟାଳୟରେ ଅଶାନ୍ତ ପରିବେଶ ସୃଷ୍ଟି କରିଥିଲା। ଏହାକୁ ଆମେ ଦୃଢ଼ ନିନ୍ଦା କରୁଛୁ। ଏହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରିଛି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ । ବର୍ତ୍ତମାନ ଏହି ଘଟଣାକୁ ନେଇ ଅନ୍ତରୀଣ ସ୍ତରରେ ବୈଠକ ହୋଇଛି । ଏହାକୁ ନେଇ ପୁଲିସକୁ ଲିଖିତ ଅଭିଯୋଗ କରାଯିବ ବୋଲି କହିଛନ୍ତି କୁଳପତି ଜ୍ୟୋସ୍ନା କେ. ବି.ରାଉତ।

## ପରିବେଶପ୍ରେମୀଙ୍କ ଦ୍ୱାରା ବୃକ୍ଷରୋପଣ



**ବ୍ରହ୍ମପୁର,୭।୭/ଏନ୍‌ଏନ୍‌ଏସ୍:** ଗୋଷଣିଁ ନୂଆଗାଁ ବାଳିକା ବିଦ୍ୟାଳୟ ପରିସରରେ ବୃକ୍ଷ ପ୍ରେମୀ ସୁବାଷ ଚନ୍ଦ୍ର ମହାରଣାଙ୍କ ତତ୍ତ୍ୱାବଧାନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଆଥିତି ପୂର୍ବତନ ଏମପି ଚନ୍ଦ୍ର ଶେଖର ସାହୁ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚାୟୁ ପଟ୍ଟନାୟକ, ଅନୀଲ କୁମାର ସାହୁ, ଧୀରଜ ସାବତ, ମୁକୁନ୍ଦ ଗୌଡ଼, ବିଟୁ ଦଳେଇ, ଶଙ୍କର ବେହେରା, ପ୍ରଫେସର ଅମୁଲ୍ୟ ତ୍ରିପାଠୀ, ସିମାଞ୍ଚଳ ବେହେରା, ପଙ୍କଜ ସାବତ,କୈଳାସ ପଟ୍ଟନାୟକ, ଋଷିକେଶ, ମୋନୋଜ୍ ରାଉଳ, ଜେ ରାମାରାଓ, ପ୍ରଭାକର ମହାନ୍ତି, ଅରୁଣ ମିଶ୍ର, ଜିତେନ୍ଦ୍ର ପଟ୍ଟନାୟକ, ନାଗେଶ୍ୱର ରାଓ ଦୋରା, ଏନ ରାମ ପ୍ରସାଦ ରାଓ ଏବଂ ସମସ୍ତ ସ୍କୁଲର ଶିକ୍ଷୟତ୍ରୀ, ଛାତ୍ରୀ ସମେତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ ।

### ଅଧାରେ ଅଟକିଛି ଗୋଲିଆ ଗାଁ ମୁଖ୍ୟ ରାସ୍ତାକଡ ଡ୍ରେନ୍

## ବର୍ଷାରେ ଘରେ ପଶୁଛି ନର୍ଦ୍ଦମା ପାଣି



**ବୁଗୁଡ଼ା,୭।୭/ଏନ୍‌ଏନ୍‌ଏସ୍:** ବୁଗୁଡ଼ା ବ୍ଲକର ଗୋଲିଆ ଗ୍ରାମର ମୁଖ୍ୟ ସଡକ କଡସ୍ଥ ଡ୍ରେନ କାମ ଅଧାରେ ଅଟକି ଯାଇଛି । ଡ୍ରେନ ଅଟକିଥିବା ସ୍ଥଳଟି ଆବର୍ଜନା କୁଣ୍ଡରେ ପରିଣତ ହୋଇଛି । ଲୋକେ ମଧ୍ୟ ଅନ୍ୟାନ୍ୟ ଆବର୍ଜନା ସାଙ୍ଗକୁ ମଲା କୁକୁର ଓ ବିଲେଇ ଆଣି ସେଠାରେ ପକାଇ ଦେଇ ଚାଲିଯାଉଛନ୍ତି । ଫଳରେ ସେହି ରାସ୍ତାକଡ ଆବର୍ଜନାସ୍ଥଳ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି । ଦୁର୍ଗନ୍ଧରେ ଲୋକଙ୍କ ନାକ ଫାଟି ପଡୁଥିବା ବେଳେ ଆଖପାଖରେ ଥିବା ଘରଲୋକେ ଅଣନିଶ୍ୱାସୀ ହୋଇପଡୁଛନ୍ତି । ଅନ୍ୟପକ୍ଷରେ ବର୍ଷା ହେଲେ ନର୍ଦ୍ଦମା ଜଳ ଆବର୍ଜନା ସହ ରାସ୍ତାରେ ଭାସୁଛି ଏବଂ ନିକଟରେ ଥିବା ଲୋକଙ୍କ ଘର ମଧ୍ୟକୁ ପ୍ରବେଶ କରୁଛି । ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବା ଏହି ସମସ୍ୟା ପ୍ରତି କୌଣସି ନିର୍ବାଚିତ ଜନପ୍ରତିନିଧି ମଧ୍ୟ ଧ୍ୟାନ ଦେଉନାହାନ୍ତି । ଏଣୁ , ଲୋକଙ୍କ କଲ୍ୟାଣକଳ୍ପେ ସେହି ରାସ୍ତାକଡରୁ ଆବର୍ଜନା ନିଷ୍କାସନ ସହ ଅଧାରେ ଅଟକିଥିବା ଡ୍ରେନକୁ ଆଗକୁ ବଢାଇ ଯଥାଶୀଘ୍ର ଏହି ସମସ୍ୟର ପ୍ରତିକାର ବ୍ୟବସ୍ଥା ନିମନ୍ତେ ସାଧାରଣରେ ଦାବି ହେଉଛି ।

### ଦାଦା ବଟି ଯୋଜନା ପଣ୍ଡ

## ୨ ପିସ୍ତଲ ସହ ୪ ଗିରଫ



**ବ୍ରହ୍ମପୁର,୭।୭/ଏନ୍‌ଏନ୍‌ଏସ୍:** ଗଞ୍ଜାମ ଜିଲା ଭଞ୍ଜନଗର ପୁଲିସ ଏକ ବଡ଼ଧରଣର ଅପରାଧୀ ଗୋଷ୍ଠୀକୁ କାବୁ କରିବାରେ ସକ୍ଷମ ହୋଇଛି । ପୁଲିସ ଦାଦା ବଟି ମାଗିବା ଯୋଜନା କରିବା ଅଭିଯୋଗରେ ୪ ଜଣକୁ ମଙ୍ଗଳବାର ଗିରଫ କରିଛି । ଏଥିସହ ସେମାନଙ୍କ ଠାରୁ ଦୁଇଟି ପିସ୍ତଲ ସହ ୨ ରାଉଣ୍ଡ ଗୁଳି ଜବତ ହୋଇଛି । ଗିରଫ ଅଭିଯୁକ୍ତମାନେ ହେଲେ ପିଣ୍ଟୁ ସେଠୀ, ଅନୀଲ ସାଇଁ, ବାଳକୃଷ୍ଣ ବିଷୋୟୀ ଓ ସୁବାଷ ଚନ୍ଦ୍ର ପାଢ଼ୀ । ଭଞ୍ଜନଗର ଏସଡିପିଓ ଡ. ଦୀପକ କୁମାର ମିଶ୍ର ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି । ଏହି ସମୟରେ ଥାନା ଅଧିକାରୀ ଜୀବନାନନ୍ଦ ଜେନା, ଏସ ଆଇ ସମୀର କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଘଟଣାରୁ ପ୍ରକାଶ ଯେ ଅଭିଯୁକ୍ତମାନେ ମଳସାପଦର ରାସ୍ତାରେ ଦାଦା ବଟି କାହାକୁ ମାଗିବା ପାଇଁ ଯୋଜନା କରିଥିଲେ । ଏନେଇ ପୋଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ କାବୁ କରିଥିଲେ ।

### ବିଏମ୍‌ସିର ବୁଲା କୁକୁର ନିୟନ୍ତ୍ରଣ ଅଭିଯାନ

# ୨୫୮୬ କୁକୁରଙ୍କ ସଫଳ ବନ୍ଧ୍ୟାକରଣ

**ବ୍ରହ୍ମପୁର,୭।୭/ଏନ୍‌ଏନ୍‌ଏସ୍:** ଦ୍ରୁତ ସହରୀକରଣ ସହ ବୁଲା କୁକୁରଙ୍କ ସଂଖ୍ୟା ବୃଦ୍ଧି ଏକ ସାମାଜିକ ଓ ଜନସ୍ୱାସ୍ଥ୍ୟ ଗତ ଚ୍ୟାଲେଞ୍ଜରେ ପରିଣତ ହୋଇଥିବାବେଳେ, ଏହାର ସ୍ଥାୟୀ ସମାଧାନ ଦିଗରେ ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି)କୁ ସଫଳତା ମିଳିବାରେ ଲାଗିଛି । ଚଳିତ ବର୍ଷ ଜାନୁଆରୀ ୧୬ରୁ ଆରମ୍ଭ ହୋଇଥିବା ବୁଲା କୁକୁର ବନ୍ଧ୍ୟାକରଣ ଓ ରେବିସ୍ ଟିକାକରଣ ଅଭିଯାନରେ ୧୬୫ ଦିନ ମଧ୍ୟରେ ୨୫୮୬ଟି କୁକୁରଙ୍କ ବନ୍ଧ୍ୟାକରଣ ସଫଳତାର ସହ ସମ୍ପନ୍ନ ହୋଇଛି । ସେଥିମଧ୍ୟରୁ ୧୪୦୮ଟି ପୁରୁଷ ଓ ୧୧୭୮ଟି ମହିଳା କୁକୁର ରହିଛନ୍ତି । ଏହା ସମୁଦାୟ ଲକ୍ଷ୍ୟର ପ୍ରାୟ ୪୯ ପ୍ରତିଶତ । ବିଏମ୍‌ସି ସୂତ୍ରରୁ ପ୍ରକାଶ ଯେ, ପ୍ରତ୍ୟେକ କୁକୁରଙ୍କ ବନ୍ଧ୍ୟାକରଣ ପରେ ସେମାନଙ୍କୁ ୩ରୁ ୪ ଦିନ ପର୍ଯ୍ୟନ୍ତ ପଶୁ ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ରଖାଯାଇ ଆବଶ୍ୟକ ଚିକିତ୍ସା



ଓ ପରିଚର୍ଯ୍ୟା କରାଯାଉଛି । ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ସେମାନଙ୍କୁ ଯେଉଁ ଅଞ୍ଚଳରୁ ଧରାଯାଇଥିଲା ସେହି ସ୍ଥାନରେ ପୁନର୍ବାର ଛାଡ଼ି ଦିଆଯାଉଛି । ଏହି ପ୍ରକ୍ରିୟା ପ୍ରାଣୀ କଲ୍ୟାଣ ସହ ସହରର ପରିବେଶ ସନ୍ତୁଳନ ବଜାୟ ରଖିବାରେ ମଧ୍ୟ ସହାୟକ ହେଉଛି । ପୂର୍ବ ସର୍ଭେ ଅନୁସାରେ ବ୍ରହ୍ମପୁର ସହରରେ ପ୍ରାୟ ୫,୩୦୦ରୁ ଅଧିକ ବୁଲା କୁକୁର ଥିବା ଆକଳନ କରାଯାଇଥିଲା । ସେହି ଅନୁଯାୟୀ ଏକ ବର୍ଷ ମଧ୍ୟରେ ସମସ୍ତ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ସମ୍ପନ୍ନ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ବର୍ତ୍ତମାନର ଅଗ୍ରଗତିକୁ ଦେଖି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଲକ୍ଷ୍ୟ ପୂରଣ ହେବ ବୋଲି ପ୍ରଶାସନ ଆଶାବାଦୀ ରହିଛି । ମେୟର ସଂଘମିତ୍ରା ଦଳେଇ କହିଛନ୍ତି ଯେ, ବୁଲା କୁକୁରଙ୍କୁ କ୍ଷତି ନ ପହଞ୍ଚାଇ ବନ୍ଧ୍ୟାକରଣ ଓ ରେବିସ୍ ଟିକାକରଣ ଭଳି ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରିବା ହିଁ ଏହି ସମସ୍ୟାର ସ୍ଥାୟୀ ସମାଧାନ । ବିଇଏମ୍‌ସି କମିଶନର ଏ. ଶଯ୍ୟା ରେଡ୍ଡୀ କହିଛନ୍ତି ଯେ, ବନ୍ଧ୍ୟାକରଣ ଓ ରେବିସ୍ ଟିକାକରଣ କେବଳ କୁକୁରଙ୍କ ସଂଖ୍ୟା ନିୟନ୍ତ୍ରଣରେ ସହାୟକ ନୁହେଁ, ବରଂ ଜନସ୍ୱାସ୍ଥ୍ୟ ସୁରକ୍ଷା ଏବଂ ମଣିଷ ଓ ପଶୁ ସହାବସ୍ଥାନକୁ ସୁଦୃଢ଼ କରିବାରେ ମଧ୍ୟ ଏହା ଏକ ଫଳପ୍ରଦ ପଦକ୍ଷେପ । ଏହି ଅଭିଯାନର ସଫଳତା ପାଇଁ ସହରବାସୀଙ୍କ ସଚେତନ ସହଯୋଗ ଓ ସକାରାତ୍ମକ ଭୂମିକା ନିହାତି ଆବଶ୍ୟକ ବୋଲି ସେ କହିଛନ୍ତି । ପଶୁ ଚିକିତ୍ସା ବିଶେଷଜ୍ଞ ଡ଼. ସତ୍ୟନାରାୟଣ କରଙ୍କ ମତରେ, ବୁଲା କୁକୁରଙ୍କ ସଂଖ୍ୟା ନିୟନ୍ତ୍ରଣ ପାଇଁ ବନ୍ଧ୍ୟାକରଣ ଓ ରେବିସ୍ ଟିକାକରଣ ସବୁଠାରୁ ବୈଜ୍ଞାନିକ, ମାନବିକ ଓ ଦୀର୍ଘସ୍ଥାୟୀ ଉପାୟ । ଏହାଦ୍ୱାରା କୁକୁରଙ୍କ ସଂଖ୍ୟା ନିୟନ୍ତ୍ରଣରେ ରହୁଥିବାବେଳେ ଅନ୍ୟପଟେ ରେବିସ୍ ସଂକ୍ରମଣର ଆଶଙ୍କା ମଧ୍ୟ ହ୍ରାସ ପାଏ । ତେଣୁ ବିଏମ୍‌ସିର ଏହି ପଦକ୍ଷେପ ପ୍ରଶଂସନୀୟ ବୋଲି କହିଛନ୍ତି । ଯାଞ୍ଚ କମିଟି ପକ୍ଷରୁ ଆଜି ବନ୍ଧ୍ୟାକରଣ କେନ୍ଦ୍ର ପରିଦର୍ଶନ କରାଯାଇଥିଲା । କମିଟିର ଅଧ୍ୟକ୍ଷ ତଥା ମୁଖ୍ୟ ଜିଲ୍ଲା ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡ଼. ଅଞ୍ଜନ ଦାସଙ୍କ ସହ ଡ଼. ଭବାନୀ ଶଙ୍କର ଶତପଥୀ, ଡ଼. ସତ୍ୟନାରାୟଣ କର, ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା, ଆସିଷ୍ଟାଣ୍ଟ କମିଶନର ବିଭୂ ପ୍ରସାଦ ମହାପାତ୍ର, ରାଜ୍ୟ ପଶୁ କଲ୍ୟାଣ ବୋର୍ଡର ପ୍ରତିନିଧି ଲଲାଟେନ୍ଦୁ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ । ବନ୍ଧ୍ୟାକରଣ ସମୟରେ ବାହାର କରାଯାଇଥିବା ଅଙ୍ଗଗୁଡ଼ିକୁ ନିର୍ଦ୍ଧାରିତ ଜୈବ-ବର୍ଜ୍ୟ ପରିଚାଳନା ନିୟମାବଳୀ ଅନୁଯାୟୀ ପୋତା ଯାଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

## ନୂତନ ଅଗ୍ନିଶମ ସେବା କେନ୍ଦ୍ର ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଆସିକା,୭।୭/ଏନ୍‌ଏନ୍‌ଏସ୍:** ଓଡିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବାସଂସ୍ଥାର ଦକ୍ଷ, କର୍ତ୍ତବ୍ୟନିଷ୍ଠ ଅଫିସର ରୂପେ ପରିଚିତ ଅଗ୍ନିଶମ ସେବା କେନ୍ଦ୍ରର ଅଧିକାରୀ ନୂତନ କେନ୍ଦ୍ର ଅଧିକାରୀ ସନତ ପ୍ରଧାନଙ୍କୁ ବିଭାଗୀୟ କର୍ମଚାରୀମାନେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଓଡିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ବିଭାଗର ନିର୍ଦ୍ଦେଶକ୍ରମେ ଆସିକା ଅଗ୍ନିଶମ ସେବାକେନ୍ଦ୍ରର ନୂତନ ଅଧିକାରୀ ରୂପେ ସନତ ପ୍ରଧାନ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଆସିକା ଅଗ୍ନିଶମ ସେବା କେନ୍ଦ୍ରର କେନ୍ଦ୍ର ଅଧିକାରୀ ରୂପେ ଦାୟିତ୍ୱ ଗ୍ରହଣ କରିଥିବା କର୍ତ୍ତବ୍ୟନିଷ୍ଠ ଅଫିସର ସନତ ପ୍ରଧାନ ପୂର୍ବରୁ କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ ସ୍ଥିତ ଅଗ୍ନିଶମ ସେବାକେନ୍ଦ୍ରରେ ଦକ୍ଷତାର ସହ କାର୍ଯ୍ୟ କରିଆସିଥିଲେ । ଆସିକା ଅଗ୍ନିଶମ ସେବା କେନ୍ଦ୍ର



ପରିସରରେ ଅନୁଷ୍ଠିତ ସ୍ୱାଗତକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ଅଗ୍ନିଯୋଦ୍ଧା ଅଶୋକ କୁମାର ବାରିକ, ମୁଖ୍ୟ ଅଗ୍ନିଯୋଦ୍ଧା ଦ୍ୱାରିକାନାଥ ମେକାପ୍, ଗାଡିଚାଳକ ସନ୍ତୋଷ ନାୟକ, ଆଗ୍ନିକ ଗାଡିଚାଳକ ନକୁଳ ବେହେରା, ଅଗ୍ନିଯୋଦ୍ଧା ପ୍ରକାଶ କହଁର, ସୁଶାନ୍ତ ବେହେରା, ବାବୁଲା ଗୌଡ, ଶୁଭଜିତ୍ ସାହୁ, ବିଟୁ ରାଉତ, ଏପି ଅଭିଜିତ୍, ସୁବ୍ରତ କୁମାର ପ୍ରଧାନ, ଅଜୟ କୁମାର ରାଉତ ପ୍ରମୁଖ ଯୋଗଦେଇ ନୂତନ କେନ୍ଦ୍ର ଅଧିକାରୀ ସନତ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଆସିକା ଅଗ୍ନିଶମ ସେବାକେନ୍ଦ୍ରକୁ ରାଜ୍ୟର ଏକ ଅଗ୍ରଣୀ ସେବାସଂସ୍ଥାରେ ପରିଗଣିତ କରିବା ପାଇଁ ନବନିଯୁକ୍ତ କେନ୍ଦ୍ର ଅଧିକାରୀ ସନତ ପ୍ରଧାନ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

## ବିଜେପି ଜିଲ୍ଲାସଭାପତିଙ୍କ ଘରେ ଭୋଜନ ପାଇଁ ପ୍ରତିଶ୍ରୁତି ଦେଲେ ରେଳମନ୍ତ୍ରୀ

**ବ୍ରହ୍ମପୁର,୭।୭/ଏନ୍‌ଏନ୍‌ଏସ୍:** ବ୍ରହ୍ମପୁର ରେଳ ଷ୍ଟେସନରୁ ନୂତନ ଟ୍ରେନ୍ ସେବାର ଶୁଭ ଉଦ୍‌ଘାଟନ ଅବସରରେ ସୋମବାର ଆୟୋଜିତ କାର୍ଯ୍ୟକ୍ରମରେ ଏକ ଆତ୍ମୀୟ ଓ ସ୍ମରଣୀୟ ମୁହୂର୍ତ୍ତର ସାକ୍ଷୀ ହୋଇଥିଲେ ଉପସ୍ଥିତ ଅତିଥି ଓ କାର୍ଯ୍ୟକର୍ତ୍ତାମାନେ । ମାନ୍ୟବର କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କାର୍ଯ୍ୟକ୍ରମ ଚାଲିଥିବାବେଳେ ବିଜେପିର ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତଙ୍କୁ ମଞ୍ଚକୁ ଆମନ୍ତ୍ରଣ କରି ସମ୍ମାନ ଜଣାଇଥିଲେ । ଯାହା ଉପସ୍ଥିତ କାର୍ଯ୍ୟକର୍ତ୍ତାମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ସୃଷ୍ଟି କରିଥିଲା । ମଞ୍ଚରେ ଆଲୋଚନା ସମୟରେ କେନ୍ଦ୍ର ମନ୍ତ୍ରୀ ଜିଲ୍ଲା ସଭାପତିଙ୍କ ଘରକୁ ଖୁବ୍ ଶୀଘ୍ର ଯାଇ ମଧ୍ୟାହ୍ନ ଭୋଜନ କରିବା ସହ ବ୍ରହ୍ମପୁର ପ୍ରସିଦ୍ଧ ଆଚାର ଓ ପାମ୍ପଡ଼ର ସ୍ୱାଦ ଉପଭୋଗ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । ମନ୍ତ୍ରୀଙ୍କ ଏହି ମନ୍ତବ୍ୟକୁ ଉପସ୍ଥିତ ଲୋକେ



ଉତ୍ସାହର ସହ ସ୍ୱାଗତ କରିଥିଲେ । ରାଜନୈତିକ ମହଲରେ ଏହି ଘଟଣାକୁ କେବଳ ଏକ ସୌଜନ୍ୟମୂଳକ ଆମନ୍ତ୍ରଣ ଭାବେ ନୁହେଁ, ବରଂ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ଭୋକାଲ୍ ଫର୍ ଲୋକାଲ୍' ଆହ୍ୱାନକୁ ସୁଦୃଢ଼ କରିବା ଦିଗରେ ଗଞ୍ଜାମ ଓ ବ୍ରହ୍ମପୁରର ପ୍ରସିଦ୍ଧ ସ୍ଥାନୀୟ ଉତ୍ପାଦ, ବିଶେଷକରି ଆଚାର ଓ ପାପଡ଼କୁ ପ୍ରୋତ୍ସାହିତ କରିବାର ଏକ ସକାରାତ୍ମକ ବାର୍ତ୍ତା ଭାବେ ଦେଖାଯାଉଛି । କାର୍ଯ୍ୟକ୍ରମରେ ମନ୍ତ୍ରୀ ଓ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଦେଖାଯାଇଥିବା ଆତ୍ମୀୟ ସମ୍ପର୍କ ଏବଂ ସହଜ ବ୍ୟବହାର ଉପସ୍ଥିତ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଅନେକ କାର୍ଯ୍ୟକର୍ତ୍ତା ଏହାକୁ ସଂଗଠନ ମଧ୍ୟରେ ଥିବା ପାରିବାରିକ ପରିବେଶ ଓ ପାରସ୍ପରିକ ବିଶ୍ୱାସର ପ୍ରତିଫଳନ ବୋଲି ମତ ପ୍ରକାଶ କରିଥିଲେ । ନୂତନ ଟ୍ରେନ୍ ସେବାର ଶୁଭାରମ୍ଭ ସହ ଏହି ଆତ୍ମୀୟ ମୁହୂର୍ତ୍ତ କାର୍ଯ୍ୟକ୍ରମର ଏକ ଅନ୍ୟତମ ଆକର୍ଷଣ ପାଲଟିଥିଲା ।

## ୨. ୯୫ କୋଟି ମୂଲ୍ୟର ଅଡିଟୋରିୟମ, ସ୍ମାର୍ଟ ଲାଇବ୍ରେରୀର ଭିତ୍ତିପ୍ରସ୍ତର ସ୍ଥାପନ

**ଜି.ଉଦୟଗିରି, ୭।୭/ଏନ୍‌ଏନ୍‌ଏସ୍:** ନଗର ଓ ଗୃହ ନିର୍ମାଣ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଭିଡିଓ କନଫରେନ୍ସ ମାଧ୍ୟମରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଜି.ଉଦୟଗିରି ପାଇଁ ନୂତନ ଭାବେ ୨. ୯୫ କୋଟି ମୂଲ୍ୟର ଅଡିଟୋରିୟମ ତଥା ସ୍ମାର୍ଟ ଲାଇବ୍ରେରୀର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା । ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଦେବସ୍ମିତା ଶତପଥିଙ୍କ ଦ୍ୱାରା ପୁରୁଣା ଟାଉନହଲ ଠାରେ ହେବାକୁ ଥିବା ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ଫଳକ ସ୍ଥାପନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, କାଉନସିଲର ଯାକେଶ ପ୍ରଧାନ, ଦୀପକ ନାୟକ, ନନ୍ଦିତା ପ୍ରଧାନ, ସିଧେଶ୍ୱରୀ



ନାୟକ, କୁନ୍ତିମା ମଲ୍ଲିକ, ମୋନାଲିସା ଦଳବେହେରା, ଲକ୍ଷ୍ମୀପ୍ରିୟା ପରିଚ୍ଛା, ସଂଗୀତା ନାୟକ, ନିଶାରାଣୀ ନାୟକ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ପରିଷଦ ବୃନ୍ଦ, ସହକାରୀ ଯନ୍ତ୍ରୀ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଏହି ପ୍ରକଳ୍ପ ସହରବାସୀଙ୍କ ବହୁ ଦିନର ଦାବି ରହିଥିଲା ଏବଂ ଉକ୍ତ ପ୍ରକଳ୍ପ ଦ୍ୱାରା ସହରବାସୀ ଉନ୍ନତ ମାନର ସହରୀ ସୁବିଧା ପାଇପାରିବେ ।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବୃକ୍ଷରୋପଣ




**ଜି.ଉଦୟଗିରି, ୭।୭/ଏନ୍‌ଏନ୍‌ଏସ୍:** ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଜି ଉଦୟଗିରି ଠାରେ ଆଜି ବନ ମହୋତ୍ସବ ଉପଲକ୍ଷେ ବୃକ୍ଷ ରୋପଣ ସପ୍ତାହ ପାଳନ ହୋଇଯାଇଛି । କାର୍ଯ୍ୟକ୍ରମର ଶୁଭାରମ୍ଭ ବିଦ୍ୟାଳୟର ଇକୋ କ୍ଲବ୍ ଦାୟିତ୍ୱରେ ଥିବା ଶ୍ରୀ ନିରଞ୍ଜନ ବାଘଙ୍କ ସମେତ ବିଦ୍ୟାଳୟ ର ସମସ୍ତ ଛାତ୍ରୀ , ଶିକ୍ଷକ ଶିକ୍ଷୟିତ୍ରୀ, ତଥା ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସମେତ ଚତୁର୍ଥ କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ । ବିଦ୍ୟାଳୟରେ ଛାତ୍ରୀ ମାନେ ୧୦୦ରୁ ଉର୍ଦ୍ଧ୍ୱ ବୃକ୍ଷ ରୋପଣ କରିଥିଲେ । ଫଳନ୍ତି ବୃକ୍ଷ ତଥା ଅନ୍ୟାନ୍ୟ ବୃକ୍ଷ ମାନ ରୋପଣ କରାଯାଇଥିଲା । ରୋପଣ କାର୍ଯ୍ୟକ୍ରମ ଶେଷରେ ଏକ ସଭା ଆୟୋଜନ କରାଯାଇ ଥିଲା । ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ କହଁର ଶିକ୍ଷାର୍ଥୀମାନଙ୍କୁ ବୃକ୍ଷର ମହତ୍ତ୍ୱ ତଥା ବୃକ୍ଷ ହିଁ ଜୀବନ କାହିଁକି କୁହାଯାଏ ତା ବିଷୟରେ ଶିକ୍ଷାର୍ଥୀଙ୍କୁ ଅଭିଭାଷଣ ରଖିଥିଲେ ।

## ଆଦିବାସୀ ମହାବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ବାଲିଗୁଡ଼ା, ୭।୭/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ଆଦିବାସୀ ମହାବିଦ୍ୟାଳୟର ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନା ଦ୍ୱାରା ବନ ମହୋତ୍ସବ ସପ୍ତାହରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ.ବିଭୂତି ଭୂଷଣ ଆଚାର୍ଯ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ଶୁଭାରମ୍ଭ କରିଥିଲେ । ମୁଖ୍ୟ ଅତିଥି ଭାବରେ ଡ. ସୁବାସ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବରେ ଡ. ଅଭିପ୍ସା ବଲ୍ , ଡ. ସୁକାନ୍ତ କୁମାର ବେହେରା, ଡ.ଏନ.ତନ୍ମୟ କୁମାର ଓ ରାଜେଶ କୁମାର ଧଳ ଏଥିରେ ଯୋଗଦାନ କରିଥିଲେ । ଯୁବ ରେଡକ୍ରସର ସଂଯୋଜକ ମାନସ ରଞ୍ଜନ ପ୍ରଧାନ , ଜାତୀୟ ସେବା ଯୋଜନା ଅଧିକାରୀ ଅରୁନ୍ଧତୀ ପ୍ରଧାନ ଓ ହମନ୍ କୁମାର ଦିବକାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଉପସ୍ଥିତ ରେ ୨୦୦ରୁ ଉର୍ଦ୍ଧ୍ୱ ଚାରା ମହାବିଦ୍ୟାଳୟ ପରିସରରେ ଲଗାଇଥିଲେ ।



## ଧ୍ୟାନ ଓ ଆତ୍ମ ଜ୍ଞାନ ଶିବିର



**ବ୍ରହ୍ମପୁର,୭।୭/ଏନ୍‌ଏନ୍‌ଏସ୍:** ବଳଭଦ୍ର ପିରାମିଡ୍ ଧ୍ୟାନ କେନ୍ଦ୍ର ଭୁବନେଶ୍ୱର ତରଫରୁ ମଙ୍ଗଳବାର ବ୍ରହ୍ମପୁର ବିଜିପୁର ଟ୍ୟାଙ୍କ ରୋଡ ସ୍ଥିତ ଲିଜମ ଡ୍ୟାନସ ଷ୍ଟୁଡିଓ ପରିସରରେ ଦିନିକିଆ ଧ୍ୟାନ୍ ଓ ଆତ୍ମଜ୍ଞାନ ଶିବିର ଆୟୋଜିତ ହୋଇଯାଇଛି । ଏହି ଅବସରରେ କେନ୍ଦ୍ର ତରଫରୁ ଇପ୍ସିତା ପୂଜାରୀ, ରଘୁପ୍ରସାଦ ପାତ୍ର, ପ୍ରଶାନ୍ତି ପଟନାୟକ, ସୁନନ୍ଦା ନାୟକ ଓ ହେମଲତା ପ୍ରମୁଖ ଉପସ୍ଥିତ ରହି ମଣିଷ ଜୀବନରେ ଧ୍ୟାନ ଓ ଆତ୍ମ ଜ୍ଞାନର ଆବଶ୍ୟକତା ନେଇ ଆଲୋଚନା କରିଥିଲେ । ସେହିପରି ଏଠାରେ ବିଭିନ୍ନ ଧ୍ୟାନ ପ୍ରଦର୍ଶନ କରାଯାଇ ତାର ଉପଯୋଗିତା ସମ୍ପର୍କରେ ସୂଚନା ଦିଆଯାଇଥିଲା । ଆଜିକାଲିର ବ୍ୟସ୍ତ ବହୁଳ ଜୀବନରେ ନିଜର ସ୍ୱାସ୍ଥ୍ୟର ଯତ୍ନ ଆଉ ମନରେ ସ୍ଥିରତା ଆଣିବାକୁ ହେଲେ ଧ୍ୟାନ ଓ ଆତ୍ମଜ୍ଞାନ ନିହାତି ଜରୁରୀ ବୋଲି କୁହାଯାଇଥିଲା । ଷ୍ଟୁଡିଓ ମୁଖ୍ୟ ପରିଚାଳିକା ଆୟେଶା ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏପରି କାର୍ଯ୍ୟକ୍ରମ ଅୟୋଜନ କରାଯାଇଥିବା ବେଳେ ଏଥିରେ ବହୁ ପୁରୁଷ,ମହିଳା ଓ ଯୁବକ ଯୁବତୀ ଯୋଗ ଦେଇଥିଲେ ।

# ଶିକ୍ଷାବିଭାଗ ପକ୍ଷରୁ ପ୍ରଧାନଶିକ୍ଷକଙ୍କ ମାର୍ଗଦର୍ଶନ କର୍ମଶାଳା

**ଆସିକା,୭।୭/ଏନ୍‌ଏନ୍‌ଏସ୍:** ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଲାଗି ସରକାର କାର୍ଯ୍ୟକାରୀ କରୁଥିବା ବହୁବିଧ ଯୋଜନା ଗୁଡିକର ସଫଳ ରୂପାୟନ ପାଇଁ ଆସିକା ଶିକ୍ଷାବିଭାଗ ପକ୍ଷରୁ ସ୍ଥାନୀୟ ପିଏମ୍‌ଶ୍ରୀ ହରିହର ହାଇସ୍କୁଲ ପରିସରରେ ପ୍ରଧାନ ଶିକ୍ଷକଙ୍କ ମାର୍ଗଦର୍ଶନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ୧୩ଟି କ୍ଲଷ୍ଟରର ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକମାନଙ୍କୁ ନେଇ ଅନୁଷ୍ଠିତ କର୍ମଶାଳାରେ ଗୋଷ୍ଠୀ ଶିକ୍ଷାଧିକାରୀ ସୁଜିତ୍ କୁମାର ପାଢୀ ଏବଂ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁନନ୍ଦନ ପଣ୍ଡା ଓ ଭଂଜ ବେହେରା, ନୋଡାଲ୍ ହାଇସ୍କୁଲ ପ୍ରଧାନଶିକ୍ଷକ ନାରାୟଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଗ୍ରାମୀଣ ସ୍ତରରେ ୧୫ ରୁ ୩୫




ବର୍ଷ ମଧ୍ୟରେ ଆଦୌ ପାଠ ପଢିନଥିବା କିମ୍ବା ଅଧାରୁ ପାଠ ଛାଡି ଦେଇଥିବା ନିରକ୍ଷର ମହିଳା ଓ ପୁରୁଷଙ୍କୁ ସାକ୍ଷର କରିବା ପାଇଁ କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟକାରୀ କରାଯାଇଥିବା ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ (ଉଲ୍ଲାସ) ସାଙ୍ଗକୁ ଅନ୍ୟାନ୍ୟ ଶିକ୍ଷା କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ପାଇଁ ଆହ୍ୱାନ କରିଥିଲେ । ପ୍ରଧାନଶିକ୍ଷକ ମାର୍ଗଦର୍ଶନ କର୍ମଶାଳାରେ ଆସିକା ବିଇଓ କାର୍ଯ୍ୟାଳୟର ଯୋଜନା ସଂଯୋଜକ (ଏମ୍‌ଆଇଏସ୍) ଚିନ୍ମୟ ପ୍ରଧାନ ଏବଂ ହିସାବରକ୍ଷକ ସୋମନାଥ ପ୍ରଧାନ ଯୋଗଦେଇ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମର ସଫଳତା ଠାରୁ ଆରମ୍ଭ କରି ଏକୀକୃତ ଜିଲ୍ଲା ସୂଚନା ପ୍ରଣାଳୀ ଶିକ୍ଷା (ୟୁଡାଇଜ୍ ପ୍ଲସ୍), ଖାନ୍ ଏକାଡେମୀର କାର୍ଯ୍ୟକାରିତା, ନୂତନ ଭାବେ ଗଠିତ ହେବାକୁ ଥିବା ବିଦ୍ୟାଳୟ ପରିଚାଳନା କମିଟିର ନୀତିନିୟମ, ବିଦ୍ୟାଳୟ ଗୁଡିକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଏବଂ ପାନୀୟ ଜଳର ସୁବନ୍ଦୋବସ୍ତ କରିବା, ଛାତ୍ରଛାତ୍ରୀଙ୍କୁ ମାଗଣା ପୋଷାକ ବଣ୍ଟନ ସାଙ୍ଗକୁ ଅନ୍ୟାନ୍ୟ ନୀତିନିୟମ ଉପରେ ବିସ୍ତୃତ ଭାବେ ବୁଝାଇଥିଲେ । କର୍ମଶାଳାରେ ସିଆର୍‌ସିସି ରାଧାମୋହନ ଡାକୁଆ, ସୌଦାମିନୀ ହୋତା, ଚିତ୍ରସେନ ସେଠୀ, ରଂଜିତା ପାତ୍ର, ପ୍ରଧାନଶିକ୍ଷକ ତାରାପ୍ରସାଦ ମିଶ୍ର, ଅବନୀକାନ୍ତ ତ୍ରିପାଠୀ, ପରମାନନ୍ଦ ଜାନି, ଚିତ୍ତରଂଜନ ଷଡଙ୍ଗୀ, ବାଳକୃଷ୍ଣ ଲେଙ୍କା, ଶିବଶଙ୍କର ଜେନା, ବାଳକୃଷ୍ଣ ହୋତା, ଦିନେଶ୍ ଚନ୍ଦ୍ର ପାତ୍ର, ସତ୍ୟନାରାୟଣ ସେଠୀ, ଗଣପତି ସେଠୀ, ଶିବରାମ ଗୌଡ, ସାରଙ୍ଗଧର ଦାସ, କୃଷ୍ଣଚନ୍ଦ୍ର ମୁନି, ସନ୍ତୋଷ କୁମାର ବେହେରା, ସଙ୍ଗୀତା ବେହେରା, ମନୋଜ କୁମାର ବେହେରା, ମନୋଜ କୁମାର ସେଠୀ, ରାଜକୁମାର ସ୍ୱାଇଁ, ବୁଲୁ ପ୍ରଧାନ, ଅମ୍ବିକା ପାଣିଗ୍ରାହୀ, ଅରୁଣ କୁମାର ଦାଶ, ନିରଞ୍ଜନ ବେହେରା, ବନମାଳୀ ବେହେରାଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ବହୁ ପ୍ରଧାନଶିକ୍ଷକ ଯୋଗ ଦେଇଥିଲେ ।

ନିତିଦିନ NITIDIN



## ଅବିଶ୍ରାନ୍ତ ବର୍ଷା ଯୋଗୁଁ ନଦୀରେ ପ୍ରଥମ ବନ୍ୟା ଜଳ

# କୁମ୍ଭୀର ଭୟରେ ଲୋକେ ଆତଙ୍କିତ

**ଯାଜପୁର,୭।୭/ଏନ୍‌ଏନ୍‌ଏସ୍:** ଦୀର୍ଘ ଦିନ ହେଲା ମୌସୁମୀ ଓ ଲଘୁଚାପ ଜନିତ ବର୍ଷା ଯୋଗୁଁ ଖରସ୍ରୋତା ସମେତ ଜିଲ୍ଲାର ସମସ୍ତ ନଦୀରେ ପ୍ରଥମ ବନ୍ୟାଜଳ ପ୍ରବେଶ କରିବାର ଦେଖାଯାଇଛି ।ବନ୍ୟା ଜଳକୁ ଦେଖି ନଦୀକୂଳିଆ ଲୋକମାନଙ୍କ ମନରେ ଭୟ ଦେଖାଯାଇଛି । କାରଣ ଖରସ୍ରୋତା ନଦୀବନ୍ଧଟି ଦୀର୍ଘଦିନ ହେବ ମରାମତି ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି । ନା ଏଥିପ୍ରତି ନଜର ଅଛି ଜଳସେଚନ ବିଭାଗର ନା ରାସ୍ତା ଓ ଗୃହ ନିର୍ମାଣ ବିଭାଗର। ଏହି ନଦୀବନ୍ଧର ମହେଶ୍ୱରପୁର ପଞ୍ଚାୟତର ଜୟପୁର ଠାରୁ ଛତିଶ ଦେବିଲ ପଞ୍ଚାୟତର ରିଷିପୁର ଓ ଖରସ୍ରୋତା ନଦୀର ଶାଖାନଦୀ ତନ୍ତୀ ଘାଇର ଉଭୟପାର୍ଶ୍ୱରେ ନଦୀବନ୍ଧ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ଶହ ଶହ ଲୋକ ଯାତାୟତ କରୁଥିବା ବେଳେ ସ୍କୁଲ କଲେଜ ପିଲାମାନେ ମଧ୍ୟ ଏହି ବାଟ ଦେଇ ଯାଇଥାନ୍ତି । ପୂର୍ବରୁ ଏହି ରାସ୍ତାରେ ବେଆଇନ ବାଲି ପରିବହନ କରାଯାଇ ରାସ୍ତାକୁ ମରଣଯନ୍ତାରେ ପରିଣତ କରାଯାଇଛି । ହେଲେ ସଂପୃକ୍ତ ବିଭାଗ ମରାମତିର ନାଁ ଧରିନାହିଁ ।



ଫଳରେ ଲୋକ ନାହିଁ ନଥିବାର ଅସୁବିଧାର ସମ୍ମୁଖିନ ହେଉଛନ୍ତି । ମରାମତି ଅଭାବରୁ ନଦୀବନ୍ଧର ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି ହେବା ସହିତ ସେ ସ୍ଥାନରେ ବର୍ଷାଜଳ ଜମି ରହିଛି । ବନ୍ଧର ତଳ ଭାଗରେ ମୂଷା,ଶିଆଳ ଆଦି ବିଭିନ୍ନ ସ୍ଥାନରେ ଗାତ କରିଦେଇଥିବାରୁ ସେହି ସ୍ଥାନମାନଙ୍କରେ ବନ୍ୟାଜଳ ପ୍ରବେଶ କରି ଭୋଳିଆ ପଡିବାର ଆଶଙ୍କା ମଧ୍ୟ ଦେଖାଦେଇଛି । ତାଛଡା ଏହି ନଦୀରେ ବୁଲୁଥିବା କୁମ୍ଭୀର ଭୟରେ ନଦୀକୂଳିଆ ଲୋକମାନେ ଭୟଭୀତ ଅବସ୍ଥାରେ ଅଛନ୍ତି । ଅପରପକ୍ଷରେ ଗତ ଦୁଇଦିନ ମଧ୍ୟରେ ଅବିଶ୍ରାନ୍ତ ବର୍ଷା ଯୋଗୁଁ ଚଳିତ ବର୍ଷ ଚାଷୀ କୂଳ ମଧ୍ୟ ବିଓଳି ଧାନ ଓ ପନିପରିବା ଚାଷ ବିଲରେ ୨/୩ ଫୁଟ୍ ପାଣି ଜମି ରହିଥିବାରୁ ଧାନ ଓ ପନିପରିବା ଚାଷ ନଷ୍ଟ ହେବାକୁ ବସିଛି । ଅନ୍ୟପକ୍ଷେ ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବାରୁ ଯାଜପୁର ଜିଲ୍ଲାରେ ପ୍ରଥମ ବନ୍ୟା ହେବ ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ବର୍ତ୍ତମାନ ଜିଲ୍ଲାର ବୈତରଣୀ, ବ୍ରାହ୍ମଣୀ, ଖରସ୍ରୋତା ଓ ବୁଢ଼ା ନଦୀର ଜଳସ୍ତର ବୃଦ୍ଧି ପାଉଛି । ଏଭଳି ପରିସ୍ଥିତିରେ ଯଦି ବନ୍ୟାରେ କୌଣସି ସ୍ଥାନରେ ବନ୍ଧ ଭାଙ୍ଗେ ତାହେଲେ ଚାଷୀମାନଙ୍କ ଭେଳା ବୁଡିଯିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଥିବା ବେଳେ ଜିଲ୍ଲା ପ୍ରଶାସନ ଉପରୋକ୍ତ ବିଷୟ ପ୍ରତି ଧ୍ୟାନ ଦେଇ ଏସବୁ ସମସ୍ୟାର ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ବହୁ ବୁଦ୍ଧିଜୀବୀ ସାଧାରଣ ଲୋକେ ଦାବି କରିଛନ୍ତି ।

# ସାଇବର୍ ଠକ ଲୁଟିନେଲେ ଟଙ୍କା

**ତାଳଚେର,୭।୭/ଏନ୍‌ଏନ୍‌ଏସ୍:** ତାଳଚେର ପୌରପରିଷଦ ୱାର୍ଡ ନଂ-୧ ବଡ଼ଦାଣ୍ଡ ସାହିର ତ୍ରିନାଥ ବାରିକ (୪୮) ପିତା ପଞ୍ଚୁ ବାରିକଙ୍କ ମୋବାଇଲକୁ ମେସେଜ୍ ଆସିଲା ୧୮ହଜାର ଟଙ୍କା ଲୋନ୍ କରିବାକୁ ଏବଂ ଉକ୍ତ ଟଙ୍କାକୁ ୪୫ଦିନ ଭିତରେ ପରିଷଧ କରିବାକୁ କୁହାଗଲା । ତେଣୁ ସେ ଉକ୍ତ ମେସେଜ ଜରିଆରେ ତାଙ୍କର ଅଧାରକାର୍ଡ଼ ଫଟୋ ପରିଚୟପତ୍ର ସହ ସମସ୍ତ ଆବଶ୍ୟକ କାଗଜପତ୍ର ଦେଇ ୧୮ହଜାର ଟଙ୍କା ଆଣିଥିଲେ । ହେଲେ ଉକ୍ତ ଟଙ୍କା ଆଣିବାର ୪ଦିନ ପରେ ତାଙ୍କ ମୋବାଇଲକୁ ମେସେଜ କରି ପ୍ରଥମେ ୨୯ହଜାର ୮ଶହ ଟଙ୍କା ମଗାଗଲା ଏବଂ ତାଙ୍କର ଗୋଟେ ଉଲଗ୍ନ ଫଟୋ ତାଙ୍କ ପାଖକୁ ପ୍ରେରିତ କରାଗଲା । ସେ ଭୟରେ ୨୯ହଜାର ୮ଶହ ଟଙ୍କା ପରିଷଧ କରିବା ପରେ ପୁନଶ୍ଚ ତାଙ୍କୁ ଦ୍ୱିତିୟ କିସ୍ତିରେ ୫୬ହଜାର ୮ଶହ ଟଙ୍କା ଗତ ମାସ ୬ତାରିଖରେ ୪ହଜାର ୮ଶହଟଙ୍କା ପରେ ୭୨ହଜାର ୮ଶହଟଙ୍କା ଦେବାପରେ ମଧ୍ୟ ସେ ବାରମ୍ବାର ଟଙ୍କା ମାଗିବାରୁ ଅଣନିଶ୍ୱାସୀ ହୋଇ ଜାଣିପାରିଲେ କି ଏମାନେ ସାଇବର ଠକ । ତେଣୁ ସେ ବାଧହୋଇ ଅନୁଗୋଳ ସାଇବର ଥାନାରେ ଘଟଣା ସଂକ୍ରାନ୍ତରେ ଏକ ଲିଖିତ ଅଭିଯୋଗ କରିଥିବା ସେ ପ୍ରକାଶ କରିଛନ୍ତି । ତେଣୁ ସାଇବର ଠକଙ୍କ ପ୍ରତି ସତକର୍ତା ଅବଲମ୍ବନ କରିବା ସହ ମୋବାଇଲକୁ ଆସୁଥିବା ମେସେଜ ଯାଞ୍ଚକରି ଓ ବୁଝିବିଚାରି ଯଦି କାର୍ଯ୍ୟ କରାଯାଏ ତେବେ ଏଭଳି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିନଥାନ୍ତା ।

# ବନ ମହୋତ୍ସବ ସପ୍ତାହ




**ରାଜକନିକା,୭।୭/ଏନ୍‌ଏନ୍‌ଏସ୍:** ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଏବଂ ଯୁବ ରେଡକ୍ରସ୍ ତରଫରୁ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଉପେନ୍ଦ୍ର କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ଜାତୀୟ ସେବା ଯୋଜନାର ସଂଯୋଜକ ଡଃ ଜୟନ୍ତ କୁମାର ମଲ୍ଲିକ ଓ ସଂଯୋଜିକା ଜ୍ୟୋତିପୁଷ୍ପା ବେହେରା ଏବଂ ଯୁବ ରେଡକ୍ରସର କାଉନସିଲର କାହ୍ନୁଚରଣ ପଢିଆରୀ ଓ ତପସ୍ୱିନୀ ରଥ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଏବଂ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀମାନଙ୍କୁ ନେଇ ମହାବିଦ୍ୟାଳୟ ଓ ଛାତ୍ରୀନିବାସ ପରିସରରେ ଆମ୍ବ, ଡାଳିମ୍ବ,ପେସ୍ତାବାଦାମ, ପିଜୁଳି, ଜାମୁକୋଳି ପ୍ରଭୃତି ୭୫ଟି ଗଛ ଲଗାଇଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡଃ ଫକୀର ଚନ୍ଦ୍ର ପ୍ରଧାନ, ଅଧ୍ୟାପକ ଡଃ ସଞ୍ଜିବ କୁମାର ଦାଶ, ଦେବଦାସ ପ୍ରଧାନ, ଆକାଉଣ୍ଟାଣ୍ଟ ଜୟନ୍ତ କୁମାର ମଥାନ, ରମାକାନ୍ତ ଦଳାଇ ପ୍ରଭୃତି ଯୋଗ ଦେଇଥିଲେ ।

# ବିଦ୍ୟାଳୟରେ ବନ ମହୋତ୍ସବ




**ଅନୁଗୋଳ,୭।୭/ଏନ୍‌ଏନ୍‌ଏସ୍:** ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ପନ୍ଦନ' ଏବଂ ବେନ୍ତପୁର ପଞ୍ଚାୟତ ବିଦ୍ୟାଳୟର ଇକୋ କ୍ଲବ୍‌ର ମିଳିତ ସହଯୋଗରେ ବନ ମହୋତ୍ସବ-୨୦୨୬ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜନକ କୁମାର ଭୋଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ବିଶ୍ୱ ତାପମାନ ସମସ୍ୟାକୁ ପ୍ରତିହତ କରିବା ନିମନ୍ତେ ବୃକ୍ଷ ରୋପଣ କରିବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ସମାଜସେବୀ ତାପସ ପାଳ ଯୋଗଦେଇ ପ୍ରତ୍ୟେକ ଛାତ୍ରଛାତ୍ରୀ ଗୋଟିଏ ଗୋଟିଏ ଚାରା ରୋପଣ ତାହାର ଯତ୍ନ ନେଲେ ସାମାଜିକ ଉତ୍ତର ଦାୟିତ୍ୱ ବଢିବା ସହିତ ଏକ ସୁନାଗରିକ ଭାବେ ଆଗାମୀ ଦିନରେ ନିଜକୁ ପ୍ରସ୍ତୁତ କରି ପାରିବେ ବୋଲି ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ । ସ୍ପନ୍ଦନର ବିଭୁ ଶତପଥୀ ବର୍ଷା ଜଳ ସଂରକ୍ଷଣ କରିବା ସହ ବଣଭୋଜି ସ୍ଥାନରେ ପ୍ଲାଷ୍ଟିକର ବ୍ୟବହାର ବନ୍ଦ କରିବା ଉପରେ ଗୁରୁତ୍ୱାରାପ କରିଥିଲେ । ଏହି ଅବସରରେ କରଞ୍ଜ, ବେଲ, ଅଶୋକ, ନିମ, ଜାମୁକୋଳି, ବଉଳ ଇତ୍ୟାଦି ଚାରା ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

## ବର୍ଷା ଜଳ ନିଷ୍କାସନ ଓ ଜାତୀୟ ରାଜପଥ ସମସ୍ୟା

# ବିଧାୟକ ଓ ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ

**ବଡ଼ଚଣା,ଚଣ୍ଡିଖୋଲ,୭।୭/ଏନ୍‌ଏନ୍‌ଏସ୍:** ବଡ଼ଚଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୬ ନମ୍ବର ରାଜପଥ ଛତିଆ ଠାରୁ ଚଣ୍ଡିଖୋଲ ଓ ୫୩ ନମ୍ବର( କ )ଚଣ୍ଡିଖୋଲ ଠାରୁ ପଞ୍ଚୁପାଣ୍ଡବ ଛକ ପର୍ଯ୍ୟନ୍ତ ରାଜପଥ କଡରେ ଥିବା ପାଟନାଳୀରୁ ଜଳ ନିଷ୍କାସନ ବ୍ୟବସ୍ଥା ଏବଂ ଗଳିପୋଲ ଓ ଆପ୍ରୋଚ ରୋଡ ସମସ୍ୟା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଚଣ୍ଡିଖୋଲ ସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ବିଧାୟକ ଅମର କୁମାର ନାୟକ ଓ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଉପସ୍ଥିତରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବଡ଼ଚଣା ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ରବିନ୍ଦ୍ର ପ୍ରଧାନ,ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ,ଜାରକା ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ, ଜାତୀୟ ରାଜପଥ ଅଧିକାରୀ, ଜଳ ନିଷ୍କାସନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ, ଧର୍ମଶାଳା ଅତିରିକ୍ତ ତହସିଲଦାର ସହ ଅନ୍ୟ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରାଯାଇ ଥିଲା । ଏଥିରେ ମୁଖ୍ୟତଃ ଚଣ୍ଡିଖୋଲ ଛକ, ବନ୍ଦାଳ, କଡେଇ ଛକ, ବଡ଼ଚଣା,



ପଥରାଜପୁର, ପାରିପଲେଇ ନିକଟ ରାଜପଥ ପାର୍ଶ୍ୱରେ ବର୍ଷା ଜଳ ନିଷ୍କାସନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହେବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ରାଜପଥ ସଂପ୍ରସାରଣ ବେଳେ କଣ୍ଟିଗଡିଆ ମୌଜାର ଚାଷ ଜମିକୁ ଜଳ ଯୋଗାଣ ପାଇଁ ଥିବା ୧୨ ନମ୍ବର (କ) କେନାଲ ଅବରୋଧ ହଟାଇ ଜଳଯୋଗାଣ ପାଇଁ ବ୍ୟବସ୍ଥା କରିବା କୁନ୍ଦଳ ଛକ ଠାରେ ଗଳିପୋଲ କଡ ସଂଯୋଗୀକରଣ ରାସ୍ତା ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ବ୍ୟବସ୍ଥା ହୋଇଥିବା ରାଜପଥ ଅଧିକାରୀ ସୁଚନା ଦେଇଥିଲେ । ଏଥିସହ ରେଳପଥ ସଂପ୍ରସାରଣ କାର୍ଯ୍ୟ ଚାଲୁଥିବା ସମୟରେ ଯଦି କେଉଁଠି ବର୍ଷା ଜଳ ନିଷ୍କାସନ ସମସ୍ୟା ରହୁଛି ସେଥିପ୍ରତି ଦୃଷ୍ଟିପାତ କରିବାକୁ ଉପସ୍ଥିତ ରେଳ ବିଭାଗ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା । ଏହିସବୁ ସମସ୍ୟାର ସମାଧାନରେ ଯଦି କେହି ଖିଲାପ କରନ୍ତି ତାଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ତାଗିଦ କରିଥିଲେ ।

## ଲୁଣାପାଣି ଚାଷଜମିକୁ ମାଡୁଥିବା ଅଭିଯୋଗ

# ପ୍ରଶାସନର ନିଘାନାହିଁ, ଚାଷୀ ହିନସ୍ତା

**ରାଜନଗର,୭।୭/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତ ଅନ୍ତର୍ଗତ ନୂଆ ନଈ କ୍ରିକ୍ ଦେଇ ଲୁଣାପାଣି ଚାଷଜମିକୁ ମାଡୁଥିବା ଅଭିଯୋଗ ହୋଇଛି । ଯାହାଫଳରେ ଚାଷୀମାନେ ଏଯାବତ୍ ଧାନ ତଳି ପ୍ରସ୍ତୁତ କରିପାରୁ ନାହାଁନ୍ତି । ଏନେଇ ତଟବନ୍ଧ ବିଭାଗର ସହକାରୀ ଯନ୍ତ୍ରୀ, ସ୍ଥାନୀୟ ତହସିଲଦାର ଓ ବିଡିଓଙ୍କୁ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନଥିବା ନେଇ ଅର୍ଜୁନ ମଣ୍ଡଳ, ବିଚିତ୍ର ମଣ୍ଡଳ, ଭୁବନ ମଣ୍ଡଳ, ବିମଳ ମଣ୍ଡଳ, ଶଙ୍କର୍ଷଣ ମଣ୍ଡଳ, କୃଷ୍ଣଚନ୍ଦ୍ର ମାଇତି ପ୍ରମୁଖ ଶତାଧିକ ଚାଷୀ ଅଭିଯୋଗ କରିଛନ୍ତି । ସେମାନେ ଦର୍ଶାଇଛନ୍ତି ଯେ, ନୂଆ ନଈ କ୍ରିକ ପାଟଶାଳା ନଦୀ ସହିତ ସଂଯୁକ୍ତ ଅଛି । ଏହି ପଞ୍ଚାୟତ ବଳରାମପୁର ନିକଟରେ ଥିବା ସ୍ଲୁଇସ ଦେଇ ନୂଆ ନଈ କ୍ରିକକୁ ଲୁଣିପାଣି ପ୍ରବେଶ କରୁଛି । ସ୍ଲୁଇସ ମୁହଁରେ ବଳରାମପୁର ଗ୍ରାମର ଦୁଇ ଜଣ ବ୍ୟକ୍ତି ଅନଧିକାର ଭାବେ ଜାଲ ବସାଇ ମାଛ ମାରୁଛନ୍ତି । ଯାହାଫଳରେ ଜୁଆର ସମୟରେ ଲୁଣି ପାଣି ଭେଡା ମଧ୍ୟକୁ ପ୍ରବେଶ କରିବାରୁ ଚାଷୀମାନେ ତଳି ପକାଇବାରୁ ବଞ୍ଚିତ ହେଉଛନ୍ତି । ଏପରିକି ଭଟା ସମୟରେ ମାଛ ଧରିବାକୁ ଯାଇ କ୍ରିକର ଜଳକୁ ସ୍ଲୁଇସ ଦେଇ ନିଷ୍କାସନ କରି ଦେଇଥିବାରୁ କ୍ରିକ ଶୁଖି ଯାଉଛି । ଏସଂପର୍କରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଦୃଷ୍ଟି ଦେଇ ଚାଷୀମାନଙ୍କ ସମସ୍ୟା ସମାଧାନ କରିବାକୁ ଦାବି ହେଉଛି ।

# ଜିଲ୍ଲା କ୍ଷତ୍ରିୟ ଖଣ୍ଡାୟତ ମହାସଂଘ ପକ୍ଷରୁ ବାହୁଡ଼ା ଯାତ୍ରା ପ୍ରସ୍ତୁତି

**କେନ୍ଦ୍ରାପଡ଼ା,୭।୭/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା କ୍ଷତ୍ରିୟ ଖଣ୍ଡାୟତ ମହାସଂଘ ପକ୍ଷରୁ ପବିତ୍ର ବାହୁଡା ଯାତ୍ରା ଉପଲକ୍ଷେ ଆଗନ୍ତୁକ ଭକ୍ତମାନଙ୍କ ସେବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲା କ୍ଷତ୍ରିୟ ଖଣ୍ଡାୟତ ମହାସଂଘ ସଭାପତି ଶରତ କୁମାର ବେହୁରାଙ୍କ ସଭାପତିତ୍ୱରେ ରିଭରଭୀୟୁ ସମିଳନୀ କକ୍ଷରେ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆସନ୍ତା ତା ୨୫. ୭. ୨୦୨୬ ରିଖର ପବିତ୍ର ବାହୁଡା ଯାତ୍ରା ଉପଲକ୍ଷେ ଶ୍ରୀ ଶ୍ରୀବଳଦେବଜୀଉ ମହାପ୍ରଭୁଙ୍କ ରଥଦାଣ୍ଡରେ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ପ୍ରସାଦ ବିତରଣ ନିମନ୍ତେ ସ୍ଥିର କରାଗଲା । ନିର୍ଦ୍ଦିଷ୍ଟ ଦିନ ଏବଂ ନିର୍ଦ୍ଦିଷ୍ଟ ସମୟରେ ସମସ୍ତ ସଦସ୍ୟ/ ସଦସ୍ୟା ଉପସ୍ଥିତ ରହି ପ୍ରଭୁଙ୍କର ସେବା କାର୍ଯ୍ୟରେ ନିୟୋଜିତ ହୋଇ ମହାପ୍ରଭୁଙ୍କ ଅପାର କରୁଣା ଲାଭ କରିବେ । ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର



କୁମାର ରାଉତରାୟ, ଗୋଲେଖ ଚନ୍ଦ୍ର ପଢିଆରୀ, ତରୁଣ ରଞ୍ଜନ ପ୍ରଧାନ, ଚନ୍ଦନ ପରିଡ଼ା, ନିର୍ମଳ ଚନ୍ଦ୍ର ଜେନା, ଭାଗିରଥି ଜେନା, ଗୋଲେଖ ଚନ୍ଦ୍ର ପରିଡ଼ା, ବୃନ୍ଦାବନ ସ୍ୱାଇଁ,ବିରେନ୍ ରାୟ, ସୁଶିଲ କୁମାର ସାମଲ, ଡକ୍ଟର ଚୈତନ୍ୟ ଚରଣ ପରିଡ଼ା, ଧନେଶ୍ୱର ରାଉତ, ସୁଧାଂଶୁ ବେହୁରା, ସୁକାନ୍ତ ରାଉତ, ନିରଞ୍ଜନ ମଳିକ, ହୃଷିକେଶ ବେହେରା, ରଞ୍ଜନ ନାୟକ, ମାନସ ରାଉତରାୟ, ସଂଗ୍ରାମ ଜେନା, ଶାନ୍ତି ଭୂୟାଁ, ତ୍ରିଲୋଚନ ରାଉତ, ସରୋଜ ପରିଡ଼ା, ପୀତବାସ ବେହେରା, ରଶ୍ମି ରଞ୍ଜନ ରାଉତ, ସିଦ୍ଧାର୍ଥ ଜେନା, ବିଭାସ ଭୂୟାଁ, ଚିତରଞ୍ଜନ ବଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଷଣ୍ଢ ଆକ୍ରମଣରେ ନିର୍ବାହୀ ଯନ୍ତ୍ରୀଙ୍କ ମୃତ୍ୟୁ

**ପାରାଦୀପ,୭।୭/ଏନ୍‌ଏନ୍‌ଏସ୍:** ପାରାଦୀପ ବନ୍ଦର ସିଏମ୍ଇ ଡିପାର୍ଟମେଣ୍ଟରେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ନିର୍ମଳ ଦାସଙ୍କର ଷଣ୍ଢ ଆକ୍ରମଣରେ ମୃତ୍ୟୁ ହୋଇଯାଇଛି । ପ୍ରକାଶ, ଗତ ଶୁକ୍ରବାର ଦିନ ଶ୍ରୀ ଦାସ ସନ୍ଧ୍ୟା ୭ଟା ସମୟରେ କପିଳମୁନି ଆଶ୍ରମ ସମ୍ମୁଖ ରାସ୍ତାରେ ସାଇକେଲରେ ବଡ଼ପଡ଼ିଆ ମାର୍କେଟ ଯାଉଥିବା ସମୟରେ ଦୁଇଟି ଷଣ୍ଢ ନିଜ ଭିତରେ ଲଢେଇ କରି ନିର୍ମଳଙ୍କ ଆଡକୁ ମାଡି ଆସି ତାଙ୍କୁ ଆକ୍ରମଣ କରିଥିଲେ ।



ତେବେ ଘଟଣାସ୍ଥଳରେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବନ୍ଦର ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ସ୍ଥିତ ମଣିପାଳ ମେଡିକାଲକୁ ସ୍ଥାନାନ୍ତରଣ କରାଯାଇଥିଲା । ସେଠାରେ ଚିକିତ୍ସିତ ସମୟରେ ଗତ ସୋମବାର ରାତି ୩ଟା ସମୟରେ ତାଙ୍କର ଦେହାନ୍ତ ହୋଇଯାଇଥିଲା । ସୂଚନାଯୋଗ୍ୟ, ନିର୍ମଳଙ୍କ ବାପା, ମାଆ, ସ୍ତ୍ରୀଙ୍କ ଦେହାନ୍ତ ପରେ ତାଙ୍କ ସହ ଦୁଇଝିଅ ରହୁଥିଲେ । ତାଙ୍କ ବିୟୋଗରେ ବନ୍ଦରାଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି । ଦୀର୍ଘ ଦିନ ହେବ ପାରାଦୀପ ବନ୍ଦର ସହରର ବିଭିନ୍ନ ରାସ୍ତା ଓ କଲୋନୀରେ ବୁଲା ଷଣ୍ଢ ଓ ଗାଈ ଗୋରୁମାନଙ୍କ ଅବାଧ ବିଚରଣ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବା ବେଳେ ରାସ୍ତାରେ ଷଣ୍ଢ ଲଢେଇ ଯୋଗୁଁ ଅନେକ ଆହତ ମୃତ୍ୟୁ ମୁଖରେ ପଡିଲେଣି । ପୂର୍ବରୁ ଏସମ୍ପର୍କିତ ଖବର ବହୁ ଗଣମାଧ୍ୟମରେ ପ୍ରଚାର ପ୍ରସାର ହୋଇଥିଲେ ମଧ୍ୟ ଏଠାକାର ଦୈତ୍ୟ ପ୍ରଶାସନ ଉପରେ ଏହାର କୌଣସି ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିନାହିଁ । ଯାହାଫଳରେ ଏହିଭଳି ନିରୀହ ଜୀବନ ଅକାଳରେ ଚାଲିଯାଉଛି । ସ୍ଥାନୀୟ ପ୍ରଶାସନ ଏଭଳି ବୁଲା ଷଣ୍ଢ ଓ ଗାଈ ଗୋରୁମାନଙ୍କୁ କାଞ୍ଜିଆହୋଦାରେ ରଖିବା ପାଇଁ ସାଧାରଣରେ ଦାବି ହେଉଛି ।

# ସାଧନ କେନ୍ଦ୍ରସ୍ତରୀୟ ବୈଠକ



**ମୂଷାଟିକିରି,୭।୭/ଏନ୍‌ଏନ୍‌ଏସ୍:** ବଡ଼ଚଣା ବ୍ଲକ ରଇପୁର ସାଧନ କେନ୍ଦ୍ର ଅଧିନସ୍ଥ ହଳଧରପୁର ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଚଳିତ ବର୍ଷର ପ୍ରଥମ ମାସିକ ସାଧନ କେନ୍ଦ୍ରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏହାକୁ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ ଉଦ୍‌ଘାଟନ କରିଥିଲେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅମିଳା ମହାପାତ୍ର । ଏହି ବୈଠକରେ ୮ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ୮ ଜଣ ସାକ୍ଷରତା ଓ ସଂଖ୍ୟଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ସାଧନ କେନ୍ଦ୍ର ସଂଯୋଜକ ହିମାଂଶୁ ଭୂଷଣ ଜେନା ଉପସ୍ଥିତ ପ୍ରଧାନଶିକ୍ଷକ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଦତ୍ତ ସୂଚନା ଆଧାରରେ ଶୈକ୍ଷିକ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ଉକ୍ତ ବୈଠକରେ ରଇପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ନୂତନ ଭାବେ ଯୋଗ ଦେଇଥିବା ପ୍ରଧାନଶିକ୍ଷକ ମାଧବ ସ୍ୱାଇଁଙ୍କୁ ରଇପୁର ସାଧନ କେନ୍ଦ୍ର ତରଫରୁ ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଥିଲା । ଅତିଥି ଶିକ୍ଷକ ଭାବେ ଖ୍ୟାତନାମା କ୍ରୀଡ଼ା ଶିକ୍ଷକ ଓ ଯୋଗ ପ୍ରଶିକ୍ଷକ ମୀନକେତନ ସାହୁ ଯୋଗ ଦେଇଥିଲେ । ସଫଳତାର ସହ ବୈଠକ ଅନୁଷ୍ଠିତ ହୋଇଥିବାରୁ ପଣସୁଆପାଳ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବାଶିଷ ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚିଠା ଭୋଟ୍‌ର ତାଲିକା ପ୍ରକାଶ

**ମୂଷାଟିକିରି,୭।୭/ଏନ୍‌ଏନ୍‌ଏସ୍:** ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଅନୁଯାୟୀ ରବିବାର ଦିନ ଯାଜପୁର ଜିଲ୍ଲାର ଚିଠା ଭୋଟର ତାଲିକା ପ୍ରକାଶ ପାଇଛି । ଜିଲ୍ଲାର ସମସ୍ତ ପ୍ରମୁଖ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ସଭାପତି ସମ୍ପାଦକ ଓ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ । ବଡ଼ଚଣା ବ୍ଲକ ରଇପୁର ,ସାଉଡିଆ ଓ କୋଲଣଗିରି ପଞ୍ଚାୟତର କାର୍ଯ୍ୟରତ ବିଏଲ୍ଓ ବିନୋଦ କୁମାର ବାରିକ,ମାନସ ତରାଇଙ୍କ ଦ୍ୱାରା ରଇପୁର ବୁଥ ନମ୍ବର -୨୨୧,୨୨୨, ଅନିତା ଦାସ, କୁନିଲତା ସାହୁଙ୍କ ଦ୍ୱାରା ମୂଷାଟିକିରି ବୁଥ ନମ୍ବର-୨୨୫,୨୨୬, ଖଗେଶ୍ୱର ବେହେରା, ନିର୍ମଳ କୁମାର ମଲ୍ଲିକଙ୍କ ଦ୍ୱାରା ସାଉଡିଆ ବୁଥ




ନମ୍ବର-୧୭୨,୧୭୩, କଳ୍ପତରୁ ମହାରଣା, ଶାନ୍ତିଲତା ମହାରଣାଙ୍କ ଦ୍ୱାରା ବଣିଆରି ବୁଥନମ୍ବର-୨୨୩,୨୨୪ ଚିଠା ଭୋଟର ତାଲିକାକୁ ବୁଥ ସୁପରଭାଇଜର ଏକାଦଶି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ପ୍ରକାଶନ ଚିଠା ଭୋଟର ତାଲିକା ପ୍ରକାଶିତ ହୋଇଯାଇଛି । ବୁଥ ନମ୍ବର-୨୨୭ରୁ ୨୩୬ -କୋଲଣଗିରି, ରଇପୁର ପଞ୍ଚାୟତ ଚିଠା ତାଲିକାକୁ କାର୍ଯ୍ୟରତ ବିଏଲ୍ଓ ତଥା ବୁଥ ସୁପରଭାଇଜର ହିମାଂଶୁ ଜେନାଙ୍କ ଉପସ୍ଥିତିରେ ପ୍ରକାଶ ପାଇଛି । ଚିଠା ଭୋଟର ତାଲିକାର ହାର୍ଡ କପିକୁ ସମସ୍ତ ନାଗରିକମାନେ ନିରୀକ୍ଷଣ କରୁଥିବା ଲାଗିରହିଛି ।

# ତୈଳ ବିଶୋଧନାଗାରରେ ବିପର୍ଯ୍ୟୟ ଜରୁରୀକାଳୀନ ଅଭ୍ୟାସକୌଶଳ

**ପାରାଦୀପ,୭।୭/ଏନ୍‌ଏନ୍‌ଏସ୍:** ଆଇଓସିଏଲ ପାରାଦୀପ ତୈଳ ବିଶୋଧନାଗାରରେ ଏକ ପର୍ଯ୍ୟାୟ ୩ ଜରୁରୀକାଳୀନ ଅଭ୍ୟାସ କୌଶଳ (ମକଡ୍ରିଲ) ଜୁଲାଇ ୭ ତାରିଖ ମଙ୍ଗଳବାର ଦିନ ଆୟୋଜିତ ହୋଇଯାଇଛି । ଏହାର ଉଦ୍ଦେଶ୍ୟ ଥିଲା ରିଫାଇନେରୀର ବାହ୍ୟ ଅଞ୍ଚଳକୁ ପ୍ରଭାବିତ କରୁଥିବା ଘଟଣା ପାଇଁ ରିଫାଇନେରୀର ଜରୁରୀକାଳୀନ ପ୍ରତିକ୍ରିୟା ଓ ପ୍ରସ୍ତୁତି ଯାଞ୍ଚ କରିବା ଏବଂ ଷ୍ଟେକ ହୋଲଡର ଏବଂ ମ୍ୟୁଚୁଆଲ ଏଡ୍ ଇଣ୍ଡଷ୍ଟ୍ରିଜ ସହିତ ସହଯୋଗରେ ବିପର୍ଯ୍ୟୟ ପରିସ୍ଥିତର ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିବା । ପାରାଦୀପ ତୈଳବିଶୋଧନାଗାର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନା ଅନୁଯାୟୀ ଏହି ଅଭ୍ୟାସକୌଶଳ ଆୟୋଜିତ ହୋଇଥିଲା । ଫ୍ୟାକ୍ଟ୍ରି ଆଣ୍ଡ ବଏଲର ଆଞ୍ଚଳିକ ସହକାରୀ ନିର୍ଦ୍ଦେଶକ ଚନ୍ଦ୍ର ଶେଖର ବେହେରା ଏହି ମକ ଡ୍ରିଲ୍‌ର ସମୀକ୍ଷା କରିଥିଲେ । ପାରାଦୀପ ରିଫାଇନେରୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ୍ୟ କୌଶିକ ବସୁଙ୍କ ଅଧକ୍ଷତାରେ ଆୟୋଜିତ ସମୀକ୍ଷା ବୈଠକରେ ପାରାଦୀପ ରିଫାଇନେରୀ ମ୍ୟାନେଜମେଣ୍ଟ, ଏନଡିଆରଏଫ, ରାଜ୍ୟ ପୁଲିସ ବିଭାଗ, ମ୍ୟୁଚୁଆଲ ଏଡ୍ ସହଯୋଗୀ, ପିପିଏଲ, ଇଫ୍‌କୋ, ପାରାଦୀପ ବନ୍ଦର ପ୍ରାଧିକରଣ, ପାରାଦୀପ



ରିଫାଇନେରୀ ଅଗ୍ନିଶମ ବିଭାଗର ପ୍ରତିନିଧି ମାନେ ଅଂଶଗ୍ରହଣ କରିଥିଲେ । ପାରାଦୀପ ତୈଳ ବିଶୋଧନାଗାରର ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟର କ୍ଲୋରିନ ଗ୍ୟାସ ଲିକ୍ ହୋଇ ଏହାର ମାତ୍ରା ବିଶୋଧନାଗାର ପରିସର ବାହାରକୁ ବ୍ୟାପି ଗଲେ ତାହାକୁ ସଫଳତାର ସହ କିପରି ମୁକାବିଲା କରାଯିବ ସେହି ବିଷୟବସ୍ତୁ ଉପରେ ଅଭ୍ୟାସକୌଶଳଟି ଆଧାରିତ ଥିଲା । ସେହିପରି ନିକଟସ୍ଥ ପ୍ରଭାବିତ ଅଞ୍ଚଳବାସୀଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବାର କୌଶଳ ପ୍ରଦର୍ଶିତ ହୋଇଥିଲା ।

# ଲଗାଣ ବର୍ଷାରେ ଭାଙ୍ଗିଲା ମହିଳାଙ୍କ ଘର

**କାମାକ୍ଷାନଗର,୭।୭/ଏନ୍‌ଏନ୍‌ଏସ୍:** କାମାକ୍ଷାନଗର ନଗର ବ୍ଲକ ଅନ୍ତର୍ଗତ ବାଉଁଶପାଳ ପଞ୍ଚାୟତ ବାଙ୍ଗୁରା ଗ୍ରାମର ଅସାହାୟ ବିଧବା ମହିଳା ପୁନି ବେହେରାଙ୍କ ଚାଳ ଛପର ଘରଟି ଲଗାଣ ବର୍ଷାରେ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି । ଘର ଭୁଶୁଡ଼ି ପଡ଼ିଥିଲେ ସୁଦ୍ଧା କେହି ଆହତ ହୋଇନାହାନ୍ତି । ଫଳରେ ସେ ସମ୍ପୂର୍ଣ୍ଣ ବେଘର ହୋଇଯାଇଛନ୍ତି । ମୁଣ୍ଡ ଗୁଞ୍ଜିବା ପାଇଁ ତାଙ୍କର ସେମିତି କୌଣସି ଘର ନାହିଁ । ଘରେ ଥିବା ଆସବାବପତ୍ର, ଖାଦ୍ୟ ସାମଗ୍ରୀ ମଧ୍ୟ ନଷ୍ଟ ହୋଇଯାଇଛି । ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ଆବଶ୍ୟକ ସହାୟତା ଓ ସ୍ଥାୟୀ ବାସଗୃହ ଯୋଗାଇ ଦେବାକୁ ପୀଡ଼ିତା ପୁନି ସାମଲ ଓ ସ୍ଥାନୀୟ ଲୋକ ଦାବି କରିଛନ୍ତି ।

**ନିତି ଭାରତୀ**

ସହାନୁଭୂତିର ଶବ୍ଦ ଛୋଟ ଏବଂ କହିବାକୁ ସହଜ ହୋଇପାରେ, କିନ୍ତୁ ତା'ର ପ୍ରତିଧ୍ୱନି ପ୍ରକୃତରେ ଅସୀମ। - ମଦର ଟେରେସା

ନିତିଦିନ NITIDIN
ବୁଧବାର, ୮ ଜୁଲାଇ ୨୦୨୬

# ମୃତ୍ୟୁର ଭୟ ଓ ଚୈତନ୍ୟ ଉଦୟ



ନିରଞ୍ଜନ ସାହୁ

ଭୟର ପ୍ରାଦୁର୍ଭାବରେ ସାରା ଜୀବନ ସନ୍ତ୍ରସ୍ତ। ମାତ୍ର ସବୁ ଭୟ ଭିତରେ ଶୀର୍ଷ ଭୟ ବୋଧହୁଏ ମୃତ୍ୟୁ। ସାଧାରଣତଃ ଅନିଶ୍ଚିତତା ଭୟର ସୃଷ୍ଟିକର୍ତ୍ତା। କାଳେ ଯାତ୍ରା ପଥରେ ଆକସ୍ମିକ ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡ଼ିବ। ହୁଏତ ପୁଣି ଥରେ ପ୍ରଶ୍ନପତ୍ର ପ୍ରଘଟ ହୋଇଯାଇ ପରୀକ୍ଷାର୍ଥୀ ପିଲାମାନଙ୍କର ବର୍ଷଟାଏ ଅକାରଣରେ ନଷ୍ଟ ହୋଇଯିବ। କାଳେ ଦେହରେ କେଉଁଠି କ୍ୟାନ୍‌ସର୍ ବଢୁଥିବ ଗୋପନରେ। କେବେ ପ୍ରେମିକା ଧୋକ୍କା ଦେଇ ଚାଲିଯିବ ବିନା ବାକ୍ୟ ବିନିମୟରେ। ଏମିତି ଶହ ଶହ ଅନିଶ୍ଚିତତାର କାରଣ। ମାତ୍ର ଜୀବନରେ ସବୁଠାରୁ ନିଶ୍ଚିତତମ ପ୍ରାପ୍ୟ ବସ୍ତୁଟି ହେଲା ମୃତ୍ୟୁ। ହେଲେ ତା'ପାଇଁ ସବୁଠୁ ବେଶୀ ଭୟ ଜୀବନର ବୋଧହୁଏ ଏବଂ ଏହା ହିଁ ବଡ଼ କ୍ରୁର ବିଡ଼ମ୍ବନା।

ମୃତ୍ୟୁ କେବଳ ରହସ୍ୟମୟ ନୁହେଁ, ତାହା ସହିତ ସଂଯୁକ୍ତ ଓ ସମ୍ପୃକ୍ତ ବହୁ କାହାଣୀ କଳ୍ପନା ତାକୁ କରିଛି ଏକ ଠିକଣାହୀନ ଠିକଣା। ମୃତ୍ୟୁଲୋକ ବିଷୟରେ ଯାହା ମଣିଷର ଜ୍ଞାନ, ତା'ର କିଛି ଦୃଢ଼ ଆଧାର ଅଛି କି ? ମୃତ୍ୟୁ ପରେ ମଣିଷର କ'ଣ ଘଟେ, ତାହା ଜାଣିବା ପାଇଁ ଯୁଗେ ଯୁଗେ ମଣିଷର ମାତ୍ରାଧିକ ଉତ୍ସୁକତା କାହିଁକି ?

ମୃତ୍ୟୁଲୋକ ବିଷୟରେ ଭାରତୀୟ ପୁରାଣ ଶାସ୍ତ୍ରରେ ଯାହା ଉଲ୍ଲେଖ ଅଛି, ତା' ମଧ୍ୟରୁ ନଚିକେତା ଉପାଖ୍ୟାନ ଅନନ୍ୟ। କଠୋପନିଷଦରେ ଏହା ଏକ ମାର୍ମିକ କାହାଣୀ। ନଚିକେତା ଜଣେ ବ୍ରାହ୍ମଣଙ୍କର ତରୁଣ ପୁତ୍ର। ତା'ର ପିତା ଏକ ଧାର୍ମିକ ଯଜ୍ଞାନୁଷ୍ଠାନ କରୁଥିବା ବେଳେ ସେ ଲକ୍ଷ୍ୟ କଲା, ପିତା ତାଙ୍କ ପରିବାରର ରୁଗ୍ଣ, ବୃଦ୍ଧା ଗାଭୀଙ୍କୁ ଦାନ କରୁଛନ୍ତି। ତାହା ତା' ଭିତରେ ଏକ ଆଲୋଡ଼ନ ସୃଷ୍ଟି କଲା। ତହୁଁ ସେ ବାପାଙ୍କ ନିକଟରେ ବିଚଳିତ ହୋଇ ବାରମ୍ବାର ପ୍ରଶ୍ନ କଲା- ବାପା, ମୋତେ କାହାକୁ ଦାନ କରିବ ? ବାରମ୍ବାର ଏହି ପ୍ରଶ୍ନରେ କ୍ରୋଧିତ ହୋଇ ପିତା ବଜ୍ରସଭା କହିଲେ- 'ତୋତେ ଯମଙ୍କୁ ଦେଲି।' ବ୍ରାହ୍ମଣ ପିତାଙ୍କ କଥାକୁ ସତ୍ୟ ଭାବରେ ଗ୍ରହଣ କରି ତରୁଣ ନଚିକେତା ଯମଙ୍କ ଅନ୍ୱେଷଣରେ ବାହାରି ଗଲା ଯେ ପରିବାରର କିଛି ପ୍ରତିବନ୍ଧକକୁ ଭ୍ରୂକ୍ଷେପ କଲା ନାହିଁ। ତା'ର ଦୃଢ଼ତା ଓ ଏକାଗ୍ରତା ଆଗରେ ସବୁ ପ୍ରତିବନ୍ଧକ ନଇଁଗଲା। ସେ ଯେତେବେଳେ ଯମଙ୍କ ପୁରରେ ପହଞ୍ଚିଲା। ଯମରାଜ ସେତେବେଳେ ଅନୁପସ୍ଥିତ ଥିଲେ ଏବଂ ଫେରିଲେ ତିନି ଦିନ ପରେ। ବାଳକ ନଚିକେତା ତାଙ୍କୁ କହିଲା, ତା'ର ପିତା ତାଙ୍କୁ ଯମଙ୍କୁ ସମର୍ପଣ କରିଥିବାରୁ ସେ ଆଉ ପ୍ରତ୍ୟାବର୍ତ୍ତନ କରିବ ନାହିଁ। ମାତ୍ର ଯମରାଜ ତା'ର ଦୃଢ଼ତା ଓ ସରଳତାରେ ଏତେ ପ୍ରଭାବିତ ହେଲେ ଯେ ତାକୁ ତିନି ଗୋଟି ବର ପ୍ରଦାନ କଲେ। ପ୍ରଥମର ଫଳ ସ୍ୱରୂପ ପିତାଙ୍କର କ୍ରୋଧ ପ୍ରଶମିତ ହେଲା ଏବଂ ପିତା ତାକୁ ପୁନର୍ବାର ଗ୍ରହଣ କଲେ। ନଚିକେତାଙ୍କୁ ଯମ ଅଗ୍ନିମନ୍ତ୍ର ପ୍ରଦାନ କଲେ, ଯାହା ଯଥା ସମୟରେ ତାଙ୍କୁ ସ୍ୱର୍ଗ ପ୍ରାପ୍ତିର ସହାୟକ ହେବ। ଏହି ମନ୍ତ୍ରଟି ବାସ୍ତବରେ ଏକ ତପସ୍ୟା, ଯାହା ଫଳରେ ମଣିଷ ନିଜର ଦୁର୍ବଳତା, ନିଜ ଭିତରର ଦୁର୍ଗୁଣକୁ ସ୍ୱୀକାର କରି ତାକୁ ତ୍ୟାଗ କରି ଚାଲିବ ଏବଂ କ୍ରମେ ସେ ଆଧ୍ୟାତ୍ମିକ ଯାତ୍ରାର ସୁଉଚ୍ଚ ସୋପାନରେ ପହଞ୍ଚି ପାରିବ। ଯମରାଜ ତାକୁ ଯେତେବେଳେ ବହୁ ଧନ ସମ୍ପତ୍ତି ପ୍ରଦାନ କରିବାକୁ ଚାହିଁଲେ, ନଚିକେତା କହିଲା- ତା'ର ସେଥିରେ ପ୍ରୟୋଜନ ନାହିଁ। ମାତ୍ର ମୃତ୍ୟୁର ଭେଦ ସେ ତାଙ୍କୁ ଜଣାଇବାକୁ ମିନତି କଲେ। ଯମରାଜ ଯାହା କହିଲେ, ତା'ର ମର୍ମ ହେଲା- ମଣିଷର ମୃତ୍ୟୁ ତା'ର ଶରୀରର ଅନ୍ତ ହେଲେ ହେଁ ତା' ଭିତରେ ଥିବା ଅବିନାଶୀ ଆତ୍ମାର ମୃତ୍ୟୁ ହୋଇ ନଥାଏ। ନିଜର ସତ୍‌କର୍ମ ଦ୍ୱାରା ଯିଏ ଆତ୍ମାକୁ ଉପଲବ୍ଧି କରି ପାରନ୍ତି, ସେ ହିଁ ମହତ୍ତର ସୋପାନକୁ ଯାତ୍ରା କରିଥାନ୍ତି, ଅର୍ଥାତ୍ ଆତ୍ମାର ସୁଦୀର୍ଘ ଯାତ୍ରା ପଥରେ ମୃତ୍ୟୁ ଏକ ପୂର୍ଣ୍ଣଚ୍ଛେଦ ନୁହେଁ, ଏହା ହୁଏତ ଏକ କ୍ଷୁଦ୍ର ବିରାମ ଚିହ୍ନ ମାତ୍ର !

ଭାରତୀୟ ପୁରାଣରେ ଯେଉଁ ଦେବାସୁର ସଂଗ୍ରାମ କଥା ଉଲ୍ଲିଖିତ ହୋଇଛି, ସେଥିରେ ସମୁଦ୍ର ମନ୍ଥନରୁ ଉଭୟ ବିଷ ଓ ଅମୃତ ମିଳିଥିବା କଥା ଜଣାଯାଏ। ଅମୃତକୁ କୌଶଳକ୍ରମେ ଅକ୍ତିଆର କରିଥିବାରୁ ଦେବତାମାନେ ମୃତ୍ୟୁ ଚକ୍ରରେ ନଥାନ୍ତି ବୋଲି ଧାରଣା। ମାତ୍ର ମୃତ୍ୟୁକୁ କେବଳ ଏକ ବେଦନାଯୁକ୍ତ ପର୍ଯ୍ୟାୟ ବୋଲି ବୋଧହୁଏ ଧରାଯାଉ ନଥିଲା, କାରଣ ସତ୍‌କର୍ମ ବଳରେ ମୃତ୍ୟୁକୁ ଅତିକ୍ରମ କରାଯାଇପାରେ ବୋଲି ଏକ ଧାରଣା ସୃଷ୍ଟି ହୋଇଥିଲା। ଦଧିଚୀ ନିଜେ ମୃତ୍ୟୁକୁ ବରଣ କରି ତାଙ୍କର ଅସ୍ଥି ପ୍ରଦାନ କରିଥିବାରୁ ଜୀବନଠାରୁ ମୃତ୍ୟୁ ଅଧିକ ଗରୀୟାନ ହୋଇପାରେ ବୋଲି ହୃଦ୍‌ବୋଧ ହୋଇଥିଲା। ମଣିଷର ଚେତନାରେ ଜନ୍ମ ହେଲେ ଯେମିତି ମୃତ୍ୟୁ ଅଛି, ମୃତ୍ୟୁ ହେଲେ ପୁନର୍ଜନ୍ମ ରହିଛି ବୋଲି ଆଦିଶଙ୍କରଙ୍କ ରଚନାରୁ ପ୍ରାପ୍ତ ହୁଏ: 'ପୁନରପି ଜନନଂ ପୁନରପି ମରଣଂ, ପୁନରପି ଜନନୀ ଜଠରେ ଶୟନମ୍।'

ଯମପୁରରେ ପହଞ୍ଚିଲେ ସଂପୃକ୍ତ ବ୍ୟକ୍ତିଙ୍କ ଜୀବନ ରହସ୍ୟ ଖୋଲି ଦିଅନ୍ତି ତାଙ୍କର ପଞ୍ଜିକାର ଚିତ୍ରଗୁପ୍ତ। ମଣିଷର ସବୁ ଭଲ ଓ ମନ୍ଦ କର୍ମ କୁଆଡ଼େ ଆଜିକାଲିର ସିସିଟିଭିରେ କଏଦ ହେଲା ପରି ସେଠାରେ ରହିଥାଏ, ଆଉ ଗର୍ହିତ କର୍ମ ପାଇଁ ଯମ ଦଣ୍ଡର ସମ୍ମୁଖୀନ ହେବାକୁ ପଡ଼େ। ପୁଣ୍ୟର ଫଳ ପୁରସ୍କାର ହୋଇଥିବା ବେଳେ ପାପର ଫଳ ହୋଇଥାଏ ନୀଚ ଫଳ, ଯାହାକୁ କୁହାଯାଏ ଯମ ଦଣ୍ଡ। ବୋଧହୁଏ ସତ୍‌କର୍ମ ପ୍ରତି ମଣିଷର ଦୃଷ୍ଟିଭଙ୍ଗୀ ବଦଳାଇବାକୁ ଏଇ କାହାଣୀ। ମାତ୍ର ପୃଥିବୀକୁ ଆସିବା ପରେ ମଣିଷ ଏସବୁ ଭୁଲି ନିଜର ସ୍ୱେଚ୍ଛାଚାରରେ ବ୍ୟସ୍ତ ରୁହେ। ତେଣୁ କୁହାଯାଏ- 'ପୁଣ୍ୟସ୍ୟ ଫଳ ମିଚ୍ଛନ୍ତି...ପାପ କୁର୍ବନ୍ତି ଯତ୍ନତଃ।'

ମୃତ୍ୟୁର ଭୟ ମଣିଷକୁ ଅନେକ ସମୟରେ ଆତୁର କରେ। କୁହାଯାଏ, ମହା ମୃତ୍ୟୁଞ୍ଜୟ ମନ୍ତ୍ର ପାଠ କଲେ ମୃତ୍ୟୁ ଭୟ ଦୂର ହୁଏ। 'ତ୍ର୍ୟମ୍ବକଂ ଯଜାମହେ ସୁଗନ୍ଧି ପୁଷ୍ଟି ବର୍ଦ୍ଧନମ୍- ଉର୍ବାରକମିବ ବନ୍ଧନାତ୍ ମୃତ୍ୟୋର୍ମୋକ୍ଷିୟମାମୃତାତ୍'- ଏହା କେବଳ ଏକ ଶ୍ଳୋକ ନୁହେଁ, ଏହା ଏକ ସାଧନା, ଯାହା ମଣିଷ ଭିତରେ ନକାରାତ୍ମକ ଉର୍ଜା ଅପସରି ନେଇ ସକାରାତ୍ମକ ଦିଗକୁ ମଣିଷକୁ ପ୍ରେରିତ କରେ।

ବର୍ଷରୁ ଅଧିକ ହୋଇଥିବାରୁ ସତରେ ଭଗବାନଙ୍କର କିଛି ସ୍ଥିର ଆୟୁଷ ପ୍ରଦାନ ଭଳି ମତକୁ ଗ୍ରହଣ କରାଯାଇ ପାରିବ ନାହିଁ। ବରଂ ବିବର୍ତ୍ତନର ନିୟମ ଅନୁସାରେ ଏହା ପରିବର୍ତ୍ତିତ ହେଉଥିବା ଅଧିକ ସମ୍ଭବ ଓ ବିଶ୍ୱାସଯୋଗ୍ୟ ଅନୁଭୂତ ହୁଏ।

ମୃତ୍ୟୁର ଭୟ ପଛରେ ମନସ୍ତାତ୍ତ୍ୱିକ, ଆବେଗିକ ଓ ଆଧ୍ୟାତ୍ମିକ କାରଣମାନ ରହିଛି। ତେବେ ସବୁଠୁ ଗ୍ରହଣଯୋଗ୍ୟ ମତ ହେଲା, ମଣିଷ ଭିତରେ ଥିବା ବଞ୍ଚିବାର ଇଚ୍ଛା ତା'ର ମୃତ୍ୟୁର ଭୟ ସୃଷ୍ଟିକରେ ଏବଂ ମୃତ୍ୟୁ ପରର ଅଜ୍ଞାତ ଯାତ୍ରା ବିଷୟରେ ବୈଜ୍ଞାନିକ ଯୁକ୍ତିସମ୍ମତ ତଥ୍ୟ ନଥିବାରୁ ସନ୍ଦେହ ଭୟକୁ କରେ ବହୁଗୁଣିତ।


ସେନାବାହିନୀର ବୀର ଯବାନମାନେ ମୃତ୍ୟୁରେ ବ୍ୟଥିତ ହୁଅନ୍ତି ନାହିଁ। ବରଂ ସହିଦ ହେଲେ ପରମ ପଦ ମିଳେ ବୋଲି ବିଶ୍ୱାସ କରନ୍ତି। ସେହି କ୍ରମରେ ବହୁ ସ୍ୱାଧୀନତା ସେନାନୀ ଫାଶୀ ଖୁଣ୍ଟରେ ହସି ହସି ପ୍ରାଣ




ମୃତ୍ୟୁ ଅନିର୍ବାର୍ଯ୍ୟ ଏବଂ ଏଥିପାଇଁ ଚାର୍ବାକ୍‌ଙ୍କ ଦୃଷ୍ଟିକୋଣ ଥିଲା- 'ଯାବଜ୍ଜୀବେତ ସୁଖଂଜୀବେତ୍/ ଋଣଂକୃତ୍ୱା ଘୃତଂ ପିବେତ/ ଭସ୍ମିଭୂତସ୍ୟ ଦେହସ୍ୟ ପୁନରାଗମନଂ କୁତଃ।' ଏପରି ଦୃଷ୍ଟିଭଙ୍ଗୀ ଏକ ଲଗାମଛଡ଼ା, ଦାୟିତ୍ୱହୀନ ଜୀବନ ଜିଇଁବାକୁ ପ୍ରଲୁବ୍ଧ କରେ। ମାତ୍ର ଆତ୍ମାର ଉର୍ଦ୍ଧ୍ୱ ଗତିରେ କିଛି ସହଯୋଗ କରେନା। ହେଲେ ମୃତ୍ୟୁ କେତେବେଳେ ଆସିବ, ତାହା ସବୁବେଳେ ରହସ୍ୟ ଘେରରେ। ଓଡ଼ିଆ ଭାଗବତରେ ଜଗନ୍ନାଥ ଦାସଙ୍କ ଉକ୍ତି ସମସ୍ତେ ଜାଣନ୍ତି- 'ନିମିଷେ ଥିଲେ ଦେହେ ପ୍ରାଣ/ ନ ନେଇ ପାରେ ଜନ୍ତୁରାଣ।' ମୃତ୍ୟୁ ଭଗବାନଙ୍କ ହାତରେ ବୋଲି କୁହାଯାଏ। ମାତ୍ର ସ୍ୱାଧୀନତା ବେଳକୁ ଭାରତୀୟଙ୍କ ହାରାହାରି ଆୟୁ ୩୩/୩୪ ବର୍ଷ ହୋଇଥିବା ବେଳେ ଏବେ ତାହା ସତୁରି ଦେଇଥିଲେ। ମୃତ୍ୟୁ ନଥିଲେ ଅହଂକାରୀ ଶାସକମାନେ କେତେ ଅଧିକ କ୍ରୁରତା ଆଚରଣ କରୁଥାନ୍ତେ, ତାହା ଅନୁମାନ କରି ପାରୁଛନ୍ତି ? ଯିଏ ସବୁବେଳେ ଦୁଃଖୀ ଓ ରୋଗାକ୍ରାନ୍ତ, ସେ ଯଦି ଅମରତ୍ୱ ପାଆନ୍ତା, ତା'ର ଜୀବନ କିପରି ହୁଅନ୍ତା ଭାବି ନିଅନ୍ତୁ। ମୃତ୍ୟୁ ସମାନତାର ଏକ ଅଲଂଘ୍ୟ ନିୟମ। ମୃତ୍ୟୁର ଭୟ ବରଂ ମଣିଷକୁ ଭଲ ବାଟରେ ଯିବାରେ ସାହାଯ୍ୟ କରିପାରେ; ଚୈତନ୍ୟ ଉଦୟର ବିଶେଷ ଅସ୍ତ୍ର ହୋଇପାରେ ମୃତ୍ୟୁର ଅନିବାର୍ଯ୍ୟତା।

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ। ମତାମତ ବ୍ୟକ୍ତିଗତ)**
**ଭୁବନେଶ୍ୱର**
**ମୋ: ୯୪୩୮୪୮୨୯୧୧**

# ପିଲାଙ୍କ ଡର ନାଲି ଗାରକୁ



ସତ୍ୟନାରାୟଣ ଦେହୁରୀ


ପିଲାମାନେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନାଲି କଲମ ଦେଖିଲେ ଭୟ କରନ୍ତି। କାରଣ, ନାଲି କଲମର ଗାରରେ ଅନେକ କଥା ଲୁଚି ରହିଥାଏ। ପିଲାଙ୍କ ଖାତାରେ ଏହି ନାଲି ଗାର ଦେଖି ପିତା ମାତା ଗାଳି କିମ୍ବା ଶାରୀରିକ ଦଣ୍ଡ ଦେଇ ପାରନ୍ତି। ଏହି ନାଲି ଗାର ଅନେକ ନମ୍ବର କମାଇ ଦେବାର ସୂଚନା ଦିଏ। ଏହି ନାଲି ଗାର ପିଲାଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ସୃଷ୍ଟି କରିପାରେ। ସର୍ବୋପରି, ଏହି ନାଲି ଗାର ପିଲାଙ୍କୁ ବିଭିନ୍ନ ପ୍ରକାର ମାନସିକ ଯନ୍ତ୍ରଣା ଦେଇଥାଏ। ଶିକ୍ଷକ ଶିକ୍ଷୟିତ୍ରୀମାନେ ଯେତେବେଳେ ପିଲାଙ୍କ ଖାତା ଦେଖନ୍ତି, ସେତେବେଳେ ସେମାନେ ଭୁଲ୍ ଥିବା ସ୍ଥାନରେ ନାଲି ଗାର ଦିଅନ୍ତି। ପରୀକ୍ଷା ଖାତାରେ ଏକାଧିକ ନାଲି ଗାର ପଡ଼ିଲେ କିଛି ନମ୍ବର କଟି ଯାଇଥାଏ। ପରୀକ୍ଷା ବ୍ୟତୀତ ଅନ୍ୟାନ୍ୟ ଖାତାରେ ସଂଶୋଧନ ସମୟରେ ଭୁଲ୍ ସ୍ଥାନମାନଙ୍କରେ ଶିକ୍ଷକ ଶିକ୍ଷୟିତ୍ରୀ ନାଲି ଗାର ପକାଇ ଥାଆନ୍ତି। ଏହି ନାଲି ଗାର ପିଲାଙ୍କୁ ସତର୍କ କରାଇ ଦିଏ ପରବର୍ତ୍ତୀ ଲେଖା ପାଇଁ।

ପିଲାମାନେ ନିଜ ନିଜ ଖାତାରେ ନୀଳ କିମ୍ବା କଳା ରଙ୍ଗର କାଳିରେ ଲେଖି ଥାଆନ୍ତି। ଏହି ଲେଖାଗୁଡ଼ିକ ସଂଶୋଧନ କଲାବେଳେ ଶିକ୍ଷକ ଶିକ୍ଷୟିତ୍ରୀମାନେ ନାଲି ରଙ୍ଗର କାଳି ବ୍ୟବହାର କରିବା ଦ୍ୱାରା ଭୁଲ୍‌ଗୁଡ଼ିକ ସ୍ପଷ୍ଟ ଜଣାପଡ଼େ। ତେଣୁ ଭୁଲ୍ ଶବ୍ଦ କିମ୍ବା ବାକ୍ୟ ତଳେ ଶିକ୍ଷକ ଶିକ୍ଷୟିତ୍ରୀ ନାଲି କାଳି ଥିବା କଲମରେ ଗାର ପକାନ୍ତି କିମ୍ବା ଆବଶ୍ୟକ ସ୍ଥଳେ ନାଲିରେ ଲେଖି ଦିଅନ୍ତି। ସେହି ସଂଶୋଧିତ ଶବ୍ଦ କିମ୍ବା ବାକ୍ୟକୁ ପିଲାମାନେ ନିଜର ମାନସିକ ସ୍ତରରେ ସଂଶୋଧନ କରି ନିଅନ୍ତି। ବେଳେ ବେଳେ ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ସେହି ଭୁଲ୍ ଶବ୍ଦଗୁଡ଼ିକୁ ପାଞ୍ଚ ଥର ଲେଖିବା ପାଇଁ ନିର୍ଦ୍ଦେଶ ଦେଇଥାନ୍ତି। ଏହା ଫଳରେ ପିଲାଙ୍କର ଭବିଷ୍ୟତରେ ଆଉ ସେହି ଭୁଲ୍‌ଗୁଡ଼ିକ ରୁହେ ନାହିଁ। କିଛି ପିଲା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିର୍ଦ୍ଦେଶକୁ ମାନନ୍ତି ନାହିଁ। ଖାତାରେ ଥିବା ଭୁଲ୍‌ଗୁଡ଼ିକ ସେମିତି ରହିଯାଏ। ତେବେ ଏହି ନାଲି ଗାର ପିଲାଙ୍କ ପାଇଁ ଏକ ସତର୍କ ଘଣ୍ଟି ପରି। ନାଲି ଗାରକୁ ଯିଏ ଭୟ ନକରି ଲେଖିବା ଜାରି ରଖେ, ସେ ଆଗକୁ ଆଗକୁ ଯାଇପାରେ। କାହିଁକିନା, ଭୁଲ୍ ନହେଲେ ଠିକ୍ କେମିତି ଆସିବ। ଭୁଲ୍ ହୋଇଯିବ ଭାବି ନ ଲେଖିବା ଏକ ଖରାପ ଅଭ୍ୟାସ। ଅନେକ ଲେଖିଲେ ଯାଇଁ ଅନେକ ଭୁଲ୍‌ର ସାମ୍ନା କରିହେବ ଏବଂ ଧୀରେ ଧୀରେ ଭୁଲ୍‌ଗୁଡ଼ିକ ସଂଶୋଧନ ହୋଇଗଲେ ଭବିଷ୍ୟତରେ ଭୁଲ୍‌ର ପରିମାଣ କମି କମି ଯିବ। ଛୋଟ ପିଲାମାନେ ଅକ୍ଷର ଶିଖିଲା ବେଳେ କେତେ ଥର ଲିଭାଉ ଥାଆନ୍ତି, ପୁଣି ଲେଖୁଥାନ୍ତି। ଏମିତି ବାରମ୍ବାର ଭୁଲ୍-ଠିକ୍; ଭୁଲ୍-ଠିକ୍ ଭିତରେ କେତେବେଳେ ଆପେ ଆପେ ସଂଶୋଧନ ହୋଇଯାଏ।

ଯେଉଁ ଲେଖାଗୁଡ଼ିକ ଯେତିକି ସ୍ପଷ୍ଟ ହେବ, ଗୋଲ୍ ଅକ୍ଷର ସହ ନିର୍ଭୁଲ୍ ହେବ, ସେଗୁଡ଼ିକ ସେତିକି ଅନ୍ୟମାନଙ୍କୁ ଆକୃଷ୍ଟ କରିବ। ଶିକ୍ଷକ ଶିକ୍ଷୟିତ୍ରୀ କିମ୍ବା ପରୀକ୍ଷକଙ୍କ ଉପରେ ଏପରି ଲେଖାଗୁଡ଼ିକ ବହୁତ ପ୍ରଭାବ ପକାଇ ଥାଏ। ଏଇ ଲେଖକ ୧୯୯୬ ମସିହାରେ ଭୁବନେଶ୍ୱରରେ ଥିବା ଇଂରାଜୀ ଭାଷା ଶିକ୍ଷା ପ୍ରତିଷ୍ଠାନରେ ଇଂରାଜୀରେ ଡିପ୍ଲୋମା କଲାବେଳେ ଏପରି ଏକ ଅନୁଭୂତି ପାଇଥିଲା। ତିନି ମାସିଆ ଡିପ୍ଲୋମା ପାଠ୍ୟକ୍ରମ ଅବଧି ମଧ୍ୟରେ ତିନୋଟି ପରୀକ୍ଷା କରା ଯାଇଥିଲା। ଏହି ପରୀକ୍ଷାଗୁଡ଼ିକ ମାତ୍ର ୨୦ ମାର୍କସ୍‌ର ପରୀକ୍ଷା ଥିଲା। ମୋର ପ୍ରଥମ ମାସର ପ୍ରଥମ ପରୀକ୍ଷା ଖାତା ଯେତେବେଳେ ସମସ୍ତଙ୍କ ସମ୍ମୁଖରେ ଦେଖାଗଲା, ମୁଁ ଆଶ୍ଚର୍ଯ୍ୟ ହୋଇଗଲି ! ମୋ ଖାତାରେ ଗୋଟିଏ ବି ନାଲି ଗାର ପଡ଼ି ନଥିଲା ଏବଂ ମୁଁ ୨୦ରୁ ୨୦ ନମ୍ବର ପାଇଥିଲି। ସଂପୃକ୍ତ ଅଧ୍ୟାପକ ମୋତେ ବହୁତ ସାବାସୀ ଦେଇଥିଲେ। ମୋ ସହ ତାଲିମ ନେଉଥିବା ଅନ୍ୟମାନେ ମଧ୍ୟ ମୋତେ ବହୁତ ପ୍ରଶଂସା କରିଥିଲେ। ଏବେ ମଧ୍ୟ ମୋର ସେକଥା ମନେପଡ଼େ। ଠିକ୍ ସେହିପରି ଶିକ୍ଷକତା ଜୀବନ ଭିତରେ ଯେତେବେଳେ ବୋର୍ଡ ପରୀକ୍ଷାର ଖାତାସବୁ ଦେଖା ହୁଏ, ସେ ସମୟରେ ମଧ୍ୟ ଏମିତି ଅନେକ ଖାତା ଦେଖିବାକୁ ମିଳିଛି, ଯେଉଁଥିରେ ଗୋଟିଏ ବି ନାଲି ଗାର ପକାଇ ହେବ ନାହିଁ। ସେପରି ଖାତାଗୁଡ଼ିକ ସବୁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବହୁତ ପ୍ରଭାବିତ କରେ। ସେହି ଖାତାଗୁଡ଼ିକରେ ପୂରାକୁ ପୂରା ନମ୍ବର ଦେବାକୁ ପଛାନ୍ତି ନାହିଁ। ମୁଁ ଅନେକ ଥର ଇଂରାଜୀ ବିଷୟର ନିର୍ଭୁଲ୍ ଉତ୍ତର ଲେଖା ଥିବା ଖାତା ପାଇଛି। ସେହି ଖାତାଗୁଡ଼ିକୁ ମୁଁ ନମ୍ବର ଦେଇ ସାରିଲା ପରେ ମୁଖ୍ୟ ପରୀକ୍ଷକଙ୍କ ନଜରକୁ ନେଇଛି। ସେ ମଧ୍ୟ କୌଣସିଠାରେ ଯେତେ ଖୋଜିଲେ ବି କିଛି ଭୁଲ୍ ପାଆନ୍ତି ନାହିଁ। ଶେଷରେ ମୁଁ ଦେଇଥିବା ନମ୍ବର କାଏମ୍ ରୁହେ।

ତେବେ ନିର୍ଭୁଲ୍ ଲେଖିଲେ ନାଲି ଗାର ପଡ଼େ ନାହିଁ। ପରୀକ୍ଷା ଖାତାଗୁଡ଼ିକରେ ନାଲି ଗାର ସଂଖ୍ୟା ଯେତିକି ଅଧିକ ହେବ, ମାର୍କସ୍ ସେତିକି କଟିଯିବାର ସମ୍ଭାବନା ଥାଏ। ତେଣୁ ପିଲାମାନେ ସବୁବେଳେ ନିର୍ଭୁଲ୍ ଓ ପରିଷ୍କାର ଭାବେ ଉତ୍ତର ଲେଖିବାର ଆବଶ୍ୟକତା ରହିଛି।

ବେଳେବେଳେ ଭୁଲ୍ ବଶତଃ ଠିକ୍ ଶବ୍ଦ କିମ୍ବା ବାକ୍ୟ ତଳେ ମଧ୍ୟ ନାଲି ଗାର ପଡ଼ି ଯାଇଥାଏ। ଏହା ପିଲାଙ୍କ ଭାବାବେଗରେ ବାଧା ଦେଇଥାଏ। ଭୁଲ୍ ତଳେ ନାଲି ଗାର ଶୋଭନୀୟ। କିନ୍ତୁ ଠିକ୍ ତଳେ ନାଲି ଗାର ଅଶୋଭନୀୟ। ତେଣୁ ଯେତେବେଳେ ବି ପିଲାଙ୍କ ଖାତା ସଂଶୋଧନ କରାଯାଉଛି, ନିହାତି ଭାବରେ ସତର୍କତା ଅବଲମ୍ବନ କରାଯିବା ଉଚିତ। ଯେତେବେଳେ ପରୀକ୍ଷକ ଜଣେ କମ୍ ସମୟ ମଧ୍ୟରେ ଅଧିକ ଖାତା ସଂଶୋଧନ କରିବାର ପ୍ରୟାସ କରନ୍ତି, ସେତେବେଳେ ସେ ଅଧିକ ବେଗରେ ଖାତାକୁ ସଂଶୋଧନ କରନ୍ତି। ଫଳରେ, ଠିକ୍ ସ୍ଥାନରେ ମଧ୍ୟ ନାଲି ଗାରର ଛିଟା ବାଜିଯାଏ। ଏହାଦ୍ୱାରା ପିଲାଙ୍କର ମାର୍କସ୍‌ରେ ତାରତମ୍ୟ ଦେଖା ଦିଏ। ପିଲାଏ ଆକଳନ କରିଥିବା ମାର୍କସ୍ ସହିତ ପରୀକ୍ଷକ ଦେଇଥିବା ମାର୍କସ୍‌ର ମେଳ ଖାଏ ନାହିଁ। ପିଲାଙ୍କ ମନରେ ଅସନ୍ତୋଷ ଭାବ ଦେଖାଦେବା ସ୍ୱାଭାବିକ। ତେଣୁ ସମୟର ସ୍ୱଳ୍ପତା ଥିଲେ କମ୍ ସଂଖ୍ୟକ ଖାତା ଦେଖିବା ଠିକ୍ ହେବ।




ନାଲି କଲମକୁ ବେଳେବେଳେ ପିଲାମାନେ ମଧ୍ୟ ବ୍ୟବହାର କରନ୍ତି। ସେମାନେ ନିଜ ନିଜ ନୋଟ୍ ଖାତାରେ ପ୍ରଶ୍ନ-ଉତ୍ତର ଲେଖିଲା ବେଳେ ପ୍ରଶ୍ନଗୁଡ଼ିକୁ ନାଲି କଲମରେ ଲେଖନ୍ତି ଓ ଉତ୍ତରଗୁଡ଼ିକ ନୀଳ କିମ୍ବା କଳା କଲମରେ ଲେଖନ୍ତି। ଏପରି କାହିଁକି କରନ୍ତି ନା ପ୍ରଶ୍ନଗୁଡ଼ିକ ସହିତ ଉତ୍ତରଗୁଡ଼ିକ ମିଶିବ ନାହିଁ। ପଢ଼ିଲା ବେଳେ ସହଜରେ ଉତ୍ତରଗୁଡ଼ିକ ବାରି ହୋଇପଡ଼େ। ତେଣୁ ସାର୍‌ମାନେ ମଧ୍ୟ ଏପରି ଭିନ୍ନ ରଙ୍ଗ ବ୍ୟବହାର କରି ପ୍ରଶ୍ନ-ଉତ୍ତର ଲେଖିବା ପାଇଁ ପରାମର୍ଶ ଦିଅନ୍ତି। ତେବେ ନାଲି କଲମ ପିଲାଙ୍କ ପାଇଁ କେତେବେଳେ ଭୟ ସୃଷ୍ଟି କରୁଛି ତ କେତେବେଳେ ଆଗ୍ରହ ବଢ଼ାଉଛି। ସ୍ଥଳ ବିଶେଷରେ ତା'ର ପ୍ରଭାବ ଅଲଗା ହୋଇଥାଏ। ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଏହି ନାଲି କଲମ ଏକ ଅସ୍ତ୍ର ଭଳି କାମ କରେ। ସବୁବେଳେ ତାଙ୍କ ପକେଟରେ ଉଭୟ ନାଲି ଓ ନୀଳ କିମ୍ବା କଳା କଲମ ଦେଖିବାକୁ ମିଳେ। ଦୁଃଖର ବିଷୟ, ଆଜିକାଲି ଅନେକ ସାର୍‌ଙ୍କ ପକେଟରେ କୌଣସି କଲମ ନଥାଏ। ଯେତେବେଳେ ଆବଶ୍ୟକ ପଡ଼େ, ସେତେବେଳେ କାହା ପାଖରୁ ମାଗି ଆଣି କାମ ଚଳାଇ ଦିଅନ୍ତି। ସହକର୍ମୀଙ୍କ ପାଖରୁ କିମ୍ବା ପିଲାମାନଙ୍କ ପାଖରୁ କଲମ ନେଇ ସାର୍‌ମାନେ ନିଜର କାମ ଚଳାନ୍ତି। ପ୍ରଧାନ ଶିକ୍ଷକଙ୍କ ଟେବୁଲ ନିକଟକୁ ଦସ୍ତଖତ କରିବା ପାଇଁ ଗଲେ ପ୍ରଧାନ ଶିକ୍ଷକଙ୍କ ଟେବୁଲରେ ଥିବା ଅଫିସ କଲମ ଆଣି ଦସ୍ତଖତ କରୁଛନ୍ତି। ଠିକ୍ ସେହିପରି କ୍ଲାସ୍‌କୁ ଗଲେ ପିଲାଙ୍କ ହାଜିରା ପକାଇବା ପାଇଁ ପିଲାଙ୍କଠାରୁ କଲମ ମାଗନ୍ତି। ଏପରିକି ପିଲାମାନେ ଯଦି କୌଣସି ଖାତା ସଂଶୋଧନ ପାଇଁ ଦିଅନ୍ତି, ସେମାନେ ନାଲି କଲମଟିଏ ସାଙ୍ଗରେ ନେଇକରି ଆସିଥାନ୍ତି। କାରଣ, ସେମାନେ ଜାଣି ଗଲେଣି ଯେ ଆମ ସାର୍ କଲମ ଧରି ନଥିବେ। କେତେକ ସାର୍‌ଙ୍କ ଛାତିରେ ପକେଟ ମଧ୍ୟ ନଥାଏ। ଆଉ କଲମ ଆସିବ କୁଆଡୁ ! ଶିକ୍ଷୟିତ୍ରୀମାନେ ମଧ୍ୟ ନିଜର ଭ୍ୟାନିଟି ବ୍ୟାଗ୍‌ରେ କଲମ ରଖିବାକୁ ଭୁଲି ଯାଇଥାନ୍ତି। କାମ ପଡ଼ିଲେ ଭ୍ୟାନିଟି ବ୍ୟାଗ୍‌କୁ ଅଣ୍ଡାଳି ହୁଅନ୍ତି। କିନ୍ତୁ କିଛି ଫଳ ମିଳେ ନାହିଁ। ବାଧହୋଇ ପିଲାଙ୍କୁ ହାତ ବଢ଼ାନ୍ତି। ଏଇ କିଛି ବର୍ଷ ହେଲା ଏପରି ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଆଗରୁ କିନ୍ତୁ ସାର୍‌ମାନେ କଲମକୁ ଭୁଲନ୍ତି ନାହିଁ। ସବୁବେଳେ ପକେଟରେ ଦୁଇଟି କଲମ ଶୋଭା ପାଉଥାଏ। ଏହି କଲମ ଦୁଇଟିକୁ ଦେଖିଲେ ସହଜରେ ଜଣେ କହିଦେଇ ପାରେ ଏ ଜଣେ ଶିକ୍ଷକ ବୋଲି। ଶିକ୍ଷକଙ୍କ ପରିଚୟ ଏହି କଲମଦ୍ୱୟ। ଆଜିକାଲି ତ ୟୁନିଫର୍ମରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପରଚୟ ଜଣା ପଡ଼ି ଯାଉଛି, ତେଣୁ ବୋଧହୁଏ କଲମ ଧରିବା ଆବଶ୍ୟକ ପଡୁନାହିଁ।

ଆଜିକାଲି ଗୋଟିଏ କଲମର ଦାମ୍ ମାତ୍ର ତିନି ଟଙ୍କା। ନାଲି ହେଉ କିମ୍ବା ନୀଳ, ଖୁବ୍ କମ୍ ଦାମ୍‌ରେ କଲମ ମିଳୁଥିଲେ ମଧ୍ୟ ପାଖରେ ରଖିବାକୁ ମନେ ପଡୁନାହିଁ। କିନ୍ତୁ କିଛି ଶିକ୍ଷକ ପକେଟରେ କଲମ ରଖିବାକୁ ଭୁଲନ୍ତି ନାହିଁ। ସବୁବେଳେ ପକେଟରେ କଲମ ରହିଥାଏ। ଏପରିକି ରିଫିଲ ସରିଯିବାର ଭୟରେ ରିଫିଲ ମଧ୍ୟ ସାଙ୍ଗରେ ରଖିଥାନ୍ତି। ଏହା ଏକ ଭଲ ଅଭ୍ୟାସ। ସବୁବେଳେ ନିଜର ପରିଚୟ ତଥା ସ୍ୱାଭିମାନକୁ ବଜାୟ ରଖିବା ଉଚିତ। ସମାଜର ଜଣେ ଆଗଧାଡ଼ିର ବ୍ୟକ୍ତି ହିସାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଆବଶ୍ୟକ। ସବୁବେଳେ ପିଲାଙ୍କ ହିତରେ କାମ କରିବା ଜଣେ ଭଲ ଶିକ୍ଷକଙ୍କ କାମ।

**ରାଧାନଗର, ବୌଦ୍ଧ**
**ମୋ: ୯୯୩୮୭୫୮୩୫୩**

# ହ୍ୱାଟସ୍‌ଆପ୍, ଇନ୍‌ଷ୍ଟା ସୁରକ୍ଷା ପ୍ରସଙ୍ଗ

ଆଜିକା ସମୟରେ ମେଟାର ମାଲିକାନାରେ ଥିବା ସୋସିଆଲ ମିଡିଆ ବା ସାମାଜିକ ଗଣମାଧ୍ୟମର ଦୁଇ ଗୋଟି ପ୍ଲାଟ୍‌ଫର୍ମ ବା ମଞ୍ଚ ଭାବରେ ହ୍ୱାଟସ୍‌ଆପ୍ ଏବଂ ଇନ୍‌ଷ୍ଟାଗ୍ରାମ୍ ଯଥେଷ୍ଟ ଲୋକପ୍ରିୟତା ହାସଲ କରିଛି, ବିଶେଷକରି ଯୁବ ବର୍ଗଙ୍କ ମଧ୍ୟରେ। କିନ୍ତୁ ଏବେ ଏ ଦୁଇ ମଞ୍ଚକୁ ନେଇ ଉଠିଛି ବିବାଦ, ଯାହା ଏକ ବିଶେଷ ପ୍ରସଙ୍ଗ ଉପରେ ଆଲୋକପାତ କରିଛି, ଯାହାକୁ ନେଇ ସାମାଜିକ ଗଣମାଧ୍ୟମ କମ୍ପାନୀଗୁଡ଼ିକଙ୍କ ବିରୁଦ୍ଧରେ ପ୍ରାୟତଃ ଅଭିଯୋଗ ଆଗତ କରାଯାଇଥାଏ: ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକ ନୂଆ ନୂଆ ଫିଚର ବା ବୈଶିଷ୍ଟ୍ୟଗୁଡ଼ିକ ଆରମ୍ଭ କରିବା କ୍ଷେତ୍ରରେ ବେଶ୍ କ୍ଷୀପ୍ରତା ତ ପ୍ରଦର୍ଶନ କରିଥାନ୍ତି, ଅଥଚ ସେଥିରୁ ଉଦ୍ଭବ କ୍ଷତି ବା ବିପଦଗୁଡ଼ିକୁ ପ୍ରତିରୋଧ କରିବା କ୍ଷେତ୍ରରେ ଧୀମା ଗତିରେ କାମ କରିଥାନ୍ତି। ନିକଟରେ ବ୍ୟବହାରକାରୀଙ୍କ ଗୋପନୀୟତାକୁ ଉନ୍ନତ କରିବା ପାଇଁ ବ୍ୟବହାରକାରୀମାନଙ୍କୁ ସେମାନଙ୍କର ଫୋନ୍ ନମ୍ବରଗୁଡ଼ିକୁ ଆବଣ୍ଟିତ ନ କରିବାକୁ ସୁଯୋଗ ଦେଇ ହ୍ୱାଟସ୍‌ଆପ୍ ଏକ ୟୁଜରନେମ୍ ବା ବ୍ୟବହାରକାରୀଙ୍କ ନାମ-ଆଧାରିତ ବାର୍ତ୍ତା ଆଦାନପ୍ରଦାନ ବ୍ୟବସ୍ଥା ଆରମ୍ଭ କରିବାକୁ ପ୍ରସ୍ତାବ ଦେଇଛି। ଏହାର ଅଳ୍ପ କିଛି ସମୟ ପରେ ପରେ ଇନ୍‌ଷ୍ଟାଗ୍ରାମ୍ ବିରୁଦ୍ଧରେ ଅଭିଯୋଗ ଉଠିଛି ଯେ ଏହା ଦେୟ ପ୍ରଦାନକାରୀ ବିଜ୍ଞାପନଗୁଡ଼ିକ ଚଳାଇବା ସହିତ ଶିଶୁମାନଙ୍କ ଯୌନ ଶୋଷଣ ଏବଂ ନିର୍ଯାତନାମୂଳକ ସାମଗ୍ରୀଗୁଡ଼ିକ ଉପଲବ୍ଧ କରିବାକୁ ସୁଗମ କରାଉଛି। ଉଭୟ କ୍ଷେତ୍ରରେ ଲୋକମାନଙ୍କର ସ୍ୱାର୍ଥକୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ସରକାରଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ଏ ଦୁଇଟିଯାକ ପ୍ରସଙ୍ଗ ଯଦିଓ ପରସ୍ପର ସହିତ ସମ୍ପର୍କିତ ନହେବା ଭଳି ମନେ ହୋଇ ପାରନ୍ତି, ସେମାନେ କିନ୍ତୁ ସମ୍ପୃକ୍ତିକୁ ପ୍ରାଥମିକତା ଦେବା ଏବଂ ଦୁଇଟିଯାକ ଘଟଣାକୁ ସଂଯୁକ୍ତ କରୁଥିବା ବ୍ୟବହାରକାରୀନଙ୍କ ନିରାପତ୍ତା ବ୍ୟବସ୍ଥା ଉପରେ ଅଭିବୃଦ୍ଧିର ଏକ ସମାନ ସୂତ୍ରକୁ ଆବଣ୍ଟିତ କରନ୍ତି।


ସମ୍ପ୍ରତି ହ୍ୱାଟସ୍‌ଆପ୍ ଫୋନ୍ ନମ୍ବରଗୁଡ଼ିକୁ ବ୍ୟବହାର କରୁଛି, ଯେଉଁଗୁଡ଼ିକ ବାର୍ତ୍ତାର ବିନିମୟ ପାଇଁ ବ୍ୟବହାରକାରୀମାନଙ୍କର ବ୍ୟକ୍ତିଗତ ଚିହ୍ନଟକାରୀ। ଫୋନ୍ ନମ୍ବରଗୁଡ଼ିକ ଯଦି ପ୍ରକାଶ ପାଇଯାଏ, ତା'ହେଲେ ଏହା ସ୍ପାମ୍ (ଅବାଞ୍ଛିତ ବାର୍ତ୍ତା), ଜାଲିଆତି, ଷ୍ଟାକିଂ, ନିର୍ଯାତନା ଏବଂ ଅବାଞ୍ଛିତ ସମ୍ପର୍କ ପ୍ରତିଷ୍ଠା ଇତ୍ୟାଦି ଦିଗରେ ପଥ କଢ଼ାଇ ନେଇପାରେ। ଯଦିଓ ହ୍ୱାଟସ୍‌ଆପ୍ ୟୁଜରନେମ୍ ବୈଶିଷ୍ଟ୍ୟ ବ୍ୟବହାରକାରୀଙ୍କୁ ଅତ୍ୟଧିକ ଗୋପନୀୟତା ପ୍ରଦାନ କରିଥାଏ, ବିଶେଷକରି ବ୍ୟବସାୟ, ସର୍ବସାଧାରଣ ଗ୍ରୁପ୍ ଏବଂ ସାମୟିକ ଭାବ ବିନିମୟ କ୍ଷେତ୍ରରେ, ତେବେ ଏହାର ଡିଜାଇନ୍ ଯଦି ଦୁର୍ବଳ ଭାବରେ କରାଯାଏ, ତା'ହେଲେ ଏହାର ଅପବ୍ୟବହାର ହୋଇପାରେ। ସାମାଜିକ ଗଣମାଧ୍ୟମର ଅନ୍ୟ ଏକ ମଞ୍ଚ ଟେଲିଗ୍ରାମ୍ ଏକଥା ଦର୍ଶାଇ ସାରିଛି ଯେ କିପରି ଦୁର୍ନୀତି ବା ଜାଲିଆତି କରୁଥିବା ବ୍ୟକ୍ତିବିଶେଷ, ଅନ୍ୟାନ୍ୟ ଛଦ୍ମବେଶୀ ଲୋକ ଏବଂ ଖଳ ଉଦ୍ଦେଶ୍ୟ ବହନ କରୁଥିବା ଲୋକମାନେ ସହଜରେ ବ୍ୟବହାରକାରୀଙ୍କ ନିକଟରେ ଏହା ଜରିଆରେ ପହଞ୍ଚି ସେମାନଙ୍କ ଉଦ୍ଦେଶ୍ୟ ହାସଲ କରି ପାରନ୍ତି। ସେଥିପାଇଁ ନିଟ୍ ପରୀକ୍ଷା ସମୟରେ ଏହା ଉପରେ ନିଷେଧାଦେଶ ଜାରି କରାଯାଇଥିଲା। ବର୍ତ୍ତମାନ ଏହାଠାରୁ ଯଥେଷ୍ଟ ଅଧିକ ସଂଖ୍ୟକ ବ୍ୟବହାରକାରୀ ଥିବା ହ୍ୱାଟସ୍‌ଆପ୍ ଯଦି ସେହି ପଥର ପଥିକ ହୁଏ, ତେବେ ବିପଦ ଆହୁରି ଅଧିକ ହେବ। ଇନ୍‌ଷ୍ଟାଗ୍ରାମ୍ ବିରୁଦ୍ଧରେ ଅଭିଯୋଗଗୁଡ଼ିକ ଅଧିକ ସାଂଘାତିକ। ମେଟାର ନିଜର ବିଜ୍ଞାପନ ମାର୍ଗଦର୍ଶିକା ଉଲ୍ଲେଖ କରେ ଯେ ବିଜ୍ଞାପନଗୁଡ଼ିକ ଏହାର ନୀତିଗୁଡ଼ିକର ଅନୁପାଳନ କରୁଥିବା ନେଇ ପ୍ରଚାର କରାଯିବା ପୂର୍ବରୁ ଯାଞ୍ଚ କରାଯାଇଥାଏ ଏବଂ ବିଜ୍ଞାପନଦାତାମାନେ ଉଭୟ ଜନଗୋଷ୍ଠୀର ମାନଦଣ୍ଡ ତଥା ବିଜ୍ଞାପନ ମାନଦଣ୍ଡକୁ ମାନିବାକୁ ବାଧ୍ୟ। ଏହି ନୀତିଗୁଡ଼ିକ ମଧ୍ୟ ଶିଶୁ ଯୌନ ଶୋଷଣ, ନିର୍ଯାତନା, ଉତ୍ପୀଡ଼ନ ଏବଂ ନଗ୍ନତାକୁ ନିଷେଧ କରେ। ଅପରନ୍ତୁ, ଇନ୍‌ଷ୍ଟାଗ୍ରାମ୍ ବିରୁଦ୍ଧରେ ଏବେ ଅଭିଯୋଗ ଉଠିଛି ଯେ ଏହା ସେହିସବୁ ଦେୟ ପ୍ରଦାନ କରାଯାଉଥିବା ବିଜ୍ଞାପନଗୁଡ଼ିକୁ ପ୍ରସାରିତ କରୁଛି, ଯେଉଁଗୁଡ଼ିକ ଶିଶୁ ଯୌନ ଉତ୍ପୀଡ଼ନକୁ ସୁଗମ କରାଉଛି, ଯାହା ମେଟାର ଉପରଠାଉରିଆ ବ୍ୟବସ୍ଥା ବିଷୟରେ ଗୁରୁତର ପ୍ରଶ୍ନମାନ ଉଠାଉଛି। ମେଟାର ପ୍ରସିଦ୍ଧ ଆଲ୍‌ଗୋରିଦମ୍ ଏଭଳି ହାନିକାରକ ବିଷୟବସ୍ତୁଗୁଡ଼ିକୁ ନିରୂପଣ କରିବା ସହିତ ସେସବୁର ପ୍ରତିରୋଧ କରିବାରେ ଯଦି ବିଫଳ ହୁଏ, ତା'ହେଲେ ଏହାକୁ କେବଳ ସଂଯମତାର ବିଫଳତା ବୋଲି କୁହାଯାଇ ପାରିବ ନାହିଁ, ବରଂ ତା' ସହିତ ଏହାକୁ ବିଜ୍ଞାପନ ପ୍ରକ୍ରିୟାରେ ଏକ ବ୍ୟବସ୍ଥାଗତ ବିଫଳତା ବୋଲି କୁହାଯିବ।

ଅଭିଯୋଗଗୁଡ଼ିକ ଆସିବା ପରେ ମେଟା ତା'ର ପ୍ରତିକ୍ରିୟାରେ କେବଳ ଶିଶୁ ଯୌନ ଉତ୍ପୀଡ଼ନ ସାମଗ୍ରୀ (ସିଏସ୍ଏଏମ୍) ବାବଦରେ ରହିଥିବା ଶୂନ୍ୟ-ସହନଶୀଳତା ନୀତିର ଦୁହାଇ ଦେଇ ଆଶ୍ୱାସନା ପ୍ରଦାନ କରିଛି। ତେବେ ମେଟାର ଲିଖିତ ବିଧି ବିଧାନ ରହିଛି କି ନାହିଁ, ତାହା ବାସ୍ତବ ପ୍ରସଙ୍ଗ ନୁହେଁ, ଯାହାକି ଅଧିକାଂଶ ସାମାଜିକ ଗଣମାଧ୍ୟମ ମଞ୍ଚମାନେ କରିଥାନ୍ତି। ପ୍ରସଙ୍ଗ ହେଉଛି, ସେହିସବୁ ନୀତି ନିୟମଗୁଡ଼ିକ ପ୍ରଭାବଶାଳୀ ଭାବରେ ହେଉଥିବା କ୍ଷତିକୁ ପ୍ରତିରୋଧ କରି ପାରୁଛନ୍ତି କି ନାହିଁ। ଚଳିତ ବର୍ଷ କୃତ୍ରିମ ଧୀମତ୍ତା (ଏଆଇ)ର ବ୍ୟବହାରକୁ ସମ୍ପ୍ରସାରିତ କରିବା ନିମନ୍ତେ ଏହାର ଆଠ ହଜାର କର୍ମଚାରୀଙ୍କୁ ଛଟେଇ କରିଛି। ତେବେ ଉପରୋକ୍ତ ଉଭୟ ମାମଲାରେ ଏହା ହେଉଛି ମାନବୀୟ ଧୀମତ୍ତାର କଥା- ନାଗରିକ ସମାଜ ଏବଂ ସାମ୍ବାଦିକମାନଙ୍କର- ଯାହା ସମ୍ଭାବ୍ୟ ଅପବ୍ୟବହାର ଉପରେ ଆଲୋକପାତ କରିଥିଲା, ଯାହାକୁ ଉପରୋକ୍ତ ମଞ୍ଚଗୁଡ଼ିକ କରିବା ଉଚିତ ଥିଲା। ଏହି ଘଟଣାଗୁଡ଼ିକ ମେଟା ସହିତ ଅନ୍ୟାନ୍ୟ ମଞ୍ଚମାନଙ୍କ ନିମନ୍ତେ ଏକ ଶିକ୍ଷା ଭାବରେ କାମ କରିବା ଉଚିତ। ସେମାନେ ବୁଝିବା ଉଚିତ ଯେ ବିଶ୍ୱାସ ହେଉଛି ସେମାନଙ୍କର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି। ସେମାନେ ହ୍ୱାଟସ୍‌ଆପ୍‌ରେ ଗୋପନୀୟତାକୁ ନେଇ ବ୍ୟବସାୟ କରି ପାରିବେ ନାହିଁ କି ଇନ୍‌ଷ୍ଟାଗ୍ରାମ୍‌ରେ ନିରାପତ୍ତା ବିଫଳତାକୁ ପ୍ରଶ୍ରୟ ଦେଇ ପାରିବେ ନାହିଁ। ଏକ ୟୁଜରନେମ୍ ବା ବ୍ୟବହାରକାରୀଙ୍କ ନାମ ବ୍ୟବସ୍ଥା ହୁଏତ ଏକ ସକାରାତ୍ମକ ପରିବର୍ତ୍ତନ ହୋଇପାରେ, କିନ୍ତୁ ଏହା ସେତିକି ବେଳେ କରାଯିବା ଉଚିତ ଯେତେବେଳେ ପ୍ରଥମ ଦିନରୁ ଏହା ସହିତ ଆଭ୍ୟନ୍ତରୀଣ ଭାବରେ ସୁରକ୍ଷା ବ୍ୟବସ୍ଥାକୁ ସଂଯୋଗ କରାଯାଇ ପାରୁଥିବ। ଶିଶୁମାନଙ୍କ ନିରାପତ୍ତା କ୍ଷେତ୍ରରେ କୌଣସି ପ୍ରକାରର ଭୁଲ୍ ହାରକୁ ଗ୍ରହଣ କରାଯିବା, ଉପରଠାଉରିଆ ଆଶ୍ୱାସନା ପ୍ରଦାନ କରାଯିବା ଏବଂ ଏହାର ମାତ୍ରା ଉପରେ କ୍ଷମା ପ୍ରଦାନ କରାଯିବାର ବ୍ୟବସ୍ଥା ଆଦୌ ଗ୍ରହଣୀୟ ହେବା ଉଚିତ ନୁହେଁ। ସାମାଜିକ ଗଣମାଧ୍ୟମ କମ୍ପାନୀମାନେ ବାର୍ତ୍ତା ବିନିମୟର ସାଧନ ପାଲଟି ସାରିଲେଣି। ତେଣୁ ସେମାନେ କେବଳ କର୍ପୋରେଟ୍ ସ୍ୱାର୍ଥ ନୁହେଁ, ବରଂ ଜନସ୍ୱାର୍ଥ ଉପରେ ପ୍ରାଥମିକତା ପ୍ରଦାନ କରିବା ଉଚିତ।

# କର୍ମଫଳ ଓ ସୁଖ

ବେଳେବେଳେ ଯୁବକ/ଯୁବତୀ ପାଠ ପଢ଼ି ନିଯୁକ୍ତି ଆଶାରେ ବସି ଥାଆନ୍ତି। ଚାକିରି ନହେବା ଯାଏଁ ମନସ୍ତାପରେ ରୁହନ୍ତି। ଜୀବନ ବେକାର ଲାଗେ। ଭାବନ୍ତି, ଏତେ ପାଠ ପଢ଼ି ବୃଥା ହେଲା। ବାପା ମାଆ ବି ଚିନ୍ତା କରନ୍ତି ପିଲାର ପଢ଼ାରେ ଏତେ ଖର୍ଚ୍ଚ ହେଲା। କିଛି ଲାଭ ହେଲାନି। ନିଯୁକ୍ତି ଯେତିକି ଡେରି ହେଉଥାଏ, ମନ ସେତିକି ବିଚଳିତ ହୁଏ। କାରଣ ଆମର ଭାବନା 'ଯୋଉ ପାଠ ପଢ଼ିଛି, ସେଇ ଦିଗରେ ହିଁ ନିଯୁକ୍ତି ପାଇବି ଏବଂ ସେଇ କ୍ଷେତ୍ରରେ ହିଁ ଲୋକଙ୍କୁ ସାହାଯ୍ୟ କରିବି।' ଏହା ଠିକ୍ ହୋଇପାରେ, ମାତ୍ର ସମ୍ପୂର୍ଣ୍ଣ ଠିକ୍ ନୁହେଁ। କାରଣ ଆମର ଅଧ୍ୟୟନ କେବଳ ରୋଜଗାର ପାଇଁ ନୁହେଁ; ଜଗତର କଲ୍ୟାଣ ପାଇଁ। ଏଇ ଭାବନା ମନରେ ଆସିଗଲେ ଆଖି ଆଗରେ ଆମକୁ ଅନେକ କାମ ଦେଖାଯିବ। ଆମେ କୋଉଠି ନିଯୁକ୍ତି ପାଉ ବା ନପାଉ, ଖାଇବା, ପିନ୍ଧିବା କମ୍ ନଥାଏ। ଏଣେତେଣେ ବେକାର ହୋଇ ବୁଲିବା ଅପେକ୍ଷା ସେଇ ସମୟରେ କିଛି ଜନହିତକର କାମ କରି ପାରିଲେ ତା'ର ଫଳ ଦିନେ ନା ଦିନେ ଫଳିଥାଏ।

ଏମିତି କଥାର ଏକ ଉଦାହରଣ। ଜଣେ ବ୍ରାହ୍ମଣ ପିଲା। ପାଠଶାଠ ପଢ଼ିଲେ। ଚାକିରି ଆଶାରେ ବହୁ ପରୀକ୍ଷା ଦେଲେ। ସଫଳ ହେଲେନି। ବୟସ ଗଡ଼ିଗଲା। ଚେଷ୍ଟା କରି ପୂଜାପାଠ ବି ଶିଖିଲେ। ପ୍ରତିଯୋଗିତା ଭିତରେ ସେ ଉପଯୁକ୍ତ ପୂଜାପାଠ ବି ପାଇ ପାରିଲେନି। ପରିବାର ଚଳେଇବା କଷ୍ଟ ହେଉଥାଏ। ତଥାପି ଆଶା ହରେଇ ନଥାନ୍ତି। ତାଙ୍କର ଧାରଣା ଏତେ ବଡ଼ ସଂସାରରେ ପିମ୍ପୁଡ଼ି ଭଳି କ୍ଷୁଦ୍ର ଜୀବକୁ ଖାଦ୍ୟପେୟ ମିଳୁଛି। ହାତୀ ଭଳି ବିରାଟ ଜୀବକୁ ତା' ଉପଯୋଗୀ ଖାଦ୍ୟ ମିଳୁଛି। ମୁଁ ତ ସାମାନ୍ୟ ମଣିଷ। ପରମାତ୍ମା ମୋ ପାଇଁ ଖାଦ୍ୟପେୟ ରଖି ନାହାନ୍ତି ? ଏଇ ଭାବନାରେ ଚଳୁ ଥାଆନ୍ତି। ପରିବାରକୁ ଏଇ ତତ୍ତ୍ୱଟି ବି ବୁଝେଇ ଦେଇ ଥାଆନ୍ତି। ଦିନେ ଦେଖିଲେ ରାସ୍ତାଘାଟ ଖୁବ୍ ମଇଳା ହୋଇଛି। ନଈ ତୁଠ ବି ଖୁବ୍ ଅଳିଆ ହୋଇଛି। ସେ ତାକୁ ସଫା କରିବାକୁ ଲାଗିଲେ। ମଣିଷ ଯେତେବେଳେ ଅନ୍ୟ ପାଖରେ ମୂଲ ଲାଗେ, ମଜୁରୀ ଆଶା ରଖେ। ସାହାଯ୍ୟ କରିବାକୁ ଗଲେ ମଜୁରୀ ମିଳିବାର ଆଶା ନଥାଏ। ସେମିତି ନଈ ତୁଠକୁ ସଫା କରୁଛନ୍ତି, ଗୋଟିଏ ଛୋଟ ଡବା ସେଇ ଅଳିଆ ଭିତରୁ ବାହାରିଲା। ତାକୁ ନଜର ଦେଲେନି। ଏମିତି ଅନେକ ଖାଲି ଡବା ବି ନଈରେ ପଡ଼ିଥାଏ। ଫେରିଲା ବେଳକୁ ହଠାତ୍ କାହିଁକି ମନେହେଲା, ସେଇ ଡବାକୁ ଉଠେଇଲେ। ତା' ଭିତରେ ଥିଲା ସୁନାର କାନ ଫୁଲଟାଏ। ତା'ପରେ ସେଇଠୁ ଜୀବନର ମୋଡ଼ ବଦଳିଲା। ସେଇ ଛୋଟ ସୁନାକୁ ବିକ୍ରି କରି ବ୍ୟବସାୟ ଆରମ୍ଭ କଲେ।



ଜୀବନରେ ସଫଳ ହେବାକୁ ହେଲେ ପରମାତ୍ମାଙ୍କ ଆଶୀର୍ବାଦ ଦରକାର। ପରମାତ୍ମା ସେମିତି କାହାକୁ ଆଶୀର୍ବାଦ କରି ଦିଅନ୍ତିନି। ମଜୁରୀ ଗୋଟିଏ ଜାଗାରେ ଖଟିଲେ ମୂଲ ଆଉ ଗୋଟିଏ ଜାଗାରେ ମିଳେ। କାହାକୁ କୋଉଠି ସାହାଯ୍ୟର ହାତ ବଢ଼େଇ ଥିଲେ, ପରମାତ୍ମା ଆମକୁ ସହଯୋଗର ହାତ ବଢ଼ାନ୍ତି। ଏତିକି ବୁଝିବାକୁ ହେବ- ମୁଁ ଯୋଉ କାମ କରୁଛି, ଏହାର ପ୍ରତିବଦଳରେ ଯେତିକି ମିଳୁଛି ଯଥେଷ୍ଟ। ଯଦି ମନରେ ଆସେ ପାଠ ଓ ପରିଶ୍ରମ ଅନୁସାରେ ଦରମା ମିଳୁନି, ତେବେ ଜୀବନ କୁହୁଳି କୁହୁଳି ନଷ୍ଟ ହୋଇଯିବ। ଉଚ୍ଚ ଆଶା ରଖାଯାଉ, ମାତ୍ର ସେ ଆଶା ଯେମିତି ଦୁଃଖର କାରଣ ନହେବ, ସେଥିପାଇଁ ବି ଧ୍ୟାନ ଦିଆଯାଉ। କର୍ମକୁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଉ। ଫଳର ଆଶା କମିଯିବ। ଫଳ ଆଶା ଯେତେ କମ୍, ଜୀବନରେ ସୁଖ ସେତିକି ବେଶି। ଏହାର ନାମ ସମର୍ପିତ କର୍ମ।

## ବୈତରଣୀରେ ପ୍ରଥମ ବନ୍ୟା

# ଦବିଲା କୁଆଖିଆ-ଆଖଣ୍ଡଳମଣି ଜାତୀୟ ରାଜପଥ

**ଭଦ୍ରକ,୭/୭/ଏନ୍‌ଏନ୍‌ଏସ୍:** ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ତଳମୁଣ୍ଡରେ ଅର୍ଥାତ୍ ଆରଡି ଦେଇ ପ୍ରବାହିତ ହେଉଥିବା ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇଥିଲା। ବୈତରଣୀ ନଦୀରେ ଆସିଥିବା ପ୍ରଥମ ବନ୍ୟାରେ ବୋଡକ ନିକଟରେ ପୂର୍ବରୁ ଧୋଇଯାଇଥିବା କୁଆଖିଆ-ଆଖଣ୍ଡଳମଣି ୨୦ ନମ୍ବର ଜାତୀୟ ରାଜପଥର ପୁଣି ୩ଶହ ଫୁଟ୍ ଲମ୍ବର ଦବିବା ସହ ନଦୀ ଆଡ଼କୁ ଢଳି ରହିଛି। ଆଗକୁ ଯଦି ବୈତରଣୀରେ ବନ୍ୟା ପାଣି ବୃଦ୍ଧି ପାଏ ତା'ହାଲେ ବିଚ୍ଛିନ୍ନ ହେବାର ଆଶଙ୍କା ଦେଖାଦେଇଛି। ବିଶେଷକରି ମୁଁଆ ଗାଁ ନିକଟ କଜଳାମାହାରା ନିକଟରେ ଗତ ବର୍ଷ ୩ ଶହ ଫୁଟ୍‌ର ନଦୀବନ୍ଧ ବୈତରଣୀକୁ ଧସି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ମରାମତି ହୋଇପାରି ନାହିଁ। ସେହିପରି ଷାଠିବାଙ୍କୁଡ଼ା ଗାଁରୁ ବୋଡ଼କ ଖେଳ ପଡ଼ିଆ ଯାଏଁ ଦୀର୍ଘ ୧ କିମି ନଦୀବନ୍ଧର ସୁଦୃଢ଼ୀକରଣ ନିମନ୍ତେ ୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ମାଟି ପକାଯିବା ସହ ପଥର ପ୍ୟାକିଙ୍ଗ କରାଯାଇଛି। ମାତ୍ର ଠିକ୍ ଭାବେ କାର୍ଯ୍ୟ ହୋଇନଥିବାରୁ ଗତ ୨ ଦିନ ମଧ୍ୟରେ ୩ଶହ ଫୁଟ୍ ଲମ୍ବ ନଦୀବନ୍ଧର ମାଟି ଅତଡ଼ା ନଦୀ ଗର୍ଭକୁ ଚାଲିଯାଇଥିବାବେଳେ ଅନେକ ସ୍ଥାନରେ ନଦୀବନ୍ଧର ଫାଟ ଦେଖାଦେଇଛି। ଏପରି ଘଟଣାର ଅନୁଧ୍ୟାନ ପାଇଁ ମଙ୍ଗଳବାର ଅପରାହ୍ନରେ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ସଞ୍ଜୀବ ମହାନ୍ତି, ଏସ୍‌ଡିଓ ଶମ୍ଭୁ ପ୍ରକାଶ ମଲ୍ଲିକ ଓ କନିଷ୍ଠ ଯନ୍ତ୍ରୀ ବିମଳ ବେହେରା ପ୍ରମୁଖ ନଦୀବନ୍ଧର ସ୍ଥିତି ପରଖିଥିଲେ। ବନ୍ୟାପାଣି କମିବା ପରେ ଦୁର୍ବଳ ବନ୍ଧର ମରାମତି କରାଯିବ ବୋଲି ସୂଚନା ଦେଇଥିଲେ।

# ରାଜପଥ ଲୁଟେରା ଗ୍ୟାଙ୍ଗ୍‌ର ୬ ଗିରଫ

**କେନ୍ଦୁଝର,୭/୭/ଏନ୍‌ଏନ୍‌ଏସ୍:** ବଡ଼ବିଲ୍ ପୁଲିସ୍ ଜଣେ ମହିଳାଙ୍କ ସମେତ ରାଜପଥ ଲୁଟେରା ଗ୍ୟାଙ୍ଗ୍‌ର ୬ ଜଣଙ୍କୁ ଗିରଫ କରିଛି। ମହିଳା ଜଣକ ହେଉଛନ୍ତି ସାଇବର୍ ଠକେଇର ମାଷ୍ଟର୍‌ମାଇଣ୍ଡ। ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ବଡ଼ବିଲ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦେବେନ୍ଦ୍ର ନାଥ ପିଙ୍ଗୁଆ ଓ ଥାନାଧିକାରୀ ଅଶୋକ କୁମାର ନାୟକ ସୂଚନା ଦେଇଛନ୍ତି। ଗତ ୪ ତାରିଖ ୫୨୦ ନମ୍ବର ଜାତୀୟ ରାଜପଥ ରଇଡ଼ା ଛକ ନିକଟରେ ୫ରୁ ୬ ଜଣ ଲୁଟେରା ଭଦ୍ରାସାହିର ପ୍ରିୟତୋଷ ରଥଙ୍କ ଗାଡ଼ି ଚାଳକ ରାମପୁଜନ ତନ୍ତୀଙ୍କୁ ଖଣ୍ଡା, ଛୁରୀ ଦେଖାଇ ତା' ନିକଟରୁ ଗୋଟିଏ ମୋବାଇଲ୍ ଫୋନ୍ ଓ ନଗଦ ୧୫ ଶହ ଟଙ୍କା ଲୁଟି ନେଇଥିବା ନେଇ ସେ ବଡ଼ବିଲ୍ ଥାନାରେ ଅଭିଯୋଗ କରିଥିଲେ। ପରେ ଉକ୍ତ ଲୁଟ୍ ହୋଇଥିବା ମୋବାଇଲ୍ ଫୋନ୍‌କୁ ବ୍ୟବହାର କରି ତାଙ୍କର ବିଭିନ୍ନ ବ୍ୟାଙ୍କ୍ ଖାତାରୁ ଲୁଟେରାମାନେ ସମୁଦାୟ ୧ଲକ୍ଷ ୮୬ ହଜାର ୫୦୦ ଟଙ୍କା ଗାଏବ କରିଥିବା ଜଣାପଡ଼ିବା ପରେ ପୁଲିସ୍ ପକ୍ଷରୁ ତନଘନା ଆରମ୍ଭ ହୋଇଥିଲା। ଏହି ସମୟରେ ଯୋଡ଼ା, ବଡ଼ବିଲ୍ ଅଞ୍ଚଳର ୯ରୁ ୧୦ ଜଣ ଏକ ଦଳ ଗଠନ କରି ଦୀର୍ଘ ଦିନ ହେଲା ଭଦ୍ରାସାହି ନିକଟ ୫୨୦ ନମ୍ବର ଜାତୀୟ ରାଜପଥରେ ଗାଡ଼ି ଚାଳକଙ୍କଠାରୁ ଲୁଟ୍‌ପାଟ କରୁଥିବା ଜଣାପଡ଼ିଥିଲା। ଏମାନେ ଲୁଟ୍ କରୁଥିବା ମୋବାଇଲ୍ ଫୋନ୍‌କୁ ଠାକୁରାଣୀ ଅଞ୍ଚଳରେ ରହୁଥିବା ଚନ୍ଦ୍ରାବତୀ ପାତ୍ର ନାମୀ ମହିଳାଙ୍କୁ ଦେଉଥିଲେ। ଚନ୍ଦ୍ରାବତୀ ମୋବାଇଲ୍ ଫୋନ୍‌ରେ ଥିବା ଗୁଗୁଲ୍ ପେ', ଫୋନ୍ ପେ' ଆଦି ବ୍ୟବହାର କରି ବ୍ୟାଙ୍କ୍ ଆକାଉଣ୍ଟରୁ ଟଙ୍କା ଗାଏବ କରୁଥିଲେ ଏବଂ ନିଜେ ମୋଟାଅଙ୍କର କମିଶନ୍ ରଖୁଥିବା ଜଣାପଡ଼ିଥିଲା। ଚନ୍ଦ୍ରାବତୀଙ୍କ କୁଖ୍ୟାତ ଜମତାରା ଦଳ ସହ ସମ୍ପର୍କ ଥିବା ପୁଲିସ୍ ଜାଣିବାକୁ ପାଇଛି। ତାଙ୍କଠାରୁ ୧୨ଟି ମୋବାଇଲ୍ ଫୋନ୍, ୨୬ଟି ବ୍ୟାଙ୍କ୍ ପାସ୍‌ବହି ଓ ୨୮ଟି ସିମ୍ କାର୍ଡ ଜବତ ହୋଇଛି। ତେବେ ଏହି ଦଳର ସଦସ୍ୟମାନେ ଭଦ୍ରାସାହି ନିକଟ ରଇଡ଼ା ଜଙ୍ଗଲରେ ଡକାୟତି ପାଇଁ ଯୋଜନା କରୁଥିବା ଜଣାପଡ଼ିଛି।

# ନଦୀରେ ବୁଡ଼ି ଜଣେ ନିଖୋଜ

**ବୈଶିଙ୍ଗା,୭/୭/ଏନ୍‌ଏନ୍‌ଏସ୍:** ବୈଶିଙ୍ଗା ଥାନା ପାଟଳିପୁରା ପଞ୍ଚାୟତ ଅନ୍ତର୍ଗତ ବୁଢ଼ାବଳଙ୍ଗ ନଦୀ ଉପରେ ଥିବା ନାଖରା ସେତୁକୁ ଗାଧୋଇବାକୁ ଆସିଥିବା ୫ ଜଣ ସାଙ୍ଗଙ୍କ ମଧ୍ୟରୁ ଜଣେ ଭାସିଯାଇଥିବା ଜଣାପଡ଼ିଛି। ସମ୍ପୃକ୍ତ ଯୁବକ ଜଣକ ହେଲେ ଫୁଲାଡ଼ି ଫାଣ୍ଡି ଅଧୀନ ଅଶୋକ କୁମାର ଜେନାଙ୍କ ୨୦ ବର୍ଷୀୟ ପୁଅ ଆକାଶ କୁମାର ଜେନା। ମଙ୍ଗଳବାର ଅପରାହ୍ନରେ ବାଲେଶ୍ୱର ଜିଲ୍ଲା ସଦର ଥାନାର ଫୁଲାଡ଼ି ଫାଣ୍ଡି ଅଧୀନ କଅଁରାକୁଳ ଗ୍ରାମର ଆକାଶ ଜେନା ଏବଂ ବୁଆଁଳ ଗ୍ରାମର ସିଲୁ ଜେନା, ଚିନ୍ମୟ ଜେନା, ବଳରାମ ଜେନା ଓ ମୁନା ଜେନା ନାଖରା ସେତୁକୁ ଗାଧୋଇବାକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ନଦୀରେ ୪ ଜଣ ଗାଧୋଉଥିବାବେଳେ ଜଣେ ଭିଡିଓ ପ୍ରସ୍ତୁତ କରୁଥିଲେ। ଏହି ସମୟରେ ପାଣିର ସ୍ରୋତ ଜୋର୍ ଥିବାରୁ କଅଁରାକୁଳ ଗ୍ରାମର ଆକାଶ ପାଣିରେ ବୁଡ଼ି ଯାଇଥିଲେ। ଅନ୍ୟ ସାଙ୍ଗମାନେ ତାଙ୍କୁ ଖୋଜିଥିଲେ ମଧ୍ୟ ପାଇନଥିଲେ। ବୁଡ଼ି ଯାଇଥିବା ସାଙ୍ଗକୁ ବଞ୍ଚାଇବା ପାଇଁ ଅନ୍ୟ ସମସ୍ତ ସାଙ୍ଗ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଘଟଣା ସମ୍ପର୍କରେ ବୈଶିଙ୍ଗା ଥାନାକୁ ଜଣାଇବା ସହ ବଡ଼ସାହି ଏବଂ ବେତନଟୀ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବରପାଇ ଦୀର୍ଘ ସମୟ ପରେ ସମସ୍ତ ବିଭାଗ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଆକାଶଙ୍କୁ ପାଇନଥିଲେ। ପରେ ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଉପାୟ ଅବଲମ୍ବନ କରିଥିଲେ ସୁଦ୍ଧା ପାଣିର ସ୍ରୋତ ଏତେ ତୀବ୍ର ଥିଲା ଯେ ଆକାଶଙ୍କ ପତ୍ତା ମିଳିପାରିନଥିଲା। ଏନେଇ ବୈଶିଙ୍ଗା ଥାନାରେ ପରିବାରବର୍ଗଙ୍କ ଲିଖିତ ଅଭିଯୋଗକୁ ଆଧାର କରି ବୈଶିଙ୍ଗା ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ରାତି ହୋଇଯିବା ସହ ଖବର ଲେଖା ହେବା ସୁଦ୍ଧା ଆକାଶଙ୍କ କୌଣସି ପତ୍ତା ମିଳିପାରିନଥିଲା। ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ଓ ବେତନଟୀ ତହସିଲଦାର୍ ଚନ୍ଦ୍ରଜିତ ବେହେରା ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ବଡ଼ସାହି ବିଧାୟକ ସନାତନ ବିଜୁଳି ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରିଥିଲେ।

# କୃଷକ ପରାମର୍ଶ କମିଟି ବୈଠକ

**ସୋର,୭/୭/ଏନ୍‌ଏନ୍‌ଏସ୍:** ସୋର କୃଷି ବିଭାଗ କାର୍ଯ୍ୟାଳୟରେ ବ୍ଲକ୍‌ସ୍ତରୀୟ କୃଷକ ପରାମର୍ଶ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଏଫ୍‌ଏସିର ସଭାପତି ଅଜୟ କୁମାର ମାଝୀ ସଭାପତିତ୍ୱ କରିଥିଲେ। ଏଥିରେ କୃଷକଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ବିଶେଷକରି କୃଷି ଏବଂ କୃଷକଙ୍କ ଉନ୍ନତି ସହିତ ସାର, ବିହନ ଓ କୀଟନାଶକର ସୁଲଭ ଯୋଗାଣ ଓ ସବ୍‌ସିଡି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଡିଏଫ୍‌ଏସି ସଦସ୍ୟ ବାସନ୍ତୀ ପଣ୍ଡା, ସିଦ୍ଧାର୍ଥ ବେହେରା, ସୋର ବ୍ଲକ୍ ଅଧ୍ୟକ୍ଷ ଅନୁସୟା ମଲିକ, ୪୫ ନମ୍ବର ଜୋନ୍‌ର ଜିଲ୍ଲାପରିଷଦ ଜୟରାମ ଦାସ, ରଞ୍ଜିତା ଟୁଡ୍ଡୁ, ବିଏଓ, ଶୁଭଶ୍ରୀ ଶୁଭସ୍ମିତା ଏଏଚ୍‌ଓ ଓ ଚିତ୍ତରଞ୍ଜନ ସେଠୀଙ୍କ ସହ ଅନ୍ୟ ସହଯୋଗୀ ଉପସ୍ଥିତ ଥିଲେ। ଏହି ଅବସରରେ କୃଷକ ପରାମର୍ଶ କମିଟିର ସଭାପତି ଅଜୟ କୁମାର ମାଝୀ ଓ ଗୁଡ଼ ସରପଞ୍ଚ ବାସନ୍ତି ପଣ୍ଡାଙ୍କୁ ସୋର ବିଧାୟକ ମାଧବ ଧଡ଼ା ସମ୍ବର୍ଦ୍ଧିତ କରିଥିଲେ।

# ଜିଲ୍ଲାସ୍ତରୀୟ ବନ ମହୋତ୍ସବ

**ବାଲେଶ୍ୱର,୭/୭/ଏନ୍‌ଏନ୍‌ଏସ୍:** ଜିଲ୍ଲା ବନ ବିଭାଗ ଆନୁକୂଲ୍ୟରେ ସଦର ବ୍ଲକ୍ ଅନ୍ତର୍ଗତ ଗୁଡୁ ପଞ୍ଚାୟତର ଶେଖପାଟଣାରେ ଜିଲ୍ଲାସ୍ତରୀୟ ବନ ମହୋତ୍ସବ ପାଳିତ ହୋଇଯାଇଛି। ପରିବେଶ ସୁରକ୍ଷା ଓ ଜିଲ୍ଲାର ସବୁଜିମା ବୃଦ୍ଧି ଲାଗି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜନପ୍ରତିନିଧି ଏବଂ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀମାନେ ସାମିଲ୍ ହୋଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ସମ୍ମାନିତ ଅତିଥିଭାବେ ଜିଲ୍ଲାପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥିଭାବେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରତୀକ ପ୍ରକାଶ ଇନ୍ଦଲକର, ବାଲେଶ୍ୱର ଉପଜିଲ୍ଲାପାଳ ଶିବ ମାଲବ୍ୟ, ପୂର୍ବତନ ମୁଖ୍ୟ ବନ ସଂରକ୍ଷକ ଦେବବ୍ରତ ସ୍ୱାଇଁ, ସହକାରୀ ବନ ସଂରକ୍ଷକ ସୁଶ୍ରୀ କଟିନି ସେଠୀ, ସ୍ଥାନୀୟ ସରପଞ୍ଚ କମଳିନୀ ପାତ୍ର ଓ ବନାଞ୍ଚଳ ଅଧିକାରୀ ମାନୁଓ୍ୱାର ଖାନ୍ ପ୍ରମୁଖ ଯୋଗଦେଇ ପରିବେଶ ସନ୍ତୁଳନ ରକ୍ଷା କରିବାରେ ବୃକ୍ଷରୋପଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଆଗାମୀ ପିଢ଼ିକୁ ପ୍ରଦୂଷଣମୁକ୍ତ ପରିବେଶ ଦେବା ପାଇଁ ବୃକ୍ଷରୋପଣ ହିଁ ଏକମାତ୍ର ବିକଳ୍ପ। ତେଣୁ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଲେଖାଏଁ ଗଛ ଲଗାଇବା ସହ ତା'ର ସୁରକ୍ଷା ଦାୟିତ୍ୱ ନେବା ଉଚିତ୍ ବୋଲି ଉପସ୍ଥିତ ଅତିଥିବୃନ୍ଦ ମତ ଦେଇଥିଲେ।

## ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ କୃଷକ ଏକତା ପଦଯାତ୍ରା

# 'ସରକାର ଦେଇଥିବା ପ୍ରତିଶ୍ରୁତି ପଞ୍ଚାୟତ ନିର୍ବାଚନ ପୂର୍ବରୁ ପୂରଣ କରନ୍ତୁ'

**ବାରିପଦା,୭/୭/ଏନ୍‌ଏନ୍‌ଏସ୍:** ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ କୃଷକ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘରୁ ଆରମ୍ଭ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲା। ନିର୍ବାଚନ ପୂର୍ବରୁ ସରକାର ଦେଇଥିବା ପ୍ରତିଶ୍ରୁତି ମଧ୍ୟରୁ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରିନାହାନ୍ତି ବୋଲି ଜିଲ୍ଲା ପ୍ରଭାରୀ ଚିନୁ ଦାଶ ଅଭିଯୋଗ କରିଛନ୍ତି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଯଦି ଆଞ୍ଚଳିକ ସମସ୍ୟା ସହିତ ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ ନକରନ୍ତି ତେବେ ପ୍ରତି ପଞ୍ଚାୟତରେ ସରକାର ଜନଆକ୍ରୋଶର ଶିକାର ହେବେ ବୋଲି ଜିଲ୍ଲା ପ୍ରଭାରୀ କହିଛନ୍ତି। ସେହିପରି ନିଶାମୁକ୍ତ ଓଡ଼ିଶା ଗଠନ ଓ ସରକାରୀ ବା ବେସରକାରୀ ମଦ ଦୋକାନ ବନ୍ଦ, ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା ୩,୫୦୦ ଟଙ୍କା ପ୍ରଦାନ, ମାସିକ ଚାଷୀ ସୁରକ୍ଷା ଭତ୍ତା ପ୍ରଦାନ, ଧାନ ମଣ୍ଡିରେ କଟ୍‌ନୀ ଛଟ୍‌ନୀ ସମ୍ପୂର୍ଣ୍ଣ ବନ୍ଦ ସହ ସମସ୍ତ ଧାନ କ୍ରୟ କରାଯିବା, ଭାଗଚାଷୀ ଆଇନ ଲାଗୁ କରାଯିବା, ୩୦୦ ୟୁନିଟ୍ ମାଗଣା ବିଜୁଳି ଛାଡ଼ ସହ ସ୍ମାର୍ଟ ମିଟର୍ ବନ୍ଦ କରାଯିବା,



ପ୍ରତ୍ୟେକ ଚାଷ ଜମିକୁ ଜଳସେଚିତ କରାଯିବା, ପ୍ରତ୍ୟେକ ବ୍ଲକ୍‌ରେ ଶୀତଳ ଭଣ୍ଡାର ନିର୍ମାଣ, ବେକାରୀ ସମସ୍ୟାର ସମାଧାନ ପାଇଁ ପ୍ରତ୍ୟେକ ପଞ୍ଚାୟତରେ କୁଟୀର ଶିଳ୍ପ ପ୍ରତିଷ୍ଠା, ହାତୀ ସମସ୍ୟାର ସମାଧାନ, ମାଟିର ସୁରକ୍ଷା ପାଇଁ ପ୍ରାକୃତିକ କୃଷି ଓ ଦେଶୀ ଗାଈର ବିକାଶ ପାଇଁ ସ୍ୱତନ୍ତ୍ର ବଜେଟ୍ ପ୍ରସ୍ତୁତ କରାଯିବା, ବାରିପଦାସ୍ଥିତ ପାଲବଣି ଗୋଲେଇରେ ଓଭର୍ ବ୍ରିଜ୍ ନିର୍ମାଣ, ସରକାରୀ କାର୍ଯ୍ୟାଳୟରେ ପି ସି କାରବାର ସମ୍ପୂର୍ଣ୍ଣ ବନ୍ଦ କରାଯିବା, ପେସା ଆଇନ୍ ଲାଗୁ କରାଯିବା, ବିକାଶ ନାମରେ ଜଙ୍ଗଲ ଜଳ ଜମି ଓ ଖଣିର ବିନାଶ ରୋକିବା ଆଦି ଦାବିରେ ଜିଲ୍ଲା ପ୍ରଶାସନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ସଭାପତି ପ୍ରାଣବନ୍ଧୁ ପଲେଇ, ରାଇମଣି ବିଶ୍ୱାଳ, ସରସ୍ୱତୀ ସିଂ, କେଶର ସୋରେନ୍, ରାମସାଇ ହେମ୍ବ୍ରମ୍, ସାଲଖାନ୍ ଟୁଡ୍ଡୁ, ରବିନ୍ଦ୍ର ପୋଥାଳ, ପ୍ରଶାନ୍ତ କରଣ, ଦଲୁରାମ ସିଂ ଓ ପଦ୍ମଲୋଚନ ମହାନ୍ତ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଏହି ପଦଯାତ୍ରାରେ ଉପସ୍ଥିତ ଥିଲେ।

OIPR-24001/24045/3/26-27/0016 24001/275/2627

## ଓଡ଼ିଶା ସରକାର
## କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

ନଥି ସଂ- IX(A)-09/2026-312 ତା. 09.06.2026 ରିଖ

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ଖଡ଼ିଆଳ, ଥାନା-ଆନନ୍ଦପୁର, ତହସିଲ-ଆନନ୍ଦପୁର, ଜିଲ୍ଲା-କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ୪୪.୬୩୦ ରକବା ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧ (୧) ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଅଧୀକ୍ଷଣ ଯନ୍ତ୍ରୀ, ଡ୍ରେନେଜ ଡିଭିଜନ, ଭଦ୍ରକ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ ଜିଲ୍ଲାପାଳ, ଆନନ୍ଦପୁର।

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚୀତ ଜମିର ରକବା | |
|---|---|---|---|---|---|---|---|---|
| କେନ୍ଦୁଝର | ଆନନ୍ଦପୁର | ଖଡ଼ିଆଳ | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୨୫.୦୪୩ | ୪.୬୩୦ | ରୟତର |
| | | | | | ମୋଟ | ୨୫.୦୪୩ | ୪.୬୩୦ | ନାମ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ। ସଂଲଗ୍ନ

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝରରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, କେନ୍ଦୁଝର

**ଭୂମି ଅନୁସୂଚୀ**

ପ୍ରକଳ୍ପର ନାମ - ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ
ମୌଜା - ଘାଗରାନାଳ, ଥାନା- ଆନନ୍ଦପୁର, ଥାନା ନଂ-୧୨୨, ତହସିଲ-ଆନନ୍ଦପୁର, ଜିଲ୍ଲା-କେନ୍ଦୁଝର

| କ୍ରମିକ ନଂ | ଖତିୟାନ ନଂ | ପ୍ରଜାର ନାମ ଓ ଠିକଣା | ପ୍ଲଟ ନଂ | କିସମ | ମୋଟ ରକବା | ଅର୍ଜନ ରକବା |
|---|---|---|---|---|---|---|
| ୧ | ୨ | ଅଇଁଠୁ ନାଏକ, ପି-ପଦିଆ ନାଏକ, ଜା-ଭୂୟାଁ, ବା-ନିଜଗାଁ | ୧୦୦୧/ ୧୧୩୮ | ଶାରଦ ଏକ | ୦.୩୫୦ | ୦.୦୨୦ |
| ୨ | ୨୦ | ଅର୍ଜୁନ ସତଙ୍ଗି, ପି-ନିଧି ସତଙ୍ଗି, ଜା-ବ୍ରାହ୍ମଣ, ବା-ନିଜଗାଁ | ୯୯୬<br>୯୯୬/ ୧୧୨୦ | ଶାରଦ ତିନି<br>ଶାରଦ ତିନି | ୦.୯୨୦<br>୦.୭୦୦ | ୦.୦୯୦<br>୦.୧୪୦ |
| ୩ | ୪୩ | କୁଶ ନାଏକ, ପି-ନରି ନାଏକ, ଜା-ଭୂୟାଁ ବା-ନିଜଗାଁ | ୧୦୩୯<br>୧୦୪୨ | ଶାରଦ ଏକ<br>ଶାରଦ ଏକ | ୦.୨୫୦<br>୦.୦୭୦ | ୦.୨୫୦<br>୦.୦୭୦ |
| ୪ | ୬୦ | ଗୋପାଳ ନାୟକ, ପି-ପାଣ୍ଡବ ନାୟକ, ଦିଗାମ୍ବର ନାୟକ, ମୁଗୁନି ନାୟକ, କାର୍ତ୍ତିକ ନାଏକ, ଫଗୁଆ ନାୟକ, ପି-ଦୁଖା ନାୟକ ଜା-ଭୂୟାଁ, ବା-ନିଜଗାଁ | ୯୯୪ | ଶାରଦ ଦୁଇ | ୦.୪୬୦ | ୦.୦୭୦ |
| ୫ | ୬୧ | ଗୋପାଳ ନାୟକ, ପି-ପାଣ୍ଡବ ନାୟକ, ଦିଗାମ୍ବର ନାୟକ, ମୁଗୁନି ନାୟକ, କାର୍ତ୍ତିକ ନାଏକ, ଫଗୁଆ ନାୟକ, ପି-ଧ୍ରୁଜ ନାୟକ ହୃଷି ନାୟକ, ନିଶାକର ନାୟକ, ପି-ନରି ନାୟକ, କଣ୍ଟ ନାୟକ, ପି-ଚୈତନ୍ୟ ନାୟକ କୈଳାଶ ନାୟକ, ପି-ପୁରି ନାୟକ, ମୁଷା ନାୟକ, ପି-କୁମ ନାୟକ, ତାରି ନାୟକ, ମେଥି ନାୟକ, ସ୍ୱା-କୁନା ନାୟକ, ଅଖିଳ ବେହେରା, ମେନକା ବେହେରା, ପିକ ବେହେରା, ପଦ୍ମିନୀ ନାୟକ, କୁନ୍ତଳା ନାୟକ, ପି-କୁନା ନାୟକ, ଜା-ଭୂୟାଁ, ବା-ନିଜଗାଁ | ୭୨୪ | ବିଆଳି ଦୋଫସଲି | ୦.୨୪୦ | ୦.୦୫୦ |
| ୬ | ୭୭ | ଚାଖଣ୍ଡ ସେଣ୍ଠ, ସ୍ୱା-ଗଣେଶ ସେଣ୍ଠ, ଭିମ ସେଣ୍ଠ, ପି-ମାଗୁଣି ସେଣ୍ଠ, ବାବାଜି ସେଣ୍ଠ ପି-ପାଟଣା, ବା-ନିଜଗାଁ | ୧୦୩୨ | ଶାରଦ ଦୁଇ | ୦.୧୪୦ | ୦.୧୪୦ |
| ୭ | ୯୪ | ଟୁରା ନାୟକ, ପି-ଅନନ୍ତ ନାୟକ, ଜା-ଭୂୟାଁ, ବା-ନିଜଗାଁ | ୧୦୨୯ ୧୧୬୧ | ଶାରଦ ଏକ | ୦.୪୦୦ | ୦.୦୬୦ |
| ୮ | ୧୦୫ | ଦୈତାରୀ ସାହୁ, ଦାସ ସାହୁ, ପି-ବାସୁ ସାହୁ, ଜା-ବଣିଆ, ବା-ଆନନ୍ଦପୁର | ୩୮୮<br>୩୯୧<br>୩୯୭<br>୩୯୮ | ଶାରଦ ତିନି<br>ଶାରଦ ତିନି<br>ଶାରଦ ଦୁଇ<br>ଶାରଦ ଦୁଇ | ୦.୭୧୦<br>୦.୦୨୦<br>୦.୪୯୫<br>୦.୨୮୦ | ୦.୧୬୦<br>୦.୦୨୦<br>୦.୦୪୦<br>୦.୦୮୦ |
| ୯ | ୧୧୪ | ଧ୍ରୁବ ବେହେରା, ପି-ବଇ ବେହେରା, ଭିରି ବେହେରା, ରାମ ବେହେରା, ପି-ଭିକ ବେହେରା, ନକୁଳ ବେହେରା, ବୁଧିଆ ବେହେରା, ପି-ଦାମ ବେହେରା, ଜା-ଭୂୟାଁ ବା-ନିଜଗାଁ | ୧୦୨୫ | ଶାରଦ ଏକ | ୧.୦୦ | ୦.୦୬୦ |
| ୧୦ | ୧୨୨ | ନଟ ନାୟକ, ବାବୁ ନାୟକ, ତିୟ ନାୟକ, ପି-ଚନ୍ଦ୍ର ନାୟକ, ଜା-ଭୂୟାଁ, ବା-ନିଜଗାଁ | ୧୦୨୯/ ୧୧୬୨ | ଶାରଦ ଏକ | ୦.୪୨୦ | ୦.୦୬୦ |
| ୧୧ | ୧୩୬ | ପଦ୍ମଲୋଚନ ରାମ, ହରେକୃଷ୍ଣ ରାମ, ଗଙ୍ଗାଧର ରାମ, ପି-ନନ୍ଦରାମ, ଜା-ତାମିଲ ବା-ଫକିରପୁର | ୯୯୩<br>୯୯୨ | ଶାରଦ ଦୁଇ<br>ବାଜେଫସଲ ଏକ | ୦.୨୧୦<br>୦.୨୩୩ | ୦.୦୫୦<br>୦.୧୦୦ |
| ୧୨ | ୧୫୨ | ବଳରାମ ନାୟକ, ପି-ଶିବ ନାୟକ, ଜା-ଭୂୟାଁ, ବା-ନିଜଗାଁ | ୧୦୩୪ | ଶାରଦ ଦୁଇ | ୦.୨୪୦ | ୦.୦୩୦ |
| ୧୩ | ୧୫୪ | ବଳରାମ ସେଣ୍ଠ, ଦୋଳଗୋବିନ୍ଦ ସେଣ୍ଠ, ପି-କ୍ଷେତ୍ରବାସି ସେଣ୍ଠ, ଜା-ପାଟରା, ବା-ଆନନ୍ଦପୁର | ୧୦୧୯<br>୧୦୪୦ | ଶାରଦ ଏକ<br>ଶାରଦ ଏକ | ୦.୧୭୦<br>୦.୧୭୦ | ୦.୦୫୦<br>୦.୦୫୦ |
| ୧୪ | ୧୫୮ | ବାଇଧର ସାହୁ, ମୁରଲିଧର ସାହୁ, ପି-ଚୈତନ୍ୟ ସାହୁ, ଜା-ବଣିଆ, ବା-ଆନନ୍ଦପୁର | ୩୯୩<br>୩୯୪ | ଶାରଦ ତିନି<br>ଶାରଦ ତିନି | ୦.୪୪୦<br>୦.୨୭୦ | ୦.୪୪୦<br>୦.୦୮୦ |
| ୧୫ | ୧୫୯ | ବ୍ରଜ ବନ୍ଧୁ ପଟ୍ଟନାୟକ, ନିତ୍ୟାନନ୍ଦ ପଟ୍ଟନାୟକ ପଦ୍ମନାଭ ପଟ୍ଟନାୟକ, ପି-ଗୋକୁଳା ନନ୍ଦ ପଟ୍ଟନାୟକ, ଜା-କରଣ, ବା-ଆନନ୍ଦପୁର | ୩୭୭/ ୧୨୪୧ | ଶାରଦ ତିନି | ୧.୧୪୦ | ୧.୧୪୦ |
| ୧୬ | ୧୬୨ | ବାଞ୍ଛାନିଧି ପାତ୍ର, ପି-ଶଙ୍କର୍ଷଣ ପାତ୍ର, ଜା-କୈବର୍ତ୍ତ, ବା-ଆନନ୍ଦପୁର | ୯୯୭<br>୨୯୮ | ଶାରଦ ଦୁଇ<br>ଶାରଦ ତିନି | ୧.୫୩୦<br>୦.୨୫୦ | ୦.୧୦୦<br>୦.୦୬୦ |
| ୧୭ | ୨୫୦/ ୧୬୯ | ଗଜେନ୍ଦ୍ର ଦାସ, ନରେନ୍ଦ୍ର ଦାସ, ସୁରେନ୍ଦ୍ର ଦାସ, ପୁରୋଷତମ ଦାସ, ପି-ଶ୍ୟାମସୁନ୍ଦର ଦାସ, ଜା-ଲକ୍ଷ୍ମିନାରାୟଣ ଗୋଲା, ବା-ବଳଦୁଆଁ | ୩୯୧/ ୧୪୦୦ | ଶାରଦ ତିନି | ୦.୩୨୦ | ୦.୧୪୦ |
| ୧୮ | ୧୮୫ | ଭାଲୁଆ ନାହକ, ହଗରା ନାହକ, ପି-ନନ୍ଦ ନାହକ, ଜା-ଖଣ୍ଡୁଆଳ, ବା-ମୁଚିନ୍ଦା | ୧୦୫୭ | ଶାରଦ ଏକ | ୧.୧୯୦ | ୩୦୦ |
| ୧୯ | ୧୯୩ | ମହେଶ୍ୱର ଦାସ, କୃତିବାସ ଦାସ, ଜା-ଖଣ୍ଡାୟତ, ବା-ଆନନ୍ଦପୁର | ୧୦୩୦ | ଶାରଦ ଏକ | ୦.୩୬୦ | ୦.୧୫୦ |
| ୨୦ | ୧୯୬ | ମାଗୁଣି ନାୟକ, ପି-ହୃଦା ନାୟକ, ଜା-ସବର, ବା-ହୁଡୁଗାଁ | ୧୦୨୯ | ଶାରଦ ଏକ | ୦.୪୦୦ | ୦.୦୬୦ |
| ୨୧ | ୨୦୧ | ମଧୁ ସାହୁ, ପି-ରାମ ସାହୁ, ଜା-ତେଲି ବା-ନିଜଗାଁ | ୭୨୧<br>୭୨୨<br>୭୨୩ | ଶାରଦ ଏକ<br>ଶାରଦ ଏକ<br>ଶାରଦ ଏକ | ୭.୪୫୦<br>୦.୧୦୦<br>୦.୧୦୦ | ୦.୦୬୦<br>୦.୧୦୦<br>୦.୧୦୦ |
| ୨୨ | ୨୧୫ | ରା ବେହେରା, ପି-ଭିଲ ବେହେରା, ଜା-ଭୂୟାଁ, ବା-ନିଜଗାଁ | ୯୯୯ | ଶାରଦ ଏକ | ୦.୨୫୦ | ୦.୨୫୦ |
| ୨୩ | ୨୨୧ | ଲକ୍ଷ୍ମଣ ସେଣ୍ଠ, ପି-ଦରି ସେଣ୍ଠ, ଜା-ପାଟରା ବା-ଫକିରପୁର | ୧୦୪୧<br>୧୦୪୫ | ଶାରଦ ଏକ<br>ଶାରଦ ଏକ | ୦.୨୦୦<br>୦.୨୬୦ | ୦.୦୫୦<br>୦.୦୫୦ |
| ୨୪ | ୨୨୨ | ଲକ୍ଷ୍ମଣ ସେଣ୍ଠ, କିର୍ତନ ସେଣ୍ଠ, ପି-ଦରି ସେଣ୍ଠ, ଜା-ପାଟରା, ବା-ଫକିରପୁର | ୧୦୪୬<br>୧୦୩୩ | ଶାରଦ ଏକ<br>ଶାରଦ ଦୁଇ | ୦.୧୭୦<br>୦.୪୬୦ | ୦.୦୫୦<br>୦.୦୬୦ |
| ୨୫ | ୨୫୦ /୭୦ | ପଦ୍ମନାଭ ବେହେରା, ପି-ହରିହର ବେହେରା, ଜା-ଗୋଲା, ବା-ବଳଦୁଆଁ | ୩୮୬ | ବାଜେଫସଲ ଏକ | ୦.୪୦୦ | ୦.୨୩୦ |
| ୨୬ | ୨୫୦/ ୯୨ | ଚିତରଞ୍ଜନ ପଟ୍ଟନାୟକ, ନିରଞ୍ଜନ ପଟ୍ଟନାୟକ, ବିଶ୍ୱରଞ୍ଜନ ପଟ୍ଟନାୟକ, ଶୌମ୍ୟରଞ୍ଜନ ପଟ୍ଟନାୟକ, ଦିପ୍ତି ରଞ୍ଜନ ପଟ୍ଟନାୟକ, ଅମିୟ ପଟ୍ଟନାୟକ, ପି-ବ୍ରଜ ବନ୍ଧୁ ପଟ୍ଟନାୟକ, ସୁର ରଞ୍ଜନ ପଟ୍ଟନାୟକ ହରି ରଞ୍ଜନ ପଟ୍ଟନାୟକ, ଜ୍ଞାନ ରଞ୍ଜନ ପଟ୍ଟନାୟକ, ପି-ନିତ୍ୟାନନ୍ଦ ପଟ୍ଟନାୟକ, ମନରଞ୍ଜନ ପଟ୍ଟନାୟକ, ରବିରଞ୍ଜନ ପ ପଟ୍ଟନାୟକ, ଶଶିରଞ୍ଜନ ପଟ୍ଟନାୟକ, ତାରାରଞ୍ଜନ ପଟ୍ଟନାୟକ, ପ୍ରଭା ରଞ୍ଜନ ପଟ୍ଟନାୟକ, ମହିରଞ୍ଜନ ପଟ୍ଟନାୟକ, ନବ ରଞ୍ଜନ ପଟ୍ଟନାୟକ, କୁଶ ରଞ୍ଜନ ପଟ୍ଟନାୟକ ପି-ପଦ୍ମନାଭ ପଟ୍ଟନାୟକ, ଜା-କରଣ, ବା-ଆନନ୍ଦପୁର | ୩୭୭ | ଶାରଦ ତିନି | ୧.୨୨୦ | ୦.୨୫୦ |
| ୨୭ | ୨୫୦/ ୨୪୯ | କ୍ଷିତିଶ କୁମାର ମିଶ୍ର, ବିଶ୍ୱଜିତ ମିଶ୍ର, ବିଦ୍ୟୁତପ୍ରଭା ମିଶ୍ର, ଦିପ୍ତିମୟୀ ମିଶ୍ର, ପି-ମଦନମୋହନ ମିଶ୍ର, ଜା-ବ୍ରାହ୍ମଣ, ବା-ଶାଳବଣି | ୩୭୫<br>୩୭୦<br>୩୭୧ | ଶାରଦ ତିନି<br>ଶାରଦ ତିନି<br>ଶାରଦ ତିନି | ୦.୧୫୫<br>୦.୧୫୦<br>୦.୩୦ | ୦.୦୬୦<br>୦.୦୮୦<br>୦.୦୮୦ |
| ୨୮ | ୨୩୭ | ଶୁକ ବେହେରା, ପି-ବିର ବେହେରା, ଜା-ଭୂୟାଁ, ବା-ନିଜଗାଁ | ୧୦୨୦<br>୧୦୨୧ | ଶାରଦ ଏକ<br>ଶାରଦ ଏକ | ୦.୦୭୦<br>୦.୩୮୦ | ୦.୦୭୦<br>୦.୦୮୦ |
| | | | | ମୋଟ | ୨୫.୦୪୩ | ୪.୬୩୦ |

Sd/- AMIN
L.A. (Gen.) Section
Collectorate, Keonjhar

Sd/- Land Acquisition Inspector
L.A. (Gen.) Section
Collectorate, Keonjhar

ଭୂ-ଅର୍ଜନ ଅଧିକାରୀ
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର

## ଲଘୁଚାପଜନିତ ବର୍ଷା: କ୍ଷେତରେ ଲହଡ଼ି ଭାଙ୍ଗୁଛି ପାଣି

# ଚାଷୀଙ୍କୁ କ୍ଷତିପୂରଣ, ସଫେଇ ନାଳରୁ ଦଳ ସଫା ଦାବି

**ଡେଲାଙ୍ଗ,୭।୭/ଏନ୍‌ଏନ୍‌ଏସ୍:** ଲଘୁଚାପ ଜନିତ ଅଦିନିଆ ବର୍ଷା କାରଣରୁ ଡେଲାଙ୍ଗ ବ୍ଲକର ଅଧିକାଂଶ ଫସଲ କ୍ଷେତରେ ୩ ଫୁଟର ବର୍ଷାପାଣି ଲହଡି ମାରୁଛି । ବୁଣା ଧାନ ଓ ତଳିଘେରା ଗୁଡ଼ିକ ନଷ୍ଟ ହେବା ଯୋଗୁ ଚାଷୀଙ୍କ ଅପୁରଣୀୟ କ୍ଷତି ଘଟିଛି । ଏନେଇ ରାଜସ୍ୱ ଓ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଫସଲ୍ ହାନି ନେଇ କୌଣସି ଅଧିକାରୀ ଚାଷୀଙ୍କ ଫସଲ କ୍ଷେତରେ ପହଞ୍ଚିନଥିବା ଅଭିଯୋଗ ହୋଇଛି । ଫଳରେ ଅଖିଳ ଭାରତ କୃଷକ ମହାସଭାର ସଦସ୍ୟ ଓ ସ୍ଥାନୀୟ ଚାଷୀ ମଙ୍ଗଳବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଭିକ୍ଷୋଭ ପ୍ରଦର୍ଶନ କରିବା ସହିତ ତହସିଲଦାରଙ୍କୁ ଚାଷୀଙ୍କ ସମସ୍ୟା ଓ ଦଳ ଭର୍ତ୍ତି ସଫେଇ ନାଳ ଗୁଡିକୁ ସଫା କରିବା ସମ୍ପର୍କରେ ଦାବିପତ୍ର ପ୍ରଦାନ କରିଛନ୍ତି । ପାଣିପାଗ ବିଭାଗର ସୂଚନା ଅନୁଯାୟୀ ପୁରୀ ଜିଲାର ସମସ୍ତ ବ୍ଲକ ଗୁଡିକ ତୁଳନାରେ ଡେଲାଙ୍ଗ ବ୍ଲକରେ ସର୍ବାଧିକ ବର୍ଷା ହୋଇଛି । ଦୀର୍ଘ ୫ଦିନ ଧରି ହୋଇଥିବା ଲଗାଣ ବର୍ଷା କାରଣରୁ ଚାଷୀଙ୍କ ଫସଲ କ୍ଷେତ ଜଳାର୍ଣ୍ଣବ ପାଲଟିଛି । ସେହିପରି ବର୍ଦ୍ଧିତ ବଜାର ଦରକୁ ଲକ୍ଷରେ ରଖି କେତେକ ଚାଷୀ ନିଜ କ୍ଷେତରେ ପରିବା ଫସଲ କରିଥିଲେ । ହେଲେ ପରିବା ଫସଲ ମଧ୍ୟ ଉଜୁଡି ଯାଇଥିବାରୁ ଚାଷୀ କ୍ଷତି ସହୁଥିବା ଅଭିଯୋଗ ହୋଇଛି । ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ଗୁଡିକରୁ ଋଣ ନେଇ ଫସଲ କାର୍ଯ୍ୟରେ ବିନିଯୋଗ କରିଥିବା ଚାଷୀଙ୍କ ପାଖରେ ପୁନର୍ବାର ବିହନ କିଣିବାକୁ ଅର୍ଥ ନାହିଁ । ଅପରପକ୍ଷେ ବିଭିନ୍ନ ସଫେଇ ନାଳ ଗୁଡିକର ଖାଲ ଖମାରେ ରହିଥିବା କଳିକତି ଦଳ ଭାସି ଆସି ଜଳ ନିଷ୍କାସନରେ ବାଧକ ସାଜୁଛି । ବିଶେଷକରି ଲୁଣା ନଦୀ, ରେଙ୍ଗଳ-ପଟଣପୁର ସଫେଇ ନାଳ, ପୋସଲ-ମାଛପଡା ଓ ହୁରୁହୁରା-ଛଅ ପୋଲିଆ, ପିଢ଼ପାଟଣା ଖଲାସୀ ପ୍ରମୁଖ ସଫେଇ ନାଳଗୁଡିକରେ ଦୀର୍ଘଦିନ ଧରି ଅନବନା ଲଟା ଓ କଳିକତି ଦଳ ପୂର୍ଣ୍ଣ ହୋଇ ଜଳ ନିଷ୍କାସନରେ ବାଧକ ସାଜିଲାଣି । ବାରମ୍ବାର ଅଭିଯୋଗ ସତ୍ତ୍ୱେ ଜଳ ସମ୍ପଦ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ମହାସଭା ଅଭିଯୋଗ କରିଛି । ସ୍ଥାନୀୟ ଚାଷୀଙ୍କର ହୋଇଥିବା କ୍ଷୟକ୍ଷତି ଆକଳନ ନିମନ୍ତେ ଏପର୍ଯ୍ୟନ୍ତ କୌଣସି ଅଧିକାରୀ ପହଞ୍ଚି ନାହାନ୍ତି । ଏ ନେଇ ଅଖିଳ ଭାରତ କୃଷକ ମହାସଭାର ରାଜ୍ୟ ସମ୍ପାଦକ ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ଚାଷୀ ରାମଚନ୍ଦ୍ର ମହାରଣା, ଅଭିମନ୍ୟୁ ସ୍ୱାଇଁ, ଅକ୍ଷୟ କୁମାର ରାଉତ, ରବୀନ୍ଦ୍ର ଜେନା, କୈଳାସ ଚନ୍ଦ୍ର ବେହେରା ପ୍ରମୁଖଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଚାଷୀ ଆଜି ଡେଲାଙ୍ଗ ତହସିଲ ସମ୍ମୁଖରେ ଭିକ୍ଷୋଭ ପ୍ରଦର୍ଶନ କରିଥିଲେ । କ୍ଷତିଗ୍ରସ୍ତ ଚାଷୀଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ ପ୍ରଦାନ କରିବା, ଚାଷୀଙ୍କୁ ମାଗଣାରେ ଧାନ ଓ ପରିବା ବିହନ ଯୋଗାଇଦେବା, ଘରେ ହାତବାନ୍ଧି ବସିଥିବା କୃଷି ଶ୍ରମିକମାନଙ୍କୁ କାମର ବନ୍ଦୋବସ୍ତ କରାଇବା, ସଫେଇ ନାଳ ଗୁଡିକରୁ ଦଳ ଓ ଅନାବନା ଘାସ ସଫାକରିବା ସହିତ ପ୍ରତ୍ୟେକ ବର୍ଷା ଋତୁ ପୂର୍ବରୁ ଏଗୁଡିକୁ ସଠିକ ଭାବେ ଖନନ କରିବା ଆଦି ସମ୍ପର୍କରେ ଦାବି ଉପସ୍ଥାପନ କରାଯାଇଛି । ଦାବିପତ୍ର ପାଇବା ପରେ ଏହାର ଏକକିତା ନକଲ ଜିଲାପାଳଙ୍କୁ ପ୍ରେରଣ କରିବା ସହିତ ଚାଷୀଙ୍କ ସମସ୍ୟାର ସମାଧାନ ନିମନ୍ତେ ପ୍ରତ୍ୟେକ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିବେ ବୋଲି ତହସିଲଦାର ଦେବୀପ୍ରସାଦ ଆଚାର୍ଯ୍ୟ ସୂଚନା ଦେଇଛନ୍ତି ।

# ଦେଉଳି ମଠରୁ ଶ୍ରୀକ୍ଷେତ୍ରକୁ ଗଲା ଅଣସର ଫଳ ଭାର



**ଅସ୍ତରଙ୍ଗ,୭।୭/ଏନ୍‌ଏନ୍‌ଏସ୍:** ଦେବସ୍ନାନ ପୂର୍ଣ୍ଣିମାରେ ସହସ୍ର କଳସୀ ଜଳରେ ସ୍ନାନକରି ଜ୍ୱର ହୋଇଥିବା ମହାପ୍ରଭୁଙ୍କୁ ଫୁଲୁରୀ ତେଲ ଓ ଚେରମୂଳି ଔଷଧରେ ସାମାନ୍ୟ ସୁସ୍ଥ ହେବାପରେ ଫଳମୂଳ ସେବା ଲାଗିଥାଏ । ଏହି ସେବାରେ ପ୍ରାଚୀ କ୍ଷେତ୍ର ମା' ମଙ୍ଗଳା ଙ୍କ ପୀଠ ର ଅନବସର ଫଳ ଭାର ଏକ ନିଆରା ପରମ୍ପରା । ଫୁଲୁରୀ ତେଲ ଲାଗି ହୋଇ ଦିଅଁମାନେ ସ୍ୱଳ୍ପ ଆରାମ ଲାଭ କରିଛନ୍ତି । ଏହି ଅବସରରେ ପ୍ରାଚୀ ତଟ ବନଜାଗ ଲୀଳାସ୍ଥଳୀ ଓ ଶ୍ରୀଜଗନ୍ନାଥଙ୍କ ଏନ୍ତୁଡ଼ିଶାଳ କୁହାଯାଉଥିବା ଦେଉଳି ମଠରୁ ଅନବସର ସେବା ନିମିତ୍ତ ଫଳ ଭାର ଚାରିଗୋଟି ଶଗଡ଼ ପୁରୀ ଅଭିମୁଖେ ଯାତ୍ରା କରିଛି । ଶଙ୍ଖ, ହୁଳହୁଳି ଖୋଳତାଳ ସଂକୀର୍ତ୍ତନର ତାଳେ ତାଳେ ଗାଁ ଗାଁ ଦେଇ ବିଭିନ୍ନ ଦେବ ପୀଠ ସ୍ପର୍ଶ କରି ସାଜସଜ୍ଜା ହୋଇଥିବା ଶଗଡ଼ ବଳଦ ଓ ଭକ୍ତମାନେ ପୁରୀ ଅଭିମୁଖେ ପଦଯାତ୍ରା କରିଛନ୍ତି । ମଠ ବାଡ଼ି ତଥା ଭକ୍ତ ମାନଙ୍କ ପ୍ରଦତ୍ତ ବିଭିନ୍ନ ବାଡ଼ି, ବଗିଚାର ସୁସ୍ୱାଦୁ ଫଳ ମଧ୍ୟରେ ଆମ୍ବ, ପିଜୁଳି, ନଡ଼ିଆ ସପୁରି, ସେଓ କମଳା କଦଳୀ, ତୁଳସୀ ଓ ପଦ୍ମଫୁଲ ମାଳ ମହାପ୍ରଭୁଙ୍କ ସେବା ପାଇଁ ଶ୍ରୀକ୍ଷେତ୍ର ଯାଇଛି । ବାଟରେ ପୂର୍ବନିର୍ଦ୍ଧାରିତ ଦେବପୀଠ ମାନଙ୍କରେ ବିଶ୍ରାମ କରିବା ସହ ଭକ୍ତମାନେ ନାମ ସଂକୀର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦର ଦାୟିତ୍ୱରେ ଚାଲି ଆସୁଥିବା ଏହି ପଦଯାତ୍ରା ଅଣସର ସପ୍ତମୀରେ ଦେଉଳି ମଠରୁ ବାହାରି ନବମୀ ଦିନ ଶ୍ରୀକ୍ଷେତ୍ରରେ ପହଞ୍ଚିବା ପୂର୍ବକ ଶ୍ରୀମନ୍ଦିର ପରିସରରେ ଥିବା ନୃସିଂହ ଚକଡାରେ ଫଳ ପୁଷ୍ପ ଆଦି ଶ୍ରୀଜିଉମାନଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯିବ । କାର୍ଯ୍ୟକ୍ରମକୁ ଦେଉଳି ମଠ ଉନ୍ନୟନ କମିଟିର ସଭାପତି କାଳିପ୍ରସାଦ, ପୂଜକ ମିତୁରଞ୍ଜନ, କୈଳାସ ନାୟକ, କାବୁଲା ବିଶ୍ୱାଳ, ମିହିର ରଞ୍ଜନ ଦୀକ୍ଷିତ, ତୁଷାର ରଞ୍ଜନ ବେହେରା, କଲ୍ୟାଣ ସାହୁ, ଲିଙ୍ଗରାଜ, ତପି ବାବା, ବାବାଜୀ ପ୍ରମୁଖ ସଭ୍ୟମାନେ ପରିଚାଳନା କରିଥିଲେ ।

# ଗୋଡ଼ି ବିଛାକୁ ନେଇ ଗଣ୍ଡଗୋଳ, ଜଣେ ଗୁରୁତର

**ମାହାଙ୍ଗା,୭।୭/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଅଧିନ ଭଉଁରିଆ ପଂଚାୟତ ନହଙ୍ଗ ଗ୍ରାମରେ ଗୋଡି ବିଛାକୁ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହେବା ସହ ଜଣେ ଗୁରୁତର ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ସୂଚନା ମୁତାବକ ଶରତ ମଲିକଙ୍କ ଘର ନିକଟ ରାସ୍ତାରେ କାଦୁଅ ହୋଇଥିଲା । ଯାହାକୁ ନେଇ ଟୁକୁନା ମଲିକ ଶରତଙ୍କ ଘର ନିକଟରେ ଢଳେଇ କାର୍ଯ୍ୟରେ ବଳକା ଥିବା ଗୋଡିକୁ ଖାଲରେ ପକାଇବା ନିମନ୍ତେ ଟୁକୁନା ଶରତଙ୍କ ସ୍ତ୍ରୀ ମଞ୍ଜୁଲତାଙ୍କୁ କହିଥିଲେ । ଫଳରେ ମଞ୍ଜୁଲତା ତାଙ୍କ ଘର ନିକଟରେ ବଳକା ଥିବା ଗୋଡିକୁ ଖାଲରେ ପକାଉଥିବା ସମୟରେ ଟୁକୁନାର ପରିବାର ପକ୍ଷରୁ ଏହାକୁ ବିରୋଧ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ପାଟି ଶୁଣି ଶରତଙ୍କ ଭାଇ ଭରତ ମଲିକ କାହିଁକି ଗାଳି କରୁଛ କହିବାରୁ ଜଇରାମଙ୍କ ପୁତ୍ର ପିତାମ୍ବର ହଠାତ୍ ରାଗିଯାଇ ଏକ ଫାଉଡାରେ ଭରତର ମୁଣ୍ଡକୁ ଚୋଟ ପକାଉଥିବା ସମୟରେ ଫାଉଡାଟି ମୁଣ୍ଡରେ ନ ବାଜି ତାଙ୍କ ମୁହଁ ଓ ନାକ ବାଜି ପ୍ରବଳ ରକ୍ତସ୍ରାବ ହୋଇଥିଲା । ଯାହା ଫଳରେ ଭରତ ତଳେ ପଡି ଯାଇଥିଲେ । ଚିତ୍କାର ଶୁଣି ପରିବାର ଲୋକ ପହଞ୍ଚିବାରୁ ସେମାନେ ପଳାଇ ଯାଇଥିଲେ । ପରିବାର ପକ୍ଷରୁ ଭରତଙ୍କୁ ପ୍ରଥମେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା ଜଣାଯାଇଛି । ଯାହାକୁ ନେଇ ଶରତ ମଲିକ ଭଦ୍ରେଶ୍ୱର ଥାନରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚାଲୁ ରଖିଥିବା ଜଣାପଡିଛି ।

## ମରଣାନ୍ତକ ଆକ୍ରମଣରେ ଯୁବକ ଗୁରୁତର

**ସାଲେପୁର,୭।୭/ଏନ୍‌ଏନ୍‌ଏସ୍:** ସାଲେପୁର ବ୍ଲକ ମଧ୍ୟକଛ ପଞ୍ଚାୟତରେ 'ବିକଶିତ ଗାଁ ବିକଶିତ ଓଡିଶା' ଉନ୍ନୟନ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା । ଉକ୍ତ ପ୍ରକଳ୍ପ କାର୍ଯ୍ୟ ବିଷୟରେ ସୂଚନା ପାଇଁ ସାଲେପୁର ବ୍ଲକ ସୂଚନା ଅଧିକାରୀଙ୍କୁ ମଧ୍ୟକଛ ପଂଚାୟତ ଅଧିନ ପୂର୍ବକଛ ଗ୍ରାମର ସତ୍ୟ ପ୍ରକାଶ ଦୀକ୍ଷିତ ସୂଚନା ଅଧିକାର ଆଇନ ବଳରେ ଦରଖାସ୍ତ କରିଥିଲେ । ସୂଚନା ମୁତାବକ ମଧ୍ୟକଛ ପଂଚାୟତରେ ଉନ୍ନତିମୂଳକ କାର୍ଯ୍ୟରେ ଯେଉଁଠି ଅନିୟମିତତା କିମ୍ବା ଦୁର୍ନୀତି ହୁଏ ତେବେ ସତ୍ୟପ୍ରକାଶ ବିରୋଧ କରିବାର ନଜିର ରହିଛି । ତେଣୁ ସୋମବାର ସକାଳେ ମୋବାଇଲ ଫୋନ ଯୋଗେ ମଧ୍ୟକଛ ଗ୍ରାମର ପ୍ରଦୀପ କୁମାର ସ୍ୱାଇଁ ପ୍ରଥମେ ସତ୍ୟପ୍ରକାଶଙ୍କୁ କ'ଣ ପାଇଁ କାମ ଉପରେ ସୂଚନା ମାଗିଛୁ ଧମକ ଦେବା ସହ ଜୀବନରୁ ମାରିଦେବାକୁ କହିଥିବା ପାଗା ଫାଣ୍ଡିରେ ଅଭିଯୋଗ ହୋଇଛି । ପୁନର୍ବାର ରାତ୍ର ସମୟରେ ସତ୍ୟପ୍ରକାଶ ତାଙ୍କର କାମ ସାରି ଘରକୁ ଫେରୁଥିବା ସମୟରେ ମଧ୍ୟକଛ ପୋଲ ନିକଟରେ ପ୍ରଦୀପ କୁମାର ସ୍ୱାଇଁ ତାଙ୍କୁ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରି ଆହତ କରିଥିବା ଓ ଅନ୍ୟ ଜଣଙ୍କ ସହାୟତରେ ଜୀବନ ବଞ୍ଚାଇ ପଳାଇ ଆସିଥିବା ସତ୍ୟ ପ୍ରକାଶ ପାଗା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି । ଆହତ ସତ୍ୟପ୍ରକାଶଙ୍କୁ ପାଗା ଫାଣ୍ଡି ପୋଲିସ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରିବା ସହ ଘଟଣାର ତଦନ୍ତ ଜାରି ରଖିଥିବା ପାଗା ଫାଣ୍ଡି ଅଧିକାରୀ ଡି ସୋମେଶ୍ୱର ରାଓ ସୂଚନା ଦେଇଛନ୍ତି ।

## କର୍ପୋରେଟରଙ୍କ ଜଳବନ୍ଦୀ ଅଞ୍ଚଳ ପରିଦର୍ଶନ

**ଫୁଲନଖରା,୭।୭/ଏନ୍‌ଏନ୍‌ଏସ୍:** କେଏମସି ୫୭ନମ୍ବର ୱାର୍ଡ଼ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଲଘୁଚାପଜନିତ ଲଗାଣ ବର୍ଷା ପାଣି ଜମି ରହିଛି । କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ ସମ୍ପୃକ୍ତ ୱାର୍ଡ଼ର ବିଭିନ୍ନ ସାହି ବୁଲି ରାସ୍ତାଘାଟର ସ୍ଥିତି ଓ ଜଳ ନିଷ୍କାସନ ସମ୍ପର୍କରେ ସମୀକ୍ଷା କରିଥିଲେ । ଏହି ସମୟରେ ରଞ୍ଜନ ପାଲ, ଦୀନବନ୍ଧୁ ସ୍ୱାଇଁ, ରତନ ବେହେରା ଏବଂ କେଏମସି ପରିମଳ ବିଭାଗ ଅଧିକାରୀ ବାଙ୍କନିଧି ବରାଳ ଓ ବିଜୟ ପାତ୍ରଙ୍କ ସମେତ ସ୍ଥାନୀୟ ଅଞ୍ଚଳର ମୁରବି ଉପସ୍ଥିତ ଥିଲେ । ଅଧିକ ପାଣି ଜମିଥିବା ସ୍ଥାନରୁ ସେସପୁଲ ଗାଡ଼ି ମାଧ୍ୟମରେ ଜଳ ନିଷ୍କାସନର ବ୍ୟବସ୍ଥା କରିବାକୁ ସ୍ଥିର ହୋଇଥିଲା ।

**ପ୍ରମାଣପତ୍ର**



ମୁଁ କୁମାରୀ ପାତ୍ର, ସ୍ୱାମୀ-ପ୍ରକାଶ ନାୟକ, ବୟସ ପ୍ରାୟ ୪୬ ବର୍ଷ, ଗ୍ରାମ-ରତନପୁର, ପୋ-ପୁଞ୍ଜିଆମା ଶାସନ, ଥାନା- ବାଲେପୁର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା-୭୫୨୦୩୧ ବାସିନ୍ଦା । ତାରିଖ ୦୬.୦୭.୨୦୨୬ ରେ କାର୍ଯ୍ୟନିର୍ବାହୀ ଦଣ୍ଡାଧିକାରୀ (Executive Magistrate), ବାଲେପୁରଙ୍କ ସମ୍ମୁଖରେ ଶପଥପତ୍ର ମାଧ୍ୟମରେ ମୋର ନାମ "କୁମାରୀ ପାତ୍ର" ରୁ "କୁମାରୀ ନାୟକ" କୁ ପରିବର୍ତ୍ତନ କରିଛି । ଏହିଠାରୁ ମୋତେ ସମସ୍ତ ସରକାରୀ, ବେସରକାରୀ ଓ ଆଇନଗତ କାର୍ଯ୍ୟରେ "କୁମାରୀ ନାୟକ" ନାମରେ ଜଣାଯିବ ଓ ବିବେଚନା କରାଯିବ ।

**AFFIDAVIT**

By virtue of an affidavit sworn before the Executive Magistrate, Kanika on dated 30.06.2026 I, Amit Sahoo S/o- Ganeswar Sahoo permanent resident of Village/P.O.- Taras, P.S.- Rajkanika, Dist.- Kendrapara, Pin- 754220 declare that I have changed my name from Asish Sahoo to Amit Sahoo. Henceforth, I shall be known as AMIT SAHOO for all purposes.

Sd/- Amit Sahoo

**AFFIDAVIT**

By virtue of an affidavit sworn before Notary Public, Berhampur, Dist.- Ganjam vide no. A-141 dtd.06.07.2026, I, Pradep Kumar Sahu, S/o- Gopinath Sahu residing at Big Street, Haladiapadar, Berhampur-760003, Odisha declare that, my name has been recorded in my previous Passport as Pradep Kumar Sahu. I wish to correct the spelling from **Pradep** to **Pradeep.** That **Pradep Kumar Sahu** and **Pradeep Kumar Sahu** is one and same person.

**AFFIDAVIT**

By virtue of an affidavit sworn before the Executive Magistrate, Kanika on dated 30.06.2026 I, Asish Sahoo S/o- Ganeswar Sahoo permanent resident of Village/P.O.- Taras, P.S.- Rajkanika, Dist.- Kendrapara, Pin- 754220 declare that I have changed my name from Amit Sahoo to Asish Sahoo. Henceforth, I shall be known as ASISH SAHOO for all purposes.

Sd/- Asish Sahoo

**AFFIDAVIT**

By virtue of an affidavit sworn before Executive Magistrate, Dhamnagar, Affidavit No.2198, Date : 20.04.2026, I, Bhama Malik @ Umamani Malik, aged about 55 years, W/o - Kailash @ Kailash Chandra Malik, Vill/Po - Bankura, Ps - Dhusuri, Dist - Bhadrak, Odisha hereby declare that my husband LIC policy bearing no. 596571539 my name recorded as Umamani Malik but my adhar card name is Bhama Malik. That **Umamani Malik & Bhama Malik** both names are one and same person i.e. my self.

**AFFIDAVIT**

By virtue of an affidavit on dt 06.07.2026 before the Executive Magistrate Kamakhyanagar no - 2500, dt - 06.07.2026 I Ajay Behera S/o - Nityananda Behera, Vill -Nua Rekula, PO/ PS-Kamakhyanagar, Dist - Dhenkanal, Odisha, Pin 75018 that Aadhar card no - 6954 2259 0445 my name has been mentioned as Ajay Behera, S/O - Nityananda Behera, But LIC Policy No - 587729038 my name has been mentioned as Achyutananda Behera, S/O- Nityananda Behera. That **Ajay Behera** and **Achyutananda**, S/O - Nityananda Behera, Vill - Nua Rekula is one and same person for official purpose hence affidavit.

**AFFIDAVIT**

By virtue of an affidavit sworn before the Notary Public, Bhubaneswar, dtd.23.06.2026, I Sailabala Parida, aged about 37 years, W/o- Late Dibakar Parida, residing At/Po/Ps-Sundarpur, Tangi, Dist - Khordha, Pin - 752021, Odisha do hereby declare that I am the Nominee of my daughter LIC policy no. 597337904 my name has been wrongly mentioned in Rasmita Pradhan but my correct name is Sailabala Parida as per my Aadhaar card. That **Sailabala Parida & Rasmita Pradhan** is one and same person i.e.my self.

24001/269/2627

**ଓଡ଼ିଶା ସରକାର**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

****

**ଘୋଷଣା**

No **RDM-LAA-MBJ-0024-2022**-9857 R&DM, Dated:07.03.2026

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ପାଇକଯୁଗପୁରା(ଅତିରିକ୍ତ), ଥାନା- ବୈଶିଙ୍ଗା ନଂ. ୧୩୧, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରୀ ଏବଂ ବର୍ଡନା ସବ-ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୬୭୭୭ ତା. ୨୯.୧୦.୨୦୨୨ ରିଖରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତି କୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୪୮୨୫ ତା. ୦୨/୦୨/୨୦୨୬ ରିଖ ଅନୁସାରେ ଅଧିସୂଚନାର ବୈଧତା ତା. ୧୫/୦୭/୨୦୨୬ ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ପାଇକଯୁଗପୁରା(ଅତିରିକ୍ତ), ଥାନା- ବୈଶିଙ୍ଗା ନଂ. ୧୩୧, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ , ବାରିପଦା ସ୍ଥିତ ମୟୂରଭଞ୍ଜ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ- କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ ତହସିଲ: - ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପାଇକଯୁଗପୁରା (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧.୦୭ | ଏକର ୦.୨୩ | ଏଥି ସହିତ ସଂଲଗ୍ନ |

ତଫସିଲ- ଖ

(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁ ସୂଚୀ)

ଜିଲ୍ଲା:- ମୟୂରଭଞ୍ଜ ତହସିଲ: - ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବର୍ଦ୍ଧିତ ବୈଧ ତାରିଖ- ୧୫.୦୭.୨୦୨୬ ।

ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା- ୦୪/୨୦୨୨ ଏ.୦.୨୩ହି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ହରିପୁର ଡିଷ୍ଟ୍ରିବ୍ୟୁଟାରୀ ଏବଂ ବର୍ଡନା ସବ୍-ମାଇନର ନିମନ୍ତେ
ମୌଜା-ପାଇକଯୁଗପୁରା, ଥାନା- ବୈଶିଙ୍ଗା ନଂ-୧୩୧, ତହସିଲ- ବେତନଟୀ, ଜିଲ୍ଲା-ମୟୂରଭଞ୍ଜ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଆକ୍ୱାୟାର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 52 | 113 | 0.69 | 0.06 | ଶାରଦ ଅଣ ଜଳ ସେଚିତ ଦୁଇ | ଜର୍ଦେଶ୍ୱର ମହାନ୍ତ, ଯାଦେଶ୍ୱର ମହାନ୍ତ, ରାମେଶ୍ୱର ମହାନ୍ତ ପି- ଚନ୍ଦ୍ରମୋହନ ମହାନ୍ତ ଜା- କୁର୍ମି କ୍ଷେତ୍ରିୟ ବା- ନିଜଗାଁ |
| 262 | 109 | 0.20 | 0.09 | ଶାରଦ ଅଣ ଜଳ ସେଚିତ ଦୁଇ | ଧର୍ମା ମହାନ୍ତ ପି-ଚନ୍ଦ୍ରମୋହନ ମହାନ୍ତ ଜା- କୁର୍ମି ବା- ଶଙ୍ଖମୋଡ ଥା- ବେତନଟୀ |
| 573 | 110 | 0.18 | 0.08 | ଶାରଦ ଅଣ ଜଳ ସେଚିତ ଦୁଇ | ସଖି ମହାନ୍ତ ସ୍ୱା- ଗିରିଧାରୀ ମହାନ୍ତ ଜା- କୁର୍ମି କ୍ଷେତ୍ରିୟ ବା- ନିଜଗାଁ |
| ମୋଟ | ୩ ପ୍ଲଟରୁ | ଏ.୧.୦୭ ହେ.ମି. | ଏ.୦.୨୩ ହେ.ମି. | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0060

**କଟକ ଉନ୍ନୟନ କର୍ତ୍ତୃପକ୍ଷ**

CDA

**ଅରୁଣୋଦୟ ଭବନ, ଲିଙ୍କ୍ ରୋଡ଼, କଟକ-12**

13001/1094/2627

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-୧୩ ରେ ପ୍ଲଟ୍ ନଂ.- 13-1E/63 ଟିକୁ ଶ୍ରୀଧର ବେହେରା, ପିତା-ଶ୍ରୀ ପବନା ବେହେରା, ସା-ଜାନି ସାହି, ପୋ-ଜିଲିଣ୍ଡା, ଥା-ନରସିଂହପୁର, ପିନ୍-୭୫୪୦୩୨, ଜିଲ୍ଲା-କଟକ, ରାଜ୍ୟ-ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ଶ୍ରୀ ଶ୍ରୀଧର ବେହେରା ଉକ୍ତ ପ୍ଲଟ୍ ଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଉତ୍କଳ କେଶରୀ ମହାନ୍ତି, ପିତା- ଶ୍ରୀ କ୍ଷୀରୋଦ ଚନ୍ଦ୍ର ମହାନ୍ତି, ସା-ଭୀମରାଜପୁର, ପୋ-ଚାହାପଡ଼ା, ଥା-ଜଗତପୁର, ପିନ୍-୭୫୪୨୦୧, ଜିଲ୍ଲା-କଟକ, ରାଜ୍ୟ-ଓଡ଼ିଶା ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା/-
ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)

OIPR-13001/13037/1/26-27/0066

25001/674/2627

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, BALLIGUDA**

No.4376 // RWDBLG., Date : 06.07.2026

**2nd Corrigendum to the Bid Identification No. Online tender / 01 / EERWD BLG / 2026-27**

The tender invited vide Bid Identification No. Online tender/01/EERWD BLG/2026-27 vide T.O. Office Letter No. 4336 dt. 03.07.2026. Due to unavoidable circumstances, the availability of tender online for bidding is from 07.07.2026 at 10.00 AM to 17.07.2026 upto 5.00 PM. Opening Dt. 18.07.2026. Instead of 04.07.2026 at 10.00 AM to 14.07.2026 up to 5.00 PM.

The other terms and conditions are remained unchanged.

Further details, corrigendum(s) etc can be seen from the e-procurement portal "https://www.tendersorissa.gov.in"

Sd/- Executive Engineer
R.W. Division, Balliguda

OIPR-25001/25164/1/26-27/0005

25001/667/2627

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, NO-II, KEONJHAR**

E-mail : eerw_kjr2@yahoo.com

*****

**"e" Procurement Notice for Building Works**
**Identification No. Online NCB-03/2026-27**

1. Name of the work : Building Works
2. Total Number of work : 01 No. Building
3. Estimated cost : Rs.52.54 lakhs
4. Class of contractor : Only 'B' Class
5. Period of completion : As per annexure of e-Procurement Notice No. 03/2026-27
6. Other details :

| Procurement Officer | Bid Identification No. | Availability of Tender on-line for bidding | | Last date & time of seeking tender clarification | Date & Time of opening of tender in O/o S.E., R.W. Division-II, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer Rural Works Division-II, Keonjhar | Building Online NCB No.03 | Dt.10.07.26 at 11.00 AM | Dt.21.07.26 up to 5.00 PM | Dt.20.07.26 up to 5.00 PM | Dt.22.07.26 at 11.00 AM | Will be intimated later on |

Further details can be seen from the website www.tenderorissa.gov.in

Sd/- Executive Engineer
R.W. Division-II, Keonjhar

OIPR-25001/25093/1/26-27/0003

25001/678/2627

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHUBANESWAR**

Ph. No. 0674-230178, Fax No. 0674-2300965, E-mail ID : eerw_bbsr@yahoo.co.in

No.Tender-Online-BBSR Divn.-09 Date : 06.07.2026

**e-Procurement Notice**

1. Name of the work : Repair / Maintenance of Building Works
2. Total No. of projects : 10 Nos. of Projects
3. **Class of contractor** :
   a) Above Rs.20 lakh and upto 3 crore : B Class (of Odisha PWD) or relevant of other licensing authorities.
   b) Upto Rs.40.00 lakh : C Class (of Odisha PWD) or relevant class of other licensing authorities.
   c) Upto Rs.20.00 lakh : D Class (of Odisha PWD) or relevant class of other licensing authorities.
4. Estimated cost of individual project : Rs.4.24 Lakh
5. Time for completion : A per Annexure of TCN Col. No.6
6. Other details :

| Procurement Officer | Bid Identification No. | Availability of Tender on-line for bidding | | Date of opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar | Tender Online-BBSR Divn. - 09 | 13.07.2026 at 11.00 AM | 21.07.2026 up to 5.00 PM | 22.07.2026 at 11.00 AM |

Further details can be seen from the website www.tendersorissa.gov.in

Sd/- Executive Engineer
Rural Works Division, BBSR

OIPR-25001/25066/1/26-27/0010

**ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢ଼ାଖୋଲ**

**OFFICE OF THE NOTIFIED AREA COUNCIL, REDHAKHOL, (ODISHA), DIST - SAMBALPUR**

E-mail : eonacrd1@gmail.com

13001/1088/2627

**'e' Procurement Notice**

**No. 2375 / NAC Dt. 06.07.2026**
**Bid Identification No. RDL NAC-7/2026-27**
**Tender ID - 2026_ORULB_134584**

The Municipal Executive Officer on behalf of NAC Redhakhol invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. website i.e. https://tendersodisha.gov.in

1. Number of Civil works / Others : (5) numbers
2. Estimated costs : 45.11 lakhs to 347.33 lakhs
3. Period of completion : As per NIT
4. Date and time of availability of the bid documents in the portal : From 10.00 AM of 07.07.2026 to 06.00 PM of 27.07.2026
5. Last date / time for receipt of bids in the portal : 06.00 PM of 27.07.2026
6. Bids will be opened on : 11.30 AM of dt.28.07.2026
7. Name and address of the officer inviting bid : Executive Officer, NAC Redhakhol

Sd/- Executive Officer
NAC Redhakhol

OIPR-13001/13175/1/26-27/0011

ନିତିଦିନ NITIDIN



## ପ୍ରଥମ ପୃଷ୍ଠାରୁ

### ମୋଦୀଙ୍କ ମୁହଁରେ ...

ସ୍ୱାଧୀନତା ପାଇଥିଲେ: ୧୯୪୫ରେ ଇଣ୍ଡୋନେସିଆ ଏବଂ ୧୯୪୭ରେ ଭାରତ। ଯେତେବେଳେ ସ୍ୱାଧୀନ ରାଷ୍ଟ୍ର ଭାବରେ ସାର୍ବଭୌମତ୍ୱର କଥା ଆସିଲା, ଭାରତ ଜାତିସଂଘରେ ଇଣ୍ଡୋନେସିଆର ସ୍ୱାଧୀନତା ଆନ୍ଦୋଳନକୁ ସମର୍ଥନ କରିବାରେ ଏକ ଦୃଢ଼ ସ୍ୱର ପାଲଟିଥିଲା। ଇଣ୍ଡୋନେସିଆର ସ୍ୱାଧୀନତା ଆନ୍ଦୋଳନ ସମୟରେ ସମ୍ମାନନୀୟ ବିଜୁ ପଟ୍ଟନାୟକ ଯେଉଁ ଭୂମିକା ଗ୍ରହଣ କରିଥିଲେ, ତାହା ବୀରତ୍ୱର ଗାଥା ବହନ କରୁଛି। ସେ ପ୍ରଧାନମନ୍ତ୍ରୀ ସୁତାନ ସଜାହରିର ଏବଂ ଉପରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ସୁରକ୍ଷିତ ଭାବରେ ଭାରତକୁ ଆଣିବା ଦ୍ୱାରା ଦୁଇ ରାଷ୍ଟ୍ର ନିକଟତର ହୋଇଥିଲେ ବୋଲି ମୋଦୀ କହିଛନ୍ତି। ଦୁଇ ଦେଶକୁ ଐତିହାସିକ ଭାବରେ ଯୋଡ଼ିଥିବା ସାମୁଦ୍ରିକ ସଂଯୋଗ ଉପରେ ଆଲୋକପାତ କରି ମୋଦୀ କହିଥିଲେ ଯେ ସେମାନଙ୍କର ସହଭାଗୀ ଭୌଗୋଳିକ ସ୍ଥିତି ପ୍ରତିବନ୍ଧକ ନୁହେଁ ବରଂ ଏକ ବନ୍ଧନ। ଭାରତ ଏବଂ ଇଣ୍ଡୋନେସିଆ ପାଇଁ, ସମୁଦ୍ର କେବେବି ଦୂରତାକୁ ପ୍ରତିନିଧିତ୍ୱ କରିନାହିଁ। ଏହା ସର୍ବଦା ଆମ ଦେଶଗୁଡ଼ିକ ମଧ୍ୟରେ ଏକ ସେତୁ ହୋଇ ରହିଛି ଏବଂ ଆମର ସହଭାଗୀ ଭବିଷ୍ୟତର କେନ୍ଦ୍ରବିନ୍ଦୁ ହୋଇ ରହିଛି ବୋଲି ସେ କହିଛନ୍ତି। ପ୍ରକାଶ ଯେ ୧୯୪୭ ମସିହାରେ ଡଚ୍ ଉପନିବେଶବାଦୀ ଶାସନ ବିରୋଧରେ ଇଣ୍ଡୋନେସିଆ ଜାତୀୟ ବିପ୍ଳବରେ ବିଜୁ ପଟ୍ଟନାୟକ ନିଜ ଜୀବନକୁ ବାଜି ଲଗାଇ ଏକ ସାହସିକ ଭୂମିକା ଗ୍ରହଣ କରିଥିଲେ। ତତକାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଅନୁରୋଧରେ ବିଜୁ ପଟ୍ଟନାୟକ କଠୋର ଡଚ୍ ଅବରୋଧ ଭାଙ୍ଗି ଇଣ୍ଡୋନେସିଆର ବରିଷ୍ଠ ନେତାମାନଙ୍କୁ ଉଦ୍ଧାର କରିଥିଲେ ଏବଂ ସେମାନଙ୍କର ସ୍ୱାଧୀନତା ସଂଗ୍ରାମ ପ୍ରତି ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲେ। ଡଚମାନେ ଇଣ୍ଡୋନେସିଆକୁ ପୁନଃ ଉପନିବେଶ କରିବାକୁ ଚେଷ୍ଟା କରିଥିଲେ ଏବଂ ଏକ ବିଶାଳ ସାମରିକ ଆକ୍ରମଣ ଆରମ୍ଭ କରିଥିଲେ। ସ୍ୱାଧୀନତା ଆନ୍ଦୋଳନକୁ ଦବାଇ ଦେବା ପାଇଁ ସେମାନେ ଇଣ୍ଡୋନେସିଆର ପ୍ରଧାନମନ୍ତ୍ରୀ ସୁତାନ ସଜାହରିର ଏବଂ ଉପ-ରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ଜାକର୍ତ୍ତାରେ ଗୃହବନ୍ଦୀ କରିଥିଲେ ଏବଂ ସମସ୍ତ ପ୍ରସ୍ଥାନ ପଥ ଅବରୋଧ କରିଥିଲେ। ନେହରୁ ୩୧ ବର୍ଷୀୟ ବିଜୁ ପଟ୍ଟନାୟକଙ୍କୁ ନେତାମାନଙ୍କୁ ବାହାର କରିବା ପାଇଁ ଏକ ଗୁପ୍ତ ଅଭିଯାନର ଦାୟିତ୍ୱ ଦେଇଥିଲେ। ଯାହାଦ୍ୱାରା ସେମାନେ ଡଚ୍ ବିରୁଦ୍ଧରେ ଅନ୍ତର୍ଜାତୀୟ ଜନମତ ଏକତ୍ର କରିପାରିବେ। ଜୁଲାଇ ୧୯୪୭ରେ ବିଜୁ ପଟ୍ଟନାୟକ ଏବଂ ତାଙ୍କ ସହ-ପାଇଲଟ୍ ପତ୍ନୀ ଜ୍ଞାନ ପଟ୍ଟନାୟକ ଭାରତରୁ ଡଗଲାସ ସି-୪୭ ସାମରିକ ପରିବହନ ବିମାନ (ଡାକୋଟା) ଇଣ୍ଡୋନେସିଆର ଆକାଶ ସୀମାରେ ଉଡ଼ାଇଥିଲେ। ବିଜୁ ପଟ୍ଟନାୟକ ସଫଳତାର ସହ ସିଙ୍ଗାପୁର ଦେଇ ସଜାହରିର ଏବଂ ହଟ୍ଟାଙ୍କୁ ଦେଶ ବାହାରକୁ ନେଇଯାଇଥିଲେ ଏବଂ ସେମାନେ ୨୪ ଜୁଲାଇ, ୧୯୪୭ରେ ନିରାପଦରେ ନୂଆଦିଲ୍ଲୀରେ ପହଞ୍ଚିଥିଲେ। ବିଜୁ ପଟ୍ଟନାୟକ ୧୯୪୭ରେ ଦେଖାଇଥିବା ସାହାସ ପାଇଁ ତାଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ 'ଭୂମିପୁତ୍ର' ସମ୍ମାନରେ ସମ୍ମାନିତ କରାଯାଇଥିଲା।

### ମୋଦୀଙ୍କୁ ସର୍ବୋଚ୍ଚ ...

ଅସାଧାରଣ ଅବଦାନର ସ୍ୱୀକୃତି ସ୍ୱରୂପ ପ୍ରଧାନମନ୍ତ୍ରୀ ମୋଦୀ ଏହି ସମ୍ମାନ ପାଇଛନ୍ତି। ଶ୍ରୀ ମୋଦୀ ଏହି ପୁରସ୍କାରକୁ ଭାରତ ଓ ଇଣ୍ଡୋନେସିଆର ଜନସାଧାରଣ ଏବଂ ଦୁଇ ରାଷ୍ଟ୍ର ମଧ୍ୟରେ ଦୀର୍ଘସ୍ଥାୟୀ ସଭ୍ୟତାଗତ ସମ୍ପର୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଏହି ଅନ୍ତର୍ଜାତୀୟ ସମ୍ମାନ କେବଳ ପିଏମ୍ ମୋଦୀଙ୍କ ସଶକ୍ତ ନେତୃତ୍ୱକୁ ଦର୍ଶାଉନାହିଁ, ବରଂ ବିଶ୍ୱସ୍ତରରେ ଭାରତର ବଢୁଥିବା ପ୍ରଭାବକୁ ମଧ୍ୟ ପ୍ରତିପାଦିତ କରୁଛି। ନିକଟରେ ସେସେଲ୍ସ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ନିଜର ସର୍ବୋଚ୍ଚ ସମ୍ମାନ 'ଗାର୍ଡିଆନ୍ ଅଫ୍ ଦି ବ୍ଲୁ ହୋରାଇଜନ୍' ପ୍ରଦାନ କରିଥିଲା। ଏହା ପ୍ରଥମ ଥର ନୁହେଁ ଯେ କୌଣସି ବିଦେଶୀ ରାଷ୍ଟ୍ର ପିଏମ୍ ମୋଦୀଙ୍କୁ ନିଜର ସର୍ବୋଚ୍ଚ ରାଷ୍ଟ୍ରୀୟ ସମ୍ମାନରେ ସମ୍ମାନିତ କରିଛି। ଗତ କିଛି ବର୍ଷ ମଧ୍ୟରେ ଦୁନିଆର ଅନେକ ପ୍ରମୁଖ ଦେଶ ତାଙ୍କୁ ନିଜର ଶୀର୍ଷ ନାଗରିକ ଏବଂ ସାମରିକ ସମ୍ମାନ ପ୍ରଦାନ କରିଛନ୍ତି। ଏହି ବର୍ଷ ମେ ମାସରେ ମଧ୍ୟ ଜାତିସଂଘର ସଂସ୍ଥା 'ଖାଦ୍ୟ ଏବଂ କୃଷି ସଂଗଠନ' ଦ୍ୱାରା ପ୍ରଧାନମନ୍ତ୍ରୀଙ୍କୁ ପ୍ରତିଷ୍ଠିତ 'ଏଗ୍ରିକୋଲା ମେଡାଲ୍' ପ୍ରଦାନ କରାଯାଇଥିଲା।

### ରାଜ୍ୟରେ ନାହିଁ ...

ଜଳସ୍ତର ବଢୁଛି। ହୀରାକୁଦ ଜଳଭଣ୍ଡାରର ସ୍ଥିତି ଉପରେ ମଧ୍ୟ ସରକାରଙ୍କ ତୀକ୍ଷ୍ଣ ନଜର ରହିଛି। ବର୍ତ୍ତମାନ ହୀରାକୁଦରେ ଜଳସ୍ତର ୬୦୬.୧୨ ଫୁଟ ରହିଛି, ଯାହାକି ଗତବର୍ଷର ଜଳସ୍ତର ୬୦୯ ଫୁଟ ତୁଳନାରେ କମ୍। ବର୍ତ୍ତମାନ ପ୍ରାୟ ୧ ଲକ୍ଷ ୮୦ ହଜାର କ୍ୟୁସେକ ଜଳ ହୀରାକୁଦକୁ ପ୍ରବେଶ କରୁଥିବା ବେଳେ ବୁଧବାର ସୁଦ୍ଧା ଏହା ପ୍ରାୟ ଅଢ଼େଇ ଲକ୍ଷ କ୍ୟୁସେକରେ ପହଞ୍ଚିପାରେ। ଉପରମୁଣ୍ଡରେ ବର୍ଷା ଏବଂ ଛତିଶଗଡ଼ର କଲମା ବ୍ୟାରେଜର ଗେଟ୍ ଖୋଲାଯିବା ପରେ ଜଳପ୍ରବାହ ଆହୁରି ବଢ଼ିବାର ସମ୍ଭାବନା ରହିଛି। ୯ ତାରିଖରେ ହୀରାକୁଦ ଗେଟ୍ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ତେବେ ଡ୍ୟାମର କେତୋଟି ଗେଟ୍ ଖୋଲାହେବ ତାହା ଜଳସ୍ତର ଦେଖି ନିଷ୍ପତ୍ତି ନେବୁ ବୋଲି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ସୂଚନା ଦେଇଛନ୍ତି। ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି ଯେ, ମୁଣ୍ଡଳୀରେ ଏବେ ୩ ଲକ୍ଷ ୨୬ ହଜାର କ୍ୟୁସେକ ଜଳ ଅତିକ୍ରମ କରୁଛି। ରାତି ସୁଦ୍ଧା ୪ ଲକ୍ଷ ୫୦ ହଜାର କ୍ୟୁସେକ ଜଳ ଅତିକ୍ରମ କରିବ। ୫ ଲକ୍ଷ କ୍ୟୁସେକ ତଳେ ଜଳ ପ୍ରବାହିତ ହେବ। ତେଣୁ ରାଜ୍ୟରେ ଏବେ ବନ୍ୟା ସ୍ଥିତି ନାହିଁ। ବର୍ଷା ଜଳ ନରାଜ ଦେଇ ଗଲା ପରେ ହୀରାକୁଦ ଜଳ ଛଡ଼ାଯିବ। ତେଣୁ ତଳମୁଣ୍ଡର ଜିଲ୍ଲାଗୁଡ଼ିକରେ ବଡ଼ ଧରଣର ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ନାହିଁ ବୋଲି ଜଳ ସମ୍ପଦ ବିଭାଗ ଆଶ୍ୱସ୍ତ କରିଛି।

### ଗଛରେ ବାଘର ...

ମୃତଦେହ ଅଗ୍ନିଶମ ବାହିନୀ ଦ୍ୱାରା ଗଛରୁ ଉଦ୍ଧାର କରାଯିବା ସହ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି। ତେବେ ଘଟଣାର ତଦନ୍ତ ଚାଲିଛି। ତଦନ୍ତ ପରେ ବାଘ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ବ୍ରହ୍ମପୁର ଡିଏଫଓ କହିଛନ୍ତି। ଅନ୍ୟପଟେ ଅଞ୍ଚଳରେ ବାଘ ଥିବା ନେଇ ଅଞ୍ଚଳବାସୀଙ୍କୁ କେବେ ଗୋଚର ନଥିବା ଏବଂ ବନବିଭାଗ ଏହାରି ଉପରେ କେବେ ସଚେତନତା କରୁନଥିବା ନେଇ ଜରଡ଼ ପଞ୍ଚାୟତ ସମିତିସଭ୍ୟ ଅଭିଯୋଗ କରିଛନ୍ତି। ଶେଷ ଖବର ସୁଦ୍ଧା ଏହି ଘଟଣାରେ ବନବିଭାଗ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା କୁହାଯାଉଛି।

### ୱାୟନାଡରେ ଭୂସ୍ଖଳନ ...

ବର୍ଷା ଯୋଗୁଁ ୭ ଜୁଲାଇ ସକାଳ ୧୧ଟା ୧୫ ମିନିଟ୍‌ରେ ଆକସ୍ମିକ ଭୂସ୍ଖଳନ ହେବା ସହ ମାଟି ଓ କାଦୁଅର ସ୍ରୋତ ଦ୍ରୁତ ଗତିରେ ବୋହିବା ଦେଖିବାକୁ ମିଳୁଛି। ଠିକ୍ ଏହି ସମୟରେ ଲୋକମାନେ ମଧ୍ୟ ସେହି ସ୍ରୋତରୁ ରକ୍ଷା ପାଇବା ପାଇଁ ଦୌଡୁଥିବା ବେଳେ ଅନେକ ଲୋକ, ରାସ୍ତାରେ ଛିଡା ହୋଇ ରହିଥିବା ଗାଡ଼ିଗୁଡ଼ିକ ଏହି ସ୍ରୋତ ମୁହଁରେ ପଡ଼ି ଅନେକ ଦୂର ପର୍ଯ୍ୟନ୍ତ ଭାସି ଯାଇଥିଲେ। ଏପରିକି ଘଟଣାସ୍ଥଳରେ ଏକ ଟ୍ୟାଙ୍କର ଠିଆ ହୋଇଥିଲା, ଯାହା ମାଟି ସ୍ରୋତ ସହିତ କୁଟାଖିଅ ଭଳି ପ୍ରାୟ ୨୦୦ ଫୁଟ ପର୍ଯ୍ୟନ୍ତ ଭାସିଆସିଥିଲା। ସୌଭାଗ୍ୟବଶତଃ ଟ୍ୟାଙ୍କରଟି ସେଠାରେ ଉପସ୍ଥିତ ଥିବା ଜଣେ ମହିଳା ଏବଂ ପୁରୁଷଙ୍କଠାରୁ ମାତ୍ର କେଇ ଫୁଟ ଦୂରରେ ଅଟକି ଗଲା। ଯାହାଫଳରେ ସେମାନଙ୍କ ଜୀବନ ବର୍ତ୍ତିଯାଇଛି। ଅନ୍ୟପକ୍ଷେ ଦୁର୍ଘଟଣା ପରେ ଅନେକ ଲୋକ ମାଟି ତଳେ ଚାପି ହୋଇ ରହିଥିବା ଦାବି କରାଯାଉଛି। ସୁତରାଂ ସେମାନଙ୍କୁ ଉଦ୍ଧାର କରିବା ପାଇଁ କାମ ଚାଲିଛି। ଅଧିକାରୀଙ୍କ ସୂଚନା ଅନୁଯାୟୀ, କ୍ରମାଗତ ବର୍ଷା ଯୋଗୁଁ ସୋମବାରଠାରୁ ହିଁ ସୁଡ଼ଙ୍ଗ ନିର୍ମାଣ କାର୍ଯ୍ୟ ବନ୍ଦ କରିଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ଭି.ଡି. ସତୀଶନ ଏକ ଜରୁରୀକାଳୀନ ବୈଠକ କରି ରାଜସ୍ୱ ମନ୍ତ୍ରୀ ଏ.ପି. ଅନିଲ କୁମାରଙ୍କୁ ତୁରନ୍ତ ୱାୟାନାଡ୍ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁତର ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତାକାଲି (ବୁଧବାର) ୱାୟାନାଡ୍‌ର ସମସ୍ତ ଶିକ୍ଷାନୁଷ୍ଠାନ ପାଇଁ ଛୁଟି ଘୋଷଣା କରାଯାଇଛି। ପ୍ରଭାବିତଙ୍କ ମଧ୍ୟରେ ସୁଡ଼ଙ୍ଗ କାମରେ ନିୟୋଜିତ ଶ୍ରମିକ, ସୁରକ୍ଷାକର୍ମୀ ଏବଂ ସୁପରଭାଇଜର ସାମିଲ ଅଛନ୍ତି।

### ଦୁଇ ଦୁର୍ଘଟଣାରେ ...

ପଥକର ଫାଟକ ରୋଗୀଯାନ ୨ ମୃତକଙ୍କ ଶବକୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏ ନେଇ ପୁଲିସରେ ସନ୍ଧ୍ୟା ସୁଦ୍ଧା କୌଣସି ଅଭିଯୋଗ ହୋଇ ନଥିବା ଓ ୨ ମୃତକଙ୍କର ପ୍ରକୃତ ନାମ ଓ ଠିକଣା ପାଇନଥିବାରୁ ବୁଧବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି କୁହାଯାଇଛି। ତେବେ ଘରୋଇ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ମୃତକ ଦ୍ୱୟ ଧର୍ମଶାଳା ଅଞ୍ଚଳର ପ୍ରଫୁଲ୍ଲ ମଲ୍ଲିକ ଓ ଯାଜପୁର ଟାଉନ ଅଞ୍ଚଳର ଆକାଶ ମାଝୀ ବୋଲି ଜଣାପଡ଼ିଛି। ଉଭୟ କୋଇଡ଼ା ଅଞ୍ଚଳରେ କାମ କରିବା ପାଇଁ ବାଇକ୍‌ରେ ଯାଉଥିବା ସମୟରେ ଏହି ଅଘଟଣ ଘଟିଥିବା କୁହାଯାଉଛି। ସେହିପରି ଆଜି ଅପରାହ୍ନ ୨ଟାରେ ସୁନ୍ଦରଗଡ଼ ସଦରଥାନା ପାତକିଯୋର ନିକଟରେ ପରସ୍ପର ବିପରୀତ ଦିଗରେ ଦ୍ରୁତଗତିରେ ଆସୁଥିବା ବଲେରୋ ଓ ଯାତ୍ରୀବାହୀ କମାଣ୍ଡର ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ କମାଣ୍ଡର ଚଳାଉଥିବା ମାଲିକଙ୍କ ସମେତ ୨ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏହାଛଡ଼ା ଏକାଧିକ ଯାତ୍ରୀ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ମୃତକ ମାଲିକ ହେଲେ କିଞ୍ଜିରକେଲାର ରୋହିତ ତନ୍ତୀ। ଖବର ଲେଖାସୁଦ୍ଧା ଅନ୍ୟ ମୃତକଙ୍କ ପରିଚୟ ମିଳିନାହିଁ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ।

### କମିଟି ଗଠନ କଲେ ...

ସଫଳ ଆଲୋଚନା ଓ ପ୍ରତିଶ୍ରୁତି ପରେ ଓମସା ନିଜର ଅନିର୍ଦ୍ଦିଷ୍ଟ କାଳୀନ ଆନ୍ଦୋଳନକୁ ସ୍ଥଗିତ ରଖିଥିଲା।ଏହାର ତିନି ଦିନ ମଧ୍ୟରେ ସରକାର ଏହି କମିଟି ଗଠନ କରିଛନ୍ତି। ସୂଚନାଯୋଗ୍ୟ ଯେ, ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ ନହେବାରୁ ଜୁଲାଇ ୧ରୁ ଡାକ୍ତରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଥିଲେ।

## ନୂଆ ବଦଳରେ ପୁରୁଣା ପିଚୁ ପକାଇ ଠିକାଦାର 'ଛୁ'



ଆଳି,୭।୭/ଏନ୍‌ଏନ୍‌ଏସ୍: ନୂଆ ପିଚୁ କରିବା ପରିବର୍ତ୍ତେ ପୁରୁଣା ପିଚୁ ତାଡ଼ି ରାସ୍ତାରେ ମେଣ୍ଟାଲ ବିଛାଇ ଦେଇ ବର୍ଷେ ହେବ ଛୁ ମାରିଛି ଠିକାଦାର। ରାସ୍ତାରେ ମେଣ୍ଟାଲ ବିଛା ହେଇ ଥିବାରୁ ଯାତାୟାତରେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ଅଞ୍ଚଳବାସୀ। ଏହି ରାସ୍ତାରେ ଗାଡିଗୁଡିକ ଯାତାୟାତ କରିବା ବେଳେ ଗୋଡି ଆସି କେତେବେଳେ ଘର ଦୁଆରେ ପଡୁଛି ତ ଆଉ କେତେବେଳେ ସିଧା ମୁଣ୍ଡରେ ବାଜି ଖଣ୍ଡିଆ ଖାବରା କରୁଛି। ଏପରିକି ଅଙ୍ଗନବାଡି ଓ ସ୍କୁଲକୁ ପ୍ରତିଦିନ ଚାଲିଚାଲି ଯାଇଥିବା ଛୋଟଛୋଟ ଶିଶୁମାନେ ରାସ୍ତାରେ ପଡି ଖଣ୍ଡିଆ ଖାବରା ହେଉଥିବା ନେଇ ସ୍ଥାନୀୟବାସୀ ଅଭିଯୋଗ କରିଛନ୍ତି। ମହାସାହାଣୀ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ରାଇସରପୁର ଛକ ଠାରୁ ବେଲାରୀ ପର୍ଯ୍ୟନ୍ତ ଦୁଇ କିଲୋମିଟର ରାସ୍ତା ପିଚୁ ନିମନ୍ତେ ୨କୋଟି ୧୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ଏହି ରାସ୍ତା କାର୍ଯ୍ୟ ୨୦୨୫ ମସିହା ସେପ୍ଟେମ୍ବର ମାସରୁ ଆରମ୍ଭ ହୋଇ ୨୦୨୬ ମାର୍ଚ୍ଚ ମାସ ମଧ୍ୟରେ ଶେଷ ହେବା ନିମନ୍ତେ ସୂଚନା ଫଳକରେ ଉଲ୍ଲେଖ ରହିଛି। ମାତ୍ର ଠିକାଦାର ଏହି କାର୍ଯ୍ୟ ନିମନ୍ତେ ପୁରୁଣା ପିଚୁ ତାଡ଼ି ରାସ୍ତାରେ ମେଣ୍ଟାଲ ପକାଇ କାମ ବନ୍ଦ କରିଦେଇଛି। ଯାହାଫଳରେ ଏହି ରାସ୍ତା ଉପରେ ନିର୍ଭର କରିଥିବା ମହାସାହାଣୀ, ନାଉଡିହ, ବେଲାରୀ ଗ୍ରାମର ହଜାର ହଜାର ଲୋକ ଯାତାୟତ କରିବା ସହ ସହିରା, ଅଙ୍ଗାରଖ, ବାଟିପଡା ଲୋକ ଯାତାୟତ କରିଥାନ୍ତି। ଏହି ରାସ୍ତାରେ ଏକ ରାଇସମିଲ ଓ ଇଟା ଫ୍ୟାକ୍ଟ୍ରି ଥିବାରୁ ପ୍ରତିଦିନ ଶତାଧିକ ଗାଡି ଯାତାୟତ କରିଥାଆନ୍ତି। ଗାଡିଗୁଡିକ ଯାତାୟତ କରିବା ସମୟରେ ରାସ୍ତାରୁ ମେଣ୍ଟାଲ ଉଠି କେତେବେଳେ କାହା ଘରେ ପଡୁଛି ତ ଆଉ କେତେବେଳେ କାହା ମୁଣ୍ଡ ଫଟାଉଛି। ଯାହାକୁ ନେଇ ସ୍ଥାନୀୟ ଲୋକ ଘରୁ ବାହାରକୁ ଆସିବା ନିମନ୍ତେ ଭୟ କରୁଛନ୍ତି। ଏପରିକି ଅଙ୍ଗନବାଡି ସ୍କୁଲକୁ ଯାଉଥିବା ପିଲାମାନେ ଅନେକ ସମୟରେ ରାସ୍ତାରେ ପଡି ଖଣ୍ଡିଆ ଖାବରା ହେଉଛନ୍ତି। ତୁରନ୍ତ ଏହି ରାସ୍ତା କାର୍ଯ୍ୟ ଶେଷ କରିବା ନିମନ୍ତେ ଗ୍ରାମର ସଞ୍ଜୟ ପ୍ରଧାନ, ପ୍ରତାପ ମଲିକ,ରାଜକିଶୋର ମଲିକ,ଆଦିତ୍ୟ ପ୍ରଧାନ, ବଳରାମ ମଲିକ, ଦୁଷ୍ମନ୍ତ ମଲିକ, ଅଞ୍ଜଳୀ ମଲିକ, ଶାନ୍ତିଲତା ମଲିକ, ପ୍ରଭାତୀ ମଲିକ, ଜୟନ୍ତୀ ମଲିକ, ମୀନା ମଲିକ, ସବିତା ମଲିକ, ଅଖଜି ମଲିକଙ୍କ ସମେତ ଶତାଧିକ ଗ୍ରାମବାସୀ ଦାବି କରିଛନ୍ତି। ଯଦି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆନଯାଏ ତେବେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବାସଚ୍ୟୁତ ପରିବାରଙ୍କ ଧାରଣା




କେନ୍ଦ୍ରାପଡ଼ା,୭।୭/ଏନ୍‌ଏନ୍‌ଏସ୍: କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ସୁଜନପୁର ଗ୍ରାମରେ ୭୦ ବର୍ଷ ବୟସ୍କ ଅରୁଣ ମଲ୍ଲିକଙ୍କ ବାସଗୃହକୁ ବଳପୂର୍ବକ ବାସଚ୍ୟୁତ କରିଥିବା ପ୍ରତିବାଦରେ ନ୍ୟାୟ ଦାବି ପାଇଁ ଜିଲ୍ଲା କାର୍ଯ୍ୟାଳୟ ଆଗରେ ପରିବାର ଲୋକ ଧାରଣାରେ ବସି ରହିଛନ୍ତି। ଗତ ଏପ୍ରିଲ ୭ ତାରିଖ ପରିବାର ଲୋକ ଘରେ ଶୋଇଥିବାବେଳେ କିଛି ଅସାମାଜିକ ବ୍ୟକ୍ତି ଘର ଭିତରେ ପ୍ରବେଶ କରି ପରିବାର ଲୋକଙ୍କୁ ମାଡମାରି ଘରର ସମସ୍ତ ଆସବାବ ପତ୍ର ଫୋପାଡି ଦେବା ସହ ଏମାନଙ୍କୁ ଗ୍ରାମରେ ତଡିଦେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଥାନା ଅଧିକାରୀ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରି ହାତ ବାନ୍ଧି ବସିଛନ୍ତି। ପାଲଟା ଏହି ପରିବାର ଲୋକଙ୍କ ନାମରେ ଚୋରି କେଶରେ ମିଥ୍ୟା ମାମଲା ରୁଜୁ କରାଇଛନ୍ତି। ଏ ସମ୍ପର୍କରେ ପରିବାର ଲୋକ ମୁଖ୍ୟମନ୍ତ୍ରୀ, ପୁଲିସ ମହାନିର୍ଦ୍ଦେଶକ, ଗ୍ରାମାଞ୍ଚଳ ଆଇଜିଙ୍କୁ ଅଭିଯୋଗ କରି କୌଣସି ସୁଫଳ ନ ମିଳିବାରୁ ପରିବାରର ସମସ୍ତ ସଦସ୍ୟ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣାରେ ବସିରହିଛନ୍ତି। ତୁରନ୍ତ ଏମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ପରିବାର ଲୋକ ଦାବିକରିଛନ୍ତି।

## ଗୋବରୀକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ପଟ୍ଟାମୁଣ୍ଡାଇ,୭।୭/ଏନ୍‌ଏନ୍‌ଏସ୍: କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧିନରେ ଥିବା ସାନଜରିଆ ପଞ୍ଚାୟତରେ ଆଜି ଏକ ଅଭାବନୀୟ ଘଟଣା ଘଟିଯାଇଛି। ସ୍ଥାନୀୟ ଭେଡିସାହି ଗ୍ରାମର ଜନୈକା ମହିଳା ଗୋବରୀ ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ଦେଖିବାକୁ ମିଳିଛି। ତେବେ ସେଠାରେ ଉପସ୍ଥିତ ସ୍ଥାନୀୟ ଲୋକମାନେ ଅତ୍ୟନ୍ତ ତତ୍ପରତା ଓ ସାହସିକତାର ସହିତ ନଦୀ ମଧ୍ୟରୁ ମହିଳାଙ୍କୁ ଉଦ୍ଧାର କରିବା ଫଳରେ ମହିଳା ଜଣକ ଅଳ୍ପକେ ମୃତ୍ୟୁ ମୁଖରୁ ରକ୍ଷା ପାଇ ଯାଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ସାନଜରିଆ ଭେଡିସାହି ଗ୍ରାମର କରୁଣୀ ସେଠୀଙ୍କ ପତ୍ନୀ ଇଚ୍ଛା ସେଠୀ (୬୨) ନାମକ ଜନୈକା ମହିଳା ସକାଳ ୯ଘଟିକା ସମୟରେ ଗଣ୍ଡାକିଆ ପୋଲ ନିକଟରେ ପହଞ୍ଚି ପୋଲ ଉପରୁ ହଠାତ ଗୋବରୀ ନଦୀ ନଦୀ ଗର୍ଭକୁ ଡେଇଁ ପଡ଼ିଥିଲେ। ନଦୀର ପ୍ରଖର ସ୍ରୋତରେ ସେ ଭାସି ଯାଉଥିବା ଦେଖି ପୋଲ ନିକଟରେ ଥିବା ଲୋକମାନେ ମହିଳାଙ୍କୁ ବୁଡ଼ି ଯାଉଥିବା ଅବସ୍ଥାରେ ଉଦ୍ଧାର କରି କୂଳକୁ ଆଣିଥିଲେ। ନଦୀ ମଧ୍ୟରୁ ଜୀବନ୍ତ ଉଦ୍ଧାର କରାଯିବା ପରେ ମହିଳାଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେ ବର୍ତ୍ତମାନ ସୁରକ୍ଷିତ ଥିବା ଜଣାପଡ଼ିଛି।

## କଫ୍ ସିରପ୍ ସମେତ ଚୋରାମଦ ଜବତ, ୨ଗିରଫ



କେନ୍ଦ୍ରାପଡ଼ା,୭।୭/ଏନ୍‌ଏନ୍‌ଏସ୍: କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ଓ ମାର୍ଶାଘାଇ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ମାଣିତ୍ରୀ ଗ୍ରାମର ପୁଲକ କୁମାର ସ୍ୱାଇଁ(୩୮)ଙ୍କ ନିକଟରୁ ୧୦୦ ମିଲି ଲିଟର ବିଶିଷ୍ଟ ୬୨ଟି କଫ୍ ସିରପ୍ ବୋତଲ ଏବଂ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଥିଲା। ସେହିପରି ଆମ୍ଭୁରା ଗ୍ରାମର ପ୍ରଦୀପ ସେନାପତି(୩୮)ଙ୍କ ନିକଟରୁ ୨୯ ଲିଟର ଚୋରା ବିଦେଶୀ ମଦ ଓ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଥିଲା। ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଆଇନ୍ ଅନୁସାରେ ମାମଲା ରୁଜୁ କରି କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ରଙ୍କ ସମେତ ଅବକାରୀ ବିଭାଗର ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

## ଜିଲ୍ଲାପାଳଙ୍କୁ ଭେଟିଲେ ଗାଁସାଥୀ ସଂଘ



କେନ୍ଦ୍ରାପଡ଼ା,୭।୭/ଏନ୍‌ଏନ୍‌ଏସ୍: କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅଧିନ ଅଟାଳ ଗ୍ରାମପଞ୍ଚାୟତରେ ଗାଁସାଥୀ(ମେଟ) ଭାବରେ କାର୍ଯ୍ୟରତ ସୁଜାତା ପରିଡାଙ୍କୁ ପଞ୍ଚାୟତ ପକ୍ଷରୁ ଏନ୍‌ଏମ୍‌ଏମ୍‌ଏସ୍ ଆପ୍ ପ୍ରଦାନ କରାନଯିବା ପ୍ରତିବାଦରେ ସେ ଆଜି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଶ୍ରୀମତୀ ପରିଡ଼ା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ସେ ଗତ ୨୦୦୮ମସିହାରୁ ଅଟାଳ ପଞ୍ଚାୟତରେ ଗାଁସାଥୀ(ମେଟ) ଭାବରେ ସୁଚାରୁ ରୂପେ କାର୍ଯ୍ୟ କରିଆସୁଛନ୍ତି। କିନ୍ତୁ ଏବେ ତାଙ୍କୁ ପଞ୍ଚାୟତ ପକ୍ଷରୁ ବେଆଇନ ଭାବେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପରେ କାର୍ଯ୍ୟ କରିବାକୁ ନଦିଆଯିବା ସହ ଏନ୍‌ଏମ୍‌ଏମ୍‌ଏସ୍ ଆପ ପ୍ରଦାନ କରାଯାଉନି। ଏସମ୍ପର୍କରେ ସେ ଆଳି ବ୍ଲକ୍‌ରେ ହୋଇଥିବା ଜିଲ୍ଲାସ୍ତରୀୟ ଜନ ଶୁଣାଣି ଶିବିରରେ ମଧ୍ୟ ଅଭିଯୋଗ କରିଥିଲେ। ଏହାପରେ ବି ତାଙ୍କୁ ପଞ୍ଚାୟତ ପକ୍ଷରୁ ଏନ୍‌ଏମ୍‌ଏମ୍‌ଏସ୍ ଆପ୍ ପ୍ରଦାନ କରାଯାଉନାହିଁ। ତେଣୁ ସେ ଆଜି ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଗାଁସାଥୀ ସଂଘ ଜିଲ୍ଲା ସଭାପତି ଅନିଲ କୁମାର ଜେନାଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଏହା ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଳି ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

### ରାଷ୍ଟ୍ରପତି-ପ୍ରଧାନମନ୍ତ୍ରୀଙ୍କୁ ...

ଗଜପତି ଲେଖିଛନ୍ତି, ପରମ୍ପରାକୁ ଭାଙ୍ଗି ସ୍ନାନଯାତ୍ରା ଓ ରଥଯାତ୍ରା ଆୟୋଜନ କରୁଛି ଇସ୍କନ୍। ବିରୋଧ ସତ୍ତ୍ୱେ ବର୍ଷ ସାରା ଯେ କୌଣସି ଦିନରେ ବି ରଥଯାତ୍ରା କରୁଛି। ଯାହାକି ଜଗନ୍ନାଥପ୍ରେମୀଙ୍କ ଧର୍ମୀୟ ଭାବାବେଗକୁ କଠୋର ଆଘାତ। ମହାପ୍ରଭୁଙ୍କ ପବିତ୍ରତା ବଜାୟ ରଖିବା ପାଇଁ ତୁରନ୍ତ ଏହାକୁ ବନ୍ଦ କରିବାକୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ଗଜପତି ମହାରାଜା। ଏଥିସହିତ ରାଷ୍ଟ୍ରପତିଙ୍କୁ ସାକ୍ଷାତ ପାଇଁ ସମୟ ମାଗିବା ସହ ପ୍ରଧାନମନ୍ତ୍ରୀଙ୍କ ସହଯୋଗ ମଧ୍ୟ ଚାହିଁଛନ୍ତି। ବାରମ୍ବାର ଚିଠି ଲେଖି ତିଥି ମାନିବାକୁ ପରାମର୍ଶ ସତ୍ତ୍ୱେ ଇସ୍କନ ନଛୋଡ଼ବନ୍ଧା। ସଂଗୀନ କଥା ହେଲା, ନିଜ କଥାକୁ ନିଜେ ଗିଳିଦେଉଛି ଇସ୍କନ। ଗଜପତିଙ୍କ କହିବା ଅନୁସାରେ, ୨୦୨୪ ଡିସେମ୍ବରରେ ତତ୍କାଳୀନ ଇସ୍କନ ଚେୟାରମ୍ୟାନଙ୍କ ଅନୁରୋଧରେ ମାର୍ଚ୍ଚ ୨୦୨୫ରେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଅନୁମୋଦିକ ବିଦ୍ୱାନମଣ୍ଡଳୀ ଓ ଇସ୍କନର ଇଣ୍ଟରନ୍ୟାସନାଲ୍ ବିଦ୍ୱାନ ଆସି ଚର୍ଚ୍ଚା କରିଥିଲେ। ଦେଶ-କାଳ-ପାତ୍ରର ଯୁକ୍ତି ଦର୍ଶାଇଥିଲେ। ହେଲେ ସବୁକୁ ଖଣ୍ଡନ କରି ତିଥି ପରିବର୍ତ୍ତନ ହେବନାହିଁ ବୋଲି ସଫା ସଫା ଶୁଣାଇଦେଇଥିଲେ ବିଦ୍ୱାନମଣ୍ଡଳୀ। ୧୯ ଅକ୍ଟୋବର ୨୦୨୫ରେ ତିଥିରେ ରଥଯାତ୍ରା କରିବାକୁ ଏବଂ ଦେଶ ଭିତରେ ଅଦିନିଆ ରଥ ନ ଗଡ଼ାଇବାକୁ ଇସ୍କନ ନିଷ୍ପତ୍ତି ନେଇଥିଲା। ହେଲେ ତା ବି ପାଳନ କଲାନି। ଅନ୍ୟପଟେ କୋଭିଡ୍ କାଳରେ କିଭଳି ତିଥି ନ ବଦଳାଇ ଭିନ୍ନ ପନ୍ଥାରେ ରଥଯାତ୍ରା ଆୟୋଜନ କରାଗଲା ତାର ବି ଉଦାହରଣ ଦେଇଛନ୍ତି ଗଜପତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପଶ୍ଚିମବଙ୍ଗର ମାୟାପୁରରେ ଇସ୍କନର ମୁଖ୍ୟାଳୟ ରହିଛି। ଯେଉଁଠାରୁ ଇସ୍କନର ବିଶ୍ୱବ୍ୟାପୀ କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଥାଏ। ଏବେ ମାୟାପୁରରେ ଇସ୍କନର ନୂଆ ଅଧକ୍ଷ ନିଯୁକ୍ତ ହୋଇଥିବାବେଳେ ପଶ୍ଚିମବଙ୍ଗରେ ମଧ୍ୟ ସରକାର ବଦଳିଛି। ଏଣୁ କେନ୍ଦ୍ର ସରକାର ଏଥିରେ ହସ୍ତକ୍ଷେପ କଲେ ସମସ୍ୟାର ସମାଧାନ ହେବା ଆଶା କରିଛନ୍ତି ଗଜପତି। ଶ୍ରଦ୍ଧାଳୁ ଓ ସେବାୟତ ବି ଏଥିରେ ସହମତ। କେବଳ ଧାର୍ଯ୍ୟ ତାରିଖରେ ନୁହେଁ, ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରା ଅର୍ଥାତ ୯ ଦିନ ବ୍ୟାପୀ ଯେକୌଣସି ଦିବସରେ ରଥଯାତ୍ରା ଆୟୋଜନ କରାଯାଇପାରିବ। ଏହା ବାଦ୍ ରଥଯାତ୍ରା ଆୟୋଜନ ମଧ୍ୟ ବିଧି ସଙ୍ଗତ ନୁହେଁ।

### ସବୁଜବଳୟ ସୃଷ୍ଟିରେ ...

ଆନ୍ଦୋଳନରେ ପରିଣତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ଗତ ବର୍ଷ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସରେ ଓଡ଼ିଶାରେ ଗୋଟିଏ ଦିନରେ ୧ କୋଟି ୪୯ ଲକ୍ଷ ଚାରା ରୋପଣ କରାଯାଇଥିଲା ଏବଂ 'ମେରୀ ଲାଇଫ୍' ପୋର୍ଟାଲରେ ୮ କୋଟି ୧୨ ଲକ୍ଷ ବୃକ୍ଷରୋପଣର ତଥ୍ୟ ଅପଲୋଡ୍ କରାଯାଇଛି। ଚଳିତ ବର୍ଷ ଭାରତ ସରକାରଙ୍କ ପକ୍ଷରୁ ରାଜ୍ୟ ପାଇଁ ୩ କୋଟି ୭୬ ଲକ୍ଷ ବୃକ୍ଷଚାରା ରୋପଣର ଲକ୍ଷ୍ୟ ରହିଛି। ଶେଷରେ ସେ ସମସ୍ତ ରାଜ୍ୟବାସୀଙ୍କୁ ବହୁଳ ଭାବେ ଗଛ ଲଗାଇ ଏକ ସୁସ୍ଥ ଓ ସବୁଜ ସୁନ୍ଦର ଓଡ଼ିଶା ଗଠନ କରିବାକୁ ନିବେଦନ କରିଛନ୍ତି। ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ବନୀକରଣ କ୍ଷେତ୍ରରେ ଜନଭାଗୀଦାରି ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। ଏହି ଅବସରରେ ଜଙ୍ଗଲ ସୁରକ୍ଷା ଓ ବନୀକରଣ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁଗୁଳର 'ଜେରେଙ୍ଗ ବୁଧିପାହାଡ଼ ବନ ସୁରକ୍ଷା ସମିତି' ଏବଂ ମୟୂରଭଞ୍ଜର 'ଗୁଡ଼ଗୁଡ଼ିଆ ପରିବେଶ ବିକାଶ ସମିତି (ଇଡିସି)' କୁ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ସ୍ୱରୂପ ୨ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମାରୋହରେ, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଏବଂ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଡକ୍ଟର କେ. ମୁରୁଗେଶନଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ, ସାମାଜିକ ସଂଗଠନର ପ୍ରତିନିଧି ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

### ଭୁବନେଶ୍ୱରରେ ହେବ ...

ଭବନରେ ରାଜ୍ୟ ବିପର୍ଯ୍ୟୟ ନିୟନ୍ତ୍ରଣ କେନ୍ଦ୍ର କାର୍ଯ୍ୟାଳୟ, ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀ, ଅଗ୍ନିଶମ ସେବା, ଓଡ୍ରାଫ୍ ସମେତ ବିପର୍ଯ୍ୟୟ ପରିଚାଳନା ସହ ଜଡ଼ିତ ସମସ୍ତ ପ୍ରମୁଖ ବିଭାଗକୁ ସ୍ଥାନ ଦିଆଯିବ। ଏହା ଫଳରେ ବିପର୍ଯ୍ୟୟ ସମୟରେ ବିଭିନ୍ନ ସଂସ୍ଥା ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ସହ ଦ୍ରୁତ ପଦକ୍ଷେପ ନେବାରେ ସୁବିଧା ହେବ। ମନ୍ତ୍ରୀ ଆହୁରି କହିଛନ୍ତି ଯେ, ରାଜ୍ୟର ବର୍ତ୍ତମାନ ଓ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଭବନର ରୂପରେଖ ପ୍ରସ୍ତୁତ କରାଯାଉଛି। ଏହା କାର୍ଯ୍ୟକ୍ଷମ ହେବା ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ସେବାକୁ ଆହୁରି ସୁଚାରୁ ଓ ଦକ୍ଷତାର ସହ ପରିଚାଳନା କରାଯାଇପାରିବ। ସେହିପରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ଏଣିକି ରାଜ୍ୟରେ ଜମିକିଣା ବିକା ସମ୍ପୂର୍ଣ୍ଣ କ୍ୟାସ୍ ଲେସ ହେବ। ଗୋଟିଏ ବି ଟଙ୍କା ନଗଦ କାରବାର ହେବ ନାହିଁ। ଜମି ପଞ୍ଜିକରଣ କାର୍ଯ୍ୟାଳୟକୁ ଦଲାଲ ମୁକ୍ତ କରିବାକୁ ଏଭଳି ନିଷ୍ପତ୍ତି ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ୧୫ ହଜାର ଯାଏ କ୍ୟାସ କାରବାର ହେଉଥିଲା। ରାଜସ୍ୱ ମନ୍ତ୍ରୀ କହିଛନ୍ତି, ଏଣିକି ଜମି ପଞ୍ଜିକରଣ ପାଇଁ ଆଉ ବାରମ୍ବାର ରେଜିଷ୍ଟ୍ରେସନ ଅଫିସକୁ ଆସିବାକୁ ପଡ଼ିବନି। କେବଳ ଜମି ମାଲିକ ଚିହ୍ନଟ ପାଇଁ ଅଫିସ ଯିବାକୁ ହେବ। ରେଜିଷ୍ଟ୍ରେସନ ପରେ ଦଲିଲ ମଧ୍ୟ ଅନଲାଇନରେ ପାଇବେ। ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ଖୁବଶୀଘ୍ର ଏସ୍‌ଓପି ଜାରି ହେବ। ଏହା ସହ ରାଜସ୍ୱ ଅଧିକାରୀଙ୍କୁ ସ୍ୱତନ୍ତ୍ର ଟ୍ରେନିଂ ଦିଆଯିବ।

### ୩୮ ଦୋଷୀଙ୍କୁ ଫାଶୀ ...

ଶୁଣାଣି ପାଇଁ ଏକ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରିଥିଲେ। ମାର୍ଚ୍ଚ ୨୦୨୫ ଠାରୁ ନିୟମିତ ଶୁଣାଣି ଚାଲିଥିଲା। ମୃତ୍ୟୁଦଣ୍ଡକୁ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାରଙ୍କ ଆବେଦନ ଏବଂ ଦୋଷୀଙ୍କ ଦ୍ୱାରା ସେମାନଙ୍କ ଦଣ୍ଡାଦେଶ ବିରୁଦ୍ଧରେ ଦାୟର କରାଯାଇଥିବା ଆବେଦନ ଉପରେ ମିଳିତ ଶୁଣାଣି ଶେଷ କରିବା ପରେ କୋର୍ଟ ନିଜର ରାୟ ସଂରକ୍ଷିତ ରଖିଥିଲେ; ବର୍ତ୍ତମାନ ରାୟ ପ୍ରକାଶ ପାଇଛି। ତେବେ ହାଇକୋର୍ଟଙ୍କ ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ୍ କରିବାର କରିବାର ଆଇନଗତ ବିକଳ୍ପ ଦୋଷୀମାନଙ୍କ ପାଖରେ ରହିଛି।

## ଦିନ ଦ୍ୱିପ୍ରହରରେ ଲୁଟ୍ ଉଦ୍ୟମ



ପାରାଦୀପ,୭।୭/ଏନ୍‌ଏନ୍‌ଏସ୍: ମହିଳାଙ୍କ ସାହାସିକତା ପାଇଁ ଘରୁ ଲୁଟ କରିବା ପରିବର୍ତ୍ତେ ଜୀବନ ବଞ୍ଚାଇ ଦୌଡିଲେ ଅଜଣା ଦୁର୍ବୃତ୍ତ। ଛାଡ଼ିଗଲେ କଟୁରୀ, ହେଲମେଟ୍ ଓ ବ୍ୟାଗ। ଏହିଭଳି ଘଟଣା ଘଟିଛି ପାରାଦୀପ ଉଦୟବିହାର-୧ କଲୋନୀରେ। ଦିନକୁ ଦିନ ବନ୍ଦରନଗରୀ ଅଶାନ୍ତ ହୋଇପଡୁଥିବା ବେଳେ ଚୋରି, ଡକାୟତି ରାହାଜାନି ବୃଦ୍ଧି ପାଇବାରେ ଲାଗିଛି। ଯାହାର ପ୍ରତ୍ୟେକ୍ଷ ଉଦାହରଣ ପାଲଟିଛି ଆଜି ଦିନ ୧୧ଟା ସମୟରେ ଘଟିଥିବା ଘଟଣା। ଉଦୟବିହାର କଲୋନୀରେ ଆଜି ସକାଳ ପାଖାପାଖି ୧୧ଟା ସମୟରେ ଦୁଇଜଣ ଅଜଣା ଯୁବକ ହଠାତ ଏହି କଲୋନୀରେ ଭଡାରେ ରହୁଥିବା ସୁଶାନ୍ତ ବିଶ୍ୱାଳଙ୍କ ଘର ଭିତରକୁ ପଶିଯିବା ପରେ ସୁଶାନ୍ତଙ୍କ ପତ୍ନୀ ସୁପ୍ରିୟାଙ୍କ ମୁହଁ ମାଡି ବସିବା ସହିତ ମୁଣ୍ଡରେ ବନ୍ଧୁକ ଲଗାଇ ଘରେ କଣ ଅଛି ଦେବାକୁ କହିଥିଲେ। ଘରର ପଡୋଶୀ ମହିଳା ଫୋନ କରୁଥିବା ସମୟରେ ଘଟଣା ଘଟିବାରୁ ଉକ୍ତ ମହିଳା ଜଣକ ସୁଶାନ୍ତ ଘରକୁ ଆସି ଦେଖିବା ବେଳକୁ ସୁପ୍ରିୟାଙ୍କ ମୁହଁ ମାଡ଼ି ବସିଥିଲେ। ଘଟଣାକୁ ବିରୋଧ କରିବା ସହିତ ପାଟି କରିବାରୁ ଉକ୍ତ ଦୁଇଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଧକାମାରି ତଳେ ପକାଇଦେବା ସହିତ କଟୁରୀ, ହେଲମେଟ୍ ଓ ବ୍ୟାଗ ଛାଡି ଗାଡ଼ି ଧରି ଫେରାର ହୋଇଯାଇଥିଲେ। ଖବର ପାଇବା ପରେ ପାରାଦୀପ ଲକଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାଡିଯାଇଥିବା ମାରଣାସ୍ତ୍ର ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି। ଦୀର୍ଘ ପାଞ୍ଚବର୍ଷ ହେବ ନିଜ ଗ୍ରାମ ଜଗତସିଂହପୁର ଜିଲ୍ଲା ଭାଲିକୁଦା ବ୍ଲକ୍‌ର ତେନ୍ତୁଳିବେଲାରୀ ଗ୍ରାମରୁ ଆସି ସୁଶାନ୍ତ ବିଶ୍ୱାଳ ନିଜ ପିଲା ଛୁଆଙ୍କୁ ଆଣି ରହି ଆସୁଥିବା ବେଳେ ଆଜିର ଏହି ଘଟଣାକୁ ନେଇ ଭୟଭୀତ ହୋଇପଡିଛନ୍ତି ଉଭୟ ସ୍ୱାମୀ, ସ୍ତ୍ରୀ। ଯଥାଶୀଘ୍ର ପୁଲିସ ଉପଯୁକ୍ତ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି ସ୍ଥାନୀୟ ଉଦୟବିହାର ବାସିନ୍ଦା।

## ବ୍ରାହ୍ମଣ ମହାସଭା ପକ୍ଷରୁ ବନ ମହୋତ୍ସବ

କେନ୍ଦ୍ରାପଡ଼ା,୭।୭/ଏନ୍‌ଏନ୍‌ଏସ୍: କେନ୍ଦ୍ରାପଡା ବ୍ରାହ୍ମଣ ମହାସଭା ପକ୍ଷରୁ ସଂଘର ପୌରାଞ୍ଚଳ ସଭାପତି ପଣ୍ଡିତ ମାଧବଚନ୍ଦ୍ର ପତିଙ୍କ ତତ୍ତ୍ୱାବଧାନରେ ଗୋପ ନିକଟସ୍ଥ ରେଲୱେ ଷ୍ଟେସନ ନିକଟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି। ଜିଲ୍ଲା ସମ୍ପାଦକ ପଣ୍ଡିତ ହରେକୃଷ୍ଣ ପତି, ସଂଗଠନ ସମ୍ପାଦକ ପଣ୍ଡିତ ତପନ ଦାଶ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀକାନ୍ତ ଦାଶ, ମିଡିଆ ସମ୍ପାଦକ ନୃସିଂହ ଚରଣ ତ୍ରିପାଠୀ, ପଣ୍ଡିତ କ୍ଷୀରୋଦ କୁମାର ପଣ୍ଡା, ପଣ୍ଡିତ ହରିହର ତ୍ରିପାଠୀ, ସଂଯୋଜକ ଦୀପକ କୁମାର ପାଢୀ, ରବିନାରାୟଣ ଶତପଥି, ଦେବେନ୍ଦ୍ର ପ୍ରସାଦ ସାମନ୍ତରାୟ ପ୍ରମୁଖ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଆଗାମୀ ସେପ୍ଟେମ୍ବର ମାସରେ ତାଳମଞ୍ଜି ରୋପଣ କରିବାକୁ ନିଷ୍ପତି ଗ୍ରହଣ କରାଯାଇଛି। ପଣ୍ଡିତ ଶିବୁ ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ବାଟିକା ଶିକ୍ଷକ ନିଯୁକ୍ତି ସୂଚନା ଜାଲ୍

**ଭୁବନେଶ୍ୱର,୭।୭/ଏନ୍ଏନ୍ଏସ୍:** ଗତ ଏପ୍ରିଲ ୨୪ର ଏକ ଜାଲ୍ ଓ ସମ୍ପୂର୍ଣ୍ଣ ମନଗଢ଼ା ପତ୍ର ବିଭିନ୍ନ ସୋସିଆଲ ମିଡିଆରେ ପ୍ରଚାର କରାଯାଉଛି। ଏହି ଜାଲ୍ ପତ୍ରକୁ ଆଧାର କରି କେତେକ ଗଣମାଧ୍ୟମରେ ମଧ୍ୟ ସମ୍ବାଦ ପ୍ରକାଶ ପାଇଥିବା ଦେଖାଯାଇଛି, ଯାହା ସାଧାରଣ ଲୋକଙ୍କ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି କରିଛି। ଉକ୍ତ ଜାଲ୍ ପତ୍ରରେ ଓସେପା ଅଧୀନରେ ୭୨୩୪ ଟି ଶିଶୁ ବାଟିକା ଶିକ୍ଷକ ପଦବୀ ସୃଷ୍ଟି ଓ ନିଯୁକ୍ତି ସହ ପ୍ରତି ଶିକ୍ଷକଙ୍କୁ ମାସିକ ୨୬୦୦୦ ପ୍ରଦାନ ପାଇଁ ଅର୍ଥ ବିଭାଗ ଅନୁମୋଦନ କରିଥିବା ବୋଲି ମିଥ୍ୟା ଦାବି କରାଯାଇଛି।

ଏହି ପ୍ରସଙ୍ଗରେ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଉକ୍ତ ପତ୍ରଟି ସମ୍ପୂର୍ଣ୍ଣ ଜାଲ୍, ମନଗଢ଼ା ଏବଂ ଅନଧିକୃତ। ଅର୍ଥ ବିଭାଗ ଦ୍ୱାରା ଏପରି କୌଣସି ପ୍ରସ୍ତାବ ଅନୁମୋଦନ କରାଯାଇନାହିଁ। ୭୨୩୪ ଟି ଶିଶୁ ବାଟିକା ଶିକ୍ଷକ ପଦବୀ ସୃଷ୍ଟି କିମ୍ବା ନିଯୁକ୍ତି ସମ୍ପର୍କରେ ଉକ୍ତ ପତ୍ର ମାଧ୍ୟମରେ କୌଣସି ସରକାରୀ ଅନୁମୋଦନ ପ୍ରଦାନ କରାଯାଇନାହିଁ। ପତ୍ରରେ ଥିବା ଦସ୍ତଖତ, ପତ୍ର ସଂଖ୍ୟା, ବିଷୟବସ୍ତୁ ଓ ଅନୁମୋଦନ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ସରକାରୀ ଅଭିଲେଖରେ ଏହାର କୌଣସି ଆଧାର ନାହିଁ। ଜାଲ୍ ସରକାରୀ ପତ୍ର ପ୍ରସ୍ତୁତ କରି ପ୍ରଚାର କରିବା ଏକ ଗୁରୁତର ଅପରାଧ। ଏହି ଘଟଣା ସମ୍ପର୍କରେ ଉପଯୁକ୍ତ ଆଇନଗତ ପଦକ୍ଷେପ ଗ୍ରହଣ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଅବଗତ କରାଯାଇଛି। ରାଜ୍ୟ ସରକାର ସାଧାରଣ ଜନତା ଓ ଗଣମାଧ୍ୟମକୁ ଅନୁରୋଧ କରୁଛନ୍ତି ଯେ ସୋସିଆଲ ମିଡିଆରେ ପ୍ରଚାରିତ କୌଣସି ସରକାରୀ ପତ୍ରକୁ ଯାଞ୍ଚ ବିନା ବିଶ୍ୱାସ କିମ୍ବା ପ୍ରଚାର କରନ୍ତୁ ନାହିଁ। ସରକାରୀ ସୂଚନା କେବଳ ସରକାରୀ ବିଜ୍ଞପ୍ତି, ୱେବସାଇଟ୍ କିମ୍ବା ସମ୍ପୃକ୍ତ ବିଭାଗରୁ ହିଁ ନିଶ୍ଚିତ କରନ୍ତୁ। ସରକାର ସର୍ବଦା ସଠିକ୍ ଓ ପ୍ରାମାଣିକ ସୂଚନା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରତିବଦ୍ଧ।

### ଜାତୀୟ କର୍ମଶାଳା ଉଦ୍‌ଘାଟିତ

## 'ଜନଜାତିଙ୍କ ସ୍ୱଦେଶୀ ଜ୍ଞାନ ଓ ଭାଷା ସଂରକ୍ଷଣ ପ୍ରାଥମିକତା ହେବା ଉଚିତ୍'

**ଭୁବନେଶ୍ୱର,୭।୭/ଏନ୍ଏନ୍ଏସ୍:** କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜନଜାତି ଗବେଷଣା ପ୍ରତିଷ୍ଠାନଗୁଡ଼ିକର ସଶକ୍ତୀକରଣ ଉଦ୍ଦେଶ୍ୟରେ ଦୁଇ ଦିନିଆ ଜାତୀୟ କର୍ମଶାଳା ଆଜି ଭୁବନେଶ୍ୱରଠାରେ ଆରମ୍ଭ ହୋଇଛି। ଜନଜାତି ସମ୍ପ୍ରଦାୟର ଐତିହ୍ୟ ସଂରକ୍ଷଣ, ଗବେଷଣାକୁ ସୁଦୃଢ଼ କରିବା ଏବଂ ସମାବେଶୀ ବିକାଶକୁ ଆହୁରି ଗତିଶୀଳ କରିବା ଦିଗରେ ଭାରତ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାର ପୁନର୍ବ୍ୟକ୍ତି ହେଉଛି ଏହି କର୍ମଶାଳା। କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ କର୍ମଶାଳାର ଉଦ୍‌ଘାଟନ କରିଥିଲେ।




ଏହି ଅବସରରେ କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ ଉଇକେ, ନୀତି ଆୟୋଗର ସଦସ୍ୟ ଡ. ଆର ବାଲସୁବ୍ରମଣ୍ୟମ୍, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟର ସଚିବ ରଞ୍ଜନା ଚୋପ୍ରା, ସଚିବ ବି. ପରମେଶ୍ୱରନ, କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଅନନ୍ତ ପ୍ରକାଶ ପାଣ୍ଡେଙ୍କ ସମେତ କେନ୍ଦ୍ର ଓ ବିଭିନ୍ନ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଡ଼ିଶା ସରକାରଙ୍କ ସହଯୋଗରେ ଆୟୋଜିତ ଏହି କର୍ମଶାଳାରେ ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨୦୦ ଜଣ ପ୍ରତିନିଧି ଯୋଗ ଦେଇଛନ୍ତି। ଏହି ଅବସରରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଓ ବାରାଣସୀସ୍ଥିତ ସମ୍ପୂର୍ଣ୍ଣାନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟ, ବାରାଣସୀ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ସହିତ ଭୁବନେଶ୍ୱରସ୍ଥିତ କିଟ୍ ଟେକ୍ନୋଲୋଜି ବିଜନେସ୍ ଇନ୍‌କ୍ୟୁବେଟର୍ ସହ ଆଉ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ଏହି ଅବସରରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଶ୍ରୀ ଓରାମ କହିଥିଲେ ଯେ ଭାରତର ଜନଜାତି ସମ୍ପ୍ରଦାୟ ପାଖରେ ଭାଷା, ଉପଭାଷା, ଏବଂ ସ୍ୱଦେଶୀ ଜ୍ଞାନର ଏକ ଅମୂଲ୍ୟ ଭଣ୍ଡାର ରହିଛି, ଯାହାକୁ ଭବିଷ୍ୟତ ପିଢ଼ି ପାଇଁ ସଂରକ୍ଷଣ କରିବା ଆବଶ୍ୟକ। ଅନେକ ଜନଜାତି ଭାଷାର ଲିପି ଥିଲେ ମଧ୍ୟ ଅନେକ ଉପଭାଷା କେବଳ ମୌଖିକ ପରମ୍ପରାରେ ବଞ୍ଚି ରହିଛି। ସେଥିପାଇଁ ସେଗୁଡ଼ିକର ସୁସଂଗଠିତ ଦସ୍ତାବିଜୀକରଣ ଜାତୀୟ ପ୍ରାଥମିକତା ହେବା ଉଚିତ। କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ ଉଇକେ ଅଭିଭାଷଣ ରେ କହିଥିଲେ ଯେ ବର୍ତ୍ତମାନ ଜନଜାତି ଗବେଷଣା ପ୍ରତିଷ୍ଠାନମାନେ ଜନଜାତି ଜୀବିକା, ମହିଳା ସଶକ୍ତୀକରଣ, ବନାଧିକାର ଆଇନର କାର୍ଯ୍ୟକାରିତା ଭଳି ଅନେକ ବିଷୟ ଉପରେ ଗବେଷଣା କରିବା ଉଚିତ। ନୀତି ଆୟୋଗର ସଦସ୍ୟ ଡ. ଆର ବାଲସୁବ୍ରମଣ୍ୟମ୍ କହିଥିଲେ ଯେ ଜନଜାତି ଗବେଷଣା ପ୍ରତିଷ୍ଠାନ ଗୁଡ଼ିକ କେବଳ ଗବେଷଣା ସଂସ୍ଥା ନୁହେଁ, ବରଂ ସ୍ୱଦେଶୀ ଜ୍ଞାନର ସଂରକ୍ଷଣ ଏବଂ ନବସୃଜନର କେନ୍ଦ୍ରରେ ପରିଣତ ହେବା ଦରକାର। ମନ୍ତ୍ରୀ ଶ୍ରୀ ଗଣ୍ଡ କହିଥିଲେ ଯେ ଜନଜାତି ଗବେଷଣା ପ୍ରତିଷ୍ଠାନ ମାନେ ଡିଜିଟାଲ୍ ଜ୍ଞାନ ଏବଂ ବହୁବିଷୟକ ଗବେଷଣାର କେନ୍ଦ୍ରରେ ପରିଣତ ହେବା ଦରକାର। ଜନଜାତି ଶିକ୍ଷା, ପୁଷ୍ଟି, ସ୍ୱାସ୍ଥ୍ୟ, ସ୍ଥାନାନ୍ତରଣ, ଜଳବାୟୁ ସହନଶୀଳତା, ବନାଧାରିତ ଜୀବିକା ଏବଂ ଭାଷା ସଂରକ୍ଷଣ ଭଳି କ୍ଷେତ୍ରରେ ଗବେଷଣାକୁ ପ୍ରୋତ୍ସାହନ ଦେବା ଆବଶ୍ୟକ। କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟର ସଚିବ ଶ୍ରୀମତୀ ଚୋପ୍ରା କହିଥିଲେ ଯେ, ଜନଜାତି ବିକାଶ ସହିତ ଜନଜାତି ଐତିହ୍ୟର ସଂରକ୍ଷଣ, ସାମ୍ବିଧାନିକ ଅଧିକାରର ସୁରକ୍ଷା ଏବଂ ପ୍ରମାଣଭିତ୍ତିକ ନୀତି ନିର୍ଦ୍ଧାରଣ ପାଇଁ ଜନଜାତି ଗବେଷଣା ପ୍ରତିଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସଚିବ ଶ୍ରୀ ପରମେଶ୍ୱରନ ସ୍ୱାଗତ ଭାଷଣରେ ଓଡ଼ିଶାର ସମୃଦ୍ଧ ଜନଜାତି ଐତିହ୍ୟ ଓ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଅନନ୍ତ ପ୍ରକାଶ ପାଣ୍ଡେ ଧନ୍ୟବାଦ୍ ଦେଇଥିଲେ।

## ରାମକୃଷ୍ଣ ଆଦର୍ଶ କଲୋନୀର ଭିତ୍ତିପ୍ରସ୍ତର ସ୍ଥାପନ

### ଅନ୍ତର୍ଭୁକ୍ତିକରଣ ବିକାଶକୁ ଆଗେଇ ନେଉଛି ବିଏମ୍‌ସି

**ଭୁବନେଶ୍ୱର,୭।୭/ଏନ୍ଏନ୍ଏସ୍:** ୱାର୍ଡ ନମ୍ବର ୪୧ ଅନ୍ତର୍ଗତ ଶାନ୍ତି ପଲ୍ଲୀଠାରେ ନିର୍ମାଣ ହେବ ୫୫ଟି ଦୁଇ ମହଲା ବିଶିଷ୍ଟ ରାମକୃଷ୍ଣ ଆଦର୍ଶ କଲୋନୀ। ୧୧୦ ଜଣ ହିତାଧିକାରୀଙ୍କୁ ଆବଣ୍ଟନ କରାଯିବ ଏହି ବାସଗୃହ। ଏଥିପାଇଁ ଆଜି ରାମକୃଷ୍ଣ ଆଦର୍ଶ କଲୋନୀର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର।

ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର୍ ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିଶନର୍ ତଥା ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା, ସ୍ଥାନୀୟ କର୍ପୋରେଟର କବିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଲେପ୍ରୋସି ଆକ୍ରାନ୍ତ ପରିବାରଙ୍କୁ ଏହି ସୁବିଧା ଯୋଗାଇ ଦେବା ପାଇଁ ସରକାରଙ୍କ ନିଷ୍ପତ୍ତିକ୍ରମେ ବିଏମ୍‌ସି ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ସୂଚନାଯୋଗ୍ୟ ଯେ ସମାଜର ମୁଖ୍ୟସ୍ରୋତରେ ସେମାନଙ୍କୁ ସାମିଲ କରିବା ସହିତ ଏକ ଅନ୍ତର୍ଭୁକ୍ତିକରଣ ବିକାଶକୁ ଆଗେଇ ନେବାରେ ଏହି ପଦକ୍ଷେପ ବେଶ୍ ସହାୟକ ହେବ। ସେଥିପାଇଁ ପ୍ରତ୍ୟେକ ନାଗରିକ ଆଗେଇ ଆସିବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ବିଏମ୍‌ସି ପକ୍ଷରୁ ଏହି ପ୍ରକଳ୍ପ କାର୍ଯ୍ୟ ଖୁବ୍ ଶୀଘ୍ର ଶେଷ ହେବ ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ଆବଣ୍ଟନ କରାଯିବ ବୋଲି ସେ କହିଛନ୍ତି। ସମ୍ପ୍ରତି ବିଏମ୍‌ସି ଅଞ୍ଚଳରେ ଲିଙ୍ଗରାଜ, ଗୋଖିବାବା ଲେପ୍ରୋସି କଲୋନୀ ନିର୍ମାଣ ହୋଇସାରିଛି ଏବଂ ସେଠାରେ ହିତାଧିକାରୀମାନେ ସେଠାରେ ବସବାସ କରୁଛନ୍ତି। ଗୋପବନ୍ଧୁ ଲେପ୍ରୋସି କଲୋନୀ ନିର୍ମାଣ କାର୍ଯ୍ୟ ଜାରି ରହିଛି। ସେମାନଙ୍କୁ ବିଦ୍ୟୁତ୍ ଆଲୋକ, ପାନୀୟ ଜଳ, ଫ୍ୟାନ୍ ଆଦି ବିନା ମୂଲ୍ୟରେ ସମସ୍ତ ପ୍ରକାର ଆଧୁନିକ ସୁବିଧା ଯୋଗାଇ ଦିଆଯାଇଛି । ପକ୍କାଘରେ ଏବେ ସେମାନେ ବେଶ ଆନନ୍ଦରେ ସପରିବାରେ ବସବାସ କରିଆସୁଛନ୍ତି। ଠିକ୍ ସେହିପରି ଏଠିକାର ଯୋଗ୍ୟ ହିତାଧିକାରୀଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ ବୋଲି କହିଛନ୍ତି ମେୟର ଶ୍ରୀମତୀ ଦାସ। ଜଣେ ହେଲେ ଯୋଗ୍ୟ ହିତାଧିକାରୀ ବାଦ ନ ପଡ଼ନ୍ତୁ ଏବଂ କୌଣସି ଅଯୋଗ୍ୟ ହିତାଧିକାରୀ ଗୃହ ନ ପାଆନ୍ତୁ ବୋଲି କହିଛନ୍ତି କମିଶନର ଶ୍ରୀ ରାଣା।

## ସ୍ୱାଭିମାନ ଓଡ଼ିଶା ଫାଉଣ୍ଡେସନ୍ ପକ୍ଷରୁ 'ବିକାଶ ସମ୍ମିଳନୀ'

**ଭୁବନେଶ୍ୱର,୭।୭/ଏନ୍ଏନ୍ଏସ୍:** ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ସର୍ବାଙ୍ଗୀନ ବିକାଶକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ଲକ୍ଷ୍ୟରେ ସ୍ୱାଭିମାନ ଓଡ଼ିଶା ଫାଉଣ୍ଡେସନ ପକ୍ଷରୁ ଗତ ୫ ତାରିଖରେ ଶ୍ରୀକ୍ଷେତ୍ର ପୁରୀସ୍ଥିତ ହୋଟେଲ ବ୍ଲୁ ବିଚ୍ ରିସର୍ଟ ପରିସରରେ ଏକ ରାଜ୍ୟସ୍ତରୀୟ 'ବିକାଶ ସମ୍ମିଳନୀ' ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। 'ସ୍ୱାଭିମାନରୁ ସମୃଦ୍ଧି : ଶ୍ରେଷ୍ଠ ଓଡ଼ିଶା ଗଠନ ପାଇଁ ଜନଆନ୍ଦୋଳନ' ଶୀର୍ଷକ ଏହି ସମ୍ମିଳନୀରେ ସଭାପତି ଅମ୍ବିକା ପ୍ରସାଦ ପଣ୍ଡା ଜନସହଭାଗିତା ଆଧାରିତ ସାମାଜିକ ଆନ୍ଦୋଳନ ଉପରେ ଗୁରୁତ୍ୱାରୋପ କରିଥିବା ବେଳେ ଉପସଭାପତି ତଥା ବିଶିଷ୍ଟ ଲେଖିକା ଡା. ସୁନୀତି ମୁଣ୍ଡ ସ୍ୱାଗତ ଭାଷଣ ଏବଂ ସାଧାରଣ ସମ୍ପାଦକ ବରୁଣ କୁମାର ଆଗାମୀ କାର୍ଯ୍ୟଯୋଜନା ସହ ପ୍ରତ୍ୟେକ ଜିଲ୍ଲାରେ 'ଜିଲ୍ଲା ବିକାଶ ସମ୍ମିଳନୀ' ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ, ଲେଖିକା ସୁଜାତା ନନ୍ଦ, ସମାଜସେବୀ ପ୍ରଶାନ୍ତ କର, ମାନିନୀ ଦେବୀ ଏବଂ ମନୋଜ ରଥ ଯୋଗଦେଇ ଓଡ଼ିଶାର ବିକାଶର ଦିଗ ଓ ଦୃଷ୍ଟିଭଙ୍ଗୀ ଉପରେ ନିଜର ମତାମତ ରଖିଥିଲେ। ବୈଠକରେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ରୋଡମ୍ୟାପ ସହ ଜନସହଭାଗିତା ଭିତ୍ତିକ ବିକାଶ ଆନ୍ଦୋଳନ, ଯୁବ କନେକ୍ଟ, ନାଗରିକ ଶିକ୍ଷା ଅଭିଯାନ, ସ୍ୱେଚ୍ଛାସେବକ ନେଟୱାର୍କ ଏବଂ ସଦସ୍ୟତା ଅଭିଯାନକୁ ରାଜ୍ୟବ୍ୟାପୀ ବିସ୍ତାର କରିବା ପାଇଁ ସର୍ବସମ୍ମତ ପ୍ରସ୍ତାବ ଓ ସଂକଳ୍ପ ଗ୍ରହଣ କରାଯାଇଛି।



### ଅବ୍ୟବସ୍ଥାରେ ଆଇଆର୍‌ସି ଭିଲେଜ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

## ୧.୨୦ ଲକ୍ଷ ବାସିନ୍ଦାଙ୍କ ପାଇଁ ଜଣେ ଡାକ୍ତର

**ଭୁବନେଶ୍ୱର,୭।୭/ଏନ୍ଏନ୍ଏସ୍:** ରାଜ୍ୟରେ ରୋଗୀ ସେବାକୁ ଅତ୍ୟନ୍ତ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ରାଜ୍ୟର ବିଭିନ୍ନ ଜିଲ୍ଲା, ବ୍ଲକରେ ରହିଥିବା ହସ୍ପିଟାଲଗୁଡ଼ିକର ଭିତ୍ତିଭୂମି ସଜାଡିବାକୁ ଉଭୟ ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରୟାସ ଜାରି ରଖିଛନ୍ତି। ରୋଗୀଙ୍କୁ ଯେପରି ସମସ୍ତ ସୁବିଧା ସୁଯୋଗ ଦିଆଯିବ ସେ ନେଇ ଯେପରି ସବୁ ସ୍ତରରେ ନିୟମିତ ଯାଞ୍ଚ ଏବଂ ସମିକ୍ଷା ମଧ୍ୟ ହେଉଛି। ଫଳରେ ପୂର୍ବାପେକ୍ଷା ରାଜ୍ୟରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅନେକ ପରିବର୍ତ୍ତନ ଘଟିଛି। ମାତ୍ର କିଛି ହସ୍ପିଟାଲ ଆଜି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଅବ୍ୟବସ୍ଥାରର ଚରମସୀମାରେ ପହଞ୍ଚିଛି। ଆଇଆର୍‌ସି ଭିଲେଜ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ହେଉଛି ତାହାର ଏକ ଜ୍ୱଳନ୍ତ ଉଦାହରଣ।




ସମଗ୍ର ରାଜଧାନୀରେ ଆଇଆର୍‌ସି ଭିଲେଜ ଏକ ଭିଆଇପି ଅଞ୍ଚଳ ଭାବେ ବେଶ୍ ପରିଚିତ। ଏହି ଅଞ୍ଚଳର ପରିସୀମା ମଧ୍ୟରେ ଏନ୍-୧ଠାରୁ ଆରମ୍ଭ କରି ଏନ୍-୬, ସାଲିଆସାହି, ଜୟଦେବ ବିହାର ରହିଛି। ଏଠାରେ ଜନସଂଖ୍ୟା ପ୍ରାୟ ଲକ୍ଷେ ୨୦ହଜାର ରହିଛି। ସ୍ଥାନୀୟ ବାସିନ୍ଦାଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ୧୯୮୫-୮୬ ମସିହାରେ ଇସ୍କନ ମନ୍ଦିର ପଛ ପାର୍ଶ୍ୱରେ ଥିବା ୩ ମହଲା ବିଶିଷ୍ଟ ସରକାରୀ କ୍ୱାର୍ଟର୍ସର ତଳ ୨ଟି ଘରେ ମେଡିକାଲ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଇନ୍ଦ୍ରଧନୁ ମାର୍କେଟ ନିକଟସ୍ଥ ନିଜ କ୍ୟାମ୍ପସକୁ ସ୍ଥାନାନ୍ତରୀତ ହୋଇଥିଲା। ମେଡିକାଲର ସେବା ଏବଂ ବ୍ୟବସ୍ଥାକୁ ଅନୁଧ୍ୟାନ କରି ଏହି ହସ୍ପିଟାଲ କାୟାକଳ୍ପ ପୁରସ୍କାର ମଧ୍ୟ ହାସଲ କରିଛି। ପ୍ରତିଦିନ ପ୍ରାୟ ୩୫୦ରୁ ଅଧିକ ରୋଗୀ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ବେଳେ ଏଠାରେ ବିଭିନ୍ନ ପରୀକ୍ଷା ମାଗଣାରେ କରାଯାଉଥିବାରୁ ଦୈନିକ ମଧ୍ୟ ୧୦୦ରୁ ଅଧିକ ରୋଗୀ ବିଭିନ୍ନ ପରୀକ୍ଷା କରାଇବାକୁ ଆସିଥାନ୍ତି। ତେବେ ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା ଏବଂ ସନ୍ଧ୍ୟା ୫ଟାରୁ ରାତି ୮ଟା ପର୍ଯ୍ୟନ୍ତ ସେବା ଜାରି ରହିଥାଏ। ବର୍ତ୍ତମାନ ଏଠାରେ ଅନ୍ୟ ପଦବୀ ଖାଲି ରହିଛି। ବର୍ତ୍ତମାନ ଓପିଡି ଲାଗି ମାତ୍ର ଜଣେ ଡାକ୍ତର ରହିଛନ୍ତି। ରୋଗୀ ସଂଖ୍ୟା ଅଧିକ ରହୁଥିବାରୁ ସମ୍ପୃକ୍ତ ଡାକ୍ତରଙ୍କ ଉପରେ ଅନେକ ଚାପ ରହୁଛି। ଏପରିକି କାର୍ଯ୍ୟ କରୁଥିବା ଡାକ୍ତର ଜଣକ ଦୈନିକ ଦେଢ଼ ଘଣ୍ଟାରୁ ୨ ଘଣ୍ଟା ଅଧିକ କାର୍ଯ୍ୟ କରୁଛନ୍ତି। ସେହିପରି ଔଷଧ ବାଣ୍ଟିବା ଲାଗି ୨ଟି ଫାର୍ମାସିଷ୍ଟ ପଦବୀରୁ ଗୋଟିଏ ଖାଲି ରହିଛି। ଦୈନିକ ରୋଗୀ ସଂଖ୍ୟା ଅଧିକ ରହୁଥିବାରୁ ଫଳରେ ଔଷଧ ଦେଉଥିବା ଫାର୍ମାସିଷ୍ଟ ଜଣକ ଉପରେ ଚାପ ଅଧିକ ରହୁଛି। ସେହିପରି ଡ୍ରଗିଷ୍ଟ ଏବଂ ଲାବ ଟେକ୍ନିସିଆନ ପଦବୀରେ ଆବଶ୍ୟକ କର୍ମଚାରୀ ନାହାନ୍ତି। ଫଳରେ ବିଭିନ୍ନ ପରୀକ୍ଷା ଲାଗି ଭିଡ଼ ଜମୁଥିବା ବେଳେ ଜଣେ ଲାବ୍ ଟେକ୍ନିସିଆନ୍‌ରେ ଚାଲିଛି ସେବା। ଏହି ଡାକ୍ତରଖାନା ଉପରେ ଦୈନିକ ଅଧିକ ରୋଗୀ ନିର୍ଭର କରୁଥିବାରୁ ଏଠାରେ ତୁରନ୍ତ ଖାଲି ପଦବୀ ପୂରଣ କରିବା ସହ ଡାକ୍ତରଙ୍କ ସଂଖ୍ୟା ବୃଦ୍ଧି ଲାଗି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

### ଭୁବନେଶ୍ୱରରେ ନିର୍ମାଣ ହେବ ଓଡ଼ିଶାର ପ୍ରଥମ ସ୍ମାର୍ଟ ସ୍କାୟୱାକ୍

## ଭିଡ଼ ଓ ଦୁର୍ଘଟଣା ସମସ୍ୟାର ହେବ ସ୍ଥାୟୀ ସମାଧାନ

**ଭୁବନେଶ୍ୱର,୭।୭/ଏନ୍ଏନ୍ଏସ୍:** ରାଜଧାନୀ ଭୁବନେଶ୍ୱରର ଜାତୀୟ ରାଜପଥ ଅନ୍ତର୍ଗତ ପଲାଶୁଣୀଠାରୁ ରସୁଲଗଡ଼ ପର୍ଯ୍ୟନ୍ତ ବ୍ୟସ୍ତବହୁଳ ଅଞ୍ଚଳରେ ଭିଡ଼ ଏବଂ ଦୁର୍ଘଟଣା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ପକ୍ଷରୁ ଓଡ଼ିଶାର ପ୍ରଥମ ଅତ୍ୟାଧୁନିକ ଆକାଶ ମାର୍ଗ ଚଲାପଥ (ସ୍କାୟୱାକ) ନିର୍ମାଣ ହେବାକୁ ଯାଉଛି। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀଙ୍କ ସହ ଆଲୋଚନା କରି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ନିରନ୍ତର ପ୍ରୟାସ ବଳରେ କେନ୍ଦ୍ର ସରକାର ଏହି ପ୍ରକଳ୍ପକୁ ଅନୁମୋଦନ ଦେଇଛନ୍ତି। ସମ୍ପୂର୍ଣ୍ଣ ଷ୍ଟିଲ ଓ ମଜଭୁତ କାଚରେ ନିର୍ମିତ ହେବାକୁ ଥିବା ଏହି ସ୍କାୟୱାକ ପ୍ରାୟ ୪୫୦ ମିଟର ଲମ୍ବ ଓ ୩ ମିଟର ଓସାର ବିଶିଷ୍ଟ ହେବ ଏବଂ ଏହା ସହିତ ରସୁଲଗଡ଼, ପଲାଶୁଣୀ କେନାଲ ଓ ଜିଜିବି କଲୋନୀ ନିକଟରେ ତିନୋଟି ନୂଆ ଫୁଟ୍ ଓଭରବ୍ରିଜ୍ ସମେତ ୬ଟି ଅତ୍ୟାଧୁନିକ ଲିଫ୍ଟ ସ୍ଥାପନ କରାଯିବ। ପ୍ରତିଦିନ ପ୍ରାୟ ୩୦ ହଜାରରୁ ଅଧିକ ପଥଚାରୀଙ୍କୁ ସୁରକ୍ଷିତ ଯାତାୟାତ ସୁବିଧା ଯୋଗାଇବାକୁ ଥିବା ଏହି ପ୍ରକଳ୍ପ ପାଇଁ ମୋଟ ୧୮ କୋଟି ୪୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ଏବଂ ଆସନ୍ତା ମାର୍ଚ୍ଚ ୨୦୨୭ ସୁଦ୍ଧା ଏହାକୁ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ବୋଲି ଶିଳାନ୍ୟାସ ଉତ୍ସବରେ ସାଂସଦ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଉତ୍ତର ବିଜେପି ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର, ବିଜେପି ନେତା ରୁଦ୍ର ନାରାୟଣ ସାମନ୍ତରା, ସାଂସଦଙ୍କ ପ୍ରତିନିଧି ପ୍ରଣୟ କରଣ, ପ୍ରାଧିକରଣର ବରିଷ୍ଠ ଅଧିକାରୀ ପ୍ରଦୀପ ଲାଲ୍, ସୂରଜ ସିଂ, ମଣ୍ଡଳ ସଭାପତି ଗୋପୀନାଥ, ଲିପା ଦାସ, ପଲାଶୁଣୀ ଗ୍ରାମ ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ସାହୁ, ଯୁବ ନେତା ସିଲୁ, ଜଳନ୍ଧର ସୁବୁଦ୍ଧି, ସନ୍ତୋଗ ରାଉତରାୟ ଓ ସୌରଭ ପ୍ରମୁଖ ଉପସ୍ଥିତ ଥିଲେ।




## ନିୟମିତ ଚଳାଚଳ କରିବ ପୁରୀ-କୋରାପୁଟ ତ୍ରି-ସାପ୍ତାହିକ ଏକ୍ସପ୍ରେସ୍

**ଭୁବନେଶ୍ୱର,୭।୭/ଏନ୍ଏନ୍ଏସ୍:** ଓଡ଼ିଶାରେ ରେଳ ସଂଯୋଗକୁ ଆହୁରି ସୁଦୃଢ଼ କରିବା ଦିଗରେ ଭାରତୀୟ ରେଳପଥ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ଗତ ୬ ତାରିଖରେ ପୁରୀ ରେଳ ଷ୍ଟେସନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ଶୁଭାରମ୍ଭ ପରେ ପୁରୀ-କୋରାପୁଟ-ପୁରୀ ତ୍ରି-ସାପ୍ତାହିକ ଏକ୍ସପ୍ରେସ ବର୍ତ୍ତମାନ ନିୟମିତ ଭାବେ ଚଳାଚଳ କରିବ। ଏହି ଟ୍ରେନ୍ ଆସନ୍ତା ୧୧ ତାରିଖଠାରୁ ପୁରୀରୁ ଏବଂ ୧୨ ତାରିଖରୁ କୋରାପୁଟରୁ ନିୟମିତ ଭାବରେ ଚଳାଚଳ କରିବ। ଟ୍ରେନ ନଂ. ୧୮୪୦୭ ପୁରୀ-କୋରାପୁଟ ତ୍ରି-ସାପ୍ତାହିକ ଏକ୍ସପ୍ରେସ୍ ୧୧ ତାରିଖରୁ ପ୍ରତ୍ୟେକ ସୋମବାର, ଗୁରୁବାର ଓ ଶନିବାର ଚଳାଚଳ କରିବ। ଟ୍ରେନଟି ସକାଳ ୭ଟାରେ ପୁରୀରୁ ଛାଡ଼ି ସେହିଦିନ ରାତି ୧୧ଟା ୩୦ଟାରେ କୋରାପୁଟରେ ପହଞ୍ଚିବ। ସେହିପରି ଟ୍ରେନ ନଂ. ୧୮୪୦୮ କୋରାପୁଟ-ପୁରୀ ତ୍ରି-ସାପ୍ତାହିକ ଏକ୍ସପ୍ରେସ୍ ୧୨ ତାରିଖରୁ ପ୍ରତ୍ୟେକ ମଙ୍ଗଳବାର, ଶୁକ୍ରବାର ଓ ରବିବାର ଚଳାଚଳ କରିବ। ଏହା ସକାଳ ୫ଟାରେ କୋରାପୁଟରୁ ଛାଡ଼ି ସେହିଦିନ ରାତି ୧୦ଟା ୨୦ଟାରେ ପୁରୀରେ ପହଞ୍ଚିବ। ଏହି ଟ୍ରେନ୍ ଖୋର୍ଦ୍ଧା ରୋଡ଼, ଭୁବନେଶ୍ୱର, ନରାଜ ମାର୍ଥାପୁର, ଢେଙ୍କାନାଳ, ତାଳଚେର ରୋଡ଼, ଅନୁଗୁଳ, ବଇଣ୍ଡା, ରଇରାଖୋଲ, ସମ୍ବଲପୁର, ବରଗଡ଼ ରୋଡ଼, ବଲାଙ୍ଗୀର, ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, ଟିକିରି, ଲକ୍ଷ୍ମୀପୁର ରୋଡ଼, କାକିରିଗୁମ୍ମା ଏବଂ ଦାମନଯୋଡ଼ି ଭଳି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରେ ରହଣି କରିବ। ଏହା ଦ୍ୱାରା ଉପକୂଳ, ମଧ୍ୟ ଓ ଦକ୍ଷିଣ ଓଡ଼ିଶାର ଯାତ୍ରୀମାନେ ଅଧିକ ସୁବିଧାଜନକ ରେଳ ସଂଯୋଗ ପାଇପାରିବେ। ଏହି ଟ୍ରେନ୍‌ରେ ସମୁଦାୟ ୧୮ଟି ଆଧୁନିକ ଏଲ୍‌ଏଚ୍‌ବି କୋଚ୍ ରହିବ। ସେଥିରେ ଗୋଟିଏ ଏସି ଦ୍ୱିତୀୟ ଶ୍ରେଣୀ କୋଚ୍, ତିନୋଟି ଏସି ତୃତୀୟ ଶ୍ରେଣୀ କୋଚ୍, ଆଠଟି ଶୟନଯାନ କୋଚ୍, ଚାରିଟି ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ୍, ଗୋଟିଏ ଦ୍ୱିତୀୟ ଶ୍ରେଣୀ ସହ ଲଗେଜ୍ ବ୍ରେକ୍ ଭ୍ୟାନ୍ ଏବଂ ଗୋଟିଏ ଦିବ୍ୟାଙ୍ଗ-ଅନୁକୂଳ ଦ୍ୱିତୀୟ ଶ୍ରେଣୀ ସହ ଲଗେଜ୍ କୋଚ୍ ରହିଛି, ଯାହା ବିଭିନ୍ନ ଶ୍ରେଣୀର ଯାତ୍ରୀଙ୍କୁ ସୁରକ୍ଷିତ ଓ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବ। ପୁରୀ-କୋରାପୁଟ ତ୍ରି-ସାପ୍ତାହିକ ଏକ୍ସପ୍ରେସର ନିୟମିତ ଚଳାଚଳ ଆରମ୍ଭ ଓଡ଼ିଶାରେ ଯାତ୍ରୀ ସୁବିଧା ବୃଦ୍ଧି ଏବଂ ରେଳ ସଂଯୋଗ ବିସ୍ତାର ଦିଗରେ ଭାରତୀୟ ରେଳପଥର ଆଉ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହି ଟ୍ରେନ୍ ସେବା ପର୍ଯ୍ୟଟନ, ତୀର୍ଥଯାତ୍ରା, ବାଣିଜ୍ୟ, ଶିକ୍ଷା ଏବଂ ସାମାଜିକ ଓ ଆର୍ଥିକ ବିକାଶକୁ ଗତିଶୀଳ କରିବା ସହିତ ଉପକୂଳ ଓ ଦକ୍ଷିଣ ଓଡ଼ିଶା ମଧ୍ୟରେ ଦ୍ରୁତ ଓ ସୁବିଧାଜନକ ରେଳ ସଂଯୋଗ ପ୍ରଦାନ କରିବ। ଯାତ୍ରୀମାନେ ଏହି ନୂତନ ଟ୍ରେନ ନଂ. ୧୮୪୦୭/୧୮୪୦୮ ପୁରୀ-କୋରାପୁଟ-ପୁରୀ ତ୍ରି-ସାପ୍ତାହିକ ଏକ୍ସପ୍ରେସ ସେବାର ଲାଭ ଉଠାଇପାରିବେ। ଟ୍ରେନ୍ ସମ୍ବନ୍ଧୀୟ ଅଧିକ ସୂଚନା ପାଇଁ ଯାତ୍ରୀମାନେ ନ୍ୟାସନାଲ୍ ଟ୍ରେନ ଏନ୍‌କ୍ୱାରି ସିଷ୍ଟମ୍ କିମ୍ବା ଭାରତୀୟ ରେଳପଥର ଅଧିକୃତ ୱେବସାଇଟ୍ ପରିଦର୍ଶନ କରି ଯାତ୍ରା ଯୋଜନା କରିବାକୁ ଅନୁରୋଧ କରାଯାଇଛି।



## ୬ ମାସ ହେବ ଶିଶୁ ସେବିକାଙ୍କୁ ମିଳିନି ଦରମା

**ଭୁବନେଶ୍ୱର,୭।୭/ଏନ୍ଏନ୍ଏସ୍:** ରାଜ୍ୟର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ ପୂର୍ବରୁ ପିଲାଙ୍କ ମାନସିକ ଏବଂ ଭୌତିକ ବିକାଶ ଦିଗରେ ଉନ୍ନତି ଆଣିବା ଲାଗି ରାଜ୍ୟ ସରକାର ଶିଶୁ ବାଟିକା ଆରମ୍ଭ କରିଛନ୍ତି। ସମ୍ପୃକ୍ତ ଶିଶୁ ବାଟିକାରେ ୫ବର୍ଷରୁ ଊର୍ଦ୍ଧ୍ୱ ପିଲାମାନେ ନାମଲେଖାଇଥାନ୍ତି। ତେବେ ଏହି ପିଲାମାନଙ୍କର ସୁରକ୍ଷା, ଯତ୍ନ ନେବା ସହ ପିଲାଙ୍କ ଦାୟିତ୍ୱ ତୁଲାଇବା ଲାଗି ଶିଶୁ ସେବିକା ନିୟୋଜିତ ହୋଇଛନ୍ତି। ଯେଉଁମାନଙ୍କୁ ଅତ୍ୟନ୍ତ ସ୍ୱଳ୍ପ ଅର୍ଥାତ ୩ ହଜାର ଟଙ୍କା ଦରମା ମିଳିଥାଏ। ହେଲେ ଜାନୁଆରୀରୁ ନିଯୁକ୍ତି ପାଇଥିବା ଶିଶୁ ସେବିକାଙ୍କ ଲାଗି ଆଜି ଚଳିବା କଷ୍ଟକର ହୋଇପଡିଛି। କାରଣ ବର୍ତ୍ତମାନର ମହଙ୍ଗା ଯୁଗରେ ଜଣେ ବ୍ୟକ୍ତି ମାତ୍ର ୩ହଜାର ଟଙ୍କାରେ ପରିବାର ପୋଷଣ କରିବା ଅତ୍ୟନ୍ତ କଷ୍ଟସାଧ୍ୟ। ତଥାପି ସବୁ କଷ୍ଟ ସହି କାର୍ଯ୍ୟ ତୁଲାଉଥିବା ଶିଶୁ ସେବିକାଙ୍କୁ ଗତ ଜାନୁଆରୀରୁ ଦରମା ମିଳିନି। କିଛି ଶିଶୁ ସେବିକାଙ୍କ କହିବା ଅନୁଯାୟୀ, ଏପରି ସମସ୍ୟା ସମ୍ପର୍କରେ ସେମାନେ କାର୍ଯ୍ୟ କରୁଥିବା ପ୍ରଧାନଶିକ୍ଷକଙ୍କୁ ଜଣାଇଥିଲେ ହେଁ ସମସ୍ୟାର ସମାଧାନ ହୋଇପାରୁନି। ରାଜ୍ୟରେ ଗୁଣାତ୍ମକ ଶିକ୍ଷାର ବିକାଶ ସହିତ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ ଲାଗି ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ତେଣୁ ବିଦ୍ୟାଳୟରେ କୁନିକୁନି ପିଲାଙ୍କ ଦାୟିତ୍ୱ ନେଉଥିବା ଶିଶୁ ସେବିକାଙ୍କୁ ଦରମା ଶୀଘ୍ର ପ୍ରଦାନ କରିବାକୁ ଅନେକ ଶିଶୁ ସେବିକା ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି।

## ଆଜିର ଇତିହାସ

- ୧୮୫୮-ଗ୍ୱାଲିଅର କିଲ୍ଲାର ପତନ ପରେ ଲର୍ଡ କେନିଂ ଶାନ୍ତି ଘୋଷଣା କରିଥିଲେ।
- ୧୯୧୮-ଭାରତୀୟ ସମ୍ବିଧାନରେ ସୁଧାର ପାଇଁ ମଣ୍ଟେଗୁ ଚେମ୍ସଫୋର୍ଡ ରିପୋର୍ଟ ପ୍ରକାଶିତ ହୋଇଥିଲା।
- ୧୯୫୪-ବିଶ୍ୱର ସବୁଠାରୁ ବଡ଼ କେନାଲ୍ ଭାକ୍ରା-ନଙ୍ଗଲ ଠାରେ ପ୍ରଧାନମନ୍ତ୍ରୀ ନେହେରୁ ଜଳବିଦ୍ୟୁତ୍ ପରିଯୋଜନା ଆରମ୍ଭ କରିଥିଲେ।
- ୨୦୧୨-ଆସାମର ଭୟାବହ ବନ୍ୟାରେ କାଜିରଙ୍ଗା ପ୍ରାଣୀଉଦ୍ୟାନରୁ ୧୩ଟି ଗଣ୍ଡା ସହିତ ୫୦୦ରୁ ଅଧିକ ବନ୍ୟପ୍ରାଣୀ ମୃତ୍ୟୁବରଣ କରିଥିଲେ।
- ୧୯୧୪-ମାର୍କସ୍‌ବାଦୀ ରାଜନୀତିଜ୍ଞ ଜ୍ୟୋତି ବସୁଙ୍କ ଆଜି ଜନ୍ମଦିନ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ:** ଦିନର ଆରମ୍ଭରେ ସମସ୍ୟା ରହିବ। କାମଗୁଡ଼ିକୁ ଗତି ମିଳିବ। କ୍ୟାରିୟର୍‌ରେ ବଡ଼ ଅବସର ଆସିବ। ଭାଗ୍ୟର ସହଯୋଗ ପାଇବେ। ପାନୀୟ ପଦାର୍ଥର କାରବାରରେ ଲାଭ ମିଳିବ।

**ବୃଷ:** ବାତାବରଣ ପ୍ରଭାବପୂର୍ଣ୍ଣ ରହିବ। କର୍ମଜୀବୀମାନେ ଉତ୍ସାହୀ ରହିବେ। ସଠିକ୍ ସମୟରେ କାମ ପୂରା ଦେବ। ପ୍ରଶାସନିକ ପକ୍ଷ ଖୁବ୍ ବଢ଼ିଆ ରହିବ। ନବୀନ ବିଷୟରେ ସହଜତା ରହିବ।

**ମିଥୁନ:** କ୍ୟାରିୟର୍ ଓ ବ୍ୟାପାର ପ୍ରଭାବୀ ରହିବ। ପ୍ରୟାସଗୁଡ଼ିକୁ ସମର୍ଥନ ମିଳିବ। ସକ୍ରିୟତାର ସହିତ କାର୍ଯ୍ୟ କରିବେ। ବିରୋଧୀମାନେ ହତାଶ ରହିବେ। ବିବିଧ ମାମଲାରେ ସ୍ଥିତି ଅନୁକୂଳ ରହିବ।

**କର୍କଟ:** ପ୍ରତିଭାର ପ୍ରଦର୍ଶନ କରିବେ। ବ୍ୟବସାୟିକ ପ୍ରବନ୍ଧନ ପ୍ରଭାବୀ ରହିବ। ଭ୍ରମଣ ଓ ମନୋରଞ୍ଜନ ପାଇଁ ବାହାରକୁ ଯାଇପାରନ୍ତି। ଉଚ୍ଚ ଶିକ୍ଷା ଉପରେ ଜୋର୍ ରହିବ। ବିଶ୍ୱାସକୁ ବଳ ମିଳିବ।

**ସିଂହ:** ପରିଜନଙ୍କ ଠାରୁ ଶିକ୍ଷା ପାଇବେ। ପରିବାରରେ ସୁଖ ଓ ସୌଭାଗ୍ୟ ରହିବ। ପରିଜନଙ୍କ ସହଯୋଗ ପାଇବେ। ଅପ୍ରତ୍ୟାଶିତ ଘଟଣାକ୍ରମ ଘଟିପାରେ। କାମ ଉପରେ ଫୋକସ୍ କରିବେ।

**କନ୍ୟା:** ଦାମ୍ପତ୍ୟ ଜୀବନରେ ବିଶ୍ୱାସ ବଢ଼ିବ। ମିତ୍ରଙ୍କ ସହିତ ଖୁବ୍ ଭଲ ସମୟ ବିତେଇବେ। ସମ୍ପର୍କୀୟଙ୍କ ସହିତ ଘନିଷ୍ଠତା ବଢ଼ିବ। କ୍ୟାରିୟର୍ ଓ ବ୍ୟାପାର ପ୍ରଭାବପୂର୍ଣ୍ଣ ରହିବ। ସୁଖଦ ସମାଚାର ପାଇବେ।

**ତୁଳା:** ସହକାର ଓ ସମ୍ମାନ ବଜାୟ ରଖିବେ। ବିରୋଧୀଙ୍କ ପ୍ରତି ସାବଧାନ ରହିବା ଜରୁରୀ। ଧୋକେବାଜଙ୍କ ପାଇଁ କାମ ପ୍ରଭାବିତ ହେବ। ଦାୟିତ୍ୱ ନିଭେଇବେ। ଆଶା ଅନୁସାରେ ପରିଣାମ ପାଇବେ।

**ବିଛା:** ଘରର ବାତାବରଣ ଆନନ୍ଦଦାୟକ ରହିବ। ମିତ୍ରଙ୍କ ସହିତ ବଢ଼ିଆ ସମୟ ବିତେଇବେ। ପ୍ରଭାବଶାଳୀ ଲୋକଙ୍କ ସହିତ ସାକ୍ଷାତ ସମ୍ଭବ। ରଚନାତ୍ମକତାକୁ ବଳ ମିଳିବ। ଆବଶ୍ୟକ ଲକ୍ଷ୍ୟ ପୂରା କରିବେ।

**ଧନୁ:** ଭାବନାତ୍ମକ ସନ୍ତୁଳନ ବଜାୟ ରଖିବେ। ସ୍ୱଜନଙ୍କ ସହିତ ସମ୍ପର୍କ ବୃଦ୍ଧି ହେବ। ବିରୋଧୀ ସକ୍ରିୟ ରହିବେ। ବାଣୀ ଓ ବ୍ୟବହାର ପ୍ରଭାବୀ ରହିବ। ନିଜ କାମକୁ ଅଣଦେଖା ନକଲେ ଭଲ।

**ମକର:** ବ୍ୟବସାୟିକ କାର୍ଯ୍ୟକୁ ଗତି ମିଳିବ। ସାମାଜିକ ଚର୍ଚ୍ଚା ଓ ସମ୍ବାଦରେ ଆଗରେ ରହିବେ। ସହକାରିତାରେ ରୁଚି ରହିବ। ବ୍ୟକ୍ତିଗତ ମାମଲାରେ ଧ୍ୟାନ ଦେବେ। ଉତ୍ସାହ ଓ ପରାକ୍ରମ ରହିବ।

**କୁମ୍ଭ:** ଘରେ ଶୁଭମୟ ସ୍ଥିତି ରହିବ। ଆର୍ଥିକ ସ୍ତରରେ ଉଚ୍ଚ ପ୍ରଦର୍ଶନ କରିବେ। ପେସାଗତ ଯାତ୍ରାରେ ଆଗକୁ ବଢ଼ିବେ। ସମ୍ପର୍କରେ ସୁଧାର ହେବ। ବ୍ୟସ୍ତ ଜୀବନଶୈଳୀ ବଜାୟ ରହିବ।

**ମୀନ:** ଅର୍ଥ ନେଣଦେଣର ସ୍ଥିତି ଖୁବ୍ ବଢ଼ିଆ ରହିବ। ରଚନାତ୍ମକତା ଉପରେ ବିଶେଷ ଜୋର୍ ଦେବେ। କଳା, କୌଶଳ ବୃଦ୍ଧି ହେବ। ଯୋଜନାଗୁଡ଼ିକୁ ଗତି ମିଳିବ। ଆଧୁନିକ ମାମଲାଗୁଡ଼ିକ ସହିତ ଯୋଡ଼ିହେବେ।

## ଶ୍ରୀମଦ୍ ଭଗବଦ୍‌ଗୀତା



**ଧୃତ୍ୟା ଯୟା ଧାରୟତେ ମନଃପ୍ରାଣେନ୍ଦ୍ରିୟକ୍ରିୟାଃ।**
**ଯୋଗେନାବ୍ୟଭିଚାରିଣ୍ୟା ଧୃତିଃ ସା ପାର୍ଥ ସାତ୍ତ୍ୱିକୀ। (୧୮/୩୩)**

ହେ ପାର୍ଥ ! ଯେଉଁ ଅବିଚଳିତ ଧୃତି ଚିତ୍ତର ଏକାଗ୍ରତାବଶତଃ ମନ, ପ୍ରାଣ ଓ ଇନ୍ଦ୍ରିୟର କ୍ରିୟାଶକ୍ତିକୁ ନିୟମିତ କରେ ତାହା ହିଁ ସାତ୍ତ୍ୱିକୀ ଧୃତି। ଧୃତି ଶବ୍ଦର ଅର୍ଥ ହେଉଛି ଧୈର୍ଯ୍ୟ କିନ୍ତୁ ଏ କ୍ଷେତ୍ରରେ ଏହାର ମାନେ ହେଉଛି ମନର ଦୃଢ଼ତା। ବୁଦ୍ଧି ଯାହା ନିର୍ଣ୍ଣୟ କରେ ଏବଂ ଯେଉଁ ଶକ୍ତି ଦ୍ୱାରା ତାହା ସ୍ଥିର ଥାଏ ଏବଂ ଇନ୍ଦ୍ରିୟମାନେ ଅବିଚଳିତ ଭାବରେ ସ୍ଥିର ରହି ବୁଦ୍ଧିର ନିଶ୍ଚୟ ଅନୁସାରେ କାର୍ଯ୍ୟ କରନ୍ତି ତାହା ହିଁ ଧୃତି। ସାତ୍ତ୍ୱିକୀ ବୁଦ୍ଧିର ନିର୍ଣ୍ଣୟ ଅନୁସାରେ ଏହି ଧୃତି ଯୋଗ ଦ୍ୱାରା ଅର୍ଥାତ ଚିତ୍ତର ଏକାଗ୍ରତା ଦ୍ୱାରା ବା କର୍ମଫଳ ତ୍ୟାଗଜନିତ ଶାନ୍ତି ଦ୍ୱାରା ମନ, ପ୍ରାଣ ଓ ଇନ୍ଦ୍ରିୟର କାର୍ଯ୍ୟକୁ ନିୟମିତ କରେ।




# ମଣିପୁରର ଜୀବନରେଖା

ପ୍ରକୃତିର ଅନୋଖା ସ୍ଥାନ ଓ ଦୃଶ୍ୟଗୁଡ଼ିକ ପୃଥିବୀକୁ ଆହୁରି ସୁନ୍ଦର ଓ ମନୋରମ କରିଦିଅନ୍ତି। ଆମେମାନେ ମଧ୍ୟ ଜୀବନରେ ଏପରି ଅନେକ ସ୍ଥାନ ଦେଖିଥିବା ଯେଉଁଗୁଡ଼ିକ ଆମ ମନରେ ସବୁଦିନ ପାଇଁ ସ୍ଥାୟୀ ହୋଇ ବସିଯାଇଥିବେ। ଏହିପରି ଏକ ସ୍ଥାନ ହେଉଛି ମଣିପୁରର ଲୋକ୍‌ଟକ୍ ହ୍ରଦ ଯେଉଁଠାରେ ଦ୍ୱୀପସବୁ ଭାସମାନ ଅବସ୍ଥାରେ ଥାଆନ୍ତି। ଯଦିଓ ବିଶ୍ୱାସ କରିବା ସହଜ ନୁହେଁ କିନ୍ତୁ ଲୋକ୍‌ଟକ୍ ହ୍ରଦରେ ଏହିପରି ଦୃଶ୍ୟ ଦେଖିବାକୁ ମିଳେ। ଉତ୍ତର-ପୂର୍ବ ରାଜ୍ୟ ମଣିପୁରର ସବୁଠାରୁ ମିଠା ପାଣିର ହ୍ରଦ ହେଉଛି ଲୋକ୍‌ଟକ୍। ତେବେ ଏହି ଦ୍ୱୀପଗୁଡ଼ିକର ବିଶେଷତା ହେଉଛି ଏଗୁଡ଼ିକ ପାଣି ଉପରେ ଭାସୁଥାନ୍ତି ଯେଉଁଗୁଡ଼ିକୁ କୁହାଯାଏ ଫୁମ୍‌ଦୀ। ଏହି ଫୁମ୍‌ଦୀଗୁଡ଼ିକ ମାଟି, ପାଣିରେ ବଢ଼ୁଥିବା ଗଛ ଓ ଅନ୍ୟ ଅର୍ଗାନିକ ତତ୍ତ୍ୱଗୁଡ଼ିକରୁ ତିଆରି ହୋଇଥାଏ। ଶୁଣିଲେ ମନେହେବ ଏଗୁଡ଼ିକ ଖୁବ୍ ଦୁର୍ବଳ ହୋଇଥିବେ କିନ୍ତୁ ଏଗୁଡ଼ିକ ଏତେ ମଜଭୁତ ଯେ ସେଠିକାର ମାଛ ଧରାଳିମାନେ ସେଠାରେ କୁଡ଼ିଆ ତିଆରି କରି ରହନ୍ତି। ହ୍ରଦରେ ଥିବା ଗୋଲାକାର ଫୁମ୍‌ଦୀଗୁଡ଼ିକ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରନ୍ତି ଓ ଏହି ଦୃଶ୍ୟକୁ ଦେଖିବା ପାଇଁ ସ୍ଥାନୀୟ ଲୋକମାନଙ୍କର ମଧ୍ୟ ଭିଡ଼ ଦେଖିବାକୁ ମିଳେ। ଏହି ହ୍ରଦର ଏକ ଖାସ୍ ସ୍ଥାନ ହେଉଛି ଭାସମାନ ନ୍ୟାସ୍‌ନାଲ୍ ପାର୍କ। ଏହି ପାର୍କ ପାଖାପାଖି ୪୦ ବର୍ଗ କି.ମି ପର୍ଯ୍ୟନ୍ତ ବ୍ୟାପିଛି ଓ ଏକ ବଡ଼ ଫୁମ୍‌ଦୀ ଉପରେ ଅଟକି ରହିଛି। ତେବେ ପାର୍କଟି ସଂଗାଇ ହରିଣମାନଙ୍କର ପ୍ରାକୃତିକ ଆବାସସ୍ଥଳୀ ଯାହା କେବଳ ସେହି ସ୍ଥାନରେ ଦେଖିବାକୁ ମିଳେ। ସଂଗାଇ ହରିଣମାନଙ୍କୁ ଡ୍ୟାନ୍ସିଂ ଡିୟର୍ ବୋଲି ମଧ୍ୟ କୁହାଯାଏ। ଏହା ବ୍ୟତୀତ ସେଠିକାର ଆର୍ଟସ୍, ପାଣିରେ ରହୁଥିବା କିଛି ପକ୍ଷୀ ଓ କିଛି ପ୍ରବାସୀ ପକ୍ଷୀମାନଙ୍କ ପ୍ରଜାତିକୁ ମଧ୍ୟ ଦେଖିବାକୁ ମିଳେ। ଲୋକ୍‌ଟକ୍ ହ୍ରଦ ନିଜର ବାୟୋଡାଇଭର୍ସିଟି ପାଇଁ ବେଶ୍ ଜଣାଶୁଣା। ସେଠାରେ କେତେ ପ୍ରକାରର ଗଛ ଓ ଦେଶୀ-ବିଦେଶୀ ପକ୍ଷୀ ଦେଖିବାକୁ ମିଳନ୍ତି ଓ ଫ୍ଲୋଟିଂ ହୋମ୍‌ଷ୍ଟେରେ ରହିବା ଖୁବ୍ ରୋମାଞ୍ଚକ ଅନୁଭବ ଦେଇଥାଏ।





## ସଂକ୍ଷେପରେ ପ୍ରମିତି ରାଣା



କିଛି ଲୋକ କେବଳ ସ୍ୱପ୍ନ ଦେଖିବାରେ ବିଶ୍ୱାସ କରୁଥିବା ବେଳେ କିଛି ଲୋକ ସେହି ସ୍ୱପ୍ନଗୁଡ଼ିକୁ ବାସ୍ତବତାରେ ପରିଣତ କରିବା ଦିଗରେ ବିଶ୍ୱାସ କରନ୍ତି। ଦ୍ୱାରକା ସେକ୍ଟର-୧୪ରେ ରହୁଥିବା ପ୍ରମିତି ରାଣାଙ୍କୁ ମାତ୍ର ୨୦ ବର୍ଷ କିନ୍ତୁ ସେ ଏପରି ଏକ ଜୀବନ ଜିଉଁଛନ୍ତି ଯେଉଁଥିରେ ରହିଛି ଅନୁଶାସନ ଓ ଗ୍ଲାମର୍। ପ୍ରମିତି ଏ ସମୟରେ ଇଣ୍ଡିଗୋ ଏୟାରଲାଇନ୍ସରେ କ୍ୟାବିନ୍ ଆଟେଣ୍ଡାଣ୍ଟ ଦାୟିତ୍ୱ ସହିତ ପାଇଲଟ୍ ହେବା ପାଇଁ ପ୍ରଶିକ୍ଷଣ ନେଉଛନ୍ତି। କିନ୍ତୁ ଏସବୁ ଠାରୁ ଅଲଗା ହେଉଛି ବିଶ୍ୱର ସୌନ୍ଦର୍ଯ୍ୟ ପ୍ରତିଯୋଗିତା ମିସ୍




ୟୁନିଭର୍ସ ଓ ଏହାକୁ ଜିତିବାର ଲକ୍ଷ୍ୟ। ଏବେ ସେ ନିଜର ଏହି ସ୍ୱପ୍ନକୁ ପୂରଣ କରିବା ଦିଗରେ ପ୍ରୟାସ ଜାରି ରଖିଛନ୍ତି। ମିସ୍ ୟୁନିଭର୍ସ ଦିଲ୍ଲୀ ହେବା ପରେ ଏ ଦିଗରେ ସେ ଏକ ପାଦ ଆଗକୁ ବଢ଼ିଛନ୍ତି ଓ ମିସ୍ ୟୁନିଭର୍ସ ଇଣ୍ଡିଆ ପାଇଁ ଚୟନିତ ହୋଇ ସାରିଲେଣି। ଏଥିରେ ପୂରା ଦେଶର ୫୨ ଜଣ ପ୍ରତିଭାଗୀ ଭାଗ ନେବେ। ଯଦି ସେ ଏଥିରେ ବାଜି ମାରିବେ ତେବେ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ଭାଗ ନେଇପାରିବେ। ପ୍ରମିତିଙ୍କ ମତରେ ଯଦି ନିଜର ଲକ୍ଷ୍ୟ ସ୍ଥିର ଓ ଦୃଢ଼ ରହିବ ତେବେ ଏହାର ଚମକ ର୍ୟାମ୍ପ ଉପରେ ଦେଖିବାକୁ ମିଳିଯିବ। ତେବେ ଜଣେ ଶାନ୍ଦାର ମଡେଲ୍ ଓ ଭାବୀ ପାଇଲଟ୍ ହେବା ବ୍ୟତୀତ ପ୍ରମିତି ଜଣେ ଅନୁଭବୀ ଡ୍ୟାନ୍ସର ଓ ସ୍କେଟର୍। ପିଲାଦିନରୁ ତାଙ୍କର କଳା ଓ ଅଭିନୟ ପ୍ରତି ରୁଚି ରହିଥିଲା। ତେଣୁ ପ୍ରମିତି କଥକ, ସାଲ୍‌ସା ଓ ବଲିଉଡ୍ ସହିତ ପାଞ୍ଚଟି ନୃତ୍ୟ ଶୈଳୀରେ ପାରଙ୍ଗମ ହାସଲ କରିଛନ୍ତି। ଏହା ସହିତ ସେ ସ୍କେଟିଂରେ ମଧ୍ୟ ଖୁବ୍ ନିପୁଣ। ପ୍ରମିତିଙ୍କ ଅନୁସାରେ ଏ ସମୟରେ ତାଙ୍କର ଗତିବିଧିଗୁଡ଼ିକ କେବଳ ରଚନାତ୍ମକତାକୁ ତ୍ୱରାନ୍ୱିତ କରିନାହିଁ ତାଙ୍କର ଆତ୍ମବିଶ୍ୱାସକୁ ମଧ୍ୟ ବୃଦ୍ଧି କରେଇଛି। ପ୍ରମିତିଙ୍କ ମା' ଜଣେ ଡିଜାଇନର୍ ଯିଏ ଅନେକ ଜଣାଶୁଣା ଡିଜାଇନର୍‌ଙ୍କ ସହିତ ମିଶି କାମ କରିସାରିଛନ୍ତି ଓ ବର୍ତ୍ତମାନ ଜଣେ ଫ୍ରିଲାନ୍ସର ଭାବରେ ସକ୍ରିୟ ଅଛନ୍ତି।

## ପ୍ରତି ଘଟଣାକୁ ପୋଷ୍ଟ୍ କରୁଛନ୍ତି କି ?

କେବେ ଏପରି ଲୋକଙ୍କ ସହିତ ଆପଣଙ୍କର ସାକ୍ଷାତ ହୋଇଛି କି ଯେଉଁମାନେ ସକାଳୁ ଉଠିବା ମାତ୍ରେ ସୋସିଆଲ୍ ମିଡିଆରେ ନିଜର ଷ୍ଟୋରୀ ପୋଷ୍ଟ୍ କରୁଥିବେ। ସେମାନେ ଚା' ପିଇବା ବେଳେ, ଜିମ୍‌ରେ ବ୍ୟାୟାମ କରିବା ବେଳେ, ନୂଆ ଡ୍ରେସ୍ ପିନ୍ଧିଲେ ବା ସାଙ୍ଗସାଥିଙ୍କ ସହିତ ବୁଲିବା ବେଳର ଫଟୋ ବା ଭିଡିଓ ପୋଷ୍ଟ୍ କରିବାକୁ ଭଲ ପାଆନ୍ତି। ଏପରି ଲୋକଙ୍କୁ ଦେଖିଲେ ମନରେ ପ୍ରଶ୍ନ ଉଠେ ଯେ ନିଜ ଜୀବନରେ ପ୍ରତି ଛୋଟ ବଡ଼ କଥା ସେମାନେ ସୋସିଆଲ୍ ମିଡିଆରେ କାହିଁକି ସେୟାର୍ କରୁଛନ୍ତି। କେବଳ ଲାଇକ୍ସ ଓ କମେଣ୍ଟ୍ ପାଇଁ ନା ଲୋକମାନଙ୍କର ଧ୍ୟାନ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ। ଏହା ପଛରେ ମନ ଓ ବ୍ୟବହାରର କୌଣସି ରହସ୍ୟ ଲୁଚି ରହିଥାଏ କି ? ତେବେ ମନୋବୈଜ୍ଞାନିକମାନେ ଏପରି ବ୍ୟକ୍ତିଙ୍କ ଉପରେ କହନ୍ତି ଯେ ଏମାନଙ୍କର ଉଦ୍ଦେଶ୍ୟ ପଛରେ ସବୁବେଳେ ଦେଖେଇ ହେବାର ଅଭ୍ୟାସ ଲୁଚି ନଥାଏ ଏହା ପଛରେ ସାଙ୍ଗସାଥି ଓ ଘର ଲୋକଙ୍କ ସହିତ ଯୋଡ଼ିହୋଇ ରହିବାର ଲକ୍ଷ୍ୟ ଥାଏ। କାରଣ ପ୍ରତି ଲୋକର ସ୍ୱଭାବ ଅଲଗା ଅଲଗା ଥାଏ ଓ ସୋସିଆଲ୍ ମିଡିଆର ବ୍ୟବହାର ମଧ୍ୟ ଅଲଗା ଥାଏ। କିଛି ଲୋକଙ୍କ ପାଇଁ ସୋସିଆଲ୍ ମିଡିଆ ଡିଜିଟାଲ୍ ଆଲବମ୍ ପରି କାମ କରେ। କିଛି ଲୋକ ମିଳନସାର ହୋଇଥିବାରୁ ଲଗାତର ନିଜ ଜୀବନ ବିଷୟରେ ମନଖୋଲି କହିବାକୁ ପସନ୍ଦ କରନ୍ତି। କିଛି ଲୋକ ନିଜ ଅନୁଭବକୁ ସେୟାର୍ କରି ପ୍ରେରଣା ଦେବାକୁ ଚାହାନ୍ତି।



ତେବେ ଆଜିର ସମୟରେ ସୋସିଆଲ୍ ମିଡିଆ କେବଳ ମନୋରଞ୍ଜନର ସାଧନ ହୋଇ ରହିନାହିଁ ଲୋକମାନଙ୍କର କ୍ୟାରିୟର, ବ୍ୟବସାୟ ଓ ଆୟର ମଧ୍ୟ ବଡ଼ ମାଧ୍ୟମ ହୋଇସାରିଲାଣି। କଣ୍ଟେଣ୍ଟ୍ କ୍ରିଏଟର, ଟ୍ରାଭେଲ୍ ବ୍ଲଗର, ଫୁଡ୍ ବ୍ଲଗର, ଟିଚର୍, ଡକ୍ଟର ଓ ଛୋଟ କାରୋବାରୀମାନେ ମଧ୍ୟ ଏଥିରେ ନିୟମିତ ଭାବରେ ପୋଷ୍ଟ୍ କରୁଛନ୍ତି। ତେବେ ଏହା ମଧ୍ୟ ସତ ଯେ ପୂରା ଜୀବନକାଳରେ ଯଦି ଲାଇକ୍ସ, କମେଣ୍ଟ୍ସ ଓ ଲୋକମାନଙ୍କର ପ୍ରଶଂସା ନେଇ ଚାଲିବେ ତେବେ ମାନସିକ ଚାପର ନିୟନ୍ତ୍ରଣ ମଧ୍ୟରେ ରହିବେ।

## ଆଫ୍ରିକାର ଗ୍ରେଟ୍ ଗ୍ରୀନ୍ ୱାଲ୍

ଆଫ୍ରିକା ଆରମ୍ଭ କରୁଛି ଏକ ମହତ୍ତ୍ୱାକାଂକ୍ଷୀ ପର୍ଯ୍ୟାବରଣ ପରିଯୋଜନା। ସେନେଗଲ୍‌ର ଆଟ୍‌ଲାଣ୍ଟିକ୍ କୂଳରୁ ଆରମ୍ଭ କରି ରେଡ୍ ସିର ଜିବୁତୀ କୂଳ ପର୍ଯ୍ୟନ୍ତ ଆଫ୍ରିକା ଏକ ପରିଯୋଜନା ଅନ୍ତର୍ଗତ ଗ୍ରେଟ୍ ଗ୍ରୀନ୍ ୱାଲ୍‌ର ନିର୍ମାଣ କରୁଛି। ଏଥିରେ କେବଳ ଗଛ ଲଗେଇବା ବ୍ୟତୀତ ଜଙ୍ଗଲ, ଘାସପଡ଼ିଆ, କୃଷିଭୂମି ଓ ଆର୍ଦ୍ରଭୂମି ସୃଷ୍ଟି କରେଇବାର ଲକ୍ଷ୍ୟ ରଖାଯାଇଛି। ଏହି କାରଣରୁ ଦୁନିଆର ସବୁଠାରୁ ଅଧିକ ଜଳବାୟୁ-ସମ୍ବେଦନଶୀଳ କ୍ଷେତ୍ରଗୁଡ଼ିକ ମଧ୍ୟରୁ ଗୋଟିଏରେ ଜୀବନ ପୁଣି ଥରେ ଫେରି ଆସିବ ବୋଲି ବିଶ୍ୱାସ ରହିଛି। ଏହି ପରିଯୋଜନାର ଉଦ୍ଦେଶ୍ୟ ମରୁସ୍ଥଳକୁ ସବୁଜିମାମୟ କରିବା, ଖାଦ୍ୟ ସୁରକ୍ଷାକୁ ମଜଭୁତ କରିବା, ଲକ୍ଷାଧିକ ରୋଜଗାର ସୃଷ୍ଟି କରେଇବା ଓ ସମୁଦାୟଗୁଡ଼ିକୁ ଜଳବାୟୁ ପରିବର୍ତ୍ତନ ଅନୁକୂଳ ହେବାରେ ସାହାଯ୍ୟ କରିବା। ସାହେଲ୍ କ୍ଷେତ୍ରରେ ଦେଖାଦେଉଥିବା ପର୍ଯ୍ୟାବରଣୀୟ ଆହ୍ୱାନଗୁଡ଼ିକ ସହିତ ସଂଘର୍ଷ କରିବା ପାଇଁ ଆଫ୍ରିକା ସଂଘ ୨୦୦୭ରେ ଏକ ଦୀର୍ଘକାଳୀନ ପ୍ରୟାସ ଭାବରେ ଗ୍ରେଟ୍ ଗ୍ରୀନ୍ ୱାଲ୍ ଯୋଜନା ଆରମ୍ଭ କରିଥିଲା। ଏହାର ମୂଳ କାରଣ ୮୦୦୦ କି.ମି ଲମ୍ବା ଓ ୧୫ କି.ମି ଓସାରର ଗଛଗୁଡ଼ିକୁ ନେଇ ଏକ ନିରନ୍ତର ବେଲ୍ଟ ତିଆରି କରିବା। ତେବେ ସମୟ ସହିତ ବୈଜ୍ଞାନିକ ଓ ସଂରକ୍ଷଣବାଦୀମାନେ ଅନୁଭବ କଲେ ଯେ ଗଛଗୁଡ଼ିକର ଏକ ପଂକ୍ତି ଲଗାଇବା ତୁଳନାରେ ପୂରା ପରିଦୃଶ୍ୟକୁ ସବୁଜିମାମୟ କରିବା କେତେ ଅଧିକ ପ୍ରଭାବୀ ହୋଇପାରିବ। ଦଶକ ଦଶକ ହେଲାଣି ସାହେଲ୍ କ୍ଷେତ୍ର ମରୁସ୍ଥଳୀକରଣ, ଲମ୍ବା ସମୟ ପର୍ଯ୍ୟନ୍ତ ଶୁଷ୍କ, ଭୂମି କ୍ଷରଣ ଓ ଜଳବାୟୁ ପରିବର୍ତ୍ତନର ସଂଯୁକ୍ତ ପ୍ରଭାବଗୁଡ଼ିକର ସମ୍ମୁଖୀନ ହେଉଛି। ପୂରା କ୍ଷେତ୍ରରେ ରହୁଥିବା ଲକ୍ଷାଧିକ ଲୋକ ନିଜର ଆଜୀବିକା ପାଇଁ ଚାଷବାସ ଓ ପଶୁପାଳନ ଉପରେ ନିର୍ଭର କରନ୍ତି। ଯେପରି ଯେପରି ଭୂମିର ଉର୍ବରତା ଶେଷ ହେଲା ଓ ଅପ୍ରତ୍ୟାଶିତ ବର୍ଷା ହୋଇଗଲା ସମୁଦାୟଗୁଡ଼ିକ ହ୍ରାସ ପାଉଥିବା ଫସଲ, ଖାଦ୍ୟ ଅସୁରକ୍ଷା ଓ ଗରିବୀର ସମ୍ମୁଖୀନ ହେଲେ। ତେବେ ଗ୍ରୀନ୍ ଗ୍ରେଟ୍ ୱାଲ୍ ସୁସ୍ଥ ମାଟିକୁ ଉର୍ବର କରାଇ ଜଳ ପ୍ରତିଧାରଣକୁ ସୁଧାର କରି ବନସ୍ପତି ଆବରଣକୁ ବୃଦ୍ଧି କରାଇବା ଓ କୃଷି ଭୂମିକୁ ଅଧିକ ଉତ୍ପାଦନଶୀଳ କରାଇ ଏହି ପ୍ରବୃତ୍ତିକୁ ଓଲଟାଇବା ପାଇଁ ପ୍ରୟାସ କରିବ ଓ ଜୈବ ବିବିଧତାକୁ ମଜଭୁତ କରିବ।





## ରାଷ୍ଟ୍ରଗୀତ ପରି ସମ୍ମାନ



ହିନ୍ଦୀ ସିନେମାରେ ସେନା ଓ ଯୁଦ୍ଧ ଉପରେ ଅନେକଗୁଡ଼ିଏ ଫିଲ୍ମର ନିର୍ମାଣ କରାଯାଇଛି ଯେଉଁଗୁଡ଼ିକ ଆଜି ବି ଦର୍ଶକମାନଙ୍କ ହୃଦୟରେ ବଜାୟ ରଖିଛନ୍ତି ସ୍ୱତନ୍ତ୍ର ସ୍ଥାନ। ଏହିପରି ଏକ କାଳଜୟୀ ଫିଲ୍ମ ହେଉଛି କେତନ ଆନନ୍ଦଙ୍କ 'ହକିକତ୍' ଯେଉଁଟି ରିଲିଜ ହୋଇଥିଲା ୧୯୬୪ରେ। ୧୯୬୨ର ଭାରତ-ଚୀନ୍ ଯୁଦ୍ଧର ପୃଷ୍ଠଭୂମି ଉପରେ ନିର୍ମିତ ଏହି ଫିଲ୍ମରେ ଯୁଦ୍ଧର କ୍ରୁର ସତ୍ୟତା, ସୈନିକମାନଙ୍କର ଅସୀମ ବାହାଦୁରୀ ଓ ବଳିଦାନକୁ ବିନା କୌଣସି ସଂକୋଚରେ ପେଶ୍ କରାଯାଇଛି। ଯେବେ ବି ଫିଲ୍ମଟି ଟିଭିରେ ପ୍ରସାରିତ ହୁଏ ଦର୍ଶକମାନଙ୍କ ଆଖିରେ ଆସିଯାଏ ଲୁହ। ଫିଲ୍ମର ଏକ ଗୀତକୁ ମଧ୍ୟ ଆମ ଦେଶର ରାଷ୍ଟ୍ରଗୀତ ପରି ସମ୍ମାନ ମିଳେ। 'କର୍ ଚଲେ ହମ୍ ଫିଦା ଜାନୌଁ ତନ ସାଥିୟୌଁ' ଗୀତଟି ଏବେ ବି ସ୍ୱାଧୀନତା ଦିବସ, ସହିଦ ଦିବସ ଓ ସେନାର କାର୍ଯ୍ୟକ୍ରମଗୁଡ଼ିକରେ ଶୁଣିବାକୁ ମିଳିଯାଏ। ଫିଲ୍ମର ନିର୍ଦ୍ଦେଶକ ଚେତନ ଆନନ୍ଦ ନିଜ କ୍ୟାରିୟର୍ ମଧ୍ୟରେ ଏପରି ଅନେକ ଫିଲ୍ମର ନିର୍ମାଣ କରିଛନ୍ତି ଯେଉଁଗୁଡ଼ିକ ତାଙ୍କୁ ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି। ମଦନ ମୋହନଙ୍କ ସଙ୍ଗୀତ ଓ କ୍ୟାଫି ଆଜ୍‌ମୀଙ୍କ ଏହି ଗୀତଟି ଫିଲ୍ମଟିକୁ ଅମର କରିଦେଇଛି। ଧର୍ମେନ୍ଦ୍ର, ବଲ୍‌ରାଜ ସାହନୀ, ପ୍ରିୟା ରାଜବଂଶ ଓ ଅନ୍ୟ କଳାକାରମାନଙ୍କ ଦ୍ୱାରା ସଜ୍ଜିତ ଏହି ଫିଲ୍ମଟିକୁ ଦେଶଭକ୍ତିର ଅନ୍ୟତମ ଉଦାହରଣ ଭାବରେ ଦେଖାଯାଏ। ମହମ୍ମଦ ରଫିଙ୍କ ସ୍ୱରର ଯାଦୁ ଗୀତଟିକୁ ଦେଇଛି ରାଷ୍ଟ୍ରଗୀତର ସମ୍ମାନ। ଚେତନ ଆନନ୍ଦଙ୍କ ନାମ ବଲିଉଡ୍‌ର ମାତ୍ର କେତେ ଜଣ ନିର୍ଦ୍ଦେଶକଙ୍କ ନାମ ମଧ୍ୟରେ ଅନ୍ତର୍ଭୁକ୍ତ ଅଛି ଯେଉଁମାନେ ଧର୍ମେନ୍ଦ୍ର, ରାଜେଶ ଖାନ୍ନା ଓ ରାଜକୁମାରଙ୍କ ପରି ସୁପରଷ୍ଟାର୍‌ଙ୍କ ସହିତ କାମ କରିଛନ୍ତି। ତେବେ ଚେତନ ଆନନ୍ଦ ଫିଲ୍ମ 'ହକିକତ୍' ଜରିଆରେ ସିନେମା ଦୁନିଆରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛନ୍ତି ଏଥିରେ ସନ୍ଦେହ ନାହିଁ।



## ବିବାଦରେ 'କ୍ୱିନ୍-୨'



୨୦୧୩ରେ ରିଲିଜ ହୋଇଥିଲା ଫିଲ୍ମ 'କ୍ୱିନ୍' ଯେଉଁଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ କଙ୍ଗନା ରନୌତ। ଏବେ ଏହାର ସିକ୍ୱେଲ୍‌ର ନିର୍ମାଣ କରାଯାଉଛି ଯାହାକୁ ନେଇ ଦର୍ଶକ ମହଲରେ ଦେଖାଦେଇଛି ଜବରଦସ୍ତ କ୍ରେଜ୍। କିନ୍ତୁ ରିଲିଜ ହେବା ପୂର୍ବରୁ ଫିଲ୍ମଟି ଫସିଯାଇଛି କାନୁନୀ ମାମଲାରେ। ୨୫୦ କୋଟି ଟଙ୍କାର ଜୋରିମାନା ସହିତ ବମ୍ବେ ହାଇକୋର୍ଟ ଏକ ମକଦ୍ଦମା ରୁଜୁ କରିଛି। ଆରୋପ ଲାଗିଛି ଯେ ଅରିଜିନାଲ୍ 'କ୍ୱିନ୍' ଫିଲ୍ମର ବିନା ଅନୁମତିରେ ଏହାର ସିକ୍ୱେଲ୍‌ର ନିର୍ମାଣ କରାଯାଇଛି। ତେବେ 'କ୍ୱିନ୍-୨'ର ନିର୍ମାତାମାନେ ଆଧିକାରିକ ରିଲିଜ ତାରିଖ ଘୋଷଣା କରିନାହାନ୍ତି ଓ ଫିଲ୍ମଟି ପୋଷ୍ଟ-ପ୍ରଡକ୍ସନ୍ ଷ୍ଟେଜ୍‌ରେ ରହିଛି। ତେଣୁ 'କ୍ୱିନ୍'ର ନିର୍ମାତା ଫ୍ୟାଣ୍ଟମ୍ ଷ୍ଟୁଡିଓ ବମ୍ବେ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି ଓ ଏହାର କାରଣ ହେଉଛି କପିରାଇଟ୍। ଅନ୍‌ଅଥରାଇଜଡ ସିକ୍ୱେଲ୍‌ର ନିର୍ମାଣ କରିବା ଆରୋପରେ ୨୫୦ କୋଟିର ମାମଲା ଦାୟର କରାଯାଇଛି। କୁହାଯାଉଛି ଯେ ଏହି ମାମଲାକୁ କୋର୍ଟ ବାହାରେ ସମାଧାନ କରାଇବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ନିର୍ମାତାମାନେ ଅସଫଳ ହୋଇଛନ୍ତି। ତେବେ 'କ୍ୱିନ୍-୨'ର ନିର୍ମାତାମାନେ ଏହି ଆରୋପଗୁଡ଼ିକ ଉପରେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ଫ୍ୟାଣ୍ଟମ୍ ଷ୍ଟୁଡିଓଜ ଏପ୍ରିଲ୍ ମାସରେ ଏକ ପବ୍ଲିକ୍ ନୋଟିସ୍ ଜାରି କରିଥିଲେ ଓ 'କ୍ୱିନ୍'ର ଆଇପି ବା ସିକ୍ୱେଲ୍ ତିଆରି କରିବାର ରାଇଟ୍ସ ଉପରେ ୫୦ ପ୍ରତିଶତ ମାଲିକାନା ଅଧିକାର ହେବାର କନ୍‌ଫର୍ମେସନ୍ ଦିଆଯାଇଥିଲା। କିନ୍ତୁ ଏହାକୁ ଅଣଦେଖା କରିଥିଲା ଜିଓଷ୍ଟାର୍ ଓ ଫିଲ୍ମର ସୁଟିଂ ଜାରି ରଖିଥିଲା। ୱର୍କ ଫ୍ରଣ୍ଟ ଦୃଷ୍ଟିରୁ କଙ୍ଗନା ବର୍ତ୍ତମାନ 'ଲକ୍ ଅପ୍-୨'ର ଜଜ୍ ଭାବରେ ନଜର ଆସୁଛନ୍ତି। ନିକଟରେ ତାଙ୍କ ଫିଲ୍ମି କ୍ୟାରିୟର୍‌ର ୨୦ ବର୍ଷ ପୂରା କରିଛନ୍ତି କଙ୍ଗନା।

# କ୍ୱାର୍ଟରରେ ବେଲ୍‌ଜିୟମ୍ ୪-୧ ଗୋଲ୍‌ରେ ହାରିଲା ଆମେରିକା

**ସିଆଟଲ୍, ୭/୭/ଏଜେନ୍ସି:** ଫିଫା ବିଶ୍ୱକପ୍ ୨୦୨୬ର ରାଉଣ୍ଡ ଅଫ୍ ୧୬ର ଅନ୍ୟତମ ମ୍ୟାଚ୍‌ରେ ବେଲଜିୟମ ୪-୧ ଗୋଲ୍‌ରେ ଆମେରିକାକୁ ପରାସ୍ତ କରି କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛି। ମଙ୍ଗଳବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପରାଜୟ ସହ ଆମେରିକା ନିଜ ଚଳିତ ବିଶ୍ୱକପ୍‌ର ଅଭିଯାନ ମଧ୍ୟ ଶେଷ କରିଛି। ପ୍ରକାଶ, ଆମେରିକା ଚଳିତ ବର୍ଷ ଆୟୋଜିତ ହେଉଥିବା ଫିଫା ବିଶ୍ୱକପ୍‌ର ଅନ୍ୟତମ ସହ-ଆୟୋଜକ ରାଷ୍ଟ୍ର ସାଜିଛି। ଭାରତୀୟ ସମୟ ଅନୁସାରେ ଏହି ମ୍ୟାଚ୍‌ଟି ମଙ୍ଗଳବାର (୭ ଜୁଲାଇ ୨୦୨୬) ସକାଳ ୫:୩୦ ସମୟରେ ସିଆଟଲ୍ ଷ୍ଟାଡିୟମରେ ଖେଳାଯାଇଥିଲା। ମ୍ୟାଚ୍‌ର ୯ମ ମିନିଟ୍‌ରେ ବେଲ୍‌ଜିୟମ୍ ପକ୍ଷରୁ ପ୍ରଥମ ଗୋଲ୍ ହୋଇଥିଲା। ମ୍ୟାଚ୍ ଆରମ୍ଭରୁ ହିଁ ବେଲଜିୟମ ଆକ୍ରମଣାତ୍ମକ ଶୈଳୀ ଆପଣାଇଥିଲା। ଲିଆଣ୍ଡ୍ରୋ ଟ୍ରୋସାର୍ଡ ଏବଂ ନିକୋଲାସ ରାସ୍କିନଙ୍କ ସୁନ୍ଦର ପାସ୍ ସହାୟତାରେ ଚାର୍ଲ୍ସ ଡି କେଟେଲେରେ ଦଳ ପାଇଁ ପ୍ରଥମ ଗୋଲ୍ କରି ବେଲଜିୟମକୁ ୧-୦ରେ ଆଗୁଆ କରିଥିଲେ। ତେବେ ଖେଳର ୩୧ତମ ମିନିଟ୍‌ରେ ଆମେରିକାର ମାଲିକ ଟିଲ୍‌ମ୍ୟାନ୍ ଏକ ଚମତ୍କାର ଡାଇରେକ୍ଟ ଫ୍ରି-କିକ୍ ଜରିଆରେ ଗୋଲ୍ କରି ମ୍ୟାଚ୍‌କୁ ୧-୧ ସମାନତାରେ ନେଇଆସିଥିଲେ। ଏହି ଗୋଲ୍ ଯୋଗୁଁ ଷ୍ଟାଡିୟମରେ ଉପସ୍ଥିତ ଆମେରିକୀୟ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଖେଳିଯାଇଥିଲା। ଏହାର ମାତ୍ର ୨ ମିନିଟ୍ ପରେ ଅର୍ଥାତ୍ ଖେଳର ୩୩ତମ ମିନିଟ୍‌ରେ ବେଲଜିୟମ୍ ପକ୍ଷରୁ ପୁଣି ଏକ ଗୋଲ୍ ହୋଇଥିଲା। ଟ୍ରୋସାର୍ଡଙ୍କ କ୍ରସ୍‌କୁ ବ୍ୟବହାର କରି ଚାର୍ଲ୍ସ ଡି କେଟେଲେରେ ନିଜର ଦ୍ୱିତୀୟ ଗୋଲ୍ (ହେଡର ସଟ୍) ସ୍କୋର କରି ବେଲଜିୟମକୁ ୨-୧ ରେ ଆଗୁଆ କରିଦେଇଥିଲେ। ଏହାପରେ ବେଲ୍‌ଜିୟମ୍ ୫୭ତମ ମିନିଟ୍‌ରେ ଅର୍ଥାତ୍ ଦ୍ୱିତୀୟ




ହାଫ୍‌ରେ ତୃତୀୟ ଗୋଲ୍ କରିଥିଲା। ଆମେରିକାର ଗୋଲକିପର ମ୍ୟାଟ୍ ଫ୍ରିଜ୍‌ଙ୍କ ଏକ ବଡ଼ ଭୁଲର ଫାଇଦା ଉଠାଇ ବେଲଜିୟମର ହାନ୍ସ ଭାନାକେନ୍ ଦୂରରୁ ଏକ ସୁନ୍ଦର ଶଟ୍ ମାରି ଖାଲି ପୋଷ୍ଟରେ ଗୋଲ୍ ଦେଇଥିଲେ। ଏହାଦ୍ୱାରା ସ୍କୋର ୩-୧ ହୋଇଥିଲା। ପରେ ଅର୍ଥାତ୍ ମ୍ୟାଚ୍‌ର ଶେଷ ସମୟରେ (ଇଞ୍ଜୁରୀ ଟାଇମ୍‌ରେ) ସବ୍‌ଷ୍ଟିଚ୍ୟୁଟ୍ ଭାବେ ଆସିଥିବା ଷ୍ଟାର୍ ଷ୍ଟ୍ରାଇକର ରୋମେଲୁ ଲୁକାକୁ ଦଳ ପାଇଁ ଚତୁର୍ଥ ଗୋଲ୍ କରି ବେଲଜିୟମର ୪-୧ ରେ ବଡ଼ ବିଜୟ ସୁନିଶ୍ଚିତ କରିଥିଲେ। ଏହି ଦମଦାର ବିଜୟ ସହିତ ବେଲଜିୟମ କ୍ୱାର୍ଟର ଫାଇନାଲ୍‌ରେ ପହଞ୍ଚିଛି, ଯେଉଁଠାରେ ଆସନ୍ତା ଶୁକ୍ରବାର, ୧୦ ଜୁଲାଇ ୨୦୨୬ରେ ଲସ୍ ଆଞ୍ଜେଲସ୍ ଠାରେ ସେମାନଙ୍କର ମୁକାବିଲା ଶକ୍ତିଶାଳୀ ସ୍ପେନ୍ ଦଳ ସହିତ ହେବ। ସ୍ପେନ୍‌ର ଖେଳାଳି ପର୍ତ୍ତୁଗାଲ୍‌କୁ ହରାଇ ଏବେ ବେଶ୍ ଉତ୍ସାହିତ ଅଛନ୍ତି।

## ଇଂଲଣ୍ଡ ବିପକ୍ଷ ୩ୟ ଟି-୨୦

# ଭାରତ ପାଇଁ ୨୦୨ ରନ୍‌ର ଟାର୍ଗେଟ୍

**ନଟିଂହାମ୍, ୭/୭/ଏଜେନ୍ସି:** ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ୩ୟ ଟି-୨୦ ନଟିଂହାମ୍‌ର ଟ୍ରେଣ୍ଟ ବ୍ରିଜ୍ ଷ୍ଟାଡିୟମ୍‌ରେ ଖେଳାଯାଉଛି। ଭାରତୀୟ ସମୟ ରାତ୍ରୀ ୧୦:୦୦ ସମୟରେ ଆରମ୍ଭ ହୋଇଥିବା ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି। ଅନ୍ୟପକ୍ଷେ ପ୍ରଥମେ ବ୍ୟାଟିଂ ଆହ୍ୱାନ ପାଇଥିବା ଇଂଲଣ୍ଡ୍ ଧାର୍ଯ୍ୟ ୨୦ ଓଭର ସୁଦ୍ଧା ୬ ୱିକେଟ୍ ହରାଇ ୨୦୧ ରନ୍ କରିବାରେ ସଫଳ ହୋଇଛି। ଫଳରେ ଭାରତକୁ ୨୦୨ ରନ୍‌ର ବିଜୟ ଲକ୍ଷ୍ୟ ମିଳିଛି। ଇଂଲଣ୍ଡ୍ ୧୭ ଓଭର ସୁଦ୍ଧା ୫ ୱିକେଟ୍ ହରାଇ ୧୭୦ ରନ୍ ସଂଗ୍ରହ କରିନେଇଥିଲା। ଏଥିରେ ଫିଲ୍ ସଲ୍ଟଙ୍କ ୪୪ ବଲ୍‌ରେ ୭୦ରନ୍‌ର ଭାଗିଦାରୀ ସାମିଲ ରହିଛି। ସେହିପରି ଜୋସ୍ ବଟଲରଙ୍କ ୩୬ ରନ୍, ଅଧିନାୟକ ହ୍ୟାରି ବ୍ରୁକ୍‌ଙ୍କ ୧୬ ରନ୍ ଏବଂ ଜ୍ୟାକବ୍ ବେଥେଲ୍‌ଙ୍କ ୧୩ ରନ୍ ବଳରେ ଇଂଲଣ୍ଡ ଏହି ସ୍କୋର କରିବାରେ ସଫଳ ହୋଇପାରିଥିଲା। ପରେ ସାମ୍ କୁରାନ୍ ଏବଂ ୱିଲ୍ ଜ୍ୟାକ୍‌ସ ଦଳ ପାଇଁ ଦ୍ରୁତ ରନ୍ ସଂଗ୍ରହ କରିଥିଲେ। ଯଦିଓ ଜ୍ୟାକ୍‌ସ ଦୁର୍ଭାଗ୍ୟଜନକ ଭାବେ ୧୪ ରନ୍ କରି ରନ୍ ଆଉଟ୍ ହୋଇଯାଇଥିଲେ, ସାମ୍ କୁରାନ୍ କିନ୍ତୁ ୨୪ ବଲ୍‌ରେ ଅପରାଜିତ ୪୧ ରନ୍ କରିବା ଦଳକୁ ୨୦୦ ପାର୍ କରିବାରେ ସହାୟକ ହୋଇଥିଲା। ଭାରତ ପକ୍ଷରୁ ପ୍ରିନ୍ସ ଯାଦବ ଓ ହର୍ଷିତ୍ ରାଣା ୨ଟି ଲେଖାଏ ୱିକେଟ୍ ଅକ୍ତିଆର କରିଥିବା ବେଳେ ଅକ୍ଷର ପଟେଲ୍ ୧ଟି ୱିକେଟ୍ ହାସଲ କରିଛନ୍ତି। ରିପୋର୍ଟ ଲେଖାହେବା ବେଳକୁ ଭାରତର ବ୍ୟାଟିଂ ଇନିଂସ ଆରମ୍ଭ ହୋଇନଥିଲା।

## ଦେଶ ବିଦେଶ

### ଡିଏମ୍‌କେକୁ ସୁପ୍ରିମକୋର୍ଟରୁ ଶକ୍ତ ଝଟ୍‌କା

# ବିଜୟଙ୍କ ବିରୋଧରେ ଆବେଦନ ଖାରଜ

**ନୂଆଦିଲ୍ଲୀ, ଚେନ୍ନାଇ, ୭/୭/ଏଜେନ୍ସି:** ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍‌ଙ୍କ ଦଳ ତଥା ଏବେର ବିରୋଧୀ ଦଳ 'ଡିଏମ୍‌କେ'କୁ ମଙ୍ଗଳବାର ସୁପ୍ରିମକୋର୍ଟରୁ ଜୋରଦାର ଝଟ୍‌କା ଲାଗିଛି। ରିପୋର୍ଟ ଅନୁସାରେ ଡିଏମ୍‌କେ ପକ୍ଷରୁ ନବ ନିର୍ବାଚିତ ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟ ଏବଂ ତାଙ୍କ ମନ୍ତ୍ରୀଙ୍କ ବିରୋଧରେ ଦାଖଲ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ, ଖାରଜ କରିଦେଇଛନ୍ତି। ରିପୋର୍ଟ ଅନୁସାରେ ୨୦୨୫ରେ କରୁର ଠାରେ ବିଜୟ ନିଜର ଏକ ରାଲି କରୁଥିବା ବେଳେ ଏଠାରେ ଏକ ବଡ଼ ଧରଣର ଦଳାଚକଟା ଘଟଣା ଘଟିଥିଲା, ଯେଉଁଥିରେ ପ୍ରାୟ ୪୧ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାର ତଦନ୍ତ ଭାର ଏବେ ସିବିଆଇ ଉପରେ ନ୍ୟସ୍ତ ରହିଛି।

ଡିଏମ୍‌କେ ନେତା ଆର୍.ଏସ୍ ଭାରତୀ ସୁପ୍ରିମ୍‌କୋର୍ଟରେ ଏକ ଆବେଦନ କରିଥିଲେ ଯେ, ମୁଖ୍ୟମନ୍ତ୍ରୀ ବିଜୟ ଏବଂ ତାଙ୍କ ମନ୍ତ୍ରୀ ଆଧବ ଅର୍ଜୁନଙ୍କୁ କରୁର ପୀଡ଼ିତ ପରିବାରମାନଙ୍କୁ ଭେଟିବା କିମ୍ବା ଏହି ଘଟଣା ସମ୍ପର୍କରେ ସର୍ବସାଧାରଣରେ ମନ୍ତବ୍ୟ ଦେବାରୁ ରୋକାଯାଉ। ଡିଏମ୍‌କେର ଯୁକ୍ତି ଥିଲା ଯେ, ପୀଡ଼ିତ ପରିବାରମାନେ ସିବିଆଇ ତଦନ୍ତରେ ଗୁରୁତ୍ୱପୂର୍ଣ୍ଣ ସାକ୍ଷୀ ଅଟନ୍ତି ଏବଂ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କ ସିଧାସଳଖ ସାକ୍ଷାତ ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରିପାରେ। ତେବେ ସୁପ୍ରିମକୋର୍ଟ ଜଷ୍ଟିସ୍ କେ.ଭି. ବିଶ୍ୱନାଥନ ଏବଂ ଜଷ୍ଟିସ୍ ଆଲୋକ ଆରାଧେଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନକୁ ଗ୍ରହଣ କରିବାକୁ ମନା କରିଦେଇଥିଲେ। ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ, ସୁପ୍ରିମ୍ କୋର୍ଟକୁ ଏକ




'ରାଜନୈତିକ ମଞ୍ଚ' ଭାବରେ କଦାପି ବ୍ୟବହାର କରାଯାଇପାରିବନି। ଶୁଣାଣି ସମୟରେ ଖଣ୍ଡପୀଠ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ବିଜୟ କରୁର ଦଳାଚକଟା ମାମଲାରେ ପଞ୍ଜିକୃତ ହୋଇଥିବା ଏଫ୍‌ଆଇଆର୍‌ରେ ଅଭିଯୁକ୍ତ ନୁହଁନ୍ତି। କୋର୍ଟ ପ୍ରଶ୍ନ କରିଥିଲେ ଯେ, ଏହା କ'ଣ ବାକ୍ ସ୍ୱାଧୀନତା ଉପରେ କଟକଣା ଲଗାଇବା ପାଇଁ ଏକ ପ୍ରୟାସ ? ତେବେ ଖଣ୍ଡପୀଠଙ୍କ ଏପ୍ରକାର କଠୋର ଆଭିମୁଖ୍ୟ ଦେଖି ଡିଏମ୍‌କେ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏହି ଆବେଦନକୁ ପ୍ରତ୍ୟାହାର କରିନେଇଥିଲେ। କୋର୍ଟ ଏହାକୁ ପ୍ରତ୍ୟାହୃତ ଭାବେ ଖାରଜ କରିଛନ୍ତି।

ପ୍ରକାଶ, ମୁଖ୍ୟମନ୍ତ୍ରୀ ବିଜୟ ଜୁଲାଇ ୧୦ ତାରିଖରେ କରୁର ଗସ୍ତ କରି ସେଦିନର ସେହି ଦଳାଚକଟା ଘଟଣାର ପୀଡ଼ିତ ପରିବାରମାନଙ୍କୁ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଏବଂ ସରକାରୀ ଚାକିରି ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି, ଯାହାକୁ ଡିଏମ୍‌କେ ବିରୋଧ କରୁଛି।

### ସମାଲୋଚକଙ୍କୁ ଗଡ଼କରୀଙ୍କ ଖୋଲା ଚ୍ୟାଲେଞ୍ଜ

# ଇ-୨୦ ପେଟ୍ରୋଲ୍‌ରେ ଗାଡ଼ି ଖରାପ ହେବାର ପ୍ରମାଣ ଦିଅ

**ନୂଆଦିଲ୍ଲୀ,୭/୭/ଏଜେନ୍ସି:** ୨୦% ଇଥାନଲ ମିଶ୍ରିତ ପେଟ୍ରୋଲ (ଇ-୨୦) ବ୍ୟବହାର ଦ୍ୱାରା ଗାଡ଼ିର ମାଇଲେଜ୍ କମିବା ଏବଂ ଇଞ୍ଜିନରେ ସମସ୍ୟା ଦେଖାଦେବା ଭଳି ଦେଶବ୍ୟାପୀ ଚର୍ଚ୍ଚା ତଥା ଅଭିଯୋଗ ଉପରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଭଳି ସମାଲୋଚନା କରୁଥିବା ଲୋକଙ୍କୁ ଚ୍ୟାଲେଞ୍ଜ କରି ମଙ୍ଗଳବାର ସେ ନିଜେ କହିଛନ୍ତି ଯେ, ଏହି ଇନ୍ଧନ କାରଣରୁ ଦେଶରେ ଗୋଟିଏ ହେଲେ ଗାଡ଼ିରେ ସମସ୍ୟା ଦେଖାଦେଇଥିବାର ପ୍ରମାଣ ଦିଅନ୍ତୁ। 'ବିକଶିତ ଭାରତ' ନାମରେ ଆୟୋଜିତ ସମ୍ମିଳନୀକୁ ସମ୍ବୋଧିତ କରି ଗଡ଼କରୀ ଏପରି କହିଛନ୍ତି। ଏପର୍ଯ୍ୟନ୍ତ ଇ-୨୦ ପେଟ୍ରୋଲ ପାଇଁ କୌଣସି ଗାଡ଼ି ଖରାପ ହେବାର ମାମଲା ସାମ୍ନାକୁ ଆସିନାହିଁ।

କେନ୍ଦ୍ରମନ୍ତ୍ରୀ ଗଡ଼କରୀ ଏହି ଅବସରରେ ଗାଡ଼ିର ମାଇଲେଜ୍ କମିଯିବା ଏବଂ ଇଞ୍ଜିନ ନଷ୍ଟ ହେବା ସମ୍ପର୍କରେ ସୋସିଆଲ ମିଡିଆରେ ହେଉଥିବା ଚର୍ଚ୍ଚାକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛନ୍ତି। ତାଙ୍କ କହିବାନୁସାରେ ଅଧିକ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାରକୁ ନେଇ କିଛି ଲୋକ ଟଙ୍କା ଖର୍ଚ୍ଚ କରି




ସୋସିଆଲ ମିଡିଆ ଓ ଅନ୍ୟାନ୍ୟ ମାଧ୍ୟମରେ ମିଥ୍ୟା ଅପପ୍ରଚାର ଚଳାଉଛନ୍ତି। ଏସବୁ କେବଳ ଦେଶବାସୀଙ୍କୁ ଭ୍ରମିତ କରିବା ପାଇଁ କରାଯାଉଛି। ସେ ଏହା ପଛରେ ପେଟ୍ରୋଲିୟମ୍ ଲବିର ହାତ ଥାଇପାରେ ବୋଲି ମଧ୍ୟ ସଂକେତ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଅଟୋମୋଟିଭ୍ ରିସର୍ଚ୍ଚ ଆସୋସିଏସନ ଅଫ୍ ଇଣ୍ଡିଆ (ଏଆର୍‌ଏଆଇ) ଦ୍ୱାରା ପୁରୁଣା ଗାଡ଼ିଗୁଡ଼ିକୁ ପ୍ରାୟ ୧ ଲକ୍ଷ କିଲୋମିଟର ପର୍ଯ୍ୟନ୍ତ ଚଲାଇ ଇ-୨୦ ଇନ୍ଧନର ଦୀର୍ଘକାଳୀନ ପରୀକ୍ଷଣ କରାଯାଇଛି ଏବଂ ଏଥିରେ କୌଣସି ଅସ୍ୱାଭାବିକ ତ୍ରୁଟି କିମ୍ବା ଇଞ୍ଜିନ ନଷ୍ଟ ହେବାର ପ୍ରମାଣ ମିଳିନାହିଁ।

ଗଡ଼କରୀଙ୍କ ଏହି ଦାବି ସତ୍ତ୍ୱେ, ନିକଟରେ ଦିଲ୍ଲୀର ଯନ୍ତର ମନ୍ତରଠାରେ କିଛି ଗାଡ଼ି ଚାଳକ ଓ ମୋଟର ପ୍ରେମୀ ଏକତ୍ରିତ ହୋଇ ଇ-୨୦ ଇନ୍ଧନ ବିରୋଧରେ ପ୍ରଦର୍ଶନ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଇ-୧୦ କମ୍ପ୍ଲାଏଣ୍ଟ (ପୁରୁଣା ଗାଡ଼ି) ଗୁଡ଼ିକରେ ଇ-୨୦ ବ୍ୟବହାର କରିବା ଦ୍ୱାରା ମାଇଲେଜ୍‌ରେ ୧୫ରୁ ୨୦% ପର୍ଯ୍ୟନ୍ତ ହ୍ରାସ ଘଟୁଛି ଏବଂ କାର୍‌ଗୁଡ଼ିକର ଫ୍ୟୁଏଲ୍ ଫିଲ୍ଟର ତଥା ପାଇପ୍‌ଲାଇନ୍ ଜାମ୍ ହୋଇଯାଉଛି। ପ୍ରକାଶ, ଆଖୁ, ମକା ଏବଂ ଚାଉଳ ଭଳି ବାୟୋମାସ୍‌ରୁ ଇଥାନଲ୍ ପ୍ରସ୍ତୁତ କରାଯାଏ। ସୁତରାଂ ଏସବୁ କୃଷିଜାତ ସାମଗ୍ରୀର ମୂଲ୍ୟ ଏବେ ଅନେକାଂଶରେ ବୃଦ୍ଧି ପାଇଛି ଯାହାକି ବିଶେଷତଃ ଉତ୍ତରପ୍ରଦେଶ ଓ ବିହାର ଚାଷୀମାନଙ୍କୁ ଅନେକାଂଶରେ ଲାଭାନ୍ୱିତ କରୁଛି। ଏତଦ୍‌ବ୍ୟତୀତ ଭାରତ ବାର୍ଷିକ ପ୍ରାୟ ୨୨ ଲକ୍ଷ କୋଟି ଟଙ୍କା କେବଳ ଅଶୋଧିତ ତୈଳ ଆମଦାନୀରେ ଖର୍ଚ୍ଚ କରୁଛି। ଇଥାନଲ୍ ବ୍ୟବହାର ଦ୍ୱାରା ଏହି ଆମଦାନୀ ଖର୍ଚ୍ଚ, ନିର୍ଭରଶୀଳତା କମିବା ସହ ପ୍ରଦୂଷଣ ମଧ୍ୟ ହ୍ରାସ ପାଇବ।

# ଡାମାସ୍‌କସ୍ ହୋଟେଲ୍ ନିକଟରେ ସିରିଜ୍ ବିସ୍ଫୋରଣ

### ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍ ସମ୍ପୂର୍ଣ୍ଣ ସୁରକ୍ଷିତ

**ଡାମାସ୍‌କସ, ୭/୭/ଏଜେନ୍ସି:** ସିରିଆର ରାଜଧାନୀ ଡାମାସ୍‌କସ୍ କେନ୍ଦ୍ରସ୍ଥଳରେ ଦୁଇଟି ଶକ୍ତିଶାଳୀ ବୋମା ବିସ୍ଫୋରଣ ହୋଇଛି। ଏହି ବିସ୍ଫୋରଣ 'ଫୋର ସିଜନ୍ସ ହୋଟେଲ' ଠାରୁ ମାତ୍ର ୧୨୫ କିମି ଦୂରରେ ଘଟିଛି, ଯେଉଁଠାରେ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ରହିଥିଲେ। ସିରିଆର ଗୃହ ମନ୍ତ୍ରଣାଳୟ ଅନୁଯାୟୀ, ଏହି ବିସ୍ଫୋରଣରେ ଅତିକମ୍‌ରେ ୧୮ ଜଣ ଆହତ ହୋଇଛନ୍ତି, ଯେଉଁଥିରେ ୪ ପୁଲିସ୍ ଅଧିକାରୀ ମଧ୍ୟ ସାମିଲ ଅଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା କାହାର ମୃତ୍ୟୁ ହୋଇଥିବା ଖବର ମିଳିନାହିଁ। ଅନ୍ୟପକ୍ଷେ ରାଷ୍ଟ୍ରପତି ମାକ୍ରୋନ୍ ମଧ୍ୟ ଏହି ଆକ୍ରମଣରୁ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି। ବିସ୍ଫୋରଣ ସମୟରେ ସେ ହୋଟେଲ ଛାଡ଼ି ସିରିଆର ରାଷ୍ଟ୍ରପତି ଅହମ୍ମଦ ଅଲ୍-ସାରାଙ୍କ ସହ ବୈଠକ ପାଇଁ ରାଷ୍ଟ୍ରପତି ଭବନକୁ ଚାଲିଯାଇଥିଲେ।

ସିରିଆ ସୁରକ୍ଷା ଅଧିକାରୀଙ୍କ ସୂଚନା ଅନୁଯାୟୀ, ଏହି ଆକ୍ରମଣ ପାଇଁ ଦୁଇଟି ବିସ୍ଫୋରକ ସାମଗ୍ରୀ ବ୍ୟବହାର କରାଯାଇଥିଲା। ପ୍ରଥମ ବିସ୍ଫୋରଣଟି ହୋଟେଲ ନିକଟରେ ଥିବା ଏକ ଡଷ୍ଟବିନ୍ (ଆବର୍ଜନା ପାତ୍ର) ଭିତରେ ବୋମା ରଖାଯାଇ କରାଯାଇଥିବା ବେଳେ ଦ୍ୱିତୀୟ ବିସ୍ଫୋରଣଟି ଘଟଣାସ୍ଥଳ ନିକଟରେ ପାର୍କିଂ କରାଯାଇଥିବା ଏକ ଗାଡ଼ି ଦ୍ୱାରା କରାଯାଇଛି। ପ୍ରଥମ ବିସ୍ଫୋରଣ ହେବାର କିଛି ସମୟ ମଧ୍ୟରେ ଯେତେବେଳେ ଘଟଣାସ୍ଥଳରେ ଆମ୍ବୁଲାନ୍ସ ଆସି ପହଞ୍ଚିଥିଲା ଠିକ୍ ଏହି ସମୟରେ ଦ୍ୱିତୀୟ ବିସ୍ଫୋରଣ ହୋଇଥିଲା। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରେ ଘଟଣାସ୍ଥଳରୁ କଳା ଧୂଆଁ ବାହାରୁଥିବା ଏବଂ ଗାଡ଼ିଗୁଡ଼ିକରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି।



ପ୍ରକାଶ ବର୍ତ୍ତମାନ ସୁଦ୍ଧା ଯଦିଓ କୌଣସି ସଂଗଠନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାନ୍ତି, ତେବେ ସିରିଆର ସୁରକ୍ଷା ବାହିନୀ ସେହି ଅଞ୍ଚଳର ସମସ୍ତ ରାସ୍ତାକୁ ସିଲ୍ କରି ଦେଇଛନ୍ତି ଏବଂ ତଦନ୍ତ ଜାରି ରଖିଛନ୍ତି। ଅନ୍ୟପକ୍ଷେ ମାକ୍ରୋନ ମଧ୍ୟ ଏକ୍ସ'ରେ ଲେଖିଛନ୍ତି, 'ସିରିଆର ଜନସାଧାରଣଙ୍କ ଏକ ସାର୍ବଭୌମ, ସୁରକ୍ଷିତ ଏବଂ ଏକତ୍ରିତ ସିରିଆରେ ବଞ୍ଚିବାର ଆଶାକୁ କୌଣସି ଜିନିଷ ଦବାଇ ପାରିବ ନାହିଁ। ତାଙ୍କର ଏହି ଗସ୍ତ ଜାରି ରହିବ।' ମାକ୍ରୋନ୍‌ଙ୍କ ଏହି ଗସ୍ତ ସମୟରେ ଉଭୟ ଦେଶ ମଧ୍ୟରେ ଦୀର୍ଘ ୧୪ ବର୍ଷର ଗୃହଯୁଦ୍ଧ ପରେ ସିରିଆର ପୁନରୁଦ୍ଧାର ଏବଂ ଆର୍ଥିକ ବିକାଶ ଉପରେ ଆଲୋଚନା ହେଉଛି। ଏହି ବିସ୍ଫୋରଣ ସତ୍ତ୍ୱେ ଉଭୟ ଦେଶ ନିଜର କୂଟନୈତିକ ସମ୍ପର୍କକୁ ଆଗକୁ ବଢ଼ାଇବା ସହ ପୁଣିଥରେ ନିଜ ନିଜର ଦୂତାବାସ ଖୋଲିବା ପାଇଁ ରାଜି ହୋଇଛନ୍ତି।

# ଜମ୍ମୁ କାଶ୍ମୀରରେ ବନ୍ୟା, ଭୂସ୍ଖଳନ

### ଜାତୀୟ ମାର୍ଗ ବନ୍ଦ, ଯୋଗାଯୋଗ ବିଚ୍ଛିନ୍ନ, ଜନଜୀବନ ଅସ୍ତବ୍ୟସ୍ତ

**ଶ୍ରୀନଗର, ୭/୭/ଏଜେନ୍ସି:** ଜମ୍ମୁ-କାଶ୍ମୀରର ଅଧିକାଂଶ ଭାଗରେ ଗତ କିଛି ଦିନ ହେବ କ୍ରମାଗତ ଭାବେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିଛି। ଏହାଫଳରେ ବିଭିନ୍ନ ସ୍ଥାନରେ ଭୟଙ୍କର ଭୂସ୍ଖଳନ ଏବଂ ହଠାତ୍ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି, ଯାହା ସ୍ଥାନୀୟ ଜନଜୀବନକୁ ସମ୍ପୂର୍ଣ୍ଣ ରୂପେ ବ୍ୟାହତ କରିଦେଇଛି। ସ୍ଥିତି ଏପରି ହୋଇଛି ଯେ, ଜମ୍ମୁ-କାଶ୍ମୀରକୁ ସଂଯୋଗ କରୁଥିବା ଏକମାତ୍ର ସବୁଦିନିଆ ଜାତୀୟ ରାଜପଥ (ଏନ୍‌ଏଚ୍-୪୪) କୁ ସୁରକ୍ଷା ଦୃଷ୍ଟିରୁ ବନ୍ଦ କରିଦିଆଯାଇଛି। ରାମବନ ଜିଲ୍ଲାର କେଫେଟେରିଆ ମୋଡ଼, ମେହାର ଏବଂ ପନ୍ଥୀଆଲ୍ ଭଳି ଅନେକ ସ୍ଥାନରେ ପାହାଡ଼ରୁ ବଡ଼ ବଡ଼ ପଥର ଏବଂ ମାଟି ଅତଡ଼ା ଖସି ରାସ୍ତା ସମ୍ପୂର୍ଣ୍ଣ ଅବରୋଧ ହୋଇଯାଇଛି। ରାଜପଥ ବନ୍ଦ ହେବା ଯୋଗୁଁ ଜମ୍ମୁ ଏବଂ ଶ୍ରୀନଗର ଦୁଇ ପାର୍ଶ୍ୱରେ ପ୍ରାୟ ୩,୦୦୦ ରୁ ଅଧିକ ଯାତ୍ରୀବାହୀ ଗାଡ଼ି ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ବୋଝେଇ ଟ୍ରକ୍ ଅଧା ରାସ୍ତାରେ ଅଟକି ରହିଛନ୍ତି। ପରିସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ଏହି ରୁଟ୍‌ରେ ଯାତ୍ରା ନକରିବାକୁ ପ୍ରଶାସନ ଲୋକଙ୍କୁ ପରାମର୍ଶ ଦେଇଛି। ଡୋଡା ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁ ଅଚାନକ ବନ୍ୟା ଏବଂ ଭୂସ୍ଖଳନ ହୋଇଛି। ଏଥିଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଭୂସ୍ଖଳନ ଯୋଗୁ ଡୋଡା ଏବଂ କିସ୍ତୱାଡ଼ ମଧ୍ୟରେ ବିଭିନ୍ନ ସ୍ଥାନରେ ଜାତୀୟ ରାଜପଥ ବନ୍ଦ ରହିଛି। ସେହିପରି କ୍ରମାଗତ ବର୍ଷା ଯୋଗୁଁ କାଶ୍ମୀର ଉପତ୍ୟକାର ମୁଖ୍ୟ ନଦୀ 'ଝେଲମ୍' ଏବଂ ଏହାର ଶାଖା ନଦୀଗୁଡ଼ିକର ଜଳସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଉଛି।



ଅନନ୍ତନାଗ ଏବଂ ସାଙ୍ଗମ୍ ସ୍ଥାନରେ ଜଳସ୍ତର ବିପଦ ସଙ୍କେତ ଆଡ଼କୁ ଗତି କରୁଛି। ଅନେକ ତଳିଆ ଅଞ୍ଚଳରେ ବନ୍ୟା ପାଣି ପଶିଯାଇଛି। ଶ୍ରୀନଗରର କିଛି ଆବାସିକ ଅଞ୍ଚଳରେ ରାସ୍ତାଘାଟ ବନ୍ୟା ପାଣିରେ ବୁଡ଼ି ରହିଥିବା ବେଳେ ଲୋକଙ୍କ ଘର ଭିତରକୁ ମଧ୍ୟ ପାଣି ପଶିଯାଇଥିବା ଖବର ମିଳିଛି। ଅନ୍ୟପକ୍ଷେ ପ୍ରବଳ ବର୍ଷା ଏବଂ ଖରାପ ପାଣିପାଗକୁ ଦୃଷ୍ଟିରେ ରଖି ପବିତ୍ର ଅମରନାଥ ଯାତ୍ରାକୁ ଅସ୍ଥାୟୀ ଭାବେ ସ୍ଥଗିତ ରଖାଯାଇଛି। ବାଲ୍‌ଟାଲ୍ ଏବଂ ପହଲଗାମ୍ ଉଭୟ ରୁଟ୍‌ରେ ଶ୍ରଦ୍ଧାଳୁମାନଙ୍କୁ ଆଗକୁ ଯିବାକୁ ଅନୁମତି ଦିଆଯାଉନାହିଁ। ସେମାନଙ୍କୁ ସୁରକ୍ଷିତ ଭାବେ ବିଭିନ୍ନ ବେସ୍ କ୍ୟାମ୍ପ୍‌ରେ ରଖାଯାଇଛି। ପାଣିପାଗ ବିଭାଗ ଆଗାମୀ ୨୪ ରୁ ୪୮ ଘଣ୍ଟା ପାଇଁ କେତେକ ଜିଲ୍ଲାରେ ସତର୍କ ସୂଚନା ଜାରି କରିଛି।

### କୋମ୍‌ରେ ପହଞ୍ଚି ଶେଷ ହେଲା ଖାମେନେଇଙ୍କ ଅନ୍ତିମ ଯାତ୍ରା

# ହର୍ମୁଜ୍‌ରେ ୩ ଜାହାଜ ଉପରେ ଆଇଆର୍‌ଜିସିର ଆକ୍ରମଣ

**ତେହରାନ୍, ୭/୭/ଏଜେନ୍ସି:** ଗତ ୪ ଦିନ ଧରି ଚାଲିଥିବା ଇରାନ୍‌ର ପୂର୍ବତନ ସର୍ବୋଚ୍ଚ ତଥା ଦିବଂଗତ ନେତା ଅୟାତୋଲ୍ଲା ଅଲୀ ଖାମେନେଇଙ୍କ ଅନ୍ତିମ ଯାତ୍ରା ଆଜି ଶେଷ ହୋଇଛି। ରିପୋର୍ଟ ଅନୁସାରେ ଖାମେନେଇଙ୍କ ଅନ୍ତିମ ଯାତ୍ରା ମଙ୍ଗଳବାର ଦିନ ଶିଆ ସମ୍ପ୍ରଦାୟର ପବିତ୍ର ଧାର୍ମିକ ସହର 'କୋମ୍'ରେ ପହଞ୍ଚିଛି। ପ୍ରକାଶ, ଖାମେନେଇ ନିଜର ପ୍ରାରମ୍ଭିକ ଇସଲାମିକ ଶିକ୍ଷା ଏହି ସହରରୁ ହିଁ ହାସଲ କରିଥିଲେ। ଖାମେନେଇଙ୍କ ଶବଯାତ୍ରାରେ ଲକ୍ଷ ଲକ୍ଷ ଲୋକ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ନାଲି ରଙ୍ଗର କପଡ଼ା ଚଢ଼ାଇଛନ୍ତି। ଇସଲାମିକ ପରମ୍ପରାରେ ଏହାକୁ ପ୍ରତିଶୋଧ କିମ୍ବା ରକ୍ତର ବଦଲା ଦାବି କରିବାର ପ୍ରତୀକ ବୋଲି ମାନାଯାଏ। ଲକ୍ଷ ଲକ୍ଷ ଲୋକ ତାଙ୍କୁ ଶେଷ ବିଦାୟ ଦେବା ପାଇଁ ଏକତ୍ରିତ ହୋଇଛନ୍ତି। ତେବେ ଏସବୁ ମଧ୍ୟରେ ଇରାନ୍‌ରୁ ଏକ ବଡ଼ ସୂଚନା ସାମ୍ନାକୁ ଆସିଛି। ପ୍ରାପ୍ତ ସୂଚନାନୁସାରେ ବୁଧବାର ଦିନ ଖାମେନେଇ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ପାର୍ଥିବ ଶରୀରକୁ ଅନ୍ତେଷ୍ଟିକ୍ରିୟାର ପରବର୍ତ୍ତୀ ରୀତିନୀତି ପାଇଁ ଇରାକ ସ୍ଥିତ ଦରଘାକୁ ନିଆଯିବ। ଅୟାତୁଲ୍ଲା ଅଲୀ ଖାମେନେଇଙ୍କ ଅନ୍ତେଷ୍ଟିକ୍ରିୟା ସହ ଜଡ଼ିତ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଇରାନ ପକ୍ଷରୁ ଇରାକକୁ ୧୫ଟି ସହାୟତା/ଉଦ୍ଧାରକାରୀ ଦଳ ପଠାଯାଇଛି। ଏମାନେ ନଜଫ୍ ଏବଂ କରବଲା ସହରରେ ପହଞ୍ଚି ଆସନ୍ତାକାଲିର କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି।

ରିପୋର୍ଟ ଅନୁସାରେ ଏବେ ଯେତେବେଳେ ଖାମେନେଇଙ୍କ ଅନ୍ତିମ ଯାତ୍ରାକୁ ନେଇ ସମଗ୍ର ଇରାନ୍‌ରେ ଶୋକର ଛାୟା ଖେଳିଯାଇଛି ଏବଂ ଦେଶରେ ସମ୍ପୂର୍ଣ୍ଣ ନୀରବତା ବିଚରଣ କରୁଛି ସେତେବେଳେ ହର୍ମୁଜ୍ ପ୍ରଣାଳୀରେ ଇରାନ୍ ପକ୍ଷରୁ ଆକ୍ରମଣ କରାଯାଇଛି। ଇରାନ୍‌ର ରିଭଲ୍ୟୁସାରୀ ଗାର୍ଡ କର୍ପସ୍ (ଆଇଆର୍‌ଜିସି) ପକ୍ଷରୁ ହର୍ମୁଜ୍ ଦେଇ ଗତି କରୁଥିବା ୩ଟି ଟ୍ୟାଙ୍କର ଉପରକୁ ମିସାଇଲ୍ ମାଡ଼ କରାଯାଇଛି। ଆଇଆର୍‌ଜିସି ଦର୍ଶାଇଛି ଯେ, ଜାହାଜଗୁଡ଼ିକ ନିର୍ଦ୍ଧାରିତ ରୁଟ୍ ଛାଡ଼ି ଅନ୍ୟମାର୍ଗରେ ଆଗକୁ ବଢ଼ୁଥିଲେ। ଏଭଳି ସ୍ଥିତିରେ ସୁରକ୍ଷାର ଗ୍ୟାରେଣ୍ଟି ନାହିଁ। ଆଦେଶର ଅବଜ୍ଞା କ୍ଷେତ୍ରରେ



ଆକ୍ରମଣ ହେବା ସ୍ୱାଭାବିକ। ଇରାନର ସରକାରୀ ଗଣମାଧ୍ୟମ ଆଇଆର୍‌ଆଇବି ଦାବି କରିଛି ଯେ, ହର୍ମୁଜ୍‌ରେ କତାରର ତେଲ ଟ୍ୟାଙ୍କର 'ଅଲ୍-ରକାୟତ'କୁ ଟାର୍ଗେଟ୍ କରାଯାଇଛି। ଏହା ସହିତ ୟୁନାଇଟେଡ୍ କିଙ୍ଗଡମ୍ ମ୍ୟାରିଟାଇମ୍ ଟ୍ରେଡ୍ ଅପରେସନ୍ସ (ୟୁକେଏମ୍‌ଟିଓ) ଅନୁଯାୟୀ ଓମାନ ଉପକୂଳ ନିକଟରେ ଆଉ ଦୁଇଟି ଜାହାଜ ଉପରେ ମଧ୍ୟ ଆକ୍ରମଣ ହୋଇଛି।

ପ୍ରକାଶ, ଗତ ୪ ତାରିଖରୁ ଖାମେନେଇଙ୍କ ଅନ୍ତିମ ବିଦାୟର ରୀତିନୀତି ଆରମ୍ଭ ହୋଇଛି। ତାଙ୍କର ଶବବାହୀ ଶୋଭାଯାତ୍ରା ଏବେ ତେହେରାନ, କୋମ, ନଜଫ ଏବଂ ଇରାକର କରବଲା ସହର ଦେଇ ଆଗକୁ ବଢ଼ୁଛି। ଏହି ଶୋଭାଯାତ୍ରା ଆସନ୍ତା ୯ ତାରିଖରେ ମସହଦରେ ପହଞ୍ଚିବ, ଯେଉଁଠାରେ ତାଙ୍କୁ ତାବୁତ୍ ସହ ସମାଧି ଦିଆଯିବ (ଦଫନ କରାଯିବ)। ଏହି ସମୟ ମଧ୍ୟରେ ୧୦୦ରୁ ଅଧିକ ଦେଶର ନେତା ଏବଂ ୩ କୋଟିରୁ ଅଧିକ ଲୋକ ଖାମେନେଇଙ୍କ ଶେଷ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

# ଆତଙ୍କୀ ଆକ୍ରମଣରେ ୯ ପାକ୍ ସୁରକ୍ଷାକର୍ମୀ ନିହତ

**କ୍ୱେଟା, ୭/୭/ଏଜେନ୍ସି:** ପାକିସ୍ତାନର ଅଶାନ୍ତ ବଲୁଚିସ୍ତାନ ପ୍ରଦେଶରେ ପୁଣି ଏକ ସଶସ୍ତ୍ର ଆକ୍ରମଣ ଘଟିଥିବା ସମ୍ପର୍କରେ ସୂଚନା ମିଳିଛି। ଏଠାରେ ଥିବା ଏକ ବନ୍ଧ ପ୍ରକଳ୍ପ ନିକଟରେ ସଶସ୍ତ୍ର ବନ୍ଧୁକଧାରୀଙ୍କ ଆକ୍ରମଣ ସଂଘଠିତ ହୋଇଥିବା ଏବଂ ଏଥିରେ ୯ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ଏବଂ ଅନ୍ୟ ୫ଜଣ ଆହତ ହୋଇଥିବା ଜଣାପଡିଛି। ଆକ୍ରମଣ ପରେ ସୁରକ୍ଷା ବାହିନୀ ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରି ବ୍ୟାପକ ତଲାସି ଅଭିଯାନ ଆରମ୍ଭ କରିଛି। ତେବେ ଘଟଣା ପଛରେ ବିଚ୍ଛିନ୍ନତାବାଦୀ ସଶସ୍ତ୍ର ସଂଗଠନର ହାତ ଥିବା ସନ୍ଦେହ କରାଯାଉଥିଲେ ମଧ୍ୟ କୌଣସି ଗୋଷ୍ଠୀ ତୁରନ୍ତ ଏହାର ଦାୟିତ୍ୱ ନେଇନାହାନ୍ତି। ପାକିସ୍ତାନ୍ ପୁଲିସ ସୂଚନା ଅନୁସାରେ, ବଲୁଚିସ୍ତାନର ଏକ ବନ୍ଧ ନିର୍ମାଣ ପ୍ରକଳ୍ପ ନିକଟରେ ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ ଦଳ ଉପରେ ଅଜଣା ବନ୍ଧୁକଧାରୀମାନେ ଅତର୍କିତ ଗୁଳିଚାଳନା କରିଥିଲେ। ଆକ୍ରମଣ ଏତେ ତୀବ୍ର ଥିଲା ଯେ ଘଟଣାସ୍ଥଳରେ ମୁତୟନ ପୁଲିସ୍ କର୍ମୀଙ୍କ ମଧ୍ୟରୁ କିଛି ଅଧିକାରୀଙ୍କୁ ମିଶାଇ ମୋଟ୍ ୯ ଜଣ ସେହିଠାରେ ହିଁ ପ୍ରାଣ ହରାଇଥିଲେ। ଅନ୍ୟପକ୍ଷେ ଆତଙ୍କବାଦୀଙ୍କୁ ପାଲଟା ଜବାବ ଦିଆଯାଇଥିଲା ଏବଂ ଏଥିରେ ପ୍ରାୟ ୧୫ ଆତଙ୍କବାଦୀ ନିହତ ହୋଇଥିବା ପାକିସ୍ତାନ ସେନା ଓ ପୁଲିସ୍ ଦାବି କରିଛି। ଅନ୍ୟପକ୍ଷେ ଆକ୍ରମଣ ପରେ ଦୁର୍ବୃତ୍ତମାନେ ପାହାଡ଼ିଆ ଅଞ୍ଚଳ ଦେଇ ଫେରାର ହୋଇଯାଇଥିବା କିଛି ଗଣମାଧ୍ୟମ ରିପୋର୍ଟ କରିଛନ୍ତି। ତେବେ ଆଜିର ଏହି ଆକ୍ରମଣ ଘଟଣା ପରେ ସେନା, ଅର୍ଦ୍ଧସାମରିକ ବାହିନୀ ଓ ପୁଲିସର ମିଳିତ ଦଳ ଅଞ୍ଚଳରେ ତଲାସି ଅଭିଯାନ ଚଳାଇଛନ୍ତି। ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ ଏହି ଆକ୍ରମଣକୁ ତୀବ୍ର ନିନ୍ଦା କରିଛନ୍ତି। ସେ ସମବେଦନା ଜଣାଇବା ସହ ଦୋଷୀମାନଙ୍କୁ ଆଇନ ଅନୁସାରେ କଠୋର ଦଣ୍ଡ ଦିଆଯିବ ବୋଲି କହିଛନ୍ତି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra